# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ଅକ୍ଟୋବର ୩୧/୨୦୨୩ (୧୮ ପୃଷ୍ଠା) Bhubaneswar, Tuesday, October 31/2023 Page 18 ₹ 7.00

୪୯ଶ ଭାଗ ୩୩୫ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 49 ISSUE 335 ମୂଲ୍ୟ ₹୭/-



DSPL-320




ବାଲେଶ୍ୱର ଜିଲ୍ଲା

୧୭୮ କୋଟି ଟଙ୍କା
ବ୍ୟୟରେ
୪ ହଜାର ୪୬୫ଟି
ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ

ବଲାଙ୍ଗିର ଜିଲ୍ଲା

୧୫୮ କୋଟି
୫୦ ଲକ୍ଷ ଟଙ୍କା ବ୍ୟୟରେ
୩ ହଜାର ୯୧୧ଟି
ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ

ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ
ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ
ଦ୍ୱାରା
ଶୁଭାରମ୍ଭ

୩୧ ଅକ୍ଟୋବର ୨୦୨୩

ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ

OIPR-19001/13/0042/2324

“ବିନା ନ୍ୟାୟରେ ଶାନ୍ତି ଆସିବ ନାହିଁ। ନୀତି ଓ କାର୍ଯ୍ୟକ୍ରମଗୁଡ଼ିକୁ ପ୍ରଭାବିତ କରିପାରୁଥିବା ରାଷ୍ଟ୍ରଗୁଡ଼ିକ ବିଶ୍ୱର ନେତୃତ୍ୱ ନେଲେ ଶାନ୍ତି ପ୍ରତିଷ୍ଠା ସମ୍ଭବ। ଗାଜାରେ ହମାସ୍ ଏବଂ ଇସ୍ରାଏଲୀ ବଳ ମଧ୍ୟରେ ଯୁଦ୍ଧବିରତି ପାଇଁ ଜାତିସଂଘ ସାଧାରଣ ସଭାରେ ଅଣାଯାଇଥିବା ପ୍ରସ୍ତାବରେ ଭାରତ ଭୋଟଦାନରୁ ବିରତ ରହିବା ଦୁର୍ଭାଗ୍ୟଜନକ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିଜ ପ୍ରଥମ ବିବୃତିରେ ପାଲେଷ୍ଟିନୀୟଙ୍କ ଅଧିକାର କଥା ଭୁଲିଯାଇ ଇସ୍ରାଏଲକୁ ସମ୍ପୂର୍ଣ୍ଣ ସମର୍ଥନ ଜଣାଇଛନ୍ତି।

-ସୋନିଆ ଗାନ୍ଧୀ, କଂଗ୍ରେସ ସଂସଦୀୟ ଦଳ ନେତ୍ରୀ



## ସଂକ୍ଷେପରେ

### କଶ୍ମୀରରେ ୟୁପି ଶ୍ରମିକଙ୍କୁ ହତ୍ୟାକଲେ ଆତଙ୍କବାଦୀ

ଶ୍ରୀନଗର,୩୦।୧୦

ଜମ୍ମୁ-କଶ୍ମୀରରେ ଆତଙ୍କବାଦୀମାନେ କ୍ରିକେଟ ଖେଳୁଥିବା ଜଣେ ପୋଲିସ ଅଫିସରଙ୍କୁ ଟାର୍ଗେଟ କରିବା ପରେ ସୋମବାର ଉତ୍ତର ପ୍ରଦେଶର ଜଣେ ଶ୍ରମିକଙ୍କୁ ଗୁଳିକରି ହତ୍ୟା କରିଛନ୍ତି। ୟୁପିର ମୁକେଶ ନାମକ ଶ୍ରମିକ ପୁଲ୍‌ୱାମା ଜିଲା ତୁମ୍‌ଚି ନୋୱାପାରା ଅଞ୍ଚଳରେ କାମ କରୁଥିଲେ। ଆତଙ୍କବାଦୀମାନେ ତାଙ୍କୁ ଗୁଳି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ମୁକେଶଙ୍କ ମୃତ୍ୟୁ ଘଟିଥିବା ଜଣେ ପୋଲିସ ଅଧିକାରୀ ସୂଚନା ଦେଇଛନ୍ତି। ସମ୍ପୃକ୍ତ ଅଞ୍ଚଳକୁ ପୋଲିସ ଘେରି ତଲାସୀ ଆରମ୍ଭ କରିଛି। ଉପତ୍ୟକାରେ ୨୪ ଘଣ୍ଟା ମଧ୍ୟରେ ଏହା ହେଉଛି ଆତଙ୍କବାଦୀଙ୍କ ଦ୍ୱିତୀୟ ଗୁଳିକାଣ୍ଡ। ଏହାକୁ ରାଜନୈତିକ ଦଳଗୁଡ଼ିକ ନିନ୍ଦା କରିଛନ୍ତି।

### କର୍ନାଟକ ଅଫିସରଙ୍କ ୬୯ ସ୍ଥାନରେ ଲୋକାୟୁକ୍ତ ଚଢ଼ାଉ

ବେଙ୍ଗାଲୁରୁ,୩୦।୧୦(ପି.ଟି.)

କର୍ନାଟକ ଲୋକାୟୁକ୍ତଙ୍କ ପୋଲିସ ଅଧିକାରୀମାନେ ସୋମବାର ରାଜ୍ୟ ସରକାରଙ୍କ ଅଧୀନରେ କାର୍ଯ୍ୟରତ ୧୭ ଅଫିସରଙ୍କ ୬୯ ସ୍ଥାନରେ ଚଢ଼ାଉ କରିଛନ୍ତି। ଏହି ଅଫିସରମାନଙ୍କ ବିରୋଧରେ ୩୮ କୋଟି ଟଙ୍କାର ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିବା ଅଭିଯୋଗ ରହିଛି। ବେଙ୍ଗାଲୁରୁ, ଟୁମ୍‌କୁର, ମାଣ୍ଡ୍ୟ, ଚିତ୍ରଦୁର୍ଗ, ଉଡୁପି ସମେତ ବିଭିନ୍ନ ସହରରେ ଏକକାଳୀନ ଚଢ଼ାଉ ହୋଇଥିବା ଲୋକାୟୁକ୍ତ ପୋଲିସ ଆଇଜି ଏ. ସୁବ୍ରମନ୍ୟେଶ୍ୱର ସୂଚନା ଦେଇଛନ୍ତି।

**ବାଂଲାଦେଶ କାଫେ ଆକ୍ରମଣ**

### ୭ ଆତଙ୍କବାଦୀଙ୍କୁ ମୃତ୍ୟୁ ପର୍ଯ୍ୟନ୍ତ ଜେଲ

ଢାକା,୩୦।୧୦

୨୦୧୬ ଜୁଲାଇ ୧ରେ ବାଂଲାଦେଶ ରାଜଧାନୀ ଢାକାର ଏକ କାଫେରେ ଇସ୍‌ଲାମୀୟ ଆତଙ୍କବାଦୀମାନେ ଆକ୍ରମଣ କରିଥିଲେ। ରେଷ୍ଟୁରାଣ୍ଟରେ ଖାଉଥିବା ଲୋକଙ୍କୁ ପଣବନ୍ଦୀ ରଖି ଆତଙ୍କିତ କରିଥିଲେ। ଏହି ଆକ୍ରମଣରେ ଜଣେ ଭାରତୀୟ ଯୁବତୀଙ୍କ ସମେତ ୨୩ ନିହତ ଓ ଅନେକେ ଆହତ ହୋଇଥିଲେ। ଏହି ମାମଲାରେ ବାଂଲାଦେଶ ହାଇକୋର୍ଟ ସୋମବାର ୭ ଆତଙ୍କବାଦୀଙ୍କୁ ମୃତ୍ୟୁ ପର୍ଯ୍ୟନ୍ତ କାରାଦଣ୍ଡାଦେଶ ଦେଇଛନ୍ତି।

### ଅଭିନେତ୍ରୀଙ୍କ ଆତ୍ମହତ୍ୟା

ଥିରୁଭାନନ୍ତପୁରମ୍,୩୦।୧୦



ମାଲାୟଲମ୍ ଅଭିନେତ୍ରୀ ରେଞ୍ଜୁଶା ମେନନ୍ ନିଜ ଥିରୁଭାନନ୍ତପୁରମ୍ ବାସଭବନରେ ଆତ୍ମହତ୍ୟା କରିଛନ୍ତି। ସୋମବାର ସକାଳେ ତାଙ୍କ ଝୁଲନ୍ତା ମୃତଦେହ ଉକ୍ତ ଫ୍ଲାଟ୍‌ରୁ ମିଳିଥିବା ତାଙ୍କ ଅଭିନେତା ସ୍ୱାମୀ ମନୋଜ ସୂଚନା ଦେଇଛନ୍ତି। ରେଞ୍ଜୁଶା ଆର୍ଥିକ ଦୁରବସ୍ଥା ଦେଇ ଗତିକରୁଥିବାରୁ ଏପରି ଚରମ ନିଷ୍ପତ୍ତି ନେଇଥିବା କୁହାଯାଉଛି। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ତାଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ରେଞ୍ଜୁଶା 'ସ୍ତ୍ରୀ' ଧାରାବାହିକରେ କ୍ୟାରିୟର ଆରମ୍ଭ କରି ଅନେକ ଟିଭି ସିରିଏଲ୍ ଜରିଆରେ ଲୋକପ୍ରିୟ ହୋଇଥିଲେ।



ଆର୍ଜେଣ୍ଟିନାର ବ୍ୟୁଏନୋସ୍‌ରେ ୨,୦୦୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଏକକାଳୀନ ସ୍ପାଇଡରମ୍ୟାନ୍ ବେଶ ଧାରଣ କରି ନୂଆ ବିଶ୍ୱ ରେକର୍ଡର ଅଧିକାରୀ ହୋଇଛନ୍ତି।

# ସୂଚନା କମିଶନ ପଦବୀ ପୂରଣ କର

**କେନ୍ଦ୍ର, ରାଜ୍ୟକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ**

**୩ ସପ୍ତାହରେ ଖାଲି ପଦବୀ ଓ ବିଚାରାଧୀନ ମାମଲା ସଂଖ୍ୟା ସମ୍ପର୍କିତ ତଥ୍ୟ ଦାଖଲ କରିବେ**

ନୂଆଦିଲ୍ଲୀ,୩୦।୧୦



କେନ୍ଦ୍ରୀୟ ସୂଚନା କମିଶନ (ସିଆଇସି) ଏବଂ ରାଜ୍ୟ ସୂଚନା କମିଶନ (ଏସ୍‌ଆଇସି)ଗୁଡ଼ିକରେ ଖାଲିଥିବା ପଦବୀଗୁଡ଼ିକୁ ପୂରଣ କରିବା ପାଇଁ ପଦକ୍ଷେପ ନେବା ସକାଶେ ସୋମବାର ସୁପ୍ରିମକୋର୍ଟ କେନ୍ଦ୍ର ଓ ରାଜ୍ୟ ସରକାରମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟଥା ୨୦୦୫ରେ ପ୍ରଣୀତ ସୂଚନା ଅଧିକାର (ସୂଚନା ଅଧିକାର) ଆଇନ ଏକ 'ମୃତପତ୍ର' ପାଲଟିଯିବ ବୋଲି ତିନିଜଣିଆ ଖଣ୍ଡପୀଠ ସତର୍କ କରାଇଛନ୍ତି।

ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ତଥା ଜଷ୍ଟିସ୍ ଜେ.ବି. ପରଦିୱାଲା ଏବଂ ମନୋଜ ମିଶ୍ରଙ୍କୁ ନେଇ ଗଠିତଖଣ୍ଡପୀଠ ସିଆଇସି, ଏସ୍‌ଆଇସିରେ ଖାଲି ପଦବୀ ପୂରଣ ସକାଶେ କେନ୍ଦ୍ର ଓ ରାଜ୍ୟ ସରକାରମାନେ ବିଫଳ ହୋଇଥିବା ଦର୍ଶାଇ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏଥିସହ କାର୍ମିକ ଓ ତାଲିମ ବିଭାଗ (ଡିଓପିଟି)କୁ ସବୁ ରାଜ୍ୟରୁ ଏସ୍‌ଆଇସିରେ ମଞ୍ଜୁରୀପ୍ରାପ୍ତ ସହ ଖାଲି ପଦବୀ ଏବଂ ଗଡୁଥିବା ମାମଲା ସଂଖ୍ୟା ସମ୍ପର୍କିତ ତଥ୍ୟ ସଂଗ୍ରହ ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

ଆର୍‌ଟିଆଇ କର୍ମୀ ଅଞ୍ଜଳି ଭରଦ୍ୱାଜଙ୍କ ଆବେଦନର ଶୁଣାଣି କରି ସିଜେଆଇ ଚନ୍ଦ୍ରଚୂଡ଼ କହିଥିଲେ, ଝାଡ଼ଖଣ୍ଡ, ତ୍ରିପୁରା ଓ ତେଲଙ୍ଗାନା ଭଳି ରାଜ୍ୟଗୁଡ଼ିକରେ ଏସ୍‌ଆଇସି ଅକାମୀ ହେବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ୩ ସପ୍ତାହ ମଧ୍ୟରେ ସମସ୍ତ ତଥ୍ୟ ସଂଗ୍ରହ କରି ଦାଖଲ କରିବାକୁ କେନ୍ଦ୍ର ଓ ରାଜ୍ୟକୁ ସିଜେଆଇ ସମୟ ଦେଇଛନ୍ତି। ପ୍ରକାଶ ଯେ, ୨୦୧୯ ଫେବୃୟାରୀ ୧୫ରେ ସୁପ୍ରିମକୋର୍ଟ ନିଜ ରାୟରେ କହିଥିଲେ, କେବଳ ଅମଲାତନ୍ତ୍ରୀଙ୍କୁ ନିଯୁକ୍ତି ନ ଦେଇ ସୂଚନା କମିଶନ ଅଧିକାରୀଙ୍କ ଚୟନ ବେଳେ ସ୍ୱଚ୍ଛତା ଅବଲମ୍ବନ ପୂର୍ବକ ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷ ଲାଭ କରିଥିବା ବ୍ୟକ୍ତିବିଶେଷଙ୍କୁ ମଧ୍ୟ ସାମିଲ କରାଯିବା ଉଚିତ। ଏଥିସହ ଓଡ଼ିଶା, ପଶ୍ଚିମବଙ୍ଗ, ମହାରାଷ୍ଟ୍ର, ଗୁଜରାଟ, ନାଗାଲାଣ୍ଡ, ଆନ୍ଧ୍ର ପ୍ରଦେଶ, କେରଳ ଓ କର୍ନାଟକରେ ସୂଚନା କମିଶନ ପଦବୀ ଅବିଳମ୍ବେ ପୂରଣ କରିବାକୁ ସମ୍ପୃକ୍ତ ରାଜ୍ୟଗୁଡ଼ିକର ସରକାରମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅଞ୍ଜଳି ଖାଲି ପଦବୀ ପୂରଣ ସକାଶେ ସୁପ୍ରିମକୋର୍ଟଙ୍କ ୨୦୧୯ ରାୟର ଅବତାରଣା କରି ଏହାର ଅନୁପାଳନ ହେଉ ନ ଥିବା ନିଜ ଆବେଦନରେ ଜଣାଇଥିଲେ। ଏଥିସହ ଓଡ଼ିଶା ଏସ୍‌ଆଇସିରେ ୧୬,୭୦୩ ମାମଲା ବିଚାରାଧୀନ ଥିବା ମଧ୍ୟ ଦର୍ଶାଇଥିଲେ। ୩ ସପ୍ତାହ ପରେ ଏହାର ଶୁଣାଣି ହେବ।

# ବିଆର୍‌ଏସ୍ ଏମ୍‌ପିଙ୍କୁ ଛୁରାମାଡ଼

ହାଇଦ୍ରାବାଦ,୩୦।୧୦



କୋଠା ପ୍ରଭାକର ରେଡ୍ଡୀ

ତେଲଙ୍ଗାନାର ଶାସକ ଭାରତ ରାଷ୍ଟ୍ର ସମିତି (ବିଆର୍‌ଏସ୍) ଏମ୍‌ପି କୋଠା ପ୍ରଭାକର ରେଡ୍ଡୀ ସୋମବାର ନିର୍ବାଚନ ପ୍ରଚାର କରୁଥିବାବେଳେ ଛୁରାମାଡ଼ର ଶିକାର ହୋଇଛନ୍ତି। ନଭେମ୍ବର ୩୦ରେ ହେବାକୁ ଥିବା ବିଧାନସଭା ନିର୍ବାଚନ ପାଇଁ ୫୯ ବର୍ଷୀୟ ପ୍ରଭାକରଙ୍କୁ ବିଆର୍‌ଏସ୍ ଦୁବକ ନିର୍ବାଚନମଣ୍ଡଳୀରେ ପ୍ରାର୍ଥୀ କରିଛି। ସେ ଦୌଲତାବାଦର ସୁରମପଲ୍ଲୀ ଗ୍ରାମରେ ପ୍ରଚାର କରୁଥିବା ସମୟରେ ଜଣେ ୩୫ ବର୍ଷୀୟ ବ୍ୟକ୍ତି ତାଙ୍କୁ ଆକ୍ରମଣ କରିଥିଲେ। ଅଭିଯୁକ୍ତ ରାଜୁଙ୍କୁ ପୋଲିସ ଗିରଫ କରି ତଦନ୍ତ ଚଳାଇଛି। ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓ ପ୍ରଭାକରଙ୍କୁ ହସ୍ପିଟାଲରେ ଦେଖି ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି। ଏହା ପଛରେ କଂଗ୍ରେସ ଗୁଣ୍ଡାମାନଙ୍କ ହାତ ଥିବା ବିଆର୍‌ଏସ୍ ନିନ୍ଦା କରିଛି।

# ଏନ୍‌ସିପି ବିଧାୟକଙ୍କ ଘର ଜାଳିଦେଲେ





ବିକ୍ଷୋଭକାରୀମାନେ ବିଧାୟକ ପ୍ରକାଶ ସୋଲାଙ୍କେଙ୍କ ବାସଭବନରେ ନିଆଁ ଲଗାଇଦେଇଛନ୍ତି।

**ମରାଠା ସଂରକ୍ଷଣ ଆନ୍ଦୋଳନ**

ମୁମ୍ବାଇ,୩୦।୧୦

ମରାଠା ସଂରକ୍ଷଣ ପାଇଁ ଆନ୍ଦୋଳନ ଚଳାଇଥିବା ବିକ୍ଷୋଭକାରୀମାନେ ସୋମବାର ସକାଳେ ମହାରାଷ୍ଟ୍ରର ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ବିଧାୟକ ପ୍ରକାଶ ସୋଲାଙ୍କେଙ୍କ ବିଡ଼୍‌ସ୍ଥିତ ବାସଭବନରେ ନିଆଁ ଲଗାଇଦେଇଛନ୍ତି। କୋଟା ସପକ୍ଷବାଦୀ କର୍ମୀ ମନୋଜ ଜରାଙ୍ଗେ ପାଟିଲ ଗତ ୨୫ରୁ ଅନଶନରେ ବସିଥିବାବେଳେ ପ୍ରକାଶ ତାଙ୍କ ବିରୋଧରେ ମନ୍ତବ୍ୟ ଦେଇଥିଲେ। ସେମାନେ ଏଥିରେ ଉତ୍ତ୍ୟକ୍ତ ହୋଇ ତାଙ୍କ ଘରେ ଓ ସେଠାରେ ଥିବା ଯାନବାହନ ଗୁଡ଼ିକରେ ନିଆଁ ଲଗାଇ ଦେଇଛନ୍ତି।

# କୋଚି ବିସ୍ଫୋରଣ: ହମାସ୍ ନେତାଙ୍କ ମନ୍ତବ୍ୟର ତଦନ୍ତ ହେବ

କୋଚି,୩୦।୧୦

କେରଳର ଏର୍ନାକୁଲମ୍ ଜିଲା କୋଚି ନିକଟସ୍ଥ କଲାମସେରିରେ ଥିବା ଜମ୍‌ରା ଇଣ୍ଟରନ୍ୟାଶନାଲ କନ୍‌ଭେନ୍‌ଶନ ସେଣ୍ଟରରେ ସୋମବାର ସିରିଏଲ ବ୍ଲାଷ୍ଟ ପାଇଁ ନିଜକୁ ଦାୟୀ କରିଥିବା ଡୋମିନିକ୍ ମାର୍ଟିନ୍‌ଙ୍କୁ ସୋମବାର ଆନୁଷ୍ଠାନିକ ଭାବେ ଗିରଫ କରାଯାଇଛି। ଜେହୋଭା ୱିଟ୍‌ନେସ୍ ସମ୍ମିଳନୀର ତୃତୀୟ ଦିନରେ ୩ ବିସ୍ଫୋରଣରେ ୨ ମହିଳା ଓ ଜଣେ ଝିଅଙ୍କ ମୃତ୍ୟୁ ଘଟିଥିବାବେଳେ ୫୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ମଙ୍ଗଳବାର ରାତି ୭ଟାରେ ଆଇପିସି ଏବଂ ୟୁଏପିଏର ବିଭିନ୍ନ ଦଫାରେ ତାଙ୍କୁ ଗିରଫ କରାଯାଇଥିବା ଏସ୍‌ଆଇଟି କହିଛି। ମୁଖ୍ୟମନ୍ତ୍ରୀ ପି. ବିଜୟନ୍ କହିଛନ୍ତି, ପାଲେଷ୍ଟାଇନ୍ ସପକ୍ଷବାଦୀ ରାଲିରେ ହମାସ୍ ନେତା ଖାଲେଦ ମଶାଲ ବିକ୍ଷୋଭକାରୀମାନଙ୍କୁ କରିଥିବା ସମ୍ବୋଧନର ପୋଲିସ ତଦନ୍ତ କରାଯିବ। ସେଥିରେ ଭୁଲ୍ ବାହାରିଲେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନିଆଯିବ। କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଏବଂ ପ୍ରଯୁକ୍ତି ରାଷ୍ଟ୍ରମନ୍ତ୍ରୀ ରାଜୀବ ଚନ୍ଦ୍ରଶେଖର ବିଜୟନ୍‌ଙ୍କୁ ମିଛୁଆ କହିଛନ୍ତି। ବିଜୟନ୍ ରାଜୀବଙ୍କୁ ଅତ୍ୟନ୍ତ ବିଷଧର ବୋଲି ଅଭିହିତ କରିଛନ୍ତି।

# ଗାଜା ସିଟିକୁ ଦୁଇପଟୁ ଘେରିଛି ଇସ୍ରାଏଲ

- ଯୁଦ୍ଧର ୨୩ତମ ଦିନରେ ଇସ୍ରାଏଲୀ ସୈନ୍ୟ ଟ୍ୟାଙ୍କଗୁଡ଼ିକ ସହ ସୋମବାର ଗାଜା ଭିତରକୁ ଅଗ୍ରସର ହୋଇଛନ୍ତି। ଗାଜା ସିଟିକୁ ସେମାନେ ଦୁଇପଟୁ ଘେରିରହିଛନ୍ତି।
- ଅନେକ ହଜାର ଆହତ ପାଲେଷ୍ଟିନୀୟ ଆଶ୍ରୟ ନେଇଥିବା ହସ୍ପିଟାଲ ନିକଟରେ ଇସ୍ରାଏଲ ଏୟାରଷ୍ଟ୍ରାଇକ୍ ଜାରି ରଖିଥିବାରୁ ସେମାନେ ଦୁର୍ଦ୍ଦଶା ଭୋଗୁଥିବା ମେଡିକାଲ୍ ଷ୍ଟାଫ୍ ପକ୍ଷରୁ କୁହାଯାଇଛି।
- ଇତିମଧ୍ୟରେ ଗାଜାରେ ମୃତ୍ୟୁସଂଖ୍ୟା ୮୩୦୦ ଅତିକ୍ରମ କରିଛି। ଇସ୍ରାଏଲୀଙ୍କ ମୃତ୍ୟୁସଂଖ୍ୟା ୧,୪୦୦ ରହିଛି।
- ଯୁଦ୍ଧବିରତି ନ ହେଲେ ତୈଳଦର ଆକାଶଛୁଆଁ ହେବ ବୋଲି ବିଶ୍ୱବ୍ୟାଙ୍କ ସତର୍କ କରାଇଛି।
- ଅକ୍ଟୋବର ୭ରେ ଜର୍ମାନୀ ମହିଳା ଶାନି ଲୋଉକ୍‌ଙ୍କୁ ହମାସ୍ ଆତଙ୍କବାଦୀମାନେ ଉଲଗ୍ନ କରାଇ ଏକ ଟ୍ରକ୍‌ରେ ବାନ୍ଧି ବୁଲାଇଥିଲେ। ସୋମବାର ତାଙ୍କ ମୃତଦେହ ମିଳିଛି।
- ଯୁଦ୍ଧ ଯୋଗୁ ବିସ୍ଥାପିତ ହୋଇଥିବା ୧,୧୭,୦୦୦ ପାଲେଷ୍ଟିନୀୟଙ୍କୁ ତୁରନ୍ତ ଆଶ୍ରୟ ଓ ଅନ୍ୟ ସୁବିଧା ଯୋଗାଇଦିଆଯିବା ଆବଶ୍ୟକ ବୋଲି ଜାତିସଂଘ କହିଛି।



ଇସ୍ରାଏଲର ମିଶାଇଲ ମାଡ଼ରେ ବିଧ୍ୱସ୍ତ ଗାଜା ଷ୍ଟ୍ରିପ୍‌ର ଦେଇର୍ ଅଲ୍-ବଲାହରେ ଧ୍ୱଂସାବଶେଷ ଉପରକୁ ପାଲେଷ୍ଟିନୀୟ ପିଲାମାନେ ଚଢ଼ୁଛନ୍ତି।

# ସିସୋଡିଆଙ୍କୁ ଜାମିନ ଦେଲେନି ସୁପ୍ରିମକୋର୍ଟ

**ଦିଲ୍ଲୀ ଅବକାରୀ ଦୁର୍ନୀତି ମାମଲା**

ନୂଆଦିଲ୍ଲୀ,୩୦।୧୦



ମନୀଷ ସିସୋଡିଆ

ଦିଲ୍ଲୀ ଅବକାରୀ ନୀତି ସମ୍ପର୍କିତ ଦୁର୍ନୀତି ଓ ମନିଲଣ୍ଡରିଂ ମାମଲାରେ ଜେଲରେ ଥିବା ପୂର୍ବତନ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଡିଆଙ୍କ ନିୟମିତ ଜାମିନ ଆବେଦନକୁ ସୋମବାର ସୁପ୍ରିମକୋର୍ଟ ଖାରଜ କରିଦେଇଛନ୍ତି। ଏହି ମାମଲାରେ ୩୩୮ କୋଟି ଟଙ୍କା ଟ୍ରାନ୍ସଫର କରାଯାଇଥିବା ଅଭିଯୋଗ ଆପାତତଃ ପ୍ରମାଣିତ ହୋଇଥିବା ସର୍ବୋଚ୍ଚ ଅଦାଲତ ସ୍ପଷ୍ଟ କରିଛନ୍ତି।

କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଏବଂ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପକ୍ଷରୁ ଦିଲ୍ଲୀ ଅବକାରୀ ଦୁର୍ନୀତି ମାମଲାର ତଦନ୍ତ କରାଯାଉଛି। ଏହି ମାମଲାରେ ଆମ୍ ଆଦ୍‌ମୀ ପାର୍ଟି (ଏଏପି) ନେତା ସିସୋଡିଆଙ୍କୁ ସିବିଆଇ ଗତ ଫେବୃୟାରୀ ୨୬ରେ ଗିରଫ ହେବା ପରଠୁ ସେ ଜେଲରେ ଅଛନ୍ତି। ତାଙ୍କ ଜାମିନ ଆବେଦନକୁ ୨ ପ୍ରମୁଖ ତଦନ୍ତକାରୀ ସଂସ୍ଥା ବିରୋଧ କରିଆସୁଛନ୍ତି। ଏହା ଉପରେ ଶୀର୍ଷ ଅଦାଲତ ଗତ ଜୁଲାଇରେ ନୋଟିସ ଜାରି କରିଥିଲେ ଏବଂ ଅକ୍ଟୋବର ୧୭ରେ ରାୟ ସଂରକ୍ଷିତ ରଖିଥିଲେ। ଉଚ୍ଛେଦ ହୋଇସାରିଥିବା ଦିଲ୍ଲୀ ଅବକାରୀ ନୀତି ସମ୍ପର୍କିତ ଦୁର୍ନୀତି ଓ ମନିଲଣ୍ଡରିଂ ମାମଲାରେ ସିସୋଡିଆଙ୍କ ପକ୍ଷରୁ ଦାଖଲ ୨ଟି ନିୟମିତ ଜାମିନ ଆବେଦନ ଉପରେ ସୁପ୍ରିମକୋର୍ଟ ଏହି ରାୟ ଶୁଣାଇଛନ୍ତି। ଜଷ୍ଟିସ୍ ସଞ୍ଜୀବ ଖାନ୍ନା ଏବଂ ଏସ୍‌ଭିଏନ୍ ଭଟ୍ଟିଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି, ମାମଲା ୬ରୁ ୮ ମାସ ଭିତରେ ଶେଷ ହୋଇଯିବ ବୋଲି ତଦନ୍ତକାରୀ ସଂସ୍ଥାଗୁଡ଼ିକ ଦେଇଥିବା ବୟାନ ରେକର୍ଡ କରାଯାଇଛି। କିନ୍ତୁ ଅବହେଳା ଯୋଗୁ ତଦନ୍ତ ଅବଧି ବଢ଼ିଲେ ସିସୋଡିଆ ୩ ମାସ ମଧ୍ୟରେ ଜାମିନ ଆବେଦନ କରିପାରିବେ। ଅନୁଧ୍ୟାନ ପରେ କେତୋଟି ନିର୍ଦ୍ଦିଷ୍ଟ ପ୍ରସଙ୍ଗ ସାମ୍ନାକୁ ଆସିଛି, ଯାହାକୁ ଆମେ ସନ୍ଦେହଜନକ ବୋଲି କହିଛୁ। ତେବେ ସେଥିରୁ ଗୋଟିଏ ପ୍ରସଙ୍ଗ ଆପାତତଃ ପ୍ରମାଣିତ ହୋଇଛି। ତାହା ହେଲା ୩୩୮ କୋଟି ଟଙ୍କାର କାରବାର। ଏହାକୁ ଦୃଷ୍ଟିରେ ରଖି ଆମେ ଜାମିନ ଆବେଦନକୁ ଖାରଜ କରୁଛୁ ବୋଲି ଖଣ୍ଡପୀଠ କହିଛନ୍ତି।

ରାୟ ଶୁଣାଇବାବେଳେ ଜଷ୍ଟିସ୍ ଖାନ୍ନା କହିଥିଲେ, ଯୁକ୍ତି ଆଧାରରେ ଏହି ନିଷ୍ପତ୍ତି ନିଆଯାଇଥିଲେ ହେଁ କେତେକ ଆଇନଗତ ପ୍ରଶ୍ନର ଉତ୍ତର ମିଳିନାହିଁ। ଯେଉଁ ପ୍ରଶ୍ନର ଉତ୍ତର ମିଳିଛି ତାହା ଅତ୍ୟନ୍ତ ସୀମିତ। ପ୍ରକାଶ ଯେ, ୨୦୨୧ ନଭେମ୍ବର ୧୭ରେ ଦିଲ୍ଲୀ ସରକାର ନୂଆ ଅବକାରୀ ନୀତି ଆଣିଥିଲେ। ଦୁର୍ନୀତି ଅଭିଯୋଗ ଆସିବା ପରେ ୨୦୨୨ ସେପ୍ଟେମ୍ବର ଶେଷ ଆଡ଼କୁ ଏହାକୁ ରଦ୍ଦ କରିଦିଆଯାଇଥିଲା। ତଦନ୍ତକାରୀ ସଂସ୍ଥା ଦ୍ୱୟ ମତରେ ନୂଆ ପଲିସିରେ ହୋଲ୍‌ସେଲରମାନଙ୍କ ଲାଭକୁ ୫%ରୁ ୧୨%କୁ ବୃଦ୍ଧି କରାଯାଇଥିଲା। ଏଥିରୁ ସିସୋଡିଆ ଲାଞ୍ଚ ଆକାରରେ ବିପୁଳ ଲାଭ ପାଇଥିଲେ। ଗତ ଫେବୃୟାରୀ ୨୮ରେ ସିସୋଡିଆ ଦିଲ୍ଲୀ କ୍ୟାବିନେଟରୁ ଇସ୍ତଫା ଦେଇଥିଲେ। ସିବିଆଇ ପକ୍ଷରୁ ତିହାର ଜେଲରେ ତାଙ୍କୁ ଜେରା କରାଯାଇଥିଲା। ସିବିଆଇକୁ ମିଳିଥିବା ତଥ୍ୟ ଆଧାରରେ ଇଡି ମାର୍ଚ୍ଚ ୯ରେ ତାଙ୍କୁ ଗିରଫ କରିଥିଲା। ମେ' ୩୦ରେ ଦିଲ୍ଲୀ ହାଇକୋର୍ଟ ସିବିଆଇ ମାମଲାରେ ସିସୋଡିଆଙ୍କୁ ଜାମିନ ଦେବାକୁ ମନା କରିଦେଇଥିଲେ। ପୂର୍ବତନ ଉପମୁଖ୍ୟମନ୍ତ୍ରୀ ଓ ଅବକାରୀ ମନ୍ତ୍ରୀ ସିସୋଡିଆ ଜଣେ ହାଇପ୍ରୋଫାଇଲ ବ୍ୟକ୍ତି ହୋଇଥିବାରୁ ଜାମିନ ପାଇ ମୁକୁଳିଲେ ସାକ୍ଷୀମାନଙ୍କୁ ପ୍ରଭାବିତ କରିପାରନ୍ତି ବୋଲି ହାଇକୋର୍ଟ ସେତେବେଳେ କହିଥିଲେ। ଜୁଲାଇ ୩ରେ ହାଇକୋର୍ଟ ମନିଲଣ୍ଡରିଂ ମାମଲାକୁ ଅତ୍ୟନ୍ତ ଗମ୍ଭୀର ପ୍ରସଙ୍ଗ ବୋଲି ଦର୍ଶାଇବା ସହ ପୁନର୍ବାର ଜାମିନ ଆବେଦନକୁ ଖାରଜ କରିଥିଲେ। ଅନ୍ୟପକ୍ଷେ ସୁପ୍ରିମକୋର୍ଟ ରାୟ ଆସିବା ପରେ ଭାଜପା କହିଛି, ଦୁର୍ନୀତିରୁ ମିଳିଥିବା ୩୩୮ କୋଟି ଟଙ୍କା କୁଆଡ଼େ ଗଲା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ତାହା ଅଦାଲତଙ୍କୁ ଜଣାନ୍ତୁ। ଏହାର ଜବାବରେ ଏଏପି କହିଛି, ଅଦାଲତଙ୍କ ରାୟକୁ ଆମେ ସମ୍ମାନ ଦେଉଛୁ। କିନ୍ତୁ ଏଥିରେ ଆମେ ସହମତ ନୋହୁଁ। ସିସୋଡିଆଙ୍କୁ ମୁକ୍ତ କରିବା ପାଇଁ ଅନ୍ୟ ଆଇନଗତ ବିକଳ୍ପଗୁଡ଼ିକ ଉପରେ ଅନୁଧ୍ୟାନ କରିବୁ।

### କେଜ୍‌ରିୱାଲଙ୍କୁ ୨ରେ ଇଡି ଜେରା



ଅବକାରୀ ଦୁର୍ନୀତି ମାମଲାରେ ଇଡି ସୋମବାର ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କୁ ସମନ କରିଛି। ନଭେମ୍ବର ୨ରେ ହାଜର ହେବା ପାଇଁ ଏଥିରେ ନିର୍ଦ୍ଦେଶ ରହିଛି। ମନିଲଣ୍ଡରିଂ ନିବାରଣ ଆଇନ (ପିଏମ୍‌ଏଲ୍‌ଏ) ବଳରେ ଏଜେନ୍ସି ମୁଖ୍ୟାଳୟରେ କେଜ୍‌ରିୱାଲଙ୍କ ରେକର୍ଡ ବୟାନ କରାଯିବ ବୋଲି ସୂତ୍ରରୁ ଜଣାପଡ଼ିଛି। ପ୍ରକାଶ ଯେ, ଏହି ମାମଲାରେ ଇଡି ନିଜ ଚାର୍ଜଶିଟ୍‌ରେ ଏକାଧିକ ଥର ଏଏପି ଆବାହକ କେଜ୍‌ରିୱାଲଙ୍କ ନାମ ଉଲ୍ଲେଖ କରିଛି।

### ଇଡି ଅଫିସରେ ଗେହଲଟ୍‌ଙ୍କ ପୁଅ



ବୈଭବ ଗେହଲଟ୍

ନୂଆଦିଲ୍ଲୀ,୩୦।୧୦

ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ୍‌ଙ୍କ ପୁଅ ବୈଭବ ଗେହଲଟ୍‌ଙ୍କୁ ସୋମବାର ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପକ୍ଷରୁ ଜେରା କରାଯାଇଛି। ଏକ ବିଦେଶୀ ବିନିମୟ ପରିଚାଳନା ଆଇନ (ଏଫ୍‌ଇଏମ୍‌ଏ) ଉଲ୍ଲଂଘନ ମାମଲାରେ ହାଜର ହେବା ପାଇଁ ବୈଭବଙ୍କୁ ସଂଘୀୟ ଏଜେନ୍ସି ଗତ ସପ୍ତାହରେ ସମନ କରିଥିଲା। ୪୩ ବର୍ଷୀୟ ବୈଭବ ନୂଆଦିଲ୍ଲୀର ଅବ୍‌ଦୁଲ କଲାମ ରୋଡ୍‌ସ୍ଥିତ ଇଡି ମୁଖ୍ୟାଳୟରେ ହାଜର ହୋଇଥିଲେ। ନଭେମ୍ବର ୨୫ରେ ରାଜ୍ୟ ବିଧାନସଭା ନିର୍ବାଚନ ହେବାକୁ ଥିବାବେଳେ ଏଆଇସିସି ସଦସ୍ୟ ବୈଭବ ତାଙ୍କୁ ୧୦-୧୨ ବର୍ଷ ପୁରୁଣା ମିଥ୍ୟା ମାମଲାରେ ଫସାଇବା ପାଇଁ ଏପରି କରାଯାଇଛି।

# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ଅକ୍ଟୋବର ୩୧/୨୦୨୩ | Bhubaneswar, Tuesday, October 31/2023 | ପୃଷ୍ଠା-୧




**‘ଦି ଲେଡି କିଲର’ରେ ଭୂମି**

ନିର୍ଦ୍ଦେଶକ ଅଜୟ୍ ବହଲଙ୍କ ଫିଲ୍ମ ‘ଦି ଲେଡି କିଲର’ରେ ବଲିଉଡ୍ ଅଭିନେତ୍ରୀ ଭୂମି ପେଡେନକରଙ୍କୁ ଏକ ଭିନ୍ନ ଚରିତ୍ରରେ ଦେଖିବାକୁ ମିଳିବ।

୧୦

୧୬

**ଭର୍ଷ୍ଟାପେନଙ୍କୁ ଟାଇଟଲ**

ରେଡବୁଲ୍‌ର ମାକ୍ସ ଭର୍ଷ୍ଟାପେନ୍ ଫର୍ମୁଲାୱାନ ମେକ୍ସିକୋ ସିଟି ଗ୍ରାଁ ପ୍ରି ଜିତିଛନ୍ତି।



# ଦଳୀୟ ପାଣ୍ଠି ଉତ୍ସ ଜାଣିବାର ହକ୍ ନାହିଁ: କେନ୍ଦ୍ର

## ଇଲେକ୍ଟୋରାଲ ବଣ୍ଡ୍ ମାମଲା

### ସାମ୍ବିଧାନିକ ପୀଠରେ ଶୁଣାଣି ଆଜି

**ନୂଆଦିଲ୍ଲୀ,୩୦।୧୦(ପି.ଟି.)**

ରାଜନୈତିକ ଦଳଗୁଡ଼ିକ ଇଲେକ୍ଟୋରାଲ ବଣ୍ଡ୍ ଜରିଆରେ କେଉଁ ଉତ୍ସରୁ କେତେ ଟଙ୍କା ପାଇଛନ୍ତି, ସମ୍ବିଧାନର ଅନୁଚ୍ଛେଦ ୧୯(୧)(ଏ) ଅନୁସାରେ ତାହା ଜାଣିବା ଅଧିକାର ନାଗରିକମାନଙ୍କର ନାହିଁ ବୋଲି ସୋମବାର ସୁପ୍ରିମକୋର୍ଟରେ କେନ୍ଦ୍ର ଯୁକ୍ତି ବାଢ଼ିଛି। କେନ୍ଦ୍ରରେ କ୍ଷମତାସୀନ ଭାଜପା ସର୍ବାଧିକ ଚାନ୍ଦା ପାଉଥିବାରୁ ସରକାରଙ୍କ ଏଭଳି ଆଭିମୁଖ୍ୟକୁ କଂଗ୍ରେସ ସମେତ ବିରୋଧୀ ଦଳଗୁଡ଼ିକ ସମାଲୋଚନା କରିଛନ୍ତି।

କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ଆର୍ଟର୍ନି ଜେନେରାଲ (ଏଜି) ଆର୍. ଭେଙ୍କଟରମଣୀ ମାମଲାର ଶୁଣାଣି ବେଳେ ଦଳଗୁଡ଼ିକ ପାଉଥିବା ଚାନ୍ଦାରେ ସମ୍ପୂର୍ଣ୍ଣ ସ୍ୱଚ୍ଛତା ଥିବା ଦର୍ଶାଇ କହିଛନ୍ତି, କୌଣସି ବିଶେଷ କାରଣ ନ ଥିଲେ ନାଗରିକମାନେ ସାଧାରଣତଃ ଦଳୀୟ ଚାନ୍ଦାର ଉତ୍ସ ଜାଣିପାରିବେ ନାହିଁ। କାରଣ ଏହି ସ୍କିମ୍‌ରେ ଚାନ୍ଦା ଦେଉଥିବା ଦାତା ଗୋପନୀୟତା ସୁବିଧା ପାଇଆସୁଛନ୍ତି। ଏହି ଯୋଜନାରେ ସ୍ୱଚ୍ଛ ଅର୍ଥ ପ୍ରଦାନକୁ ନିଶ୍ଚିତ କରାଯିବା ସହ ପ୍ରୋତ୍ସାହନ ଦିଆଯାଇଥାଏ। ଟ୍ୟାକ୍ସ ସମ୍ପର୍କିତ ଉତ୍ତରଦାୟିତ୍ୱର ପାଳନ ପାଇଁ ମଧ୍ୟ ଏଥିରେ ନିଶ୍ଚିତ କରାଯାଇଛି। ତେଣୁ ଏହା ନାଗରିକଙ୍କ ଜାଣିବା ଅଧିକାର ପରିସରରେ ଆସୁନାହିଁ ବୋଲି ଏଜି ସର୍ବୋଚ୍ଚ ଅଦାଲତଙ୍କୁ ଅବଗତ କରାଇଛନ୍ତି।

ଇଲେକ୍ଟୋରାଲ ବଣ୍ଡ୍‌କୁ ଚ୍ୟାଲେଞ୍ଜ କରି ଦାଖଲ ହୋଇଥିବା ପିଟିଶନଗୁଡ଼ିକୁ ପ୍ରତ୍ୟାଖ୍ୟାନ କରି କେନ୍ଦ୍ରର ଶୀର୍ଷ ଆଇନ ଅଧିକାରୀ ଏଜି ଆହୁରି କହିଛନ୍ତି, ନ୍ୟାୟିକ ସମୀକ୍ଷା କ୍ଷମତାର ତାତ୍ପର୍ଯ୍ୟ ନୁହେଁ ଯେ, ଏହା ରାଷ୍ଟ୍ରନୀତିକରେ ପରିବର୍ତ୍ତନ ପାଇଁ ପ୍ରସ୍ତାବ ଦେବ। ଏକ ସାମ୍ବିଧାନିକ ଅଦାଲତ କେବଳ ସରକାରୀ କାର୍ଯ୍ୟକୁ ସମୀକ୍ଷା କରିପାରିବ। ରାଜନୈତିକ ଦଳଗୁଡ଼ିକୁ ମିଳୁଥିବା ଦାନର ଗଣତାନ୍ତ୍ରିକ ମହତ୍ତ୍ୱ ରହିଛି। ☞ପୃଷ୍ଠା-୨



ଓଡ଼ିଶାରେ ନବନିଯୁକ୍ତ ରାଜ୍ୟପାଳ ରଘୁବର ଦାସଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ଅପରାହ୍ଣରେ ରାଜଭବନଠାରେ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରୁଛନ୍ତି।

# ମୃତ୍ୟୁସଂଖ୍ୟା ୧୩କୁ ବୃଦ୍ଧି, ୫୪ ଆହତ

## ଆନ୍ଧ୍ର ଟ୍ରେନ୍ ଦୁର୍ଘଟଣା

**ରାୟଗଡ଼ା,୩୦।୧୦ (ଆଶିଷ ରଞ୍ଜନ ପଣ୍ଡା)**

ଆନ୍ଧ୍ରପ୍ରଦେଶର କଣ୍ଟକାପାଲୀ ଓ ଆଲମଣ୍ଡା ରେଳ ଷ୍ଟେଶନ ମଧ୍ୟରେ ରବିବାର ସନ୍ଧ୍ୟାରେ ଘଟିଥିବା ଟ୍ରେନ ଦୁର୍ଘଟଣାରେ ମୃତକଙ୍କ ସଂଖ୍ୟା ୧୩ ଛୁଇଁଛି। ଦୁର୍ଘଟଣାରେ ୫୪ ଜଣ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ୨ଜଣ ମହିଳା ଓ ୯ ଜଣ ପୁରୁଷ ରହିଛନ୍ତି। ସମସ୍ତଙ୍କ ଘର ଆନ୍ଧ୍ରପ୍ରଦେଶ। ଏବେ ବି ଅନ୍ୟ ୨ଟି ମୃତଦେହ ଚିହ୍ନଟ ହୋଇପାରି ନ ଥିବା ରେଲୱେ ପକ୍ଷରୁ ସୂଚନା ମିଳିଛି। ତେବେ ମୃତକଙ୍କ ମଧ୍ୟରେ ଓଡ଼ିଶାର କେହି ନ ଥିବା ଜଣାପଡ଼ିଛି। ଉଦ୍ଧାର କାର୍ଯ୍ୟ ଶେଷ ହୋଇଥିବା ୱାଲଟିୟର ଡିଭିଜନ ଡିଆରଏମଙ୍କ କାର୍ଯ୍ୟାଳୟରୁ ସୂଚନା ମିଳିଛି। ମିଳିଥିବା ସୂଚନା ଅନୁସାରେ ବର୍ତ୍ତମାନ ଉକ୍ତ ରୁଟ୍‌ର ୨ଟି ଲାଇନ୍ ସ୍ୱାଭାବିକ ହେବା ସହ ସୋମବାର ୨ଟା ପରଠାରୁ ଟ୍ରେନ୍ ଚଳାଚଳ ସ୍ୱାଭାବିକ ରହିଛି। ଅନ୍ୟ ଗୋଟିଏ ରୁଟ୍‌ର ମରାମତି କାର୍ଯ୍ୟ ଚାଲିଛି। ☞ପୃଷ୍ଠା-୨

# ପୁଣି ମାନବୀୟ ତ୍ରୁଟି

## ବାହାନଗା ଟ୍ରେନ୍ ଟ୍ରାଜେଡିର ପୁନରାବୃତ୍ତି

**ବିଶାଖାପାଟଣା,୩୦।୧୦ (ଆଇଏଏନ୍ଏସ୍)**

ଆନ୍ଧ୍ରପ୍ରଦେଶର ବିଜୟନଗରମ୍ ଜିଲାରେ ରବିବାର ଘଟିଥିବା ଟ୍ରେନ ଦୁର୍ଘଟଣା ୫ ମାସ ତଳର ବାଲେଶ୍ୱର ଜିଲା ବାହାନଗା ଟ୍ରେନ୍ ଟ୍ରାଜେଡିର ପ୍ରାୟ ପୁନରାବୃତ୍ତି ବୋଲି କୁହାଯାଉଛି। ରେଳ ଅଧିକାରୀମାନଙ୍କ କହିବାନୁଯାୟୀ, ମାନବୀୟ ତ୍ରୁଟି ଏହି ଦୁର୍ଘଟଣାର ସମ୍ଭାବ୍ୟ କାରଣ। ବିଶାଖାପାଟଣା- ରାୟଗଡ଼ା ପାସେଞ୍ଜର ଟ୍ରେନ୍ ସିଗ୍‌ନାଲ ଲଙ୍ଘନ କରିବା ଯୋଗୁ ଦୁର୍ଘଟଣା ଘଟିଥିବା ସେମାନେ କହିଛନ୍ତି।

ଗତ ଜୁନ୍ ୨ ତାରିଖରେ ଶାଲିମାର-ଚେନ୍ନାଇ ସେଣ୍ଟ୍ରାଲ କରମଣ୍ଡଳ ଏକ୍ସପ୍ରେସ୍ ବାହାନଗା ବଜାର ରେଳଷ୍ଟେଶନ ନିକଟ ମୁଖ୍ୟ ଲାଇନ୍ ବଦଳରେ ଲୁପ୍ ଲାଇନ୍‌ରେ ଆସିଯାଇଥିଲା। ଫଳରେ ଲୁପ୍ ଲାଇନ୍‌ରେ ଛିଡ଼ା ହୋଇଥିବା ☞ପୃଷ୍ଠା-୨

# ୭ ବର୍ଷର ଶିଶୁକୁ ଖାଇଗଲା ବାଘ

## ନୂଆପଡ଼ା ଜିଲାରେ ପୁଣି ବାଘ ଆତଙ୍କ

**ନୂଆପଡ଼ା,୩୦।୧୦(ମକାରୁ ବେମାଲ)**

ନୂଆପଡା ଜିଲାରେ କିଛି ମାସ ବ୍ୟବଧାନ ପରେ ପୁଣି ସୁନାବେଡ଼ା ଅଭୟାରଣ୍ୟ ଭିତରେ ଅବସ୍ଥିତ ଭରୁଆମୁଣ୍ଡା ପଞ୍ଚାୟତ କଟିଙ୍ଗପାଣି ଗାଁର ଗୌଧସ ପଡ଼ାରେ ବାଘ ଆତଙ୍କ ଦେଖାଦେଇଛି। ସୋମବାର ସନ୍ଧ୍ୟାରେ ଧରମବନ୍ଧା ଥାନା କଟିଙ୍ଗପାଣି ଗ୍ରାମର ଗୌଧସ ପଡାର ଜଣେ ୭ ବର୍ଷର ଶିଶୁକୁ ବାଘ ଖାଇଥିବା ପରିବାର ଏବଂ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ମୃତକ ହେଲେ ଗୌଧସ ପଡାର ହୁମନ ଧରୁଆଙ୍କ ପୁଅ ଡମ୍ବରୁ (୭)। ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

ମୁଣ୍ଡ ଗଡ଼ୁ







**ଆଜିର ମନ୍ତବ୍ୟ**

"ଦେଶରେ ବାରମ୍ବାର ଟ୍ରେନ୍ ଦୁର୍ଘଟଣା ଘଟିବା ଦୁର୍ଭାଗ୍ୟଜନକ। ଆନ୍ଧ୍ର ଟ୍ରେନ୍ ଟ୍ରାଜେଡିର ତୁରନ୍ତ ତଦନ୍ତ କରାଯାଉ।

– ମମତା ବାନାର୍ଜୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ତା' କଥା ତାକୁ ଜଣା,**
**ମିଛେ ବୋଲୁଥାଇ ମୋହର କିଣା।**

କାହା ଅନ୍ତର କଥା କେହି ବୁଝିପାରନ୍ତି ନାହିଁ। ଅନ୍ୟର ମନ ତଳର ଗହନ କଥା ବୁଝିବା ଅତ୍ୟନ୍ତ କଷ୍ଟକର ହୋଇଥାଏ। ତେଣୁ ମୁହଁରେ ଯିଏ ଯାହା କହେ, ସେହି କଥାକୁ ନିଜ ବୁଦ୍ଧିରେ ସତ କିମ୍ବା ମିଛ ବୋଲି ଧାରଣା କରିବା ହିଁ ଉଚିତ ହୋଇଥାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ତା' କଥା ତା'ଠେଇଁ ଥାଉ**
**ମୋ କଥା ମତେ ଫେରାଇ ଦେଉ।**

ଯିଏ ନିଜ ଜିଦି ବା କଥାରେ ଅଟଳ, ତା'ପ୍ରତି କୌଣସି ପରାମର୍ଶ ବା ଉପଦେଶ କାଟୁ କରେ ନାହିଁ। ଏପରି ଅବସ୍ଥାରେ ତା'ପାଖରୁ ମନେ ମନେ ଖସି ଆସିବା ହିଁ ଭଲ ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:




# ନୂଆ ରାଜ୍ୟପାଳଙ୍କୁ ସ୍ୱାଗତ, ଆଜି ଶପଥ

**ଭୁବନେଶ୍ୱର, ୩୦।୧୦(ଅସମାପିକା ସାହୁ)**

ଶପଥ ନେବାର ଦିନକ ପୂର୍ବରୁ ଓଡ଼ିଶାର ନୂଆ ରାଜ୍ୟପାଳ ରଘୁବର ଦାସ ସୋମବାର ଭୁବନେଶ୍ୱରସ୍ଥିତ ରାଜଭବନରେ ପହଞ୍ଚିଛନ୍ତି। ରାଜ୍ୟପାଳଙ୍କ ସମେତ ୧୦୦ରୁ ଅଧିକ ଅତିଥି ଆସିଛନ୍ତି। ରାଜଭବନଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ବାଚସ୍ପତି ପ୍ରମିଳା ମଲ୍ଲିକ ରାଜ୍ୟପାଳଙ୍କୁ ସ୍ୱାଗତ କରିଛନ୍ତି। ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା, ଡିଜି ସୁନିଲ କୁମାର ବଂଶଲ ମଧ୍ୟ ନୂଆ ରାଜ୍ୟପାଳଙ୍କୁ ସ୍ୱାଗତ କରିଥିଲେ। ରାଜଭବନରେ ସମସ୍ତଙ୍କୁ ଗାର୍ଡ ଅଫ୍ ଅନର ଦିଆଯାଇଥିଲା। ଝାଡ଼ଖଣ୍ଡରୁ ରାଜ୍ୟପାଳ ଦାସ ପୁରୁଷୋତ୍ତମ ଏକ୍ସପ୍ରେସ୍ ଯୋଗେ ସୋମବାର ସକାଳେ ପୁରୀରେ ପହଞ୍ଚିଥିଲେ। ସେ ପ୍ରଥମେ ପୁରୀ ରାଜଭବନରେ ପହଞ୍ଚି ମହୋଦଧିକୁ ଯାଇ ସୂର୍ଯ୍ୟୋଦୟ ଦେଖିଥିଲେ। ପରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିଥିଲେ। ଶ୍ରୀମନ୍ଦିରରୁ ବାହାରି ସ୍ଥାନୀୟ ରାଜଭବନକୁ ଫେରି ସେଠାରୁ ଭୁବନେଶ୍ୱର ଆସି ରାଜଭବନରେ ପହଞ୍ଚିଥିଲେ। ମଙ୍ଗଳବାର ସକାଳ ୮ଟା ୪୫ରେ ଲିଙ୍ଗରାଜଙ୍କ ଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି। ସେଠାରେ ପ୍ରାୟ ୧ଘଣ୍ଟା କାଳ ପୂଜାର୍ଚ୍ଚନା କରିବେ। ଏହାପରେ ପୂର୍ବାହ୍ନ ୧୧ଟା ୪୫ରେ ରାଜଭବନର ନୂଆ ହଲ୍‌ରେ ଓଡ଼ିଶାର ରାଜ୍ୟପାଳ ଭାବେ ଶପଥ ଗ୍ରହଣ କରିବେ। ଶପଥ ପାଠ ସମୟରେ ସିଧାପ୍ରସାରଣ କରାଯିବ ବୋଲି ରାଜଭବନ ପକ୍ଷରୁ ସୂଚନା ମିଳିଛି। ନୂଆ ରାଜ୍ୟପାଳଙ୍କୁ ପ୍ରୋଟୋକଲ ଅନୁଯାୟୀ ଜେଡ୍ ପ୍ଲସ୍ ସୁରକ୍ଷା ଯୋଗାଇ ଦିଆଯାଇଛି।

# ସୁଦର୍ଶନଙ୍କ ଦାରୁପୀଠକୁ ମିଳିଲା କୋଟିଏ



## ମୁଖ୍ୟମନ୍ତ୍ରୀ ଓ ଭି.କେ ପାଣ୍ଡିଆନ୍‌ଙ୍କୁ କୃତଜ୍ଞତା ଜଣାଇଲେ ଗ୍ରାମବାସୀ

**ବାଲକାଟୀ,୩୦।୧୦ (ମନୋଜ ମଣ୍ଡଳ)**

୨୦୧୫ ନବକଳେବରରେ ରାଜଧାନୀ ଉପକଣ୍ଠ ବାଲକାଟୀ ନିକଟସ୍ଥ ଗଡ଼କଣ୍ଟୁଣିଆ ଗ୍ରାମ ନିକଟରେ ଥିବା ଶ୍ରୀ ଶ୍ରୀ ସୁଦର୍ଶନଙ୍କ ଦାରୁ ଚିହ୍ନଟ ହୋଇଥିଲେ। ଏହି ଦାରୁ ଠାବ ପରେ ପୀଠସ୍ଥଳରେ ଏକ ଭବ୍ୟ ଜଗନ୍ନାଥ ମନ୍ଦିର ନିର୍ମାଣ କାର୍ଯ୍ୟ ଶ୍ରୀ ଶ୍ରୀ ପରଂବ୍ରହ୍ମ ଜଗନ୍ନାଥ ଟ୍ରଷ୍ଟ ଗଠନ କରାଯାଇ ସ୍ଥାନୀୟ ଜନସାଧାରଣଙ୍କ ସହାୟତାରେ ଜଗନ୍ନାଥ ମନ୍ଦିର ନିର୍ମାଣ ଚାଲିଛି। ଏବେ ମନ୍ଦିର ନିର୍ମାଣ ପାଇଁ ୧ କୋଟି ଟଙ୍କାର ସରକାରୀ ଅନୁଦାନ ମିଳିଛି, ଯାହାକୁ ନେଇ ସ୍ଥାନୀୟ ଗ୍ରାମବାସୀଙ୍କ ମହଲରେ ଖୁସିର ଲହରୀ ଖେଳିଯାଇଛି। ଏହି ଅବସରରେ ସୋମବାର ବାଲିଅନ୍ତା ବ୍ଲକ ଉମାଦେଇବ୍ରହ୍ମପୁର ଗ୍ରାମବାସୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫–ଟି ତଥା ମୋ ଓଡ଼ିଶା ନବୀନ ଓଡ଼ିଶା ଅଧ୍ୟକ୍ଷ ଭି.କେ. ପାଣ୍ଡିଆନ୍‌ଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ପଞ୍ଚାୟତର ଶତାଧିକ ଲୋକେ ସ୍ଥାନୀୟ ସରପଞ୍ଚ ରମାଲତା ନାୟକ ଓ ସମିତି ସଭ୍ୟ ରଞ୍ଜନ ମହାପାତ୍ରଙ୍କ ନେତୃତ୍ୱରେ ବାଲିଅନ୍ତା ବ୍ଲକ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ପହଞ୍ଚି ବିଡିଓ ପବିତ୍ର ସାମଲଙ୍କୁ ମୁକୁଟ, ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରି ସମ୍ମାନିତ କରିଥିଲେ। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ୍ ବିଧୁଭୂଷଣ ପଟ୍ଟନାୟକ, ରାମକୃଷ୍ଣ ଦାସ, ଚକ୍ରଧର ନାୟକ, ପ୍ରିୟବ୍ରତ ପାତ୍ର, ସହଦେବ ସ୍ୱାଇଁ. ବାମଦେବ ପରିଡ଼ା, ସତ୍ୟଭାମା ସ୍ୱାଇଁ, ଗୀତାଞ୍ଜଳି ଭୋଇଙ୍କ ସମେତ ଶତାଧିକ ପଞ୍ଚାୟତବାସୀ ସାମିଲ ଥିଲେ।

# ମହାପ୍ରଭୁଙ୍କୁ ଦର୍ଶନ କଲେ ନବନିଯୁକ୍ତ ରାଜ୍ୟପାଳ

- ଓଡ଼ିଶାର ବିକାଶ ପ୍ରଥମ ପ୍ରାଥମିକତା: ରଘୁବର ଦାସ
- ଓଡ଼ିଶାବାସୀଙ୍କ ପାଇଁ ୨୪ ଘଣ୍ଟା ରାଜଭବନ ଦ୍ୱାର ଖୋଲା ରହିବ

**ପୁରୀ, ୩୦।୧୦(ଅଜିତ୍ ମହାନ୍ତି)**

ଓଡ଼ିଶାର ନବନିଯୁକ୍ତ ରାଜ୍ୟପାଳ ରଘୁବର ଦାସ ଦାୟିତ୍ୱ ଗ୍ରହଣ କରିବା ପୂର୍ବରୁ ସୋମବାର ପୁରୀ ଆସି ମହାପ୍ରଭୁଙ୍କ ଦର୍ଶନ କରି ଆଶୀର୍ବାଦ ନେଇଛନ୍ତି। ମହାପ୍ରଭୁଙ୍କ ଆଶୀର୍ବାଦରୁ ଓଡ଼ିଶାବାସୀଙ୍କ ସେବା କରିବାର ସୁଯୋଗ ମିଳିଥିବା କହି ସେ ନିଜକୁ ଧନ୍ୟ ମନେକରିଛନ୍ତି। ସୋମବାର ଭୋର ୫.୦୫ରେ ପୁରୁଷୋତ୍ତମ ଏକ୍ସପ୍ରେସ ଯୋଗେ ସେ ନିଜ ପରିବାର ସଦସ୍ୟଙ୍କ ସହ ପୁରୀରେ ପହଞ୍ଚିଥିଲେ। ପୁରୀ ରେଳଷ୍ଟେଶନରେ ମନ୍ତ୍ରୀ ନିରଞ୍ଜନ ପୂଜାରୀ, ଜିଲାପାଳ ସମର୍ଥ ବର୍ମା ଏବଂ ଏସ୍‌ପି ଡ. କନୱର ବିଶାଲ ସିଂହ ତାଙ୍କୁ ସ୍ୱାଗତ କରିଥିଲେ। ଏହାପରେ ସେ ପୁରୀ ରାଜଭବନ ଯାଇ କିଛି ସମୟ ଅବସ୍ଥାନ କରିଥିଲେ। ପରେ ପୂର୍ବାହ୍ନ ପ୍ରାୟ ୧୧ଟାରେ କଡ଼ା ସୁରକ୍ଷା ମଧ୍ୟରେ ଶ୍ରୀମନ୍ଦିର ସିଂହଦ୍ୱାର ନିକଟରେ ପହଞ୍ଚିଥିଲେ। ପରିବାର ସହ ନବନିଯୁକ୍ତ ରାଜ୍ୟପାଳ ସେଠାରେ ପହଞ୍ଚିବା ପରେ ଶ୍ରୀମନ୍ଦିର ପ୍ରଶାସନ ଏବଂ ଜିଲା ପ୍ରଶାସନ ପକ୍ଷରୁ ତାଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା। ଜିଲାପାଳ ଏବଂ ଏସ୍‌ପିଙ୍କ ସମେତ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ, ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ, ପୁରୀ ବିଧାୟକ ଜୟନ୍ତ ଷଡ଼ଙ୍ଗୀ, ବ୍ରହ୍ମଗିରି ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ରାଜ୍ୟ ଭାଜପା ସଭାପତି ମନମୋହନ ସାମଲ, ରାଷ୍ଟ୍ରୀୟ ମୁଖପାତ୍ର ସମ୍ବିତ ପାତ୍ର ପ୍ରମୁଖ ତାଙ୍କୁ ସ୍ୱାଗତ କରି ପାଛୋଟି ନେଇଥିଲେ। ସେ ପରିବାର ସହ ବାଇଶିପାହାଚ ଦେଇ ଶ୍ରୀମନ୍ଦିରକୁ ଯାଇ ଚତୁର୍ଦ୍ଧାବିଗ୍ରହଙ୍କୁ ଦର୍ଶନ କରିଥିଲେ। ସେହିପରି ବାଳଭୋଗ ଆଳତି ଦେଖିବା ପରେ ପ୍ରସାଦ ସେବନ କରିଥିଲେ। ପରେ ମହାଲକ୍ଷ୍ମୀ ଓ ବିମଳାଙ୍କ ମନ୍ଦିରକୁ ଯାଇ ମା'ଙ୍କୁ ଦର୍ଶନ କରିଥିଲେ। ଭିତରବେଢ଼ାସ୍ଥିତ ପାର୍ଶ୍ୱଦେବଦେବୀଙ୍କ ଦର୍ଶନ ସାରି କିଛି ସମୟ ଶ୍ରୀମନ୍ଦିର ପରିସରରେ ଅତିବାହିତ କରିବା ପରେ ପ୍ରସ୍ଥାନ କରିଥିଲେ। ତାଙ୍କୁ ମହାପ୍ରଭୁଙ୍କ ଶ୍ରୀଅଙ୍ଗଲାଗି ଖଣ୍ଡୁଆ ଏବଂ ପତିତପାବନ ବାନା ସହ ମହାପ୍ରସାଦ ପ୍ରଦାନ କରାଯାଇଥିଲା।

ନବନିଯୁକ୍ତ ରାଜ୍ୟପାଳ କହିଥିଲେ, ମହାପ୍ରଭୁଙ୍କ ମାଟିରେ ଓଡ଼ିଶାବାସୀଙ୍କ ସେବା କରିବାକୁ ତାଙ୍କୁ ସୁଯୋଗ ମିଳିଥିବାରୁ ସେ ଭାଗ୍ୟବାନ। ଭଗବାନ ଶ୍ରୀକୃଷ୍ଣ ଓଡ଼ିଶାର ଏହି ପବିତ୍ର ଭୂମିରେ କେଉଁ ଆବାହନ କାଳରୁ ପ୍ରଭୁ ଜଗନ୍ନାଥ ଭାବେ ବିଦ୍ୟମାନ। ମହାପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ଗରିବଙ୍କ ଠାକୁର। ଓଡ଼ିଶାରେ ଥିବା ଗରିବ, ଶୋଷିତ, ନିଷ୍ପେଷିତ ଲୋକଙ୍କ ଉନ୍ନତି ହେଉ। ଓଡ଼ିଶା ଏବଂ ଭାରତବାସୀଙ୍କ ଉପରେ ମହାପ୍ରଭୁ ଆଶିଷ ଢାଳିବା ସହ କୃପାଦୃଷ୍ଟି ରଖନ୍ତୁ। ଆଧ୍ୟାତ୍ମିକ ଦେଶ ଭାରତ ବିଶ୍ୱଗୁରୁ ହେଉ ବୋଲି କାମନା କରିଥିବା ସେ ପ୍ରକାଶ କରିଛନ୍ତି। ସେହିପରି ଟ୍ରେନ ଦୁର୍ଘଟଣା ନେଇ ସେ ଗଭୀର ଦୁଃଖ ପ୍ରକାଶ କରିବା ସହ ଦୁର୍ଘଟଣାର ଶିକାର ହୋଇଥିବା ପରିବାର ଲୋକଙ୍କୁ ମହାପ୍ରଭୁ ଶକ୍ତି ପ୍ରଦାନ କରନ୍ତୁ ବୋଲି କହିଥିଲେ। ଓଡ଼ିଶାର ବିକାଶ ତାଙ୍କ ପାଇଁ ପ୍ରଥମ ପ୍ରାଥମିକତା ରହିବ। ସମ୍ବିଧାନର ସଂଘୀୟ ବ୍ୟବସ୍ଥା ଅନୁଯାୟୀ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ଗରିବ କଲ୍ୟାଣ ଯୋଜନାଗୁଡ଼ିକ କିପରି ଓଡ଼ିଶାବାସୀଙ୍କ ପାଖରେ ପହଞ୍ଚିବ ସେ ନେଇ ମହାସେବକ ଭାବେ ଓଡ଼ିଶାବାସୀଙ୍କ ନିକଟରେ କାର୍ଯ୍ୟ କରିବେ ବୋଲି ସେ କହିଛନ୍ତି। ଓଡ଼ିଶାବାସୀଙ୍କ ପାଇଁ ୨୪ ଘଣ୍ଟା ରାଜଭବନ ଦ୍ୱାର ଖୋଲା ରହିବ ବୋଲି ନବନିଯୁକ୍ତ ରାଜ୍ୟପାଳ କହିଛନ୍ତି। ସେ ଶ୍ରୀମନ୍ଦିର ପ୍ରଶାସନର ବ୍ୟବସ୍ଥାକୁ ପ୍ରଶଂସା କରିବା ସହ ସେବାୟତମାନଙ୍କଠାରୁ ଆଶୀର୍ବାଦ ନେଇଥିବା ସୂଚନା ଦେଇଥିଲେ।



ମହାପ୍ରଭୁଙ୍କ ଦର୍ଶନ ସାରି ନବନିଯୁକ୍ତ ରାଜ୍ୟପାଳ ରଘୁବର ଦାସ ଶ୍ରୀମନ୍ଦିରରୁ ଫେରୁଛନ୍ତି।

# ପିଏଚ୍‌ଓରେ ପୁଣି ସିବିଆଇ ଟିମ୍ ଯାଞ୍ଚ | ଗିରଫ ଡାକ୍ତରଙ୍କ ସହଯୋଗୀଙ୍କୁ ୩ ଘଣ୍ଟା ଜେରା

**ପାରାଦୀପ,୩୦।୧୦(ଶରତ ରାଉତ)**

ପାରାଦୀପ ମଧୁବନ ଭୂୟାଁ ଛକରେ ଥିବା ପିଏଚ୍‌ଓ (ପୋର୍ଟ ହେଲ୍‌ଥ ଅର୍ଗାନାଇଜେଶନ)ଅଫିସରେ ସୋମବାର ସନ୍ଧ୍ୟାରେ ପୁଣି ସିବିଆଇର ୩ ଜଣିଆ ଟିମ୍ ଯାଞ୍ଚ କରିଛି। ଏଥିସହ ଗିରଫ ଡାକ୍ତର ରାଜେନ୍ଦ୍ର ନାରାୟଣ ପାଣିଗ୍ରାହୀଙ୍କ ସହଯୋଗୀ ସନ୍ତୋଷ ସାହୁଙ୍କୁ ୩ ଘଣ୍ଟା ଜେରା କରିଛି। ତାଙ୍କ ପାଖରୁ କିଛି କାଗଜପତ୍ର ଓ କମ୍ପ୍ୟୁଟର ହାର୍ଡଡିସ୍କ ଆଦି ଜବତ କରାଯାଇଛି।

ସୂଚନାଯୋଗ୍ୟ, ଗତ ୧୨ ତାରିଖରେ ପିଏଚଓ ଡାକ୍ତର ପାଣିଗ୍ରାହୀ ଜଣେ ଏଜେଣ୍ଟ ଆଲୋକ ରାଉତଙ୍କଠାରୁ ୫୪ ହଜାର ଟଙ୍କା ଲାଞ୍ଚ ନେବାବେଳେ ସିବିଆଇ ଚଢ଼ାଉ କରିଥିଲା। ପରେ ତାଙ୍କ କ୍ୱାର୍ଟସ, କଟକ ଓ ବାଲେଶ୍ୱରସ୍ଥିତ ଘରେ ଚଢ଼ାଉ କରି ୧୭ ଲକ୍ଷ ଟଙ୍କା, ୨୦ ହଜାର ୫୫୮ ଡଲାର, ସୁନା ଗହଣା, ବିଦେଶୀ ମଦ, ସିଗାରେଟ, ସହ ଦାମୀ ସାମଗ୍ରୀ ଆଦି ଜବତ କରାଯାଇଥିଲା। ଏ ନେଇ ସିବିଆଇ ପକ୍ଷରୁ ୧୦/ଏ/୨୩ରେ ମାମଲା ରୁଜୁ ହୋଇଛି। ସମ୍ପୃକ୍ତ ଡାକ୍ତର ପାଣିଗ୍ରାହୀ ଏବେ ଝାରପଡା ଜେଲରେ ବିଚାରାଧୀନ କଏଦୀ ଥିବା ଜଣାପଡ଼ିଛି। ଡାକ୍ତର ପାଣିଗ୍ରାହୀ ସନ୍ତୋଷଙ୍କ ଜରିଆରେ ଏଜେଣ୍ଟମାନଙ୍କଠାରୁ ଲାଞ୍ଚ ନେଉଥିଲେ ବୋଲି ଅଭିଯୋଗକାରୀ ଆଲୋକ କହିଛନ୍ତି।

**ପ୍ରଥମ ପୃଷ୍ଠାରୁ...**

## ଦଳୀୟ ପାଣ୍ଠି...

ଦଳୀୟ ପ୍ରାର୍ଥୀମାନଙ୍କ ଆପରାଧିକ ପୃଷ୍ଠଭୂମି ସମ୍ପର୍କରେ ଜାଣିବା ଅଧିକାରକୁ ଦଳର ଆୟ ସ୍ରୋତ ଉପରେ ଜାଣିବା ଅଧିକାର ସହ ତୁଳନା କରାଯାଇପାରିବ ନାହିଁ। ଅନ୍ୟପକ୍ଷେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ପି. ଚିଦାମ୍ବରମ୍ କହିଛନ୍ତି, ଭାଜପା ବଡ଼ ବଡ଼ କର୍ପୋରେଟ୍ ହାଉସ୍‌ରୁ ଷଡ଼ଯନ୍ତ୍ର କରି ଗୋପନୀୟ ଭାବେ ପାଣ୍ଠି ସଂଗ୍ରହ କରିବାକୁ ଚାହୁଁଥିବା ନେଇ ନିଜ ଉଦ୍ଦେଶ୍ୟ ଜଣାଇଛି। ଏହାର ଜବାବରେ ଭାଜପା କହିଛି, ରାଜନୈତିକ ପାଣ୍ଠି ବ୍ୟବସ୍ଥାକୁ ଅଧିକ ସ୍ୱଚ୍ଛ ଓ ଗଣତାନ୍ତ୍ରିକ କରିବା ନେଇ ହେଉଥିବା ସବୁ ଉଦ୍ୟମକୁ କଂଗ୍ରେସ ଏପରି ଭାବେ ବିରୋଧ କରିଥାଏ।

ପ୍ରକାଶ ଯେ, ରାଜନୈତିକ ଦଳଗୁଡ଼ିକ ଦାନ ଆକାରରେ ପାଉଥିବା ପାଣ୍ଠିରେ ସ୍ୱଚ୍ଛତା ଆଣିବା ପାଇଁ ୨୦୧୮ ଜାନୁୟାରୀ ୨ରେ କେନ୍ଦ୍ର ସରକାର ଇଲେକ୍ଟୋରାଲ ବଣ୍ଡ୍ ସ୍କିମ୍ ଆଣିଥିଲେ। ସୁପ୍ରିମକୋର୍ଟ ୨୦୨୦ ଜାନୁୟାରୀ ୨୦ରେ ଏକ ଏନ୍‌ଜିଓର ଆବେଦନର ଶୁଣାଣି କରି ଇଲେକ୍ଟୋରାଲ ବଣ୍ଡ୍ ସ୍କିମ୍ ଉପରେ ଅନ୍ତରୀଣ ସ୍ଥଗିତାଦେଶ ଜାରି କରିବାକୁ ମନା କରିଦେଇଥିଲେ। ଏଥିସହ କେନ୍ଦ୍ର ସରକାର ଏବଂ ନିର୍ବାଚନ କମିଶନ (ଇସି)ଙ୍କୁ ଏହା ଉପରେ ଜବାବ ମାଗିଥିଲେ। ଦାନର ସ୍ୱଚ୍ଛତା ବଜାୟ ରଖିବା ପାଇଁ ଦାତାଙ୍କ ପରିଚୟ ଗୋପନ ରଖାଯିବା ଜରୁରୀ ବୋଲି କେନ୍ଦ୍ର ଏବଂ ଇସି ସେତେବେଳେ କହିଥିଲେ। ଏହା ପରେ ଯୋଜନାର ବୈଧତାକୁ କଂଗ୍ରେସ ନେତ୍ରୀ ଜୟା ଠାକୁର ଏବଂ ସିପିଆଇଏମ୍ ସମେତ ଆଉ ୨ ଜଣ ଆବେଦନକାରୀ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଛନ୍ତି। ୫ ଜଣିଆ ସାମ୍ବିଧାନିକ ପୀଠ ଅକ୍ଟୋବର ୩୧ରେ ଏହା ଉପରେ ଶୁଣାଣି ଆରମ୍ଭ କରିବେ। ପୀଠରେ ସିଜେଆଇ ଡି.ୱାଇ. ଚନ୍ଦ୍ରଚୂଡ଼ ଅଧ୍ୟକ୍ଷତା କରୁଥିବାବେଳେ ଜଷ୍ଟିସ୍ ସଞ୍ଜୀବ ଖାନ୍ନା, ବି.ଆର୍. ଗବାଇ, ଜେ.ବି. ପରଦିୱାଲା ଏବଂ ମନୋଜ ମିଶ୍ର ଏଥିରେ ସଦସ୍ୟ ରହିଛନ୍ତି।

## ମୃତ୍ୟୁସଂଖ୍ୟା ୧୩କୁ...

ସେହିଭଳି ରବିବାର ସନ୍ଧ୍ୟାଠାରୁ ଅଦ୍ୟାବଧି ମୋଟ ୪୭ଟି ଟ୍ରେନ୍‌କୁ ବାତିଲ କରାଯାଇଛି। କେତେକ ଟ୍ରେନ୍‌ର ରୁଟ୍ ପରିବର୍ତ୍ତନ କରାଯାଇ ଅନ୍ୟତ୍ର ଯାତ୍ରାର ସୁବିଧା କରାଯାଇଛି। ବିଶାଖାପାଟଣା–ରାୟଗଡ଼ା ପାସେଞ୍ଜର ଟ୍ରେନ୍ ରବିବାର ସନ୍ଧ୍ୟାରେ ବିଶାଖାପାଟଣା ଠାରୁ ମାତ୍ର ୩୪ କିମି ଦୂର ଆସିବା ପରେ କାଙ୍କଟାପଲ୍ଲୀଠାରେ କୌଣସି କାରଣବଶତଃ ଛିଡ଼ା ହୋଇଥିବା ବିଶାଖାପାଟଣା–ପଲାସା ଟ୍ରେନ୍‌କୁ ପଛପଟୁ ଧକ୍କା ଦେଇଥିଲା। ଟ୍ରେନ୍‌ରେ ରାୟଗଡ଼ା ଜିଲାର ବହୁ ଯାତ୍ରୀ ରାୟଗଡ଼ା ଫେରୁଥିଲେ ମଧ୍ୟ ଓଡ଼ିଶାର କୌଣସି ଯାତ୍ରୀଙ୍କ କିଛି କ୍ଷତି ହୋଇ ନ ଥିବା ଜଣାପଡ଼ିଛି। ବିଶାଖାପାଟଣା–ରାୟଗଡ଼ା ପାସେଞ୍ଜର ଟ୍ରେନ୍ ଲୋକୋ ପାଇଲଟ୍ ଏସ୍‌ଏମ୍‌ଏସ୍ ରାଓ, ବିଶାଖାପାଟଣା–ପଲାସା ଟ୍ରେନ୍‌ର ଗାର୍ଡ ଏମ୍ ଶ୍ରୀନିବାସଙ୍କ ସହ ୧୧ ଯାତ୍ରୀଙ୍କ ମୃତ୍ୟୁ ଘଟିଛି। ମୃତ ୨ ମହିଳା ହେଲେ ଶ୍ରୀକାକୁଲମ ଜିଲାର ଏସ.ପି.ରାମଚନ୍ଦ୍ରପୁରମ୍‌ର ଗିଡ଼ିଜାଲା ଲକ୍ଷ୍ମୀ ଏବଂ ମେଟାଭାଲସା ଗ୍ରାମର ତେଙ୍କଲା ସୁଗୁଣାମ୍ମା। ସେହିଭଳି ମୃତ ପୁରୁଷମାନେ ହେଲେ ବିଜୟନଗରମ ଜିଲାର ଗୋଡ଼ିକୋମ୍ମୁ ଗ୍ରାମର କାଞ୍ଚୁ ବାରାକି, କାପୁସାମ୍ଭମ୍ ଗ୍ରାମର କାରାନାମ ଆପଲନାଇଡୁ ଓ ପିଲ୍ଲା ନାଗାରାଜୁ, ବିଜୟନଗରମର ଚାଲା ସତିଶ, ବିଶାଖାପାଟଣାର ଏସ୍‌ଏମ୍‌ଏସ୍ ରାଓ, ବିଜୟନଗରମ୍ ଜିଲାର ଚିନ୍ତାଲା କ୍ରିଷ୍ଣମ୍, ଏମ.ଶ୍ରୀନିବାସ, ବିଜୟନଗରମ୍ ଜିଲାର ରେଡ୍ଡିପେଟା ଗ୍ରାମର ରେଡ୍ଡି ସୀତାମ ନାଇଡୁ ଓ ଗଦାବାଭାଲସା ଗ୍ରାମର ମାଝି ରାମୁ। ଆହତମାନେ ଏବେ ହସ୍ପିଟାଲରେ ଅଛନ୍ତି। ସେମାନଙ୍କ ମଧ୍ୟରୁ ୧୦ ଜଣଙ୍କର ଅବସ୍ଥା ଗୁରୁତର ଥିବା ଜଣାପଡ଼ିଛି।

## ପୁଣି ମାନବୀୟ...

ଏକ ମାଲବାହୀ ଟ୍ରେନ୍‌କୁ ପଛପଟୁ ଧକ୍କା ଦେଇ ଲାଇନ୍‌ଚ୍ୟୁତ ହୋଇଥିଲା। ଏହି ସମୟରେ ଆଉ ଏକ ଲାଇନ୍‌ରେ ଆସୁଥିବା ବେଙ୍ଗାଲୁରୁ–ହାଓଡା ସୁପରଫାଷ୍ଟ ଏକ୍ସପ୍ରେସର ପଛ କେତେକ ବଗି ସହ କରମଣ୍ଡଳ ଏକ୍ସପ୍ରେସ୍‌ର ଦୁର୍ଘଟଣାଗ୍ରସ୍ତ ବଗି ଧକ୍କା ଦେଇଥିଲା। ଫଳରେ ଉଭୟ ଯାତ୍ରୀବାହୀ ଟ୍ରେନର ୨୯୫ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ପ୍ରାୟ ୧ ହଜାର ଜଣ ଆହତ ହୋଇଥିଲେ। ସେତେବେଳେ ରେଳ ଅଧିକାରୀମାନେ କହିଥିଲେ, ଉତ୍ତର ସିଗ୍‌ନାଲ କ୍ୟାବିନ୍‌ରେ ସିଗ୍‌ନାଲିଂ–ସର୍କିଟ୍ ପରିବର୍ତ୍ତନରେ ତ୍ରୁଟି ଯୋଗୁ କରମଣ୍ଡଳ ଏକ୍ସପ୍ରେସ୍ ଲୁପ୍ ଲାଇନରେ ପ୍ରବେଶ କରି ମାଲବାହୀ ଟ୍ରେନ୍‌କୁ ଧକ୍କା ଦେଇଥିଲା।

ରବିବାରର ଘଟଣାକୁ ଦେଖିଲେ, ବିଶାଖାପାଟଣାଠାରୁ ପ୍ରାୟ ୩୪ କି.ମି. ଦୂର କାଣ୍ଟକାପଲ୍ଲୀଠାରେ ବିଶାଖାପାଟଣା–ପଲାସା ପାସେଞ୍ଜର (୦୮୫୩୨) ସିଗ୍‌ନାଲ ପାଇଁ ଅପେକ୍ଷା କରିଥିବାବେଳେ ବିଶାଖାପାଟଣା–ରାୟଗଡ଼ା ପାସେଞ୍ଜର (୦୮୫୦୪) ଧକ୍କା ଦେଇଥିଲା। ଫଳରେ ରାୟଗଡ଼ା ପାସେଞ୍ଜରର ଇଞ୍ଜିନ୍ (ଲୋକୋମୋଟିଭ) ଏବଂ ପଲାସା ପାସେଞ୍ଜରର ଗାର୍ଡ କୋଚ୍ ଗୁରୁତର ଭାବେ କ୍ଷତିଗ୍ରସ୍ତ ହୋଇଥିଲା। ଦୁର୍ଘଟଣା ଯୋଗୁ ରାୟଗଡ଼ା ପାସେଞ୍ଜରର କେତେକ ବଗି ଇଞ୍ଜିନ ଉପରେ ଚଢ଼ିଯାଇଥିଲା। ଏହାପରେ ସେହି ବଗିଗୁଡ଼ିକ ସଂଲଗ୍ନ ଅନ୍ୟ ଲାଇନ୍‌ରେ ଯାଉଥିବା ମାଲବାହୀ ଟ୍ରେନ ଉପରକୁ ଉଛୁଳି ପଡ଼ିଥିଲା। ପଲାସା ପାସେଞ୍ଜରର ମଧ୍ୟ ୨ଟି ବଗି ମାଲବାହୀ ଟ୍ରେନ ଉପରେ ଚଢ଼ିଯାଇଥିଲା। ଦୁଇ ପାସେଞ୍ଜରର ମୋଟ ୮ଟି ବଗି ଏବଂ ମାଲବାହୀ ଟ୍ରେନ ଏହି ଦୁର୍ଘଟଣାର ଶିକାର ହୋଇଥିବା ଜଣାପଡ଼ିଛି। ଦୁଇ ପାସେଞ୍ଜର ଟ୍ରେନରେ ପ୍ରାୟ ୧୪୦୦ ଜଣ ଯାତ୍ରା କରୁଥିଲେ। ଦୁର୍ଘଟଣାସ୍ଥଳ ବିଜୟନଗରମ୍–କୋଠଭାଲସା ରାଜପଥଠାରୁ ୫ କି.ମି. ଦୂରରେ ଥିବାରୁ ଆହତମାନଙ୍କୁ ଆମ୍ବୁଲାନ୍ସରେ ସ୍ଥାନାନ୍ତର କରିବାରେ ଉଦ୍ଧାରକାରୀଙ୍କ ପାଇଁ କଷ୍ଟକର ହୋଇପଡ଼ିଥିଲା। ଏହାସହ ରାତିର ଅନ୍ଧାର ମଧ୍ୟ ପୋଲିସ, ସ୍ଥାନୀୟ କର୍ତ୍ତୃପକ୍ଷ ଏବଂ ରେଳ କର୍ମଚାରୀମାନଙ୍କ ଉଦ୍ଧାର କାର୍ଯ୍ୟରେ ବାଧା ସୃଷ୍ଟି କରିଥିଲା।

ସୂଚନାଥାଉ କି, ଶ୍ରୀକାକୁଲମ ଜିଲାର ପଲାସା ଅଭିମୁଖେ ବିଶାଖାପାଟଣାରୁ ରବିବାର ଅପରାହ୍ନ ୫ଟା ୪୫ରେ ପାସେଞ୍ଜର ଟ୍ରେନ ବାହାରିଥିଲା। ଏହାର ୧୫ ମିନିଟ୍ ପରେ ସମାନ ଟ୍ରାକ୍‌ରେ ରାୟଗଡ଼ା ପାସେଞ୍ଜର ଛାଡ଼ିଥିଲା। ପ୍ରାୟ ଏକ ଘଣ୍ଟା ପରେ ପଛକୁ ପଛ ଯାଉଥିବା ଏହି ଦୁଇ ଟ୍ରେନ ମଧ୍ୟରେ ଦୁର୍ଘଟଣା ଘଟିଥିଲା।

## ୭ ବର୍ଷର ଶିଶୁକୁ...

ଏହି ଖବର ପ୍ରଚାରିତ ହେବା ପରେ ଅଞ୍ଚଳରେ ଭୟର ବାତାବରଣ ଖେଳିଯାଇଛି। ପ୍ରାପ୍ତ ସୂଚନା ଅନୁସାରେ, ସନ୍ଧ୍ୟାରେ ଡମ୍ବୁର ନିଜ ଘର ସମ୍ମୁଖରେ ଖେଳୁଥିଲେ। ଏହି ସମୟରେ ହଠାତ ଦୁଇଟି ବାଘ ପାଖ ଜଙ୍ଗଲରୁ ଆସି ଡମ୍ବୁରୁଙ୍କୁ ଝାମ୍ପି ନେଇଥିଲେ। ଏହା ଦେଖି ପରିବାର ଲୋକେ ଓ ଗ୍ରାମବାସୀ ହୋହଲା କରି ହାତରେ ଠେଙ୍ଗା, ବାଡ଼ି, କୁରାଡ଼ି ଓ ମାରଣାସ୍ତ୍ର ଧରି ବାଘକୁ ଜଙ୍ଗଲକୁ ଘଉଡାଇ ଶିଶୁକୁ ଉଦ୍ଧାର କରିଥିଲେ। ହେଲେ ଘଟଣାସ୍ଥଳରେ ହିଁ ଶିଶୁର ମୃତ୍ୟୁ ଘଟିଥିଲା। ଏବେ ବାଘ ଆତଙ୍କରେ ଲୋକେ ଭୟଭୀତ ହୋଇ ତାଟିକବାଟ ବନ୍ଦ କରି ଆତଙ୍କିତ ଅବସ୍ଥାରେ ଅଛନ୍ତି। ମୃତଦେହ ଆମ୍ବୁଲାନ୍ସ ଜରିଆରେ ନୂଆପଡା ହସ୍ପିଟାଲକୁ ଅଣାଯାଉଛି। ବନ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ଏଯାଏ ପହଞ୍ଚି ନ ଥିବା ଜଣାପଡ଼ିଛି।

ଉଲ୍ଲେଖଯୋଗ୍ୟଯେ,ଗତମାର୍ଚ୍ଚ୨୦ରେକୋମନାବ୍ଲକଅଧୀନସୁନାବେଡ଼ା ବନ୍ୟପ୍ରାଣୀ ଅଭୟାରଣ୍ୟ ଭିତରେ ଅବସ୍ଥିତ ସୋସେଙ୍ଗ ପଞ୍ଚାୟତ ଜଲମଡେଇ ଗାଁର ବୃଦ୍ଧା ସାନମତି ବାରିକ (୬୮)ଙ୍କୁ ବାଘ ଜଙ୍ଗଲକୁ ଟେକି ନେଇ ଖାଇଥିଲା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଧନଭାବସ୍ଥ ଚନ୍ଦ୍ର ହେତୁ ସ୍ୱେଚ୍ଛାକୃତ ଭାବରେ ଏକ ମହତ୍ତ୍ୱପୂର୍ଣ୍ଣ କାମରେ ଅର୍ଥ ବ୍ୟୟ କରିପାରନ୍ତି। ଅର୍ଥ ସମ୍ପର୍କକୁ ନେଇ ଭ୍ରାତୃବିବାଦ ଦେଖାଦେଇପାରେ। କେତେକ ପାରିବାରିକ ସମସ୍ୟାକୁ କେନ୍ଦ୍ରକରି ଅନ୍ତର୍ଦ୍ୱନ୍ଦ୍ୱ ସୃଷ୍ଟିର ସମ୍ଭାବନା। ଯେଉଁଥିପାଇଁ ଚିନ୍ତା କରୁଥିଲେ ଆଜି ସନ୍ଧ୍ୟାରେ ତାହା ପାଇବେ।

**ବୃଷ**
କୌଣସି ନୂତନ ଯୋଜନା କରିବା ସକାଶେ ମନ ବଳାଇବେ। ଶନିଙ୍କ ପ୍ରଭାବରୁ କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ସାମାନ୍ୟ ତିକ୍ତତା ସୃଷ୍ଟି ହୋଇପାରେ। ପାରିବାରିକ କ୍ଷେତ୍ରରେ କୌଣସି ଅଭାବ ନ ଥାଇ ମଧ୍ୟ ମନଟା ଭଲ ଲାଗିବ ନାହିଁ। ପରିବହନ,ପ୍ରଶାସନ ଓ ପ୍ରକାଶନ, ଆନୁଷ୍ଠାନିକ କାମ ସାମାନ୍ୟ ବ୍ୟତିକ୍ରମ ମଧ୍ୟରେ ସମ୍ପନ୍ନ ହେବ।

**ମିଥୁନ**
ବହୁ ଦିନରୁ ମନରେ ଚିନ୍ତା କରିଥିବା କାମଟିକୁ ଆଜି ସମ୍ପନ୍ନ କରିବେ। ରବିଙ୍କ ଦୁର୍ବଳତାରୁ ସାଧାରଣ ଯୁକ୍ତି ତର୍କ ହେତୁ ବନ୍ଧୁଙ୍କ ସହ ସୁସମ୍ପର୍କ ବ୍ୟାହତ ହୋଇପାରେ। ବନ୍ଧୁଙ୍କ ସାହାଯ୍ୟରୁ କୌଣସି ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବ୍ୟବସାୟ, ପ୍ରଶାସନ, କଳା, ସାହିତ୍ୟ ଚର୍ଚ୍ଚା, ସଙ୍ଗୀତ ଆସରରେ ଯୋଗଦେବାର ସୁଯୋଗ ପାଇବେ।

**କର୍କଟ**
ଆଜି ପରିବାର ଭିତରେ ସୌହାର୍ଦ୍ଦ୍ୟପୂର୍ଣ୍ଣ ସ୍ଥିତିରେ କାମ କରିବେ। ଦେବଦର୍ଶନ ଓ ଭ୍ରମଣ ସାଙ୍ଗକୁ କୌଣସି ନୂତନ ଜିନିଷ କିଣିବାକୁ ମନ ବଳାଇବେ। ବୁଧଙ୍କ ପ୍ରଭାବରେ ଭାଇଙ୍କ ଅଭାବ ଅସୁବିଧାକୁ କେନ୍ଦ୍ରକରି ମନ ସାମୟିକ ଅଶାନ୍ତ ରହିପାରେ। କର୍ମକ୍ଷେତ୍ରରେ ବନ୍ଧୁ ସୁବିଧାବାଦୀ ଗୁଣରେ ଶୋଷଣ କରିପାରନ୍ତି।

**ସିଂହ**
ଅଭାବନୀୟ ପରିସ୍ଥିତି ସାଙ୍ଗକୁ କେତେକ ଆକସ୍ମିକ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେବ। ଅଫିସ୍‌ରେ କିମ୍ବା କାମରେ ମନର ଭାବକୁ ପ୍ରକାଶ କରିବାରେ ପଛେଇ ଯିବେ। ପାରିବାରିକ ସମସ୍ୟାର ସମାଧାନ ହେତୁ ସାୟାହ୍ନରେ ଟେନ୍‌ସନ ଦୂରହେବ। ଶନିଙ୍କ କାରଣରୁ ପରୋକ୍ଷ ଶତ୍ରୁତା କରୁଥିବା ବ୍ୟକ୍ତିମାନେ ସମସ୍ୟା ସୃଷ୍ଟିକରିପାରନ୍ତି।

**କନ୍ୟା**
ଆଜି ସବୁ କାମ ଶୃଙ୍ଖଳିତ ରହିବାରେ ବନ୍ଧୁଙ୍କ ସାହାଯ୍ୟ ଅବିସ୍ମରଣୀୟ ରହିବ। ଅଷ୍ଟମସ୍ଥ ଗ୍ରହ ହେତୁ ସହଜ ଓ ସୁବିଧାରେ କାମ କରିବା ପାଇଁ ଅନୁକୂଳ ପରିବେଶ ସୃଷ୍ଟି ନ ହୋଇପାରେ। ଆତ୍ମୀୟମାନଙ୍କ ମଧ୍ୟ ସାହାଯ୍ୟ ସହଯୋଗର ଅଭାବ ରହିବ ନାହିଁ। କିନ୍ତୁ ପାରିବାରିକ କ୍ଷେତ୍ରରେ ଅନାଦର ପାଇପାରନ୍ତି।

**ତୁଳା**
ଯାହା ଆଜି ପର୍ଯ୍ୟନ୍ତ ଖୋଜି ଖୋଜି ପାଉ ନ ଥିଲେ ଆଜି ତାହା ଆକସ୍ମିକ ଭାବରେ ପାଇବେ। ବୃହସ୍ପତିଙ୍କ ପ୍ରଭାବରେ ଶତ୍ରୁତା କରୁଥିବା ଲୋକଠାରୁ ମଧ୍ୟ କାମ ହାସଲ କରିନେବେ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ବିବାଦ ବୃଦ୍ଧି ହୋଇପାରେ। ଆଲୋଚନା କ୍ଷେତ୍ରରେ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ।

**ବିଛା**
ଆଜିର ଯାତ୍ରା ମଙ୍ଗଳମୟ ହେବ ଓ ଲକ୍ଷ୍ୟ ହାସଲରେ କୌଣସି ଅସୁବିଧା ହେବ ନାହିଁ। ପରିବହନ, ବ୍ୟବସାୟ ଓ ବାଣିଜ୍ୟରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ। ମଙ୍ଗଳଜନିତ ପରୋକ୍ଷ ଭାବେ ଶତ୍ରୁମାନେ ସମସ୍ୟା ସୃଷ୍ଟି କରିବା ସକାଶେ ଯୋଜନା କରିବେ। ପରିବହନ କ୍ଷେତ୍ରରେ ଲାଭ କମ୍ ମିଳିଲେ ମଧ୍ୟ ଆଗାମୀ କ୍ଷେତ୍ର ପ୍ରସ୍ତୁତ ହୋଇରହିବ।

**ଧନୁ**
ବନ୍ଧୁଙ୍କ ସହ ଭ୍ରମଣ, କ୍ରୀଡ଼ା ଓ ମନୋରଞ୍ଜନରେ ମଜ୍ଜି ରହିବେ। ଶନିଙ୍କ ଶୁଭତ୍ୱ କାରଣରୁ ଏକ ଆଧ୍ୟାତ୍ମିକ ପରିବେଶରେ ସତ୍‌ସଙ୍ଗୀଙ୍କ ସାନ୍ନିଧ୍ୟରେ ସମୟ କଟିବ। ଆନୁଷ୍ଠାନିକ କାମରେ କିମ୍ବା ସଭାସମିତିରେ ସମ୍ମାନ ଲାଭ କରିବେ। ପିଲାମାନଙ୍କ ସଫଳତାରେ ଆନନ୍ଦ ଅନୁଭବ କରିପାରନ୍ତି। ଯାନ୍ତ୍ରିକ ତ୍ରୁଟି ଅସୁବିଧାରେ ପକାଇପାରେ।

**ମକର**
ପାରିବାରିକ ସ୍ତରରେ ଭୁଲ୍ ବୁଝାମଣା କାରଣରୁ ମାନସିକ ସ୍ଥିତି ଭଲ ରହିବ ନାହିଁ। ରାଜଯୋଗ କାରଣରୁ ଚେଷ୍ଟା ସଫଳ ହେବାରେ ଜଣେ ପୁରାତନ ବନ୍ଧୁ ସାହାଯ୍ୟ କରିବେ। କର୍ମକ୍ଷେତ୍ରରେ ହଠାତ୍ କୌଣସି ଘଟଣା ମନକୁ ବିବ୍ରତ କରିପାରେ। ନିଜର ଅନ୍ତରଙ୍ଗ ବନ୍ଧୁଙ୍କ ବ୍ୟବହାରରେ ଅସନ୍ତୋଷ ପ୍ରକାଶକରି ଦୁଃଖ ପ୍ରକାଶ କରିପାରନ୍ତି।

**କୁମ୍ଭ**
ଆଜି ଆପଣ ଏକାଧାରରେ ଅର୍ଥ, ସମ୍ମାନ ଓ ପ୍ରଶଂସା ପାଇ ଉଲ୍ଲସିତ ହେବେ। ପାପଗ୍ରସ୍ତ ଗୁରୁ ଯୋଗୁ କେତେକ କ୍ଷେତ୍ରରେ ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ। ସଙ୍ଗୀତ ଓ କଳା ସାହିତ୍ୟରେ ସମସ୍ୟା ସମାଧାନ ହୋଇଯିବ। ପରିବହନ, ଯାନ୍ତ୍ରିକ ଶିଳ୍ପ, ଅଳଙ୍କାର ଦୋକାନୀ ବିଶେଷ ଉପକୃତ ହେବେ।

**ମୀନ**
କିଛି ଅସୁବିଧା ନ ଥିଲେ ମଧ୍ୟ ଅନ୍ୟମାନଙ୍କ ଅସୁବିଧାକୁ ନେଇ ମନ ଉଦ୍‌ବେଗ ରହିବ। ବିଭିନ୍ନ ଯୋଜନା କରି ପରିସ୍ଥିତିକୁ ସୁଧାରିନେବାର ପ୍ରଯତ୍ନକରି ପାରନ୍ତି। ବୃହସ୍ପତିଙ୍କ ଦୋଷରୁ କର୍ମକ୍ଷେତ୍ରରେ ଛୋଟ ଛୋଟ କାମ ହାତକୁ ନେଲେ ଦ୍ୱନ୍ଦ୍ୱରେ ପଡ଼ିପାରନ୍ତି। ଆନୁଷ୍ଠାନିକ କ୍ଷେତ୍ରରେ ପରିସ୍ଥିତିକୁ ଜଟିଳ ମନେକରୁଥିବେ, ବାସ୍ତବରେ ସେପରି ହେବନାହିଁ।

ଆଜି କାର୍ତ୍ତିକ କୃଷ୍ଣ ତୃତୀୟା ମଙ୍ଗଳବାର, ଅକ୍ଟୋବର ୩୧ ତାରିଖ, ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ତିରୋଧାନ ଦିବସ, ରାଷ୍ଟ୍ରୀୟ ଏକତା ଦିବସ, ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀ। ରାଶି ନକ୍ଷତ୍ର–ରୋହିଣୀ/ବୃଷ, ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ. ୦୫।୫୦ ଗତେ, ଘ.୦୬।୩୬ ମଧ୍ୟେ, ଘ.୦୮।୪୦ ଗତେ, ଘ.୧୧।୦୭ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୨।୧୯ ଗତେ, ଘ.୦୩।୪୪ ମଧ୍ୟେ ରାହୁକାଳ।

# ଟେଲିମେଡିସିନ ସେବା ନମ୍ବର ଅଚଳ

## କଟକ ଡାକ୍ତରଖାନା




**କଟକ,୩୦।୧୦(ଶିଲ୍ପା ପ୍ରିୟଦର୍ଶିନୀ)**

ଲୋକମାନଙ୍କ ହାତପାହାନ୍ତାରେ ଚିକିତ୍ସା ସେବା ଯୋଗାଇବା ଉଦ୍ଦେଶ୍ୟରେ ରହିଛି ଟେଲି ମେଡିସିନ ସେବା। ଫୋନ୍ କରି ରୋଗୀ କିମ୍ବା ସେମାନଙ୍କ ସମ୍ପର୍କୀୟ ବିଶେଷଜ୍ଞ ଡାକ୍ତରଙ୍କଠାରୁ ପରାମର୍ଶ ଗ୍ରହଣ କରିଥାଆନ୍ତି। ହେଲେ କଟକ ଏସ୍‌ସିବି ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲରେ ଏହି ଟେଲିମେଡିସିନ ସେବା ଏବେ ଠିକ୍‌ରେ କାମ କରୁନାହିଁ। ଏଠାରେ ଟେଲିମେଡିସିନ୍ ସେବା ପାଇଁ ଜାରି ହୋଇଥିବା ୨ଟି ଫୋନ୍ ନମ୍ବର ୭୬୫୫୦୫୧୬୦୪ ଏବଂ ୭୬୫୫୦୫୧୬୦୫ କାର୍ଯ୍ୟକ୍ଷମ ନାହିଁ। ଫୋନ୍ କଲେ ଇନ୍‌କମିଂ କଲ ଉପଲବ୍ଧ ନ ଥିବା ଶୁଣିବାକୁ ମିଳୁଛି। ଫଳରେ ଲୋକଙ୍କ ସେବା ପାଇଁ ଆରମ୍ଭ କରାଯାଇଥିବା ଏହି ବ୍ୟବସ୍ଥା ଏସ୍‌ସିବି ଭଳି ବଡ଼ ହସ୍ପିଟାଲ୍‌ରେ ଅଚଳ ହୋଇପଡ଼ିଛି। ଅପରପକ୍ଷରେ ଏହି ନମ୍ବର କାମ କରୁ ନ ଥିବା ସମ୍ପର୍କରେ ମେଡିକାଲ କର୍ତ୍ତୃପକ୍ଷଙ୍କ ନିକଟରେ ଖବର ନ ଥିବା କୁହାଯାଉଛି। ଏନେଇ ମେଡିକାଲର ବରିଷ୍ଠ ଅଧିକାରୀଙ୍କୁ ପଚାରିଲେ କୌଣସି ସନ୍ତୋଷଜନକ ଉତ୍ତର ମିଳୁ ନାହିଁ।

ସୂଚନାନୁଯାୟୀ, ୨୪ ଘଣ୍ଟିଆ ଟେଲିମେଡିସିନ ସେବା ଦ୍ୱାରା ବିଭିନ୍ନ ଜିଲାର ରୋଗୀମାନେ ଯେକୌଣସି ସମୟରେ ଡାକ୍ତରଙ୍କ ପରାମର୍ଶ ନେଇପାରନ୍ତି। ଏହାଦ୍ୱାରା ଫୋନ୍ ମାଧ୍ୟମରେ ରୋଗୀ ସହଜରେ ନିଜର ସ୍ୱାସ୍ଥ୍ୟସେବା ସମସ୍ୟା ସମ୍ପର୍କରେ ଜଣାଇପାରନ୍ତି। ଡାକ୍ତର ରୋଗୀଙ୍କ ସମସ୍ୟା ସମ୍ପର୍କରେ ଜାଣିବା ପରେ ଏହାର ଉପଶମ ଲାଗି ଔଷଧର ପରାମର୍ଶ ଦିଅନ୍ତି। ଏସ୍‌ସିବି ମେଡିକାଲରେ ୨୦୨୦ ଏପ୍ରିଲରେ ଏହି ସେବା ଆରମ୍ଭ ହୋଇଥିଲା। ଏଥିପାଇଁ ୨ଟି ନମ୍ବର ମଧ୍ୟ ଜାରି କରାଯାଇଥିଲା। କୋଭିଡ୍ ମହାମାରୀ ସମୟରେ ଏହି ସେବା ଆରମ୍ଭ ହୋଇଥିବାରୁ ଏହା ବେଶ୍ ଫଳପ୍ରଦ ହୋଇଥିଲା। ଏପରି କି କୌଣସି ସ୍ୱାସ୍ଥ୍ୟ ସମସ୍ୟା ଯଥା ସାମାନ୍ୟ ଥଣ୍ଡା, ଜ୍ୱର, କାଶ, ପେଟ ଯନ୍ତ୍ରଣା, ବାନ୍ତି ଆଦି ହେଲେ ରୋଗୀ ଏହି ଟେଲିମେଡିସିନ ସେବା ଦ୍ୱାରା ଯୋଗାଯୋଗ କରିପାରୁଥିଲେ। ସେହି ସମୟରେ ମେଡିକାଲ୍‌ରେ ରୋଗୀଙ୍କ ସଂଖ୍ୟା ହ୍ରାସ କରିବା ଓ ଗହଳି କମାଇବା ଲାଗି ଟେଲିମେଡିସିନର ସହଯୋଗ ନେବାକୁ ମେଡିକାଲ କର୍ତ୍ତୃପକ୍ଷ ପରାମର୍ଶ ଦେଉଥିଲେ। ହେଲେ ୨୦୨୨ ଏପ୍ରିଲ, ମେ ଏବଂ ଜୁନ୍‌ରେ ଏହି ସେବା ବନ୍ଦ ହୋଇଯାଇଥିଲା। ଫଳରେ ଲୋକମାନେ ଫୋନ୍ ଯୋଗେ ଡାକ୍ତରଙ୍କ ପରାମର୍ଶ ନେଇ ପାରି ନ ଥିଲେ। ତେବେ ଗତ ଡିସେମ୍ବରରେ ଏହାକୁ ପୁନଃ କାର୍ଯ୍ୟକ୍ଷମ କରାଯାଇଥିଲା। ଏସ୍‌ସିବି ମେଡିକାଲର ଟେଲିମେଡିସିନ ସେବା ପାଇଁ ଫୋନ ଉଠାଇବା ଲାଗି ୧୦ଜଣ କର୍ମଚାରୀଙ୍କୁ ସ୍ୱତନ୍ତ୍ର ନିଯୁକ୍ତି ମିଳିଛି। ରୋଗୀଙ୍କ ଫୋନ ଆସିବା ମାତ୍ରେ ସେମାନେ ରୋଗୀଙ୍କ ନାମ, ଠିକଣା ଓ ରୋଗ ସମ୍ପର୍କରେ ପଚାରି ବୁଝିବେ। ରେଜିଷ୍ଟରରେ ସେମାନଙ୍କ ତଥ୍ୟ ଟିପି ରଖିବେ। ତା'ପରେ ଡାକ୍ତରଙ୍କ ନିକଟକୁ ରୋଗୀଙ୍କ ଫୋନ୍ କଲ୍ ଫରୱାର୍ଡ କରିବେ। ରୋଗୀ ଡାକ୍ତରଙ୍କ ସହ କଥାବାର୍ତ୍ତା ହୋଇ ରୋଗର ଉପଶମ ଲାଗି ପରାମର୍ଶ ଗ୍ରହଣ କରିଥାନ୍ତି। ହେଲେ ଏହି ସେବା ଏବେ ଉପଲବ୍ଧ ନ ଥିବାରୁ ରୋଗୀ ଓ ସମ୍ପର୍କୀୟ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ଏନେଇ ଏସ୍‌ସିବି ମେଡିକାଲକୁ ବ୍ରହ୍ମପୁରରୁ ଆସିଥିବା ପଣ୍ଡା ପ୍ରଧାନ କହନ୍ତି, ଭାଇର ଜଣ୍ଡିସ ଯୋଗୁଁ ସପ୍ତାହ ହେବ ଏଠାରେ ଅଛି। ପ୍ରଥମେ ଟେଲିମେଡିସିନ ଯୋଗେ ଜାରି କରାଯାଇଥିବା ନମ୍ବରରେ ଯୋଗାଯୋଗ କରିଥିଲି, ହେଲେ ନମ୍ବରରେ ଯୋଗାଯୋଗ ହୋଇ ପାରି ନ ଥିଲା। ବହୁ ଚେଷ୍ଟା କରିବା ପରେ ଏସ୍‌ସିବି ମେଡିକାଲ ଆସିଛି। ଏହି ଟେଲିମେଡିସିନ ସେବାରେ ଜାରି କରାଯାଇଥିବା ନମ୍ବରକୁ ଯାଞ୍ଚ କରାଯାଉ ଏବଂ ଏହାକୁ ତୁରନ୍ତ ସେବାରେ ଉପଯୋଗୀ କରାଯାଇପାରିଲେ ବହୁ ଲୋକ ଉପକୃତ ହୋଇପାରିବେ। ସେହିପରି ମୟୂରଭଞ୍ଜରୁ ଏସ୍‌ସିବିକୁ ଆସିଥିବା ଯତିନ୍ ନାୟକ କହିଛନ୍ତି, ଏଠାରେ ଟେଲିମେଡିସିନ ସେବା ସୁବିଧା ରହିଛି, ହେଲେ ଯୋଗାଯୋଗ କଲେ ନମ୍ବର ଲାଗୁ ନାହିଁ। ଏହି ସେବା ଯୋଗୁ ବହୁ ରୋଗୀ ଓ ସମ୍ପର୍କୀୟ ଉପକୃତ ହୋଇଥାନ୍ତି। ଏହାକୁ କାର୍ଯ୍ୟକାରୀ କରିବା ନିହାତି ଆବଶ୍ୟକ ବୋଲି ସେ କହିଛନ୍ତି। ଏନେଇ ମେଡିକାଲ ଜରୁରିକାଳୀନ ଅଧିକାରୀଙ୍କୁ ଯୋଗାଯୋଗ କରାଯାଇଥିଲେ ସୁଦ୍ଧା କୌଣସି ମତାମତ ମିଳିପାରି ନ ଥିବାବେଳେ ଟେଲିମେଡିସିନ୍ ସେବା ଦାୟିତ୍ୱରେ ଥିବା ଅଧିକାରୀ ଏସ୍.ଏନ୍. ରାଉତରାୟ ମଧ୍ୟ ଏନେଇ କୌଣସି ମତ ଦେଇନାହାନ୍ତି।

# 'ନୂଆ ଦୁର୍ନୀତିମୁକ୍ତ ଓଡ଼ିଶା ଗଠନରେ ସହଯୋଗ କର'




ରାଜ୍ୟସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଜିଲାନ୍ସ ଡାଇରେକ୍ଟର ୱାଇ.କେ. ଜେଠୱାଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

## ଦୁର୍ନୀତି ନିବାରଣ ସଚେତନତା ସପ୍ତାହ

**ଭୁବନେଶ୍ୱର, ୩୦।୧୦(ଅନିଲଦାସ)**

ଚଳିତବର୍ଷ ଅକ୍ଟୋବର ୩୦ରୁ ନଭେମ୍ବର ୫ ଯାଏ ରାଜ୍ୟରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ କରାଯାଉଛି। ଚଳିତ ବର୍ଷର ବାର୍ତ୍ତା ରହିଛି 'କୁହ ଦୁର୍ନୀତିକୁ ନାଁ, ଜାତି ପ୍ରତି ରୁହ ପ୍ରତିଶ୍ରୁତିବଦ୍ଧ'। ଏହି ଉପଲକ୍ଷେ ଲୋକସେବା ଭବନ କନ୍‌ଭେନସନ ହଲ୍‌ଠାରେ ସୋମବାର ଆୟୋଜିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନର ଶୁଭାରମ୍ଭ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ପ୍ରତ୍ୟେକ ଜିଲା ଓ ବ୍ଲକ ମୁଖ୍ୟାଳୟକୁ ଓଡ଼ିଶା ଷ୍ଟେଟ ୱାଇଡ୍ ନେଟୱର୍କ(ଓସ୍ୱାନ) ସହିତ ଯୋଡ଼ିବା ସହିତ ଏହାକୁ ଓଡ଼ିଶା ସୂଚନା ଓ ଲୋକସମ୍ପର୍କ ବିଭାଗ ଦ୍ୱାରା ଟେଲିକାଷ୍ଟ କରିବା ବ୍ୟବସ୍ଥା ହୋଇଛି। ଏହି କାର୍ଯ୍ୟକ୍ରମରେ ଜନସାଧାରଣ, ସ୍କୁଲ ଓ କଲେଜର ଛାତ୍ରୀଛାତ୍ର, ସ୍ୱୟଂ ସହାୟକ ସଙ୍ଗଠନର ସଦସ୍ୟ, ପଞ୍ଚାୟତ, ଆଶାକର୍ମୀ ଓ ଅଙ୍ଗନୱାଡି କର୍ମୀଙ୍କୁ ସାମିଲ କରାଯାଇଛି। ଏହାଦ୍ୱାରା ପ୍ରତ୍ୟେକ ସ୍ତରରେ ଦୁର୍ନୀତିମୁକ୍ତ ସମାଜ ଗଠନ ଦିଗରେ ସଚେତନତାକୁ ଅଧିକ ସୁଦୃଢ଼ କରାଯାଇପାରିବ। ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ ରିପୋର୍ଟ ଅନୁଯାୟୀ ଦୁର୍ନୀତି ବିରୋଧରେ ଉତ୍ତମ କାର୍ଯ୍ୟ କରୁଥିବାରୁ ଦେଶର ପ୍ରଥମ ୧୦ଟି ଦୁର୍ନୀତି ନିବାରଣ ସଂସ୍ଥା ମଧ୍ୟରେ ଓଡ଼ିଶା ସ୍ଥାନ ପାଇଥିବାରୁ ମୁଖ୍ୟମନ୍ତ୍ରୀ ଭିଜିଲାନ୍ସ ବିଭାଗକୁ ଅଭିନନ୍ଦନ ଜଣାଇଛନ୍ତି। ଏଥିସହିତ ଦୁର୍ନୀତି ନିବାରଣ ସଂସ୍ଥା ଚଳିତବର୍ଷ ଅନେକ ଦୁର୍ନୀତିଗ୍ରସ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଆୟବହିର୍ଭୂତ ସମ୍ପତ୍ତି ଜବତ କରିଥିବାରୁ ମୁଖ୍ୟମନ୍ତ୍ରୀ ଖୁସି ବ୍ୟକ୍ତ କରିଛନ୍ତି। ଏଥିସହିତ ମନିଲଣ୍ଡରିଂ, ବେନାମୀ କାରବାର, ଡିଜିଟାଲ କାରବାର ମାଧ୍ୟମରେ ହେଉଥିବା ଦୁର୍ନୀତିକୁ ରୋକିବା ପାଇଁ ନୂତନ ଜ୍ଞାନକୌଶଳର ଉପଯୋଗ କରିବାକୁ ମୁଖ୍ୟମନ୍ତ୍ରୀ ଭିଜିଲାନ୍ସ ବିଭାଗକୁ ପରାମର୍ଶ ଦେଇଛନ୍ତି। ପ୍ରଶାସନକୁ ସ୍ୱଚ୍ଛ ଏବଂ ଦୁର୍ନୀତିମୁକ୍ତ କରିବାକୁ ରାଜ୍ୟ ସରକାର ୫-ଟି ବ୍ୟବସ୍ଥା କାର୍ଯ୍ୟକାରୀ କରିଛନ୍ତି। ନୂତନ ସଶକ୍ତ ଓଡ଼ିଶା ଏବଂ ଦୁର୍ନୀତିମୁକ୍ତ ଓଡ଼ିଶା ଗଠନ ଦିଗରେ ସହଯୋଗ କରିବାକୁ ମୁଖ୍ୟମନ୍ତ୍ରୀ ଜନସାଧାରଣଙ୍କୁ ନିବେଦନ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କମ୍ପ୍ୟୁଟର ଆଧାରିତ ଇନ୍‌ଭେଷ୍ଟିଗେଶନ ଆଣ୍ଡ ପ୍ରସିକ୍ୟୁଶନ ସିଷ୍ଟମ, ଦୁର୍ନୀତିନିବାରଣ ବିଭାଗର ବାଲେଶ୍ୱର ଓ ରାଉରକେଲା ଡିଭିଜନ ନୂଆ ବିଲ୍ଡିଂର ଶୁଭାରମ୍ଭ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ ଭି.କେ.ପାଣ୍ଡିଆନ ଉପସ୍ଥିତ ଥିଲେ।

ଏହି ଅବସରରେ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା କହିଛନ୍ତି ଯେ, ଜନସାଧାରଣଙ୍କ ଜୀବନରେ ସାଧୁତା ଓ ସ୍ୱଚ୍ଛତା ହେଉଛି ଆମ ରାଜ୍ୟ ନୀତିର ମୁଖ୍ୟ ସ୍ତମ୍ଭ। ଦୁର୍ନୀତି ବିରୋଧ ଲଢେଇରେ ଓଡ଼ିଶା ସର୍ବଦା ଆଗରେ ରହିଆସିଛି ବୋଲି ସେ କହିଛନ୍ତି। ଭିଜିଲାନ୍ସ ଡାଇରେକ୍ଟର ୱାଇ.କେ. ଜେଠୱା ସ୍ୱାଗତ ଭାଷଣ ଦେଇଥିବା ବେଳେ ଆଇଜି ଭିଜିଲାନ୍ସ ସଞ୍ଜୟ କୁମାର ଧନ୍ୟବାଦ ଦେଇଛନ୍ତି।

# ସାବତମା' ମାଡ଼ରେ ଝିଅ, ପୁଅ ଗୁରୁତର

## ଆଠଗଡ଼ ଚିକିତ୍ସାଳୟରେ ଭର୍ତ୍ତି

**ଆଠଗଡ଼,୩୦।୧୦ (ସତ୍ୟ ପ୍ରସାଦ ରଥ)**



ମାଡ଼ରେ ଗୁରୁତର ହୋଇଥିବା ଭଉଣୀ, ଭାଇ।

କଟକ ଜିଲା ଆଠଗଡ଼ରେ ସାବତମା' ମାଡ଼ରେ ପୁଅ, ଝିଅ ଗୁରୁତର ହୋଇଛନ୍ତି। ସ୍ଥାନୀୟ ଲୋକଙ୍କ ସହଯୋଗରେ ଉଭୟ ଭାଇ,ଭଉଣୀଙ୍କୁ ଆଠଗଡ଼ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଖବରପାଇ ପୋଲିସ ସାବତମା'ଙ୍କୁ ନେଇ ଆଠଗଡ଼ ଥାନାରେ ଅଟକ ରଖିଛି।

୪ ବର୍ଷ ପୂର୍ବେ ବାଙ୍କୀ ଥାନା ଅନ୍ତର୍ଗତ ପାଥପୁର ଅଞ୍ଚଳର ଜଣେ ବ୍ୟକ୍ତି ସମ୍ପୃକ୍ତା ମହିଳାଙ୍କୁ ଦ୍ୱିତୀୟ ବିବାହ କରିଥିଲେ। ପ୍ରଥମ ସ୍ତ୍ରୀଙ୍କ ଗର୍ଭରୁ ଗୋଟିଏ ଲେଖାଏଁ ପୁଅ(୧୩) ଓ ଝିଅ(୧୦) ଥିବାବେଳେ ଦ୍ୱିତୀୟ ସ୍ତ୍ରୀଙ୍କ ଏକ କନ୍ୟା ସନ୍ତାନ(୨) ଅଛି। ସମ୍ପୃକ୍ତ ବ୍ୟକ୍ତିଙ୍କ ପ୍ରଥମ ବିବାହ ବିଚ୍ଛେଦ ପାଇଁ କୋର୍ଟରେ ମାମଲା ବିଚାରାଧୀନ ରହିଛି। ପ୍ରଥମ ସ୍ତ୍ରୀ ଏବେ ତାଙ୍କ ବାପଘରେ ରହୁଛନ୍ତି। ଅଭିଯୁକ୍ତା ମହିଳା ସ୍ୱାମୀଙ୍କ ସହ ଆଠଗଡ଼ ଏନ୍‌ଏସି ଉପକଣ୍ଠ ଷୋଳଘରିଆ ନିକଟରେ କିଛି ଦିନ ହେବ ଏକ ଭଡ଼ାଘରେ ରହୁଥିଲେ। ସେମାନଙ୍କ ପାଖରେ ପ୍ରଥମ ସ୍ତ୍ରୀଙ୍କ ପିଲା ଦୁହେଁ ରୁହନ୍ତି। ସମ୍ପୃକ୍ତ ବ୍ୟକ୍ତି ଗାଡି ଚାଳକ ଭାବେ କାମ କରନ୍ତି। ସୋମବାର ସେ ଏକ ବୋଲେରୋ ଗାଡ଼ିର ମରାମତି ପାଇଁ ଯାଇଥିଲେ। ଏହି ସମୟରେ ଅଭିଯୁକ୍ତା ମହିଳା ସ୍ୱାମୀଙ୍କ ପ୍ରଥମ ସ୍ତ୍ରୀଙ୍କ ପୁଅ ଓ ଝିଅକୁ କୌଣସି କାରଣରୁ ମରଣାନ୍ତକ ଆକ୍ରମଣ କରିଥିଲେ। ଏପରିକି ସେ ପିଲା ଦୁହିଁଙ୍କୁ ବେଲଣା (କାଠି), ଲୁହା ଖଡ଼ିକା, ସଣ୍ଡୁଆଶି ଆଦିରେ ମାଡ଼ ମାରି ଗୁରୁତର କରି ଦେଇଥିଲେ। ସ୍ଥାନୀୟ ଲୋକେ ଉଭୟ ପିଲାଙ୍କୁ ଉଦ୍ଧାର କରିଥିଲେ। ଏହି ଖବର ସାମାଜିକ ଗଣମାଧ୍ୟମରେ ପ୍ରସାରିତ ହେବା ପରେ ପାଥପୁର ଗ୍ରାମର ବହୁ ଲୋକେ ଓ ସମ୍ପୃକ୍ତ ବ୍ୟକ୍ତିଙ୍କ ସମ୍ପର୍କୀୟ ଭାଇମାନେ ଘଟଣାସ୍ଥଳରେ ପହଞ୍ଚି ପିଲାମାନଙ୍କୁ ସେମାନଙ୍କ ମା'ଙ୍କ ପାଖକୁ ପଠାଇଦେବା ପାଇଁ ପୋଲିସ ନିକଟରେ ଅନୁରୋଧ କରିଛନ୍ତି। ପୋଲିସ ଉଭୟ ପିଲାଙ୍କ ପ୍ରଥମ ମା'ଙ୍କ ପାଖକୁ ଖବର ପଠାଇଥିବାବେଳେ ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିଲା। ଏ ସମ୍ପର୍କରେ ଆଠଗଡ଼ ଆରକ୍ଷୀ ଉପାଧ୍ୟକ୍ଷ ରବୀନ୍ଦ୍ରନାଥ ମଲ୍ଲିକ କହିଛନ୍ତି, ଆଠଗଡ଼ର ବିଭିନ୍ନ ଅଞ୍ଚଳରେ ସୋମବାର ଦଶହରା ଭସାଣି ଚାଲିଛି। ଗହଳି ଭାଙ୍ଗିବା ପରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନିଆଯିବ।

# ବିଳମ୍ବ ଚିହ୍ନଟରୁ ବଢ଼ିଲା ସ୍କ୍ରବ୍ ଟାଇଫସ ସଂକ୍ରମଣ

**ଭୁବନେଶ୍ୱର, ୩୦।୧୦ (ଅସମାପିକା ସାହୁ)**

ବିଳମ୍ବରେ ରୋଗ ଚିହ୍ନଟ ଏବଂ ଚିକିତ୍ସା ଯୋଗୁ ଓଡ଼ିଶାରେ ସ୍କ୍ରବ୍ ଟାଇଫସ୍ ସଂକ୍ରମଣ ବଢ଼ିବା ସହ ଜୀବନ ଯାଇଥିବା କେନ୍ଦ୍ରୀୟ ଟିମ୍ କହିଛି। ଚଳିତ ବର୍ଷ ଏଥିରେ ପଶ୍ଚିମ ଓଡ଼ିଶାରେ ୮ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୨,୮୦୦ରୁ ଊର୍ଦ୍ଧ୍ୱ ଚିହ୍ନଟ ହୋଇଛନ୍ତି। ରାଜ୍ୟରେ ଏହି ସଂକ୍ରମଣ ବଢ଼ୁଥିବାରୁ ଏକ କେନ୍ଦ୍ରୀୟ ଦଳ ଓଡ଼ିଶା ଆସି ଝାରସୁଗୁଡ଼ା, ବରଗଡ଼, ସୁନ୍ଦରଗଡ଼, ସମ୍ବଲପୁର ଏବଂ ଭୁବନେଶ୍ୱରରେ ସ୍ଥିତି ଅନୁଧ୍ୟାନ କରିଥିଲେ। ଖାଲି ସେତିକି ନୁହେଁ, ବାହାରେ ମଳତ୍ୟାଗ, ଖାଲି ପାଦରେ ଜଙ୍ଗଲ ଭିତରକୁ ଯିବା ମଧ୍ୟ ଏହି ସଂକ୍ରମଣ ବଢ଼ିବାର ଅନ୍ୟତ କାରଣ। ସେହିଭଳି ମୌସୁମୀ ପୂର୍ବରୁ ସଚେତନତା କରିବାର ଆବଶ୍ୟକ ରହିଥିଲା ବୋଲି କେନ୍ଦ୍ରୀୟ ଟିମ୍ କହିଛି।

# ଜି.ଉଦୟଗିରି: ସର୍ବନିମ୍ନ ତାପମାତ୍ରା ୧୧ ଡିଗ୍ରୀ

**ଜି.ଉଦୟଗିରି, ୩୦।୧୦ (ଶିଶିର ପଟ୍ଟନାୟକ)**

କନ୍ଧମାଳ ଜିଲା ଜି.ଉଦୟଗିରି ସହର ସମେତ ଆଖପାଖ ଅଞ୍ଚଳରେ ପହିଲି ଶୀତ ଅନୁଭୂତ ହେଉଛି। ଗତ ଦୁଇଦିନ ଧରି ତାପମାତ୍ରା ହ୍ରାସ ପାଇଥିବା ବେଳେ ସୋମବାର ସକାଳ ୮ଟା ସୁଦ୍ଧା ଜି.ଉଦୟଗିରି ସହରର ସର୍ବନିମ୍ନ ତାପମାତ୍ରା ୧୧ ଡିଗ୍ରୀ ସେଲ୍‌ସିୟସ୍ ରହିଥିଲା। ରବିବାର ତାପମାତ୍ରା ୧୩ ଡିଗ୍ରୀ ସେଲ୍‌ସିୟସ୍ ରହିଥିଲା ବୋଲି ସ୍ଥାନୀୟ କୃଷି ଗବେଷଣା ଅନୁଷ୍ଠାନର ପାଣିପାଗ ବିଭାଗ ଅଧିକାରୀ ସତ୍ୟନାରାୟଣ ମହାନ୍ତି କହିଛନ୍ତି। ସୋମବାର ପ୍ରବଳ ଶୀତ ସାଙ୍ଗକୁ ଘନ କୁହୁଡ଼ି ପଡୁଥିବା ଯୋଗୁ ଯାନବାହନ ଚଳାଚଳରେ ବାଧାପ୍ରାପ୍ତ ହେଉଛି। ସନ୍ଧ୍ୟା ପରେ ବଜାରରେ ଭିଡ଼ କମିଛି।

# ମହିଳାଙ୍କୁ ଟାଙ୍ଗିଆରେ ହାଣି ହତ୍ୟା

**ତାଳଚେର,୩୦।୧୦ (ମନୋଜ ନନ୍ଦ)**

ଅନୁଗୋଳ ଜିଲା ତାଳଚେର ବ୍ଲକ ଡେରା ପାଣିହାଟିଙ୍ଗଠାରେ ରବିବାର ରାତିରେ ଜଣେ ମହିଳାଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରାଯାଇଛି। ମୃତ ମହିଳା ହେଲେ ଜ୍ୟୋତି ମୁଣ୍ଡା (୩୩)। କଳିଯାରୀ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଦେଇଛି। ଥାନାରେ ନଂ. ୪୧୫/୨୩ରେ ଏକ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଛି। ଅଭିଯୁକ୍ତ ଦୁଖୁନୁ ମୁଣ୍ଡା ଫେରାର ହୋଇଯାଇଛି। ପୋଲିସ କହିଛି, ମୃତା ଜ୍ୟୋତିଙ୍କ ସ୍ୱାମୀ ହେଉଛନ୍ତି କାର୍ତ୍ତିକ ମୁଣ୍ଡା। ୧୫ ବର୍ଷ ତଳେ ସେମାନଙ୍କ ବିବାହ ହୋଇଥିଲା। କିନ୍ତୁ ବର୍ଷେ ହେଲା ଜ୍ୟୋତି ବିବାହିତ ଯୁବକ ଦୁଖୁନୁ ମୁଣ୍ଡାଙ୍କ ସହ ପଳାଇ ଯାଇଥିଲେ। ୬ ମାସ ହେଲା ଜ୍ୟୋତି ଓ ଦୁଖୁନୁ ଡେରା ମୁଣ୍ଡା ହଟିଙ୍ଗରେ ରହୁଥିଲେ। ରବିବାର କୌଣସି କାରଣରୁ ଦୁଖୁନୁ ଟାଙ୍ଗିଆରେ ଜ୍ୟୋତିଙ୍କ ବେକ, ମୁଣ୍ଡ, କାନ ଓ ଆଖିକୁ ହାଣିଦେବାରୁ ତାଙ୍କର ମୃତ୍ୟୁ ହୋଇଥିଲା।

DADLS - 47

ଓଡ଼ିଶା ସରକାର



ରାଜ୍ୟସ୍ତରୀୟ ରାଷ୍ଟ୍ରୀୟ ସଂକଳ୍ପ ଦିବସ
( ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗୀୟା ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କ ତିରୋଧାନ ଦିବସ)
୩୧.୧୦.୨୦୨୩
ଜୟଦେବ ଭବନ, ଭୁବନେଶ୍ୱର
ଅପରାହ୍ନ ୩ ଘଟିକା – ରାଜ୍ୟସ୍ତରୀୟ କବିତା ପାଠୋତ୍ସବ,
ଆୟୋଜକ – ରାଜ୍ୟସ୍ତରୀୟ ଇନ୍ଦିରା ଗାନ୍ଧୀ ସ୍ମୃତି ସମିତି, ଭୁବନେଶ୍ୱର

ସନ୍ଧ୍ୟା ୬ ଘଟିକା | ସାଧାରଣ ସଭା | ଜୟଦେବ ଭବନ

ମୁଖ୍ୟ ଅତିଥି – ଶ୍ରୀଯୁକ୍ତ ଶଶିଭୂଷଣ ବେହେରା
ମାନ୍ୟବର ବିଧାୟକ, କେନ୍ଦ୍ରାପଡ଼ା
ସମ୍ମାନନୀୟ ଅତିଥି – ଶ୍ରୀଯୁକ୍ତ ସୁରେଶ କୁମାର ରାଉତରାୟ
ମାନ୍ୟବର ବିଧାୟକ. ଜଟଣୀ ଏବଂ ଅଧ୍ୟକ୍ଷ,
ରାଜ୍ୟସ୍ତରୀୟ ଇନ୍ଦିରା ଗାନ୍ଧୀ ସ୍ମୃତି ସମିତି, ଭୁବନେଶ୍ୱର
– କସ୍ତୁରୀ ମହାପାତ୍ର
ସମ୍ପାଦକ, ଉତ୍କଳ ପ୍ରସଙ୍ଗ ଏବଂ ଓଡ଼ିଶା ରିଭ୍ୟୁ
ମୁଖ୍ୟବକ୍ତା – ଶ୍ରୀଯୁକ୍ତ ପଞ୍ଚାନନ କାନୁନ୍‌ଗୋ
ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ରାଜନେତା

ବିଶିଷ୍ଟ କଣ୍ଠଶିଳ୍ପୀ ଶ୍ରୀଯୁକ୍ତ ଲକ୍ଷ୍ମୀକାନ୍ତ ପାଲିତ ଓ ସାଥିଙ୍କ ଦ୍ୱାରା ଦେଶାତ୍ମବୋଧକ ସଙ୍ଗୀତ ପରିବେଷଣ ।

ସୂଚନା ଓ ଲୋକସମ୍ପର୍କ ବିଭାଗ ଓ ରାଜ୍ୟସ୍ତରୀୟ ଇନ୍ଦିରା ଗାନ୍ଧୀ ସ୍ମୃତି ସମିତି, ଭୁବନେଶ୍ୱରର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୋଗ ଦେବାକୁ ବିନମ୍ର ଅନୁରୋଧ ।

ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ

OIPR-15001/13/0173/2324



> ଜଣେ ନିଜର ଶୁଭେଚ୍ଛା ଦ୍ୱାରା ବହୁତ କିଛି ପରିବର୍ତ୍ତନ କରିପାରେ। କିନ୍ତୁ ତାହା ସଂପୂର୍ଣ୍ଣ ପବିତ୍ର ଓ ଅବିମିଶ୍ର ଶୁଭେଚ୍ଛା ହେବା ଉଚିତ। ...ଐକାନ୍ତିକ ଡାକ ନିଶ୍ଚୟ ପହଁଚେ ଏବଂ ତା'ର ଉତ୍ତର ଆସେ। –ଶ୍ରୀମା



# ମୁଣ୍ଡ ଗଡୁ

ପୁଣି ଥରେ ରେଳ ଦୁର୍ଘଟଣା। ତାହା ମଧ୍ୟ ଓଡ଼ିଶାରେ । ଅବଶ୍ୟ ଏହା ଓଡ଼ିଶାକୁ ଆସୁଥିବା ଏବଂ ଓଡ଼ିଶାର ସୀମାଞ୍ଚଳରେ ହୋଇଛି। ସେଥିପାଇଁ ତାହା ଆନ୍ଧ୍ରରେ ଘଟିଛି ବୋଲି କୁହାଯିବ। ଅକ୍ଟୋବର ୨୯ ରାତିରେ ଆନ୍ଧ୍ରପ୍ରଦେଶର ଆଲମଣ୍ଡା ଷ୍ଟେଶନ ନିକଟସ୍ଥ କାଣ୍ଟକାପଲ୍ଲୀଠାରେ ଘଟିଥିବା ରେଳ ଦୁର୍ଘଟଣାରେ ୧୩ ଜଣଙ୍କ ମୃତ୍ୟୁ ଘଟିଛି ବୋଲି ସରକାରୀ ସୂତ୍ରରୁ ଜଣାଯାଏ। ବାସ୍ତବରେ କେତେ ସଂଖ୍ୟା କେହି କହିପାରିବେ ନାହିଁ। ଏହି ଦୁର୍ଘଟଣାରେ ୫୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି । ବିଶାଖାପାଟଣା–ପଲାଶା ପାସେଞ୍ଜର ପଛରେ ବିଶାଖାପାଟଣା–ରାୟଗଡ଼ା ପାସେଞ୍ଜର ଧକ୍କା ଦେବାରୁ ଏଭଳି କ୍ଷତି ଘଟିଛି। ଚଳିତ ବର୍ଷ ଜୁନ୍ ୨ରେ ଓଡ଼ିଶାର ବାଲେଶ୍ୱର ଜିଲା ବାହାନଗାରେ ଘଟିଥିବା ମର୍ମନ୍ତୁଦ ରେଳ ଦୁର୍ଘଟଣା ପରେ ଅନେକ ଛୋଟ ଦୁର୍ଘଟଣା ଇତିମଧ୍ୟରେ ଘଟିଯାଇଛି। ସେଗୁଡ଼ିକ ପ୍ରତି କୌଣସି ଧ୍ୟାନ ଦିଆଗଲା ନାହିଁ ବୋଲି ଗତ ସପ୍ତାହର କାଣ୍ଟକାପଲ୍ଲୀର ଦୁର୍ଘଟଣା ପ୍ରମାଣ କରୁଛି। ଯଦି ବାସ୍ତବରେ ୧୩ ଜଣ ମରିଥାଆନ୍ତି (ଆମେ ଭାବୁଛୁ ଏହି ସଂଖ୍ୟା ନିଶ୍ଚିତ ଭାବେ ଅଧିକ ହୋଇଥିବ) ତେବେ ସେମାନଙ୍କ ଜୀବନହାନି ପାଇଁ ସରକାର ସମ୍ପୂର୍ଣ୍ଣ ଭାବେ ଦାୟୀ ହେବେ। ଏହି ଦୁଇ ଦୁର୍ଘଟଣା ମଧ୍ୟରେ ବିହାରରେ ଅକ୍ଟୋବର ୧୨ରେ ଦିଲ୍ଲୀ କାମାକ୍ଷା ଉତ୍ତର–ପୂର୍ବ ଏକ୍ସପ୍ରେସ୍ ଲାଇନ୍‌ଚ୍ୟୁତ ହୋଇ ୫ ଜଣଙ୍କ ମୃତ୍ୟୁ ହେବା ସହ ଓ ୭୦ ଜଣ ଆହତ ହୋଇଥିଲେ। ୫ ମାସ ମଧ୍ୟରେ ଏହିଭଳି ଦୁର୍ଘଟଣା ଭାରତୀୟ ରେଳର ଯାତ୍ରୀ ସୁରକ୍ଷା ଉପରେ ପ୍ରଶ୍ନ ଉଠାଇଛି। ସୂଚନାଯୋଗ୍ୟ ଯେ, ବାହାନଗା ଷ୍ଟେଶନ ନିକଟରେ ୩ଟି ଟ୍ରେନ ମଧ୍ୟରେ ଦୁର୍ଘଟଣା ଯୋଗୁ ୨୯୦ ଜଣଙ୍କ ଜୀବନ ଯିବା ସହ ୧୦୦୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ। ମନେହେଉଛି ସେଥିରୁ ମଧ୍ୟ କୌଣସି ଶିକ୍ଷା ନିଆଗଲା ନାହିଁ।

ଦେଖାଯାଇଛି, ଅତୀତରୁ ଏଯାବତ ରେଳ ଦୁର୍ଘଟଣାଗୁଡ଼ିକରେ ପ୍ରାୟତଃ ଲାଇନମ୍ୟାନ ଓ ସିଗ୍‌ନାଲରମାନଙ୍କୁ ଦୋଷୀ କରାଯାଇଛି। ଏମାନଙ୍କୁ ଦୋଷୀ କରିବାରେ କିଛି ପରିବର୍ତ୍ତନ ହୋଇନାହିଁ କିମ୍ବା ଦୁର୍ଘଟଣା ସଂଖ୍ୟା ହ୍ରାସ କରାଯାଇପାରିନାହିଁ। ଉଲ୍ଲେଖନୀୟ ଯେ, ଆନ୍ଧ୍ରପ୍ରଦେଶରେ ଦୁର୍ଘଟଣାଗ୍ରସ୍ତ ଦୁଇଟି ଟ୍ରେନ୍‌ରେ ଆଣ୍ଟି କଲିଜନ ଡିଭାଇସ ବା ଧକ୍କା ନିରୋଧୀ ଉପକରଣ 'କବଚ' ନ ଥିଲା। ସେଥିପାଇଁ ବାହାନଗା ଦୁର୍ଘଟଣା ପରେ କବଚ ଲଗାଇ ରେଳ ଯାତାୟାତକୁ ସୁରକ୍ଷିତ କରାଯିବ ବୋଲି ଯେଉଁ ଘୋଷଣା କରାଯାଇଥିଲା ତାହା ପାଣିର ଗାର ବୋଲି ବୁଝାପଡୁଛି। ମନେହେଉଛି ଯେପରି ଭାରତରେ ରେଳକୁ ଘରୋଇକରଣ କରିବା ଦିଗରେ ଜୋର୍‌ସୋର ଉଦ୍ୟମ ଆରମ୍ଭ ହୋଇଗଲାଣି। ସମାନ୍ତରାଳ ପରିସ୍ଥିତିକୁ ଦେଖିଲେ ଭାରତ ସଞ୍ଚାର ନିଗମ ଲିମିଟେଡ(ବିଏସ୍‌ଏନ୍‌ଏଲ୍)କୁ ଘରୋଇ କମ୍ପାନୀକୁ ଟେକିଦେବା ପୂର୍ବରୁ ଏକ ପ୍ରକାର ଅକାମୀ କରିଦିଆଯାଉଛି। ତାହା ଫଳରେ ସେହି ଟେଲିକମ୍ କମ୍ପାନୀ କ୍ଷତିରେ ଯିବା ପରେ କବ୍‌ଜା କରିବା ସହଜ ହୋଇଯିବ। ୧୫୦ କୋଟି ଜନତାଙ୍କ ମଧ୍ୟରୁ ଅନେକ ବଡ଼ପାଟିଆ ଅଛନ୍ତି, ଯେଉଁମାନେ ଜାଣିଶୁଣି ପ୍ରବାଦ କରିବେ ଯେ, ସରକାର କୌଣସି ବ୍ୟବସାୟରେ ସମ୍ପୂର୍ଣ୍ଣ ରହିବା ଉଚିତ ନୁହେଁ। ବିଶେଷକରି କ୍ଷତି ସହୁଥିବା କମ୍ପାନୀଗୁଡ଼ିକୁ ଅତିଶୀଘ୍ର ଘରୋଇକରଣ କରିଦେଲେ କରଦାତାଙ୍କର ଅର୍ଥ ବଞ୍ଚିଯିବ। ଦୁଃଖର ବିଷୟ ଯେ, ଏହି ଦଳେ ଲୋକଙ୍କୁ ବିରୋଧ କରିବା ପାଇଁ କେହି ବାହାରନ୍ତି ନାହିଁ। ସହଜରେ ବୁଝିହେବ ଯେ, କ୍ଷତି ସହୁଥିବା କୌଣସି କମ୍ପାନୀକୁ ଯିଏ କିଣିବ ସିଏ ନିହାତି ଅତ୍ୟନ୍ତ କମ୍ ମୂଲ୍ୟରେ ନେଇଯିବ। କିନ୍ତୁ ଯଦି ଲାଭ କରିବାର ସୁଯୋଗ ନ ଥିବ ତେବେ ମୂଲ୍ୟ ଯେତେ ହ୍ରାସ ହେଲେ ମଧ୍ୟ କେହି କିଣିବେ ନାହିଁ।

> **ଆଜି ଭାରତୀୟ ରେଳର ଉଚ୍ଚପଦସ୍ଥ କର୍ମଚାରୀମାନଙ୍କର ଆଭିମୁଖ୍ୟ ନକାରାତ୍ମକ ହୋଇଯାଉଛି ବୋଲି ସ୍ପଷ୍ଟ ବୁଝାପଡୁଛି। ସେମାନଙ୍କ ମଧ୍ୟରୁ କେତେକେ ନିଜର ଅସମ୍ଭାଳ ପରିସ୍ଥିତି ଦର୍ଶାଇପାରନ୍ତି, କିନ୍ତୁ ସମସ୍ତେ ଏହି ବିରାଟ ସଂସ୍ଥାର ଲାଭ ଖାଇ ତାକୁ ହତ୍ୟା କରିବା ପାଇଁ ମନସ୍ଥ କରିସାରିଲେଣି।**

ଏବେ ମନେହେଉଛି, ଏୟାର ଇଣ୍ଡିଆ ଭଳି ଭାରତୀୟ ରେଳର ଅଧିକାଂଶ କର୍ମଚାରୀ ଲୁଟପାଟ କରିବା ସହିତ ଦେଶର ସେହି ମହାନ ଗୌରବକୁ ଧ୍ୱଂସ କରି ଛାଡ଼ିବା ପାଇଁ ମନସ୍ଥ କରିସାରିଲେଣି। ଇଂଲିଶରେ ଏକ ଢଗ ଅଛି 'ଆଫ୍ଟର ମି,ଡେଲ୍ୟୁଜ'। ଏହାର ଅର୍ଥ ହେଲା ମୋ ପରେ ସବୁ କିଛି ଭାସିଯାଉ। ଆଜି ଭାରତୀୟ ରେଳର ଉଚ୍ଚପଦସ୍ଥ କର୍ମଚାରୀମାନଙ୍କର ଆଭିମୁଖ୍ୟ ନକାରାତ୍ମକ ହୋଇଯାଉଛି ବୋଲି ସ୍ପଷ୍ଟ ବୁଝାପଡୁଛି। ସେମାନଙ୍କ ମଧ୍ୟରୁ କେତେକେ ନିଜର ଅସମ୍ଭାଳ ପରିସ୍ଥିତି ଦର୍ଶାଇପାରନ୍ତି, କିନ୍ତୁ ସମସ୍ତେ ଏହି ବିରାଟ ସଂସ୍ଥାର ଲାଭ ଖାଇ ତାକୁ ହତ୍ୟା କରିବା ପାଇଁ ମନସ୍ଥ କରିସାରିଲେଣି। ଏଭଳି ପରିସ୍ଥିତିରେ ଦୁର୍ବଳ ଚତୁର୍ଥଶ୍ରେଣୀ କର୍ମଚାରୀଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହଜ ହୋଇପାରେ, କିନ୍ତୁ ମୁଣ୍ଡ ଉପରୁ ଗଡ଼ିବା ଦରକାର।

# ଗାନ୍ଧିଜୀଙ୍କ ପଟ୍ଟଶିଷ୍ୟ ପଟେଲ



ଡ. ପ୍ରଫୁଲ୍ଲ କୁମାର ସାହୁ

ଆଧୁନିକ ଭାରତର ସ୍ଥପତି ସର୍ଦ୍ଦାର ବଲ୍ଲଭଭାଇ ପଟେଲ। ଭାରତୀୟ ମୁକ୍ତି ସଂଗ୍ରାମର ପ୍ରମୁଖ ସ୍ତମ୍ଭ। ଗାନ୍ଧିଜୀଙ୍କ ପରି ସେ ବିଲାତ ଯାଇ ବାରିଷ୍ଟରି ପଢ଼ିଥିଲେ ଏବଂ ୧୯୧୩ରେ ଭାରତ ଫେରିଆସି ଅହମଦାବାଦରେ ଆରମ୍ଭ କରିଥିଲେ ଆଇନ ବ୍ୟବସାୟ। ନିଜର ନିଷ୍ଠା ଓ ଅଧ୍ୟବସାୟ ବଳରେ ସେ ବର୍ଷ କେଇଟା ମଧ୍ୟରେ ହାସଲ କରିପାରିଥିଲେ ଜଣେ ଦକ୍ଷ ଆଇନଜ୍ଞର ପ୍ରତିଷ୍ଠା ଓ ପରିଚୟ। ୧୯୧୭ ମସିହାରେ ସେ ଅହମଦାବାଦ ପୌରସଂସ୍ଥାର ଜଣେ ନିର୍ବାଚିତ ପ୍ରତିନିଧି ଭାବରେ କାର୍ଯ୍ୟ କରିବା ଅବସରରେ ତାଙ୍କୁ ଖୁବ୍ ପ୍ରଭାବିତ କରିଥିଲା ମହାତ୍ମା ଗାନ୍ଧୀଙ୍କ ତେଜ, ବାଣୀ ଓ ଆଦର୍ଶ। ନାଗପୁରରେ ପତାକା ସତ୍ୟାଗ୍ରହ ଆନ୍ଦୋଳନ, ଅସହଯୋଗ ଆନ୍ଦୋଳନ, ଅହମଦାବାଦର ମିଲ୍ ଶ୍ରମିକଙ୍କ ସତ୍ୟାଗ୍ରହ, ଜାଲିଆନାୱାଲାବାଗର ନରସଂହାର ବିରୋଧରେ ଗାନ୍ଧିଜୀଙ୍କ ପ୍ରତିକ୍ରିୟା ଇତ୍ୟାଦି ବଲ୍ଲଭଭାଇଙ୍କ ବିଦ୍ରୋହୀ ମନକୁ ଏମିତି ଦୋହଲାଇ ଦେଲା ଯେ ସେ ସ୍ୱତଃ ଜାତୀୟ କଂଗ୍ରେସରେ ଯୋଗଦେଲେ ଏବଂ ନିଜର ସାଂଗଠନିକ ଦକ୍ଷତା ବଳରେ ୧୯୨୦ରେ ମଣ୍ଡନ କଲେ ଗୁଜରାଟ କଂଗ୍ରେସ କମିଟିର ଅଧ୍ୟକ୍ଷ ଆସନ।

୧୯୩୨ରେ ମହାତ୍ମା ଗାନ୍ଧୀ ଜେଲରେ ଥିବା କାରଣରୁ ବଲ୍ଲଭଭାଇଙ୍କ ନେତୃତ୍ୱରେ ପରିଚାଳିତ ହେଲା ନାଗପୁର କଂଗ୍ରେସ ସତ୍ୟାଗ୍ରହ। ବର୍ଦ୍ଦୋଲିରେ ଇଂରେଜ ସରକାରଙ୍କ ବର୍ଦ୍ଧିତ ଭୂମିକା ବିରୋଧରେ ଗାନ୍ଧିଜୀଙ୍କ ଆନ୍ଦୋଳନର (୧୯୨୮) ପୁରୋଭାଗରେ ଥିଲେ ବଲ୍ଲଭଭାଇ ପଟେଲ। ଏହି ଆନ୍ଦୋଳନକୁ ସେ ଏଭଳି ପରିଚାଳନା କଲେ ଯେ ସେତେବେଳେ ଟାଇମ୍ସ ଅଫ୍ ଇଣ୍ଡିଆ ଖବରକାଗଜ ଲେଖିଥିଲା – ବର୍ଦ୍ଦୋଲିରେ ବର୍ତ୍ତମାନ ବଲ୍‌ସେଭିକ୍ ଆନ୍ଦୋଳନ ଚାଲିଛି ଓ ବଲ୍ଲଭଭାଇ ହେଉଛନ୍ତି ବର୍ଦ୍ଦୋଲି ଲୋକଙ୍କର ଲେନିନ୍। ତାଙ୍କର ଦୃଢ଼ ନେତୃତ୍ୱ କାରଣରୁ କୃଷକ ଆନ୍ଦୋଳନକୁ ଦମନ କରି ନ ପାରି ମୁଣ୍ଡ ନୁଆଁଇବାକୁ ବାଧ୍ୟହେଲେ ଇଂରେଜ ସରକାର। ବର୍ଦ୍ଦୋଲି ଆନ୍ଦୋଳନର ସଫଳତା ପରେ ତାଙ୍କ ନେତୃତ୍ୱର ପରାକାଷ୍ଠା ସମ୍ପର୍କରେ ସାରାଦେଶ ଜାଣିଲା ଏବଂ ତାଙ୍କର ଅନମନୀୟ ବ୍ୟକ୍ତିତ୍ୱ ପାଇଁ ତାଙ୍କୁ ସର୍ଦ୍ଦାର ବୋଲି ସମ୍ବୋଧନ କଲା ଦେଶ। ଏହି ସୂତ୍ରରେ ବଲ୍ଲବଭାଇ ଓ ଗାନ୍ଧିଜୀଙ୍କ ମଧ୍ୟରେ ବିଶ୍ୱାସ ଓ ବନ୍ଧୁତାର ଏକ ନିବିଡ଼ ସମ୍ପର୍କ ସ୍ଥାପିତ ହେଲା, ଯାହା ଭାରତୀୟ ମୁକ୍ତି ସଂଗ୍ରାମ ଇତିହାସକୁ ଦେଇଥିଲା ନୂଆ ମୋଡ଼।

କର୍ମ ହିଁ ଥିଲା ସର୍ଦ୍ଦାର ପଟେଲଙ୍କ ଜୀବନର ମୂଳମନ୍ତ୍ର। ତାଙ୍କ କର୍ମଯୋଗରେ ନ ଥିଲା ବିଳାସ ଓ ବିଶ୍ରାମର ସ୍ଥାନ। ଯେଉଁ କାର୍ଯ୍ୟ ଦ୍ୱାରା ଦେଶବାସୀଙ୍କର ମଙ୍ଗଳ ହେବ ବୋଲି ସେ ଭାବୁଥିଲେ, ତାହା କରିବାକୁ ସେ ପଛାଉ ନ ଥିଲେ ହଜାରେ ବିରୋଧ ସତ୍ତ୍ୱେ। କର୍ମକ୍ଷେତ୍ରରେ ଏହି ଦୃଢ଼ତା ପାଇଁ ଲୋକେ



ତାଙ୍କୁ କହୁଥିଲେ ଲୌହମାନବ। ବାହାରକୁ ଅତ୍ୟନ୍ତ ରୁକ୍ଷ ଓ ଅନମନୀୟ ବୋଲି ମନେହେଲେ ବି ତାଙ୍କ ଭିତରେ ଥିଲା ଏକ ସ୍ନେହସିକ୍ତ କୋମଳ ହୃଦୟ। ଗାନ୍ଧିଜୀଙ୍କ ଭାଷାରେ ସର୍ଦ୍ଦାରଙ୍କ ଅଜେୟ ନିର୍ଭୀକତା ଏବଂ ଦେଶପ୍ରତି ଅଖଣ୍ଡ ଶ୍ରଦ୍ଧା କଥା ମୁଁ ଆଗରୁ ଜାଣିଥିଲି, କିନ୍ତୁ ଦୀର୍ଘ ଷୋହଳ ମାସ କାଳ ତାଙ୍କ ସହ ବନ୍ଦୀ ଜୀବନ ବିତାଇବା ପରେ ଜାଣିଲି ତାଙ୍କ ଶ୍ରଦ୍ଧା ଓ ଆତ୍ମୀୟତାର ଚେର କେତେ ଗଭୀର।

ସର୍ଦ୍ଦାର ପଟେଲ ଥିଲେ ଗାନ୍ଧିଜୀଙ୍କର ଜଣେ ପଟ୍ଟଶିଷ୍ୟ। ସେ ଜାଣିଥିଲେ ଗାନ୍ଧିଜୀ ହିଁ ଭାରତୀୟ ମୁକ୍ତି ସଂଗ୍ରାମର ସେନାପତି ଏବଂ ତାଙ୍କ ପ୍ରଦର୍ଶିତ ପନ୍ଥା ହିଁ ସ୍ୱାଧୀନତା ପ୍ରାପ୍ତି ଦିଗରେ ଏକମାତ୍ର ଧ୍ୟେୟ। ତେଣୁ ଗାନ୍ଧିଜୀଙ୍କ ଆଦେଶ ଥିଲା ତାଙ୍କ ପାଇଁ ଈଶ୍ୱରଙ୍କ ବାଣୀ। ୧୯୪୨ରେ ବମ୍ବେ କଂଗ୍ରେସ ସମ୍ମିଳନୀରେ ଗାନ୍ଧିଜୀ ଆଗତ କରିଥିବା ଭାରତଛାଡ଼ ଆନ୍ଦୋଳନ ପ୍ରସ୍ତାବକୁ ଯେତେବେଳେ ଜବାହରଲାଲ ନେହେରୁ, ରାଜ ଗୋପାଳଚାରୀ ଓ ମୌଲାନା ଆଜାଦ୍ ପ୍ରମୁଖ ବିରୋଧ କଲେ, ସେତେବେଳେ ଗାନ୍ଧିଜୀଙ୍କୁ ଦୃଢ଼ ସମର୍ଥନ କରି ସର୍ଦ୍ଦାର ପଟେଲ କହିଥିଲେ – "ସ୍ୱରାଜ୍ୟ ପାଇଁ କଂଗ୍ରେସ ଦୀର୍ଘବର୍ଷ ଧରି ଯେଉଁ ସଂଗ୍ରାମ କରି ଆସୁଅଛି, ଭାରତଛାଡ଼ ଆନ୍ଦୋଳନ ତା'ର ନିଷ୍କର୍ଷ। ଏହାକୁ କାର୍ଯ୍ୟକାରୀ କରିବା ପାଇଁ ବର୍ତ୍ତମାନ ହିଁ ସବୁଠାରୁ ଉତ୍କୃଷ୍ଟ ସମୟ। ପଟେଲଙ୍କ ଏଭଳି ଅକାଟ୍ୟ ଯୁକ୍ତି ପରେ ବଦଳିଥିଲା ନେହେରୁ, ରାଜଗୋପାଳଚାରୀ ଓ ମୌଲାନା ଆଜାଦ୍ ତଥା ଅନ୍ୟ ଅନେକ ନେତାଙ୍କ ମତ।

ଆଇନ ବ୍ୟବସାୟ ହେଉ କି ରାଜନୀତି ହେଉ, ନିର୍ଭୁଲ ଭାବେ କାର୍ଯ୍ୟ ସମ୍ପାଦନ କରିବା ଥିଲା ପଟେଲଙ୍କ ବ୍ୟକ୍ତିତ୍ୱର ଏକ ବିଶେଷତ୍ୱ। ଜଣେ ସଚ୍ଚା ଦେଶଭକ୍ତ ଭାବରେ ତାଙ୍କୁ କେବେ ପଥଭ୍ରଷ୍ଟ କରି ନ ଥିଲା ପଦ ପଦବୀର ମୋହ। ସାରା ଜୀବନ ନିଜକୁ ଜଣେ କୃଷକ ଓ କଂଗ୍ରେସକର୍ମୀ ବୋଲି ଭାବୁଥିବାରୁ ତାଙ୍କ ରାଷ୍ଟ୍ରଭକ୍ତିର ପଥ କେବେ ଓଗାଳି ପାରି ନ ଥିଲା ବ୍ୟକ୍ତିଗତ ଅହଂ ଓ ରାଜନୈତିକ ମତାନ୍ତର। ୧୯୪୬ ମସିହାରେ କଂଗ୍ରେସ ରାଷ୍ଟ୍ରୀୟ ଅଧ୍ୟକ୍ଷ ନିର୍ବାଚନ ବେଳେ ୧୨ଟି ପ୍ରଦେଶର କଂଗ୍ରେସ କମିଟି ତାଙ୍କୁ ସମର୍ଥନ କରିଥିବା ବେଳେ ନେହେରୁଙ୍କ ସପକ୍ଷରେ ଥିଲା ମାତ୍ର ୩ଟି ପ୍ରଦେଶ କଂଗ୍ରେସ କମିଟିର ସମର୍ଥନ। ଅଥଚ ଗାନ୍ଧିଜୀଙ୍କ ପରାମର୍ଶ ମାନି ନେହେରୁଙ୍କୁ ସେ ରାସ୍ତା ଛାଡ଼ିଦେଇଥିଲେ ବିନା ପ୍ରତିବାଦରେ। ସର୍ଦ୍ଦାର ପଟେଲ ପ୍ରଧାନମନ୍ତ୍ରୀ ହୋଇପାରି ନ ଥିଲେ ସତ, କିନ୍ତୁ ଆଧୁନିକ ଭାରତବର୍ଷର ସ୍ଥପତି ଭାବରେ ସେ ସ୍ଥାନ ପାଇଛନ୍ତି କୋଟିକୋଟି ଭାରତୀୟଙ୍କ ହୃଦୟରେ।

ସ୍ୱାଧୀନତାର ବ୍ରାହ୍ମ ମୁହୂର୍ତ୍ତ ଥିଲା ଦେଶପାଇଁ ସବୁଠାରୁ ଅଶାନ୍ତ କାଳ। ସାଂପ୍ରଦାୟିକ ସଂଘର୍ଷକୁ ନେଇ ସେତେବେଳେ ଉଭୟ ଭାରତ ଓ ପାକିସ୍ତାନରୁ ଛୁଟିଥିଲା ଶରଣାର୍ଥୀଙ୍କ ସୁଅ। ଏହି ସଙ୍କଟମୟ ସ୍ଥିତିରେ ପଟେଲ ଯେଉଁ ରାଜନୈତିକ ବିଚକ୍ଷଣତା ଓ ପ୍ରଶାସନିକ ବିଜ୍ଞତାର ପରିଚୟ ଦେଇଛନ୍ତି, ତାହା କେବେ ବି ଭୁଲିପାରିବ ନାହିଁ ଏ ଦେଶ। ଭାରତୀୟ ପ୍ରଶାସନିକ ସେବା ସମୂହର ସେ ଥିଲେ ମୁଖ୍ୟ ବିନ୍ଧାଣି। ଦେଶୀୟ ରାଜ୍ୟଗୁଡ଼ିକର ଭାରତ ସହ ମିଶ୍ରଣ ତଥା ଏକ ଦୃଢ଼ ଓ ଏକୀଭୂତ ସାର୍ବଭୌମ ଭାରତ ଗଠନ ଥିଲା ଏ ଜାତି ପ୍ରତି ସର୍ଦ୍ଦାର ପଟେଲଙ୍କର ସର୍ବଶ୍ରେଷ୍ଠ ଅବଦାନ।

ବାସ୍ତବରେ ସ୍ୱାଧୀନ ଭାରତର ପ୍ରଥମ ଉପପ୍ରଧାନମନ୍ତ୍ରୀ ତଥା ସ୍ୱରାଷ୍ଟ୍ର ମନ୍ତ୍ରୀ ସର୍ଦ୍ଦାର ପଟେଲ ଯେଉଁ ବିଚକ୍ଷଣ ଦୂରଦୃଷ୍ଟି ଓ କୌଶଳପୂର୍ଣ୍ଣ ପଦକ୍ଷେପ ବଳରେ ୫୬୫ଟି ବିକ୍ଷିପ୍ତ ଗଡ଼ଜାତକୁ ଭାରତ ସହ ମିଶେଇ ପାରିଥିଲେ, ତାହା ଅବିସ୍ମରଣୀୟ। ୧୯୨୧ରେ ଅହମଦାବାଦ ପୌରପାଳିକାରେ ପ୍ରଶାସକ ଭାବରେ ସେ ସହରର ସ୍ୱଚ୍ଛତା ତଥା ଡ୍ରେନେଜ ବ୍ୟବସ୍ଥାକୁ ଯେଭଳି ସୁନିଶ୍ଚିତ କରିପାରିଥିଲେ, ତାହା ଥିଲା ତାଙ୍କ ଦୂରଦୃଷ୍ଟି ଓ ସେବା ମନୋଭାବର ନମୁନା। ଆଜି ଯେଉଁ ଉଜ୍ଜ୍ୱଳ ସମବାୟ କ୍ଷେତ୍ରକୁ ନେଇ ଗର୍ବ ଅନୁଭବ କରୁଛି ଦେଶ ତା'ର ମୂଳଦୁଆ ପକାଇଥିଲେ ସର୍ଦ୍ଦାର ପଟେଲ। ସ୍ଥାନୀୟ ଲୋକ, ବିଶେଷ କରି ମହିଳାମାନଙ୍କୁ ସଶକ୍ତ କରିବା ଉଦ୍ଦେଶ୍ୟରେ ସେ ଗଢ଼ିଥିଲେ 'ଅମୁଲ' ଭଳି ଏକ ସମବାୟ ସଂସ୍ଥା। ନୀତିଗତ ନିଷ୍ପତ୍ତି କ୍ଷେତ୍ରରେ ପଣ୍ଡିତ ନେହେରୁଙ୍କ ସହ ତାଙ୍କର ବେଳେ ବେଳେ ମତପାର୍ଥକ୍ୟ ହେଉଥିଲେ ବି ଦେଶ ଗଠନ ଦିଗରେ ଉଭୟ ନେତା ଥିଲେ ପରସ୍ପରର ସହାୟକ ଓ ପରିପୂରକ। ନେହେରୁଙ୍କ ଭାଷାରେ– ସର୍ଦ୍ଦାର ପଟେଲ ଥିଲେ ଆଧୁନିକ ଭାରତ ବର୍ଷର ମାନଚିତ୍ରକୁ ବଦଳେଇ ଦେଇପାରିଥିବା ଜଣେ ଯଥାର୍ଥ ବୀର। ବାସ୍ତବରେ ଲୌହମାନବଙ୍କ ହୃଦୟର ଏହି ବିଶାଳତା ତାଙ୍କୁ ନେଇ ପହଞ୍ଚାଇ ଦେଇଛି ଆଖି ନପାଇଲା ଭଳି ଆଚମ୍ବିତ ଉଚ୍ଚତାରେ। ଦେଶପ୍ରତି ସର୍ଦ୍ଦାର ପଟେଲଙ୍କ ଅବଦାନକୁ ସମ୍ମାନ ଜଣାଇ ଗୁଜୁରାଟର କେଭାଡ଼ିଆ ଠାରେ ନିର୍ମିତ ହୋଇଛି ତାଙ୍କର ଏକ ସୁଉଚ୍ଚ ପ୍ରତିମୂର୍ତ୍ତି। ଏକତାର ତୀର୍ଥ ଭାବରେ ପରିଚିତ ଏହି ପ୍ରତିମା ହେଉଛି ପଟେଲଙ୍କ ପ୍ରତିଜ୍ଞା, ପ୍ରତିଭା ଓ ପୁରୁଷାର୍ଥର ପ୍ରତୀକ।

ଅବସରପ୍ରାପ୍ତ ଅଧ୍ୟକ୍ଷ
ବିଜୁପଟ୍ଟନାୟକ ନଗର, ଭଦ୍ରକ
ମୋ: ୬୩୭୧୬୪୨୪୬୪

# ମାଙ୍କଡ଼ କୁମ୍ଭୀର କଥା



ଅଲେଖ ଚନ୍ଦ୍ର ମିଶ୍ର

'ମାଙ୍କଡ଼ କୁମ୍ଭୀର' କଥା କାହାକୁ ଅବା ଅଜଣା। ଗଳ୍ପଟି ପଢ଼ି ବା ଶୁଣିସାରିଲା ପରେ କେହି କେହି କୁମ୍ଭୀରଟିକୁ ବୋକା ବା ନିର୍ବୁଦ୍ଧିଆ ଆଖ୍ୟା ଦେଇଥାନ୍ତି ତ ଅନ୍ୟ କେହି ମାଙ୍କଡ଼ଟିକୁ ବିଚକ୍ଷଣ ଓ ପ୍ରତ୍ୟୁତ୍ପନ୍ନମତି ବୋଲି ପ୍ରଶଂସା କରିଥାନ୍ତି। କିନ୍ତୁ ଖୁବ୍ କମ୍ ଲୋକ ଗଳ୍ପଟିର ଅନ୍ତର୍ନିହିତ ମର୍ମକୁ ସମ୍ୟକ୍ ଭାବରେ ଉପଲବ୍ଧି କରିଥାନ୍ତି ଏବଂ ଆହୁରି କମ୍ ଲୋକ ତାକୁ କାର୍ଯ୍ୟରେ ପରିଣତ କରନ୍ତି। ମର୍ମଟି ହେଲା ଅବିଶ୍ୱାସୀକୁ ବିଶ୍ୱାସ କରିବା ଅନୁଚିତ ଏବଂ ବିଶ୍ୱାସୀକୁ ଅତିମାତ୍ରାରେ ବିଶ୍ୱାସ କରିବା ଠିକ୍ ନୁହେଁ। ସବୁଠାରୁ ଅଧିକ ବିପଜ୍ଜନକ ହେଲା ଥରେ ବିଶ୍ୱାସଘାତକତା କରିଥିବା ଲୋକକୁ ପୁନରାୟ ବିଶ୍ୱାସ କରିବା। ଏହା ବେଳେବେଳେ ପ୍ରାଣଘାତକ ହୋଇଥାଏ ।

ମାଙ୍କଡ଼ଟି ହୁଏତ ଏହାକୁ ଠିକ୍ ଭାବରେ ବୁଝିଥିଲା। ତେଣୁ କୁମ୍ଭୀରର ସମସ୍ତ ପ୍ରଚେଷ୍ଟା, କୈଫିୟତ୍ ଓ ବୁଝାମଣାକୁ ଆଦୌ ଭ୍ରୂକ୍ଷେପ କରି ନ ଥିଲା। ବିଚରା କୁମ୍ଭୀର ! କେତେ ଛଳନା କଲା। ତଥାପି ମାଙ୍କଡ଼ ନିଜ ନିଷ୍ପତ୍ତିରେ ଅଟଳ। କାରଣ ସେ ଭଲ ଭାବରେ ବୁଝିଥିଲା ଯେ କୁମ୍ଭୀରଟିର ସମସ୍ତ ପ୍ରୟାସ ଛଳନାପୂର୍ଣ୍ଣ ଥିଲା ଏବଂ ହସ୍ତଚ୍ୟୁତ ବସ୍ତୁଟିକୁ ପୁନଃ ପ୍ରାପ୍ତି ପାଇଁ ଉଦ୍ଦିଷ୍ଟ ଥିଲା। ଶେଷରେ କୁମ୍ଭୀରକୁ ନିରାଶ ହେବାକୁ ପଡ଼ିଲା ଏବଂ କାଳ କାଳକୁ ବୋହି ଚାଲିଲା 'କୁମ୍ଭୀର କାନ୍ଦଣା'ର ଅପବାଦ ପସରା।

କାହାଣୀଟି ହୁଏତ କଳ୍ପନାପ୍ରସୂତ ହୋଇପାରେ। କିନ୍ତୁ ମାନବ ସମାଜ ପ୍ରତି ତା'ର ବାର୍ତ୍ତା ଚିରନ୍ତନ ସତ୍ୟ, ଯୁଗଯୁଗ ଧରି ପରୀକ୍ଷିତ ଓ ଅନୁଭୂତ। ସେ ପୁରାଣଶାସ୍ତ୍ରରେ ହେଉ, ଇତିହାସର ପୃଷ୍ଠାରେ ହେଉ ଅଥବା ଆଧୁନିକ ବିଜ୍ଞାନ ଯୁଗରେ ହେଉ। ଅସମ୍ଭବ ରୂପ ଧାରଣ କରିଥିବା ମାୟାମିରିଗକୁ ବିଶ୍ୱାସ କରି ମାତା ସୀତା ଓ ପ୍ରଭୁ ଶ୍ରୀରାମଙ୍କର ଦୁର୍ଦ୍ଦଶା, ବିଶ୍ୱାସୀ କୈକେୟୀଙ୍କୁ ଅତିବିଶ୍ୱାସ କରି ଦଶରଥଙ୍କର ହୀନସ୍ଥା ଓ ମୃତ୍ୟୁ, ଅବିଶ୍ୱାସୀ କୌରବଙ୍କୁ ବିଶ୍ୱାସ କରି ପାଣ୍ଡବଙ୍କର ଜତୁଗୃହ ପ୍ରବେଶ, ଛଳନାର ମୂର୍ତ୍ତିମନ୍ତ ଅବତାର ଶକୁନିକୁ ବିଶ୍ୱାସ କରି କୌରବକୁଳର ସର୍ବନାଶ–ଏଭଳି ସଂଖ୍ୟାତୀତ ଦୃଷ୍ଟାନ୍ତ ସଂପୃକ୍ତ ଆପ୍ତବାଣୀର ବାର୍ତ୍ତାବହ। ରାଜକୁମାର, ଭଲ୍ଲୁକ ଓ ବ୍ୟାଘ୍ର ଏ ତିନିଜଣଙ୍କର ପାରସ୍ପରିକ ବିଶ୍ୱାସ ଉପରେ ପର୍ଯ୍ୟବସିତ 'ସସେମିରା କଥା', ଗୃଧ୍ରକୂଟ ପର୍ବତ ନିବାସୀ ଗୃଧ୍ର ଜରଦ୍ଗବ ଓ ଦୀର୍ଘକର୍ଣ୍ଣ ମାର୍ଜାର ଉପାଖ୍ୟାନ ଅଥବା ବୃଦ୍ଧବ୍ୟାଘ୍ର ସୁବର୍ଣ୍ଣ କଙ୍କଣ ଆଖ୍ୟାୟିକା –ଏ ସବୁ ସେଇ ଗୋଟିଏ ସତ୍ୟର ବାବଦୂକ, 'ବିଶ୍ୱାସଘାତକତା।' ସେହିପରି ଥରେ ବିଶ୍ୱାସଘାତକତା କରିଥିବା (ପ୍ରେମନିବେଦନ କରି ବିଫଳ ହୋଇ) ଭଣ୍ଡ ସନ୍ନ୍ୟାସୀ ଚୂଡ଼ାକର୍ଣ୍ଣକୁ ପୁନର୍ବାର ବିଶ୍ୱାସ କରି (ନିଜର ପତିଙ୍କ ନିକଟରେ ତା' କଥା ଗୋପନ ରଖି ) ସାଧବ ଲଳନା ରତ୍ନାବତୀ ଯେଉଁ ଦୁଃଖ ଭୋଗିଥିଲେ ଲୋକପ୍ରିୟ ଗ୍ରନ୍ଥ 'ପ୍ରସ୍ତାବସିନ୍ଧୁ'ରେ ତାହା ଏକ ଚର୍ଚ୍ଚିତ ଉପାଖ୍ୟାନ ହୋଇ ରହି ଯାଇଛି।

ଇତିହାସର ପୃଷ୍ଠା ଓଲଟାଇଲେ ବିଶ୍ୱାସରେ ବିଷ



ମିଶେଇବା ଘଟଣାର ଭୂରି ଭୂରି ନଜର ପଡ଼ିବାକୁ ମିଳେ। ଯେପରି ଶିବାଜୀ ଅଫଜଲ ଖାଁ ସମ୍ବାଦ, ଜୟଚନ୍ଦ୍ର ପୃଥ୍ୱୀରାଜ ମହମ୍ମଦ ଘୋରି ଉପାଖ୍ୟାନ, ସିରାଜଦୌଲା–ମିର୍ଜାଫର ସମ୍ପର୍କ, ନାଦୀରଶାହା–ସହାଆଲମଙ୍କର ମୁକୁଟ ବିନିମୟ ଘଟଣା ଇତ୍ୟାଦି।

ଏବେ ସାମ୍ପ୍ରତିକ ସମାଜରେ ଏହି ସୂକ୍ତିଟିର ପ୍ରାସଙ୍ଗିକତାକୁ ବିଚାର କରାଯାଉ। ନବବିବାହିତ କନ୍ୟାଟିଏ କେତେ ଆଶା ଭରସା ନେଇ ଶାଶୁ ଘରକୁ ଯାଏ। ଯଦି ସେଠାରେ ଦୈବାତ୍ ଯୌତୁକଯନ୍ତ୍ରଣାର ଶିକାର ହୁଏ ସେ ତ୍ରାହି ତ୍ରାହି ଡାକି ବାପଘରକୁ ଆଶ୍ରାକରେ। ବାପ ଘର ଲୋକେ ତାକୁ ଘରକୁ ନେଇ ଆସନ୍ତି ସତ, କିନ୍ତୁ କିଛିଦିନ ପରେ ଶାଶୁଘର ସହିତ କଥାବାର୍ତ୍ତା କରି ପୁଣି ତାକୁ ସେଠି ଛାଡ଼ି ଦେଇ ଆସନ୍ତି। ସେମାନେ ବୁଝନ୍ତିନି ଯେ ଲୋଭର ଅନ୍ତ ନ ଥାଏ। ଧନଲୋଭୀଙ୍କ ପାଇଁ ଦୟା, କ୍ଷମା, ବୁଝାମଣା ଭଳି ଶବ୍ଦର କିଛି ମୂଲ୍ୟ ନ ଥାଏ। ଫଳରେ ଏକା ଘଟଣାର ପୁନରାବୃତ୍ତି ହୁଏ। ଏଥରକ ବିଚରା ଝିଅଟି ଅସହାୟଭାବରେ ଅକାଳ ମୃତ୍ୟୁବରଣ କରେ। ଲତାଟିଏ ତା' ପାଖରେ ଥିବା ବୃକ୍ଷ ଉପରକୁ ମାଡ଼ିଲା ପରି ଅନ୍ତିମ କୈଶୋର କିମ୍ବା ଆଦ୍ୟ ଯୌବନର ଦୋଛକିରେ ଉପନୀତ ଝିଅଟି ତା' ଆଡ଼କୁ ପ୍ରଥମ ଥର ପାଇଁ ଲମ୍ବି ଆସୁଥିବା ସହାନୁଭୂତି, ଭରସା, ଆଶ୍ୱାସନା ଓ ପ୍ରତିଶ୍ରୁତିର ହାତକୁ ନିଜ ହାତ ସହିତ ଛନ୍ଦି ଦେବାକୁ ବ୍ୟାକୁଳ ହୋଇ ଅନିଶ୍ଚିତତା ଭିତରକୁ ଲମ୍ଫ ପ୍ରଦାନ କରେ। କିନ୍ତୁ ବାସ୍ତବତା ଜାଣିଲା ବେଳକୁ ନେଡ଼ିଗୁଡ଼ କହୁଣିକୁ ବୋହିଯାଇଥାଏ। ପ୍ରେମିକ ଉପରେ ଅଖଣ୍ଡ ଭରସା ରଖି ବିବାହିତା ଏବଂ ସନ୍ତାନବତୀ ମହିଳାଟିଏ ଘର ଛାଡ଼େ। କିନ୍ତୁ ଯେତେବେଳେ ତା'ର ପ୍ରେମିକ ତାକୁ ପ୍ରତ୍ୟାଖ୍ୟାନ କରେ ତା'ର ଅବସ୍ଥା ଦୁଇ ନାବରେ ଗୋଡ଼ ଦେଲା ଭଳି ହୁଏ। ତ୍ରିକୋଣୀୟ ପ୍ରେମ, ପରକୀୟା, ଧନଲୋଭ, ବୋତଲବନ୍ଧୁ ଇତ୍ୟାଦି ଅନେକ ସମୟରେ ମୃତ୍ୟୁର କାରଣ ହୁଏ।

ସମାଜରେ ପ୍ରତିଷ୍ଠିତ ଅନେକ ଲୋକ ବି ଏଭଳି ଷଠତାର ଶରବ୍ୟ ହେବାର ବହୁତ ଦୃଷ୍ଟାନ୍ତ ରହିଛି। ସାମାନ୍ୟ ସମସ୍ୟାରୁ ମୁକ୍ତି ପାଇଁ ହେଉ ଅଥବା ତାତ୍କାଳିକ ପ୍ରାପ୍ତି ପାଇଁ ହେଉ କିଛି ଲୋକ ଭଣ୍ଡବାବାଙ୍କର ଶରଣାପନ୍ନ ହୁଅନ୍ତି। ତାଙ୍କ ଉପରେ ଅଖଣ୍ଡ ବିଶ୍ୱାସ ରଖି କେତେ ଯେ ପରିବାର ସର୍ବସ୍ୱାନ୍ତ ହୁଅନ୍ତି ତା'ର ହିସାବ ନାହିଁ।

ଏହାର ଅର୍ଥ ନୁହେଁ ସମସ୍ତଙ୍କୁ ଅବିଶ୍ୱାସ କରିବା। ସମାଜରେ ରହିବାକୁ ହେଲେ କିଛି ମାତ୍ରାରେ ବିଶ୍ୱାସ ତ ରଖିବାକୁ ପଡ଼ିବ। ତେବେ ଯେଉଁଠି ବିଶ୍ୱାସ ଓ ଅବିଶ୍ୱାସ ମଧ୍ୟରେ ଗୋପନୀୟତା ବା ସଂଶୟ ପ୍ରବେଶ କରେ ତାହା ସହଜରେ ଗ୍ରହଣୀୟ ନୁହେଁ। ବିଶ୍ୱାସ ଅବିଶ୍ୱାସର ଧାରା ଏକତରଫା ନ ହୋଇ ନିଜର ଆତ୍ମୀୟସ୍ୱଜନଙ୍କର ସହମତିରେ ବା ଜ୍ଞାତସାରରେ ହେବା ବିଧେୟ। ଏହାର ଅନ୍ୟ ଏକ ବିଭାବ ହେଲା ଲୋକଚରିତ୍ରକୁ ଠିକ୍ ଭାବରେ ଅନୁଧ୍ୟାନ କରି ଅଗ୍ରସର ହେବା। ବିଶ୍ୱାସ କରିବା ପୂର୍ବରୁ ଦେଶ କାଳ ପାତ୍ରକୁ ବିଚାର କଲେ ଅନେକ ସମସ୍ୟା ଏଡ଼େଇ ହେବ। ମାଙ୍କଡ଼ଟି ସିନା ସେଦିନ ମୃତ୍ୟୁମୁଖରୁ ଫେରି ଆସିଥିଲା, ହେଲେ ମଣିଷ ପାରିବ ତ? ଅଣ୍ଟିଛୁରି ପରା ତଣ୍ଟି କାଟେ!

ମୋ: ୯୪୩୮୬୭୩୮୯୮

## ଏଇ ଭାରତରେ

ଆଜିର ସମୟରେ ଯୁବବର୍ଗ ଆଇଏଏସ୍ ଏବଂ ପ୍ରୋଭିନ୍‌ସିଆଲ ସିଭିଲ ସର୍ଭିସ(ପିସିଏସ୍) ହେବାର ସ୍ୱପ୍ନ ଦେଖୁଛନ୍ତି। କିନ୍ତୁ ଆର୍ଥିକ ସମସ୍ୟା ଯୋଗୁ ସେମାନଙ୍କ ସ୍ୱପ୍ନ ଅଧୁରା ରହିଯାଉଛି। ଏଭଳି ସ୍ଥିତିରେ ଆର୍ଥିକ କ୍ଷେତ୍ରରେ ଦୁର୍ବଳ ଯୁବବର୍ଗଙ୍କୁ କୋଚିଂ ଦେବା ଦାୟିତ୍ୱ ଗ୍ରହଣ କରିଛନ୍ତି ଯୁପିର ଅନୁପ ଉପାଧ୍ୟାୟ। ମାତ୍ର ୧ ଟଙ୍କା ଗୁରୁଦକ୍ଷିଣା ନେଇ ସେ ଛାତ୍ରୀଛାତ୍ରମାନଙ୍କୁ ଜି.କେ./ଜିଏସ୍ ପଢ଼ାଉଛନ୍ତି। ଅନୁପ ପେସାରେ ଜଣେ ଶିକ୍ଷକ। ଅନୁପ ଗତ ୮ ବର୍ଷ ଧରି ଲକ୍ଷ୍ନୌ, ଦିଲ୍ଲୀ ଏବଂ ପାଟନା ଭଳି ଅନେକ ସହରରେ ଆଇଏଏସ୍ ଏବଂ ପିସିଏସ୍ ପାଇଁ କୋଚିଂ ଯୋଗାଇ ଆସିଛନ୍ତି। ଏହା ବ୍ୟତୀତ ସେ ଏବେ ନିଜ ଜିଲା ବାଲିଆକୁ ଆସି ପିଲାମାନଙ୍କୁ ମଧ୍ୟ କୋଚିଂ ଦେବା ଆରମ୍ଭ କରିଛନ୍ତି। ସେ କୁହନ୍ତି, ମୁଁ ମଧ୍ୟ ଦାରିଦ୍ର୍ୟ ସହ ସଂଘର୍ଷ କରିଛି, ମୁଁ ଜାଣେ ଦାରିଦ୍ର୍ୟ କ'ଣ। ତେଣୁ ମୁଁ ମୋ ଜିଲାର ପିଲାମାନଙ୍କୁ ମାଗଣା ଶିକ୍ଷା ପ୍ରଦାନ କରିବାର ଦାୟିତ୍ୱ ଗ୍ରହଣ କରିଛି; ଯାହା ଦ୍ୱାରା ସେମାନେ ଭବିଷ୍ୟତରେ ବଡ଼ ପଦବୀରେ ପହଞ୍ଚିପାରିବେ। ବର୍ତ୍ତମାନ ପର୍ଯ୍ୟନ୍ତ କୋଚିଂ ପାଇ ଅନେକ ଶହ ଆଶାୟୀ ସେମାନଙ୍କ ଲକ୍ଷ୍ୟରେ ସଫଳ ହୋଇ ଉଚ୍ଚ ପଦବୀରେ କାର୍ଯ୍ୟ କରୁଛନ୍ତି ।

## ୨୫ ବର୍ଷ ତଳର ଧରିତ୍ରୀ

୩୧ ଅକ୍ଟୋବର ୧୯୯୮

- ଉପମୁଖ୍ୟମନ୍ତ୍ରୀ ବସନ୍ତ କୁମାର ବିଶ୍ୱାଳଙ୍କ ଦ୍ୱାରା ବହୁଚର୍ଚ୍ଚିତ ଜଳସମ୍ପଦ ଭବନ (ରାଜୀବ ଭବନ) ଉଦ୍‌ଘାଟିତ।
- ଜାତିସଂଘ ଶାନ୍ତିରକ୍ଷା ବାହିନୀର ସଦସ୍ୟମାନଙ୍କ ପାଇଁ ସର୍ବନିମ୍ନ ବୟସ ସୀମା ୨୫ ବର୍ଷକୁ ଧାର୍ଯ୍ୟ।
- ସ୍ୱିଡେନର ପଶ୍ଚିମାଞ୍ଚଳ ଅନ୍ତର୍ଗତ ଗୋଥେନବର୍ଗଠାରେ ଥିବା ଏକ ଡିସ୍କୋଥେକ (କ୍ଲବ)ରେ ଅଗ୍ନିକାଣ୍ଡ ଘଟି ୬୭ ଦଗ୍ଧ।

## ଚିରନ୍ତନୀ

ପରଶିଛି ପଥେ ପଥେ
ହରଷାଇ ଘାସରେ
ପରାଚୀର ପରଥମ ହାସରେ!
ତାରକା ଖଚିତ ନଭେ
ତାହାରି ପରଶ ଦ୍ରବେ
ପଞ୍ଚମୀ ଜୋଛନାର ପ୍ରାସରେ
ପରଶିଛି ହରଷାଇ ଘାସରେ!
–(ଶିଶିର–ହାସ୍ୟ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku

Puzzles by Srikant Ghosh

ସୁ–ଡୋ–କୁ

| | | | | | | | | |
|---|---|---|---|---|---|---|---|---|
| | 3 | | 7 | | | | 1 | 4 |
| 4 | 7 | 2 | | | 6 | | 3 | |
| | | | | | | | | 6 |
| | 8 | | 4 | | | | | |
| 2 | | 9 | | | | | | |
| 6 | 4 | | 9 | | | | | 2 |
| 8 | | | | | 5 | | | 7 |
| | | | | | | 8 | | |
| 3 | | | | 1 | | 9 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 6 | 9 | 1 | 8 | 4 | 5 | 2 | 7 |
| 4 | 2 | 7 | 5 | 9 | 6 | 1 | 8 | 3 |
| 5 | 1 | 8 | 2 | 3 | 7 | 4 | 6 | 9 |
| 2 | 8 | 5 | 3 | 6 | 1 | 7 | 9 | 4 |
| 7 | 3 | 4 | 9 | 5 | 8 | 2 | 1 | 6 |
| 6 | 9 | 1 | 4 | 7 | 2 | 3 | 5 | 8 |
| 8 | 5 | 2 | 7 | 4 | 9 | 6 | 3 | 1 |
| 9 | 4 | 3 | 6 | 1 | 5 | 8 | 7 | 2 |
| 1 | 7 | 6 | 8 | 2 | 3 | 9 | 4 | 5 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ପଞ୍ଚାୟତରେ ଆଧାର ସେବା

ମହାଶୟ,

ପୂର୍ବରୁ ସରକାରଙ୍କ ତରଫରୁ ପ୍ରତି ପଞ୍ଚାୟତରେ ଆଧାର ସେବାକେନ୍ଦ୍ର ସ୍ଥାପନ କରାଯିବାକୁ ଘୋଷଣା କରାଯାଇଥିଲା। ପୁନଶ୍ଚ ୯ ସେପ୍ଟେମ୍ବର ୨୦୨୩ରେ ୧୦ ବର୍ଷିଆ ଆଧାର ଅପ୍‌ଡେଟ୍‌ର ଅବଧିକୁ ୩ ମାସ ବୃଦ୍ଧି ସହ ମାଗଣାରେ ଅପ୍‌ଡେଟ୍ କରାଯିବ ବୋଲି ଘୋଷଣା କରାଗଲା। ହେଲେ ଅବଧି ବୃଦ୍ଧିର ୧ ମାସରୁ ଊର୍ଦ୍ଧ୍ୱ ବିତିଯାଇଥିଲେ ସୁଦ୍ଧା ପଞ୍ଚାୟତରେ କୌଣସି ଆଧାର ସେବାକେନ୍ଦ୍ର ବା କ୍ୟାମ୍ପ ପଡ଼ିନାହିଁ। ସରପଞ୍ଚ ଏ ବାବଦରେ କୌଣସି ପଦକ୍ଷେପ ନେଉନାହାନ୍ତି। ପ୍ରାଇଭେଟ୍ ଆଧାର ସେବାକେନ୍ଦ୍ର ବା ଜନସେବା କେନ୍ଦ୍ରରେ ଅପ୍‌ଡେଟ୍ କରାଇ ନୂଆ କାର୍ଡ ହସ୍ତଗତ ହେବା ପର୍ଯ୍ୟନ୍ତ ୩୫୦ରୁ ୪୦୦ ଟଙ୍କା ଖର୍ଚ୍ଚ କରିବାକୁ ପଡୁଛି। ଏଣୁ ଅଧିକ ସଦସ୍ୟ ଥିବା ପରିବାର ତଥା ଗରିବ ବା ଦିନମଜୁରିଆ ଶ୍ରେଣୀର ଲୋକଙ୍କ ପକ୍ଷେ ଅପ୍‌ଡେଟ୍ କରିବା ସମ୍ଭବ ହେଉନାହିଁ। ଏଣେ ଆଧାର କାର୍ଡ ଅପ୍‌ଡେଟ୍ ନ କଲେ ରାଶନ ସାମଗ୍ରୀ ମିଳିବ ନାହିଁ ବୋଲି ଡିଲର ସତର୍କ କରୁଛନ୍ତି। ପ୍ରତି ପଞ୍ଚାୟତରେ ତୁରନ୍ତ ଆଧାର କ୍ୟାମ୍ପ ପକାଇ ଜନସାଧାରଣଙ୍କ ଅସୁବିଧା ଦୂର କରାଯାଉ।

**–ରାଜକୁମାର ସାମଲ, ଅରେଇ, ଯାଜପୁର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ବିକାଶର ନୂଆ ଶିଖରରେ ପହଞ୍ଚିବ ସବୁ ଗାଁ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୩୦।୧୦
(ଅନିଲ ଦାସ)

ରାଜ୍ୟ ସରକାରଙ୍କ ମହତ୍ତ୍ୱାକାଂକ୍ଷୀ ଯୋଜନା 'ଆମ ଓଡ଼ିଶା ନବୀନ ଓଡ଼ିଶା' ମାଧ୍ୟମରେ ନୂଆ ଓଡ଼ିଶା ସଶକ୍ତ ଓଡ଼ିଶା ଗଠନର ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ଅଭିଯାନ ଆରମ୍ଭ ହୋଇଛି। ସୋମବାର ଭୁବନେଶ୍ୱରରୁ ଆଭାସୀ ଯୋଗେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କାର୍ଯ୍ୟକ୍ରମର ୬ଷ୍ଠ ଦିବସରେ ରାୟଗଡ଼ା ଓ ଝାରସୁଗୁଡ଼ା ଜିଲାରେ ଏହି ଯୋଜନାର ଶୁଭାରମ୍ଭ କରିଛନ୍ତି। ଫଳରେ ପ୍ରତି ପଞ୍ଚାୟତ ପାଇବେ ୫୦ ଲକ୍ଷ ଟଙ୍କା।

ରାୟଗଡ଼ା ଜିଲାର ରାୟଗଡ଼ା, ଗୁଣପୁର ଓ ବିଷମକଟକ ନିର୍ବାଚନମଣ୍ଡଳୀକୁ ୯୧ କୋଟି ଟଙ୍କା ମିଳିଛି। ଏହିସବୁ ନିର୍ବାଚନମଣ୍ଡଳୀର ୧୧ ବ୍ଲକରେ ୧୮୨ଟି ଗ୍ରାମପଞ୍ଚାୟତରେ ୨,୬୧୩ଟି ପ୍ରକଳ୍ପ ହେବ। ସେହିପରି ଝାରସୁଗୁଡ଼ା ଜିଲାର ଝାରସୁଗୁଡ଼ା ଓ ବ୍ରଜରାଜନଗର ନିର୍ବାଚନମଣ୍ଡଳୀ ପାଇଁ ୩୯ କୋଟି ଟଙ୍କା ମଞ୍ଜୁର ହୋଇଛି। ଏଥିରେ ୫ଟି ବ୍ଲକର ୭୮ଟି ଗ୍ରାମପଞ୍ଚାୟତରେ ୯୫୭ଟି ପ୍ରକଳ୍ପ କରାଯିବ।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ସଂସ୍କୃତିର ପ୍ରସାର ଓ ଆଧୁନିକ ଭିତ୍ତିଭୂମିର ଉନ୍ନତି ଗାଁଗୁଡ଼ିକୁ ବିକାଶର ଶିଖରରେ ପହଞ୍ଚାଇବ। ଗାଁ ଲୋକ ସମସ୍ତେ ଶିକ୍ଷା ଓ ସ୍ୱାସ୍ଥ୍ୟର ଗ୍ୟାରେଣ୍ଟି ପାଇବେ। ଗାଁରେ ଡିଜିଟାଲ ଭିତ୍ତିଭୂମିର ବିକାଶ ଏହି ଯୋଜନାର ଅନ୍ୟତମ ଲକ୍ଷ୍ୟ। ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମର ସଫଳ ରୂପାୟନରେ ମୁଖ୍ୟମନ୍ତ୍ରୀ ସମସ୍ତଙ୍କର ସହଯୋଗ କାମନା କରିଛନ୍ତି। ଏହି କାର୍ଯ୍ୟକ୍ରମ ପାଇଁ ରାୟଗଡା ଜିଲାର ୩ଟି ଓ ଝାରସୁଗୁଡା ଜିଲାର ୨ଟି ନିର୍ବାଚନମଣ୍ଡଳୀରେ ଆୟୋଜିତ କାର୍ଯ୍ୟକ୍ରମରେ ବିପୁଳ ଜନସମାଗମ ହୋଇଥିଲା।

୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ ଭି.କେ. ପାଣ୍ଡିଆନ କାର୍ଯ୍ୟକ୍ରମକୁ ସଂଯୋଜନା କରି



**ଆମ ଓଡ଼ିଶା ନବୀନ ଓଡ଼ିଶା**
- ରାୟଗଡ଼ାର ୩ ନିର୍ବାଚନମଣ୍ଡଳୀର ୨୬୧୩ ପ୍ରକଳ୍ପ ପାଇଁ ୯୧ କୋଟି
- ଝାରସୁଗୁଡ଼ାର ୨ଟି ନିର୍ବାଚନମଣ୍ଡଳୀର ୯୫୭ ପ୍ରକଳ୍ପ ପାଇଁ ୩୯ କୋଟି
- ଗାଁର ରୂପାନ୍ତର ସାରା ଦେଶକୁ ରାସ୍ତା ଦେଖାଇବ: ପାଣ୍ଡିଆନ

ରୂପାନ୍ତର କାର୍ଯ୍ୟକ୍ରମ ଲୋକଙ୍କ ମଧ୍ୟରେ ଉତ୍ସାହ ସୃଷ୍ଟି କରିଛି ବୋଲି କହିଛନ୍ତି। ସେ କହିଛନ୍ତି, 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ ଜରିଆରେ ସବୁ ଗାଁରେ ରୂପାନ୍ତର ଆଣିବା ମୁଖ୍ୟମନ୍ତ୍ରୀଙ୍କ ଲକ୍ଷ୍ୟ।

ରାୟଗଡ଼ା ଜିଲାର ରାୟଗଡ଼ା ନିର୍ବାଚନମଣ୍ଡଳୀରେ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା କାର୍ଯ୍ୟକ୍ରମରେ ୫୦ଟି ଶିକ୍ଷାନୁଷ୍ଠାନ ଓ ଧାର୍ମିକ ଅନୁଷ୍ଠାନ ପାଇଁ ୧୦.୩୫ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଏଥିସହିତ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ଜିଲାଗସ୍ତ ପରେ ୮ଟି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ପାଇଁ ୩୪.୫୨ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଏହା ମଧ୍ୟରେ ରହିଛି ମା' ମଝିଘରିଆଣୀ ମନ୍ଦିରର ଉନ୍ନତି ଓ ସୌନ୍ଦର୍ଯ୍ୟକରଣ, ରାୟଗଡ଼ା ଜଗନ୍ନାଥ ମନ୍ଦିରର ଉନ୍ନତୀକରଣ, କାଶିପୁର କୁମାଖାଲରେ ୧୨୦ ଆସନ ବିଶିଷ୍ଟ ଏକ ହଷ୍ଟେଲ, ରାୟଗଡା ମଡେଲ ଡିଗ୍ରୀ କଲେଜ, ରାୟଗଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ଆଦିର ଉନ୍ନତୀକରଣ। ସେହିପରି ବିଷମକଟକ ନିର୍ବାଚନମଣ୍ଡଳୀରେ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା କାର୍ଯ୍ୟକ୍ରମରେ ୮୦ଟି ଶିକ୍ଷାନୁଷ୍ଠାନ ଓ ଧାର୍ମିକ ଅନୁଷ୍ଠାନ ପାଇଁ ୮.୫୧ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଏଥିସହିତ ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟର ଜିଲାଗସ୍ତ ପରେ ୯ଟି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ପାଇଁ ୮.୯୧ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଏହା ମଧ୍ୟରେ ରହିଛି ଚଟିକଣା ଶିବ ମନ୍ଦିରର ଉନ୍ନତୀକରଣ, ନେଳିଆ ବନ୍ଧର ସୌନ୍ଦର୍ଯ୍ୟକରଣ ଓ ବିକାଶ, ଖଜୁରି ଗାଁ ଗଡ଼ଗଡ଼ା ଜଳପ୍ରପାତ ପର୍ଯ୍ୟଟନ କ୍ଷେତ୍ରର ବିକାଶ। ସେହିପରି ଗୁଣପୁର ନିର୍ବାଚନମଣ୍ଡଳୀରେ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା କାର୍ଯ୍ୟକ୍ରମରେ ୫୯ଟି ଶିକ୍ଷାନୁଷ୍ଠାନ ଓ ଧାର୍ମିକ ଅନୁଷ୍ଠାନ ପାଇଁ ୧୦.୪୫ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଏହାଛଡ଼ା ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟର ଜିଲାଗସ୍ତ ପରେ ୧୦ଟି ପ୍ରକଳ୍ପ ପାଇଁ ୮୨.୮୫ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଏହା ମଧ୍ୟରେ ରହିଛି ରାମେଶ୍ୱର ମହାଶମ୍ଭୁ ଶିବ ମନ୍ଦିରର ଉନ୍ନତୀକରଣ, ମାତରବନମ ସଉରା ମନ୍ଦିରର ସୌନ୍ଦର୍ଯ୍ୟକରଣ, ବଂଶଧାରା ନଦୀ ଉପରେ ସେତୁ। ଏହିପରି ଜିଲାରେ ୨୭ଟି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ପାଇଁ ୧୨୬.୨୮ କୋଟି ଟଙ୍କା ମଞ୍ଜୁର କରାଯାଇଛି ଏବଂ ସଉରା ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ଅନ୍ତର୍ଭୁକ୍ତ କରିବା ପାଇଁ ପଦକ୍ଷେପ ନିଆଯାଇଛି ବୋଲି ପାଣ୍ଡିଆନ କହିଛନ୍ତି।

ସେହିପରି ଝାରସୁଗୁଡା ନିର୍ବାଚନମଣ୍ଡଳୀରେ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା କାର୍ଯ୍ୟକ୍ରମରେ ୧୨୬ଟି ଶିକ୍ଷାନୁଷ୍ଠାନ ଓ ଧାର୍ମିକ ଅନୁଷ୍ଠାନ ପାଇଁ ୧୧.୪୨ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଏଥିସହିତ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ଜିଲାଗସ୍ତ ପରେ ୪ଟି ପ୍ରକଳ୍ପ ପାଇଁ ୨.୭୪ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଏହା ମଧ୍ୟରେ ରହିଛି ଲଇକେରାସ୍ଥିତ ଜଂଘାଲିଙ୍ଗ ମନ୍ଦିର। ଏହା ସହିତ ଝାରସୁଗୁଡ଼ାର ଗୋଣ୍ଡ ସମାଜ ପାଇଁ ଭୁବନେଶ୍ୱର ଚନ୍ଦ୍ରଶେଖରପୁରଠାରେ ୫୦ ଡେସିମିଲ ଜମି ଦିଆଯାଇଛି। ଏହା ଦ୍ୱାରା ଗୋଣ୍ଡ ସମାଜର ରାଜଧାନୀରେ ରହିବା ସୁବିଧା ସହିତ ସେମାନଙ୍କ କଳା ଓ ସଂସ୍କୃତିର ପ୍ରଚାର ପ୍ରସାରରେ ସୁବିଧା ହେବ ବୋଲି ପାଣ୍ଡିଆନ କହିଛନ୍ତି। ବ୍ରଜରାଜନଗର ନିର୍ବାଚନମଣ୍ଡଳୀରେ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା କାର୍ଯ୍ୟକ୍ରମରେ ୧୧୮ଟି ଶିକ୍ଷାନୁଷ୍ଠାନ ତଥା ଧାର୍ମିକ ଅନୁଷ୍ଠାନ ପାଇଁ ୮.୦୮ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଏହାସହିତ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ଜିଲାଗସ୍ତ ପରେ ୪ଟି ପ୍ରକଳ୍ପ ପାଇଁ ୫.୪୧ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଏଥିରେ ରହିଛି ମା' ରାମଚଣ୍ଡୀ ମନ୍ଦିରର ଉନ୍ନତି ଓ ସୌନ୍ଦର୍ଯ୍ୟକରଣ। ଏହାଦ୍ୱାରା ବର୍ଷକୁ ଏହି ମନ୍ଦିରକୁ ଅତିକମ୍‌ରେ ୫୦ ହଜାର ଭକ୍ତ ଆସି ସୁବିଧାରେ ଦର୍ଶନ କରିପାରିବେ ବୋଲି ପାଣ୍ଡିଆନ କହିଛନ୍ତି। ସେହିପରି ହୀରାକୁଦ ବିସ୍ଥାପିତମାନଙ୍କ ପାଇଁ ଦୀର୍ଘ ବର୍ଷର ସମସ୍ୟାକୁ ସମାଧାନ କରି ରାଜ୍ୟ ସରକାର ସେମାନଙ୍କୁ ଜମି ପଟ୍ଟା ଦେବାର ବ୍ୟବସ୍ଥା କରିଛନ୍ତି ବୋଲି ପାଣ୍ଡିଆନ ସୂଚନା ଦେଇଛନ୍ତି। ୧,୮୦୦ରୁ ଅଧିକ ପରିବାରକୁ ୩,୧୩୦ ଏକରରୁ ଅଧିକ ଜମି ପାଇଁ ପଟ୍ଟା ଯୋଗାଇ ଦିଆଯିବ। ଫେବୃୟାରୀ ସୁଦ୍ଧା ସମସ୍ତଙ୍କୁ ପଟ୍ଟା ଦେବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି ବୋଲି ସେ କହିଥିଲେ। ଜିଲାରେ ୮ଟି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ପାଇଁ ୮.୧୫ କୋଟି ଟଙ୍କା ମଞ୍ଜୁର କରାଯାଇଛି ବୋଲି ପାଣ୍ଡିଆନ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀ ଜଗନ୍ନାଥ ସାରକା, ବିଧାୟକ ମକରନ୍ଦ ମୁଦୁଲି, ରଘୁନାଥ ଗମାଙ୍ଗୋ, ବିଧାୟିକା ଦୀପାଳି ଦାସ, ଅଳକା ମହାନ୍ତି ପ୍ରମୁଖ ଆଭାସୀ ମାଧ୍ୟମରେ ଯୋଗ ଦେଇଥିଲେ।

# ଆନ୍ଧ୍ରରେ ଟ୍ରେନ୍ ଦୁର୍ଘଟଣା ପରେ ଉଦ୍ଧାର ଦୃଶ୍ୟ



ଦୁର୍ଘଟଣାଗ୍ରସ୍ତ ବଗିକୁ କେମିତି ସାହାଯ୍ୟରେ ରେଲଧାରଣାରୁ ଉଠାଯାଉଛି।



ଉଦ୍ଧାର କାର୍ଯ୍ୟରେ ଅଗ୍ନିଶମ, ଓଡ୍ରାଫ୍ ଓ ଅନ୍ୟ କର୍ମଚାରୀମାନେ ନିୟୋଜିତ ହୋଇଛନ୍ତି।



ଟ୍ରେନ୍ ଦୁର୍ଘଟଣାସ୍ଥଳରେ କେମିତି ସାହାଯ୍ୟରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି।



କର୍ମଚାରୀଙ୍କ ଦ୍ୱାରା ରେଳ ଲାଇନ୍ ମରାମତି କରାଯାଉଛି।




ଭୁବନେଶ୍ୱର ରେଳ ଷ୍ଟେଶନଠାରେ ଖୋଲାଯାଇଥିବା ହେଲ୍ପ ଡେସ୍କ।

## ଯୁବତୀଙ୍କ ଝୁଲନ୍ତା ମୃତଦେହ ଜବତ

ଯାଁଳା,୩୦।୧୦(ବୁଲା ବାରିକ)

ଇନ୍‌ଫୋସିଭ୍ୟାଲି ଥାନା ଓଗାଳପଡ଼ା ଅଞ୍ଚଳରୁ ସୋମବାର ପୋଲିସ ଜଣେ ଯୁବତୀଙ୍କ ଝୁଲନ୍ତା ମୃତଦେହ ଜବତ କରିଛି। ସେ ହେଲେ ମଧୁସ୍ମିତା ଜେନା(୨୩)। ତାଙ୍କ ଘର ପୁରୀ ଅଞ୍ଚଳରେ ହୋଇଥିବା ବେଳେ ସେ ଓଗାଳପଡ଼ାରେ ପରିବାର ସହ ଭଡ଼ାରେ ରୁହନ୍ତି। ସୂଚନା ମୁତାବକ, ଆସନ୍ତା ନଭେମ୍ବର ୨୫ରେ ମଧୁସ୍ମିତାଙ୍କ ନିର୍ବନ୍ଧ ଓ ଡିସେମ୍ବରରେ ବିବାହ ପାଇଁ ତିଥି ଧାର୍ଯ୍ୟ କରାଯାଇଥିଲା। ସୋମବାର ଘରେ କେହି ନ ଥିବା ବେଳେ ମଧୁସ୍ମିତା ଘର କବାଟ ବନ୍ଦ କରିଦେଇଥିଲେ। ପଡ଼ୋଶୀ ତାଙ୍କ ଘରର କବାଟ ବାଡ଼େଇଥିଲେ ମଧ୍ୟ ସେ ଖୋଲି ନ ଥିଲେ। ମଧୁସ୍ମିତା ପଙ୍ଖାରେ ଝୁଲୁଥିବା ଘର ପଛପଟ ଝରକାରେ ଲୋକେ ଦେଖିବାକୁ ପାଇଥିଲେ। ଏନେଇ ତାଙ୍କ ପରିବାର ଲୋକ ଓ ଥାନାକୁ ଜଣାଇଥିଲେ।

## ନିଃସର୍ତ୍ତ କ୍ଷମାପ୍ରାର୍ଥନା ପରେ ଜେଲରୁ ୨ ମୁକୁଳିଲେ

କଟକ, ୩୦।୧୦(କାର୍ତ୍ତିକ ସାହୁ)

- କାର୍ଯ୍ୟକାରୀ ମୁଖ୍ୟ ବିଚାରପତିଙ୍କ କୋର୍ଟରେ ବିଶୃଙ୍ଖଳିତ ଆଚରଣ କରିଥିଲେ
- କୋଣାର୍କ ସିଭିଲ ଜଜ୍ ଜୁନିୟର ଡିଭିଜନ କୋର୍ଟ ନିର୍ମାଣକୁ ଚ୍ୟାଲେଞ୍ଜ ମାମଲା

ହାଇକୋର୍ଟର କାର୍ଯ୍ୟକାରୀ ମୁଖ୍ୟ ବିଚାରପତିଙ୍କ କୋର୍ଟରେ ଅଦାଲତ ଅବମାନନା ଭଳି ବିଶୃଙ୍ଖଳିତ ଆଚରଣ ପାଇଁ ଗିରଫ ହୋଇ ଚୌଦ୍ୱାର ଜେଲ୍‌ରେ ଥିବା ୨ ବ୍ୟକ୍ତି ସୋମବାର ମୁକୁଳିଛନ୍ତି। ସମ୍ପୃକ୍ତ ବ୍ୟକ୍ତିଦ୍ୱୟ ହେଲେ ପ୍ରଭାତ କୁମାର ପାଢ଼ୀ ଓ ଦୁର୍ଯ୍ୟୋଧନ ସାହୁ। ନିଜ ବ୍ୟବହାର ଲାଗି ଅନୁତପ୍ତ ହେବା ଓ ଏଥିପାଇଁ ହାଇକୋର୍ଟଙ୍କ ନିକଟରେ ନିଃସର୍ତ୍ତ କ୍ଷମା ପ୍ରାର୍ଥନା କରିବା ପରେ ସେମାନଙ୍କ ଚରିତ୍ର ସୁଧାରିବା ନିମନ୍ତେ ସୁଯୋଗ ଦେବାକୁ ହାଇକୋର୍ଟ ଉଭୟଙ୍କୁ ମୁକୁଳାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ହାଇକୋର୍ଟ କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଡ. ବି.ଆର୍. ଷଡ଼ଙ୍ଗୀ ଏବଂ ବିଚାରପତି ମୁରାହରି ଶ୍ରୀରମଣଙ୍କ ଖଣ୍ଡପୀଠ ମାମଲାର ଶୁଣାଣି କରି ସେମାନଙ୍କ ବିରୋଧରେ ଅଦାଲତ ଅବମାନନା କାର୍ଯ୍ୟାନୁଷ୍ଠାନ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ସ୍ଥାନୀୟ ଅଞ୍ଚଳରେ ଶାନ୍ତି ଓ ସଦ୍‌ଭାବ ବଜାୟ ରହିବା ପାଇଁ ବ୍ୟକ୍ତିଦ୍ୱୟଙ୍କ ଆଚରଣ ଉପରେ ନଜର ରଖିବାକୁ କୋଣାର୍କ ଥାନା ଆଇଆଇସିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ମାମଲାର ବିବରଣୀ ଅନୁସାରେ, ଅକ୍ଟୋବର ୧୯ରେ ହାଇକୋର୍ଟ କାର୍ଯ୍ୟକାରୀ ମୁଖ୍ୟ ବିଚାରପତିଙ୍କ କୋର୍ଟରେ ଏକ ଜନସ୍ୱାର୍ଥ ମାମଲାର ଶୁଣାଣି ଚାଲିଥିଲା। ଆବେଦନକାରୀ ପ୍ରଭାତ କୁମାର ପାଢ଼ୀ ଏବଂ ଅନ୍ୟ ଗ୍ରାମବାସୀଙ୍କ ପକ୍ଷରୁ ମାମଲା ରୁଜୁ କରାଯାଇଥିଲା। କୋଣାର୍କର ଏକ ଜମିରେ ସିଭିଲ ଜଜ୍ ଜୁନିୟର ଡିଭିଜନଙ୍କ କୋର୍ଟ ନିର୍ମାଣ କାର୍ଯ୍ୟକୁ ଚ୍ୟାଲେଞ୍ଜ କରି ଏହି ମାମଲା ଦାଏର ହୋଇଥିଲା। କୋର୍ଟ ନିର୍ମାଣ ପାଇଁ ଜମି ଯୋଗାଣ ନିମନ୍ତେ ଚିହ୍ନଟ, ସଂରକ୍ଷଣ ବାତିଲ ଆଦି ଆନୁଷଙ୍ଗିକ ପ୍ରକ୍ରିୟା ଶେଷ ହେବା ପରେ ରାଜ୍ୟ ଆଇନ ବିଭାଗକୁ ଜମି ହସ୍ତାନ୍ତର ହୋଇଥିଲା। ଆଇନ ବିଭାଗ ଉକ୍ତ ଜମି ନିଜ ଅକ୍ତିଆରକୁ ନେବା ପରେ ସେଠାରେ ନିର୍ମାଣ କାର୍ଯ୍ୟ ଆରମ୍ଭ ନିମନ୍ତେ ପଦକ୍ଷେପ ନିଆଯାଇଥିଲା। ନିର୍ମାଣ କାର୍ଯ୍ୟ ଆରମ୍ଭ ହେବା ପରେ ଆବେଦନକାରୀମାନେ ଏହାକୁ ଚ୍ୟାଲେଞ୍ଜ କରି ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲେ। ହେଲେ ଜମି ହସ୍ତାନ୍ତର ନିମନ୍ତେ ପ୍ରକ୍ରିୟା ଚାଲିଥିବାବେଳେ ଏମାନେ କୌଣସି ଅଭିଯୋଗ ଉଠାଇ ନ ଥିଲେ। ଫଳରେ ହାଇକୋର୍ଟ ସେମାନଙ୍କ ଆବେଦନର ବିଚାର କରିବାକୁ ସମ୍ପୃକ୍ତ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇ ମାମଲାର ଅନ୍ତ ଘଟାଇଥିଲେ। ତହସିଲଦାର କୋର୍ଟଙ୍କ ଆଦେଶ ମୁତାବକ ଆବେଦନକୁ ଶୁଣିବା ପରେ ଅଗ୍ରାହ୍ୟ କରିଦେଇଥିଲେ। ଆବେଦନକାରୀମାନେ ଏହାର କୌଣସି ଯଥାର୍ଥ କାରଣ ନ ଥିବା ଦର୍ଶାଇ ପୁଣି ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲେ। ଏଥର ଅଦାଲତ ଉପଯୁକ୍ତ କାରଣ ଦର୍ଶାଇ ଶୁଣାଣି କରିବାକୁ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତହସିଲଦାରଙ୍କ ନିକଟରେ ମାମଲା ବିଚାର ପାଇଁ ଥିବାବେଳେ ଆବେଦନକାରୀମାନେ ପୁଣି ଅଦାଲତ ଅବମାନନା ମାମଲା ଦାଏର କରିଥିଲେ। ତେବେ ହାଇକୋର୍ଟ ଏହା ଖାରଜ ହୋଇଥିବା ଦର୍ଶାଇବା ପରେ ଆବେଦନକାରୀଦ୍ୱୟ ଅତ୍ୟନ୍ତ ବିଶୃଙ୍ଖଳିତ ଆଚରଣ କରି କୋର୍ଟଙ୍କୁ ଆକ୍ଷେପ କରିଥିଲେ। ଫଳରେ କୋର୍ଟ ଉଭୟଙ୍କ ବିରୋଧରେ ଅଦାଲତ ଅବମାନନା କାର୍ଯ୍ୟାନୁଷ୍ଠାନ ନେଇଥିଲେ।

# ଏକ୍ସପୋର୍ଟ ଇନ୍‌ସେନ୍‌ଟିଭ୍ ରିଇମ୍ବର୍ସମେଣ୍ଟ ପୋର୍ଟାଲ ଉଦ୍‌ଘାଟିତ

ଭୁବନେଶ୍ୱର,
୩୦।୧୦(ସୁନିତ୍ ମିଶ୍ର)



ଏକ୍ସପୋର୍ଟ ଇନ୍‌ସେନ୍‌ଟିଭ୍ ରିଇମ୍ବର୍ସମେଣ୍ଟ ପୋର୍ଟାଲ ଉଦ୍‌ଘାଟନ ଅବସରରେ ଉପସ୍ଥିତ ମନ୍ତ୍ରୀ ପ୍ରତାପ କେଶରୀ ଦେବ ଓ ଅନ୍ୟ ଅଧିକାରୀ।

ମେକ୍-ଇନ୍-ଓଡ଼ିଶା କନ୍‌କ୍ଲେଭ୍‌ରେ ଓଡ଼ିଶା ଏକ୍ସପୋର୍ଟ ପଲିସି-୨୦୨୨ ଅନୁମୋଦିତ ହୋଇଥିଲା। ଏହି ପଲିସି ଅନୁସାରେ ଯେଉଁ ରପ୍ତାନିକାରୀମାନେ ୭ଟି ବିଷୟ ଉପରେ ରପ୍ତାନିକ କାର୍ଯ୍ୟ କରିଥିବେ, ସେମାନଙ୍କ ଖର୍ଚ୍ଚ ସରକାର ୫୦ ପ୍ରତିଶତ ବହନ କରିବେ। ଏହି ପରିପ୍ରେକ୍ଷୀରେ ବର୍ତ୍ତମାନ ରପ୍ତାନି ଉନ୍ନୟନ ଓ ବାଣିଜ୍ୟ ନିର୍ଦ୍ଦେଶାଳୟଠାରେ ଏକ୍ସପୋର୍ଟ ଇନ୍‌ସେନ୍‌ଟିଭ୍ ରିଇମ୍ବର୍ସମେଣ୍ଟ ପୋର୍ଟାଲ ଉଦ୍‌ଘାଟିତ ହୋଇଛି। ରପ୍ତାନିକାରୀମାନେ ଅନ୍‌ଲାଇନ୍‌ରେ ଆବେଦନ କଲେ ସେମାନଙ୍କ ଖର୍ଚ୍ଚ ଅନୁମୋଦନ ହେବ ଓ ସେମାନେ ଗାଇଡ୍‌ଲାଇନ୍ ଅନୁଯାୟୀ ବହନ କରିଥିବା ସରକାରୀ ରାଶି ପିଛିଲା ଭାବେ ଫେରିପାଇବେ। ଏହି ୭ଟି ବିଷୟ ହେଉଛି, ଆନ୍ତର୍ଜାତିକ ସ୍ତରରେ ବାଣିଜ୍ୟ ମେଳାରେ ଭାଗ ନେବା ପାଇଁ ଫ୍ଲାଇଟ୍ ଖର୍ଚ୍ଚ ୫୦% ସରକାର ବହନ କରିବେ। ତେବେ ୫୦ ହଜାର ଭିତରେ ଏହା ସୀମିତ ରହିବ। ଷ୍ଟଲ୍ ଖର୍ଚ୍ଚ ସରକାର ବହନ କରିବେ। ସେହିପରି ରପ୍ତାନି ଉନ୍ନୟନ ପରିଷଦରେ ସଭ୍ୟ ହେବା ପାଇଁ ଯେଉଁ ଖର୍ଚ୍ଚ, ସେଥିରୁ ସରକାର କିଛି ଅଂଶ ବହନ କରିବେ। ତାହା ସର୍ବାଧିକ ୪୦ ହଜାର ଟଙ୍କା। ୱାନ୍ ଟାଇମ୍ ଅର୍ଗାନିକ୍ ସାର୍ଟିଫିକେଟ୍ ହାସଲ ପାଇଁ ଯେଉଁ ଖର୍ଚ୍ଚ କରିବାକୁ ପଡ଼ିବ ତା'ର ୫୦% ଓ ସର୍ବାଧିକ ୧୦ ଲକ୍ଷ ସରକାର ବହନ କରିବେ। ମୁଖ୍ୟତଃ ବିଦେଶକୁ ରପ୍ତାନି କରୁଥିବା ବ୍ୟକ୍ତି ବା କମ୍ପାନୀ ଏହି ସାର୍ଟିଫିକେଟ୍ ହାସଲ କରିବା ଜରୁରୀ ହୋଇଥାଏ। ସେହିପରି କଣ୍ଟ୍ରି ସାର୍ଟିଫିକେଟ୍, ଏକ୍ସପୋର୍ଟ ଇନ୍‌ସ୍ପେକନ୍ ଏଜେନ୍ସି ଦ୍ୱାରା ଅନୁମୋଦିତ ସାର୍ଟିଫିକେଟ୍, କ୍ୱାଲିଟି ସାର୍ଟିଫିକେଟ୍ ପାଇଁ ସର୍ବାଧିକ ରାଶି ସରକାର ବହନ କରିବେ। ସେହିପରି ରପ୍ତାନି ଦ୍ରବ୍ୟର ଷ୍ଟାଣ୍ଡାର୍ଡ ବୃଦ୍ଧି ପାଇଁ ଆବଶ୍ୟକ ହେଉଥିବା ପଞ୍ଜୀକୃତ ସରକାର ସଂସ୍ଥା ଦ୍ୱାରା ଟେକ୍‌ନୋଲୋଜି ଆଡ୍‌ଭାନ୍ସମେଣ୍ଟ କନ୍‌ସଲ୍‌ଟାନ୍ସି ପାଇଁ ଖର୍ଚ୍ଚ ଯାହାକି ୫ ଲକ୍ଷ ଅଟେ, ପଛୁଆ ଭାବେ ପ୍ରାପ୍ତି ହୋଇପାରିବ। ଏହି ପୋର୍ଟାଲ ବ୍ୟବହାର କରି ରପ୍ତାନିକାରୀ ବ୍ୟକ୍ତି ବା ସଂସ୍ଥା ୨୦୨୨ ନଭେମ୍ବର ୩୦ରୁ ପିଛିଲା ଭାବେ ପାଇପାରିବେ। କିନ୍ତୁ ଏଥିରେ ଥିବା ବିଭିନ୍ନ ସର୍ତ୍ତାବଳୀ ପରିପୂରଣ ହେବା ଆବଶ୍ୟକ। ପୋର୍ଟାଲକୁ ଉଦ୍‌ଘାଟନ କରି ବିଭାଗୀୟ ମନ୍ତ୍ରୀ ପ୍ରତାପ କେଶରୀ ଦେବ କହିଛନ୍ତି, ଶିକ୍ଷା, ସ୍ୱାସ୍ଥ୍ୟ ଓ ଭିତ୍ତିଭୂମି ଉନ୍ନୟନ ପରେ ଯୁବତୀ, ଯୁବକଙ୍କ ଆତ୍ମନିଯୁକ୍ତି ଉପରେ ସରକାର ସର୍ବାଧିକ ଗୁରୁତ୍ୱ ଦେଇ ଆସୁଛନ୍ତି। ସେଥିପାଇଁ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପକୁ ଗୁରୁତ୍ୱ ଦିଆଯାଉଛି। ରପ୍ତାନି, ବାଣିଜ୍ୟ, ଷ୍ଟାର୍ଟଅପ୍ ଏବଂ ଦକ୍ଷତା ବିକାଶ ପରସ୍ପର ସଂଯୋଗୀକରଣ ସୂତ୍ରରେ ବନ୍ଧା। ଯୁବତୀ, ଯୁବକମାନେ ସରକାରଙ୍କ ଦ୍ୱାରା ପ୍ରଣୀତ ହେଉଥିବା ବିଭିନ୍ନ ନୀତି ଓ ଯୋଜନା ସମ୍ପର୍କରେ ସଚେତନ ହୋଇ ଏହି ସେକ୍ଟର ପ୍ରତି ଆଗଭର ହେଲେ ଆତ୍ମନିଯୁକ୍ତି ପରିପୂର୍ଣ୍ଣ ହୋଇପାରିବ। କିନ୍ତୁ ରକ୍ଷଣଶୀଳତା ଯୋଗୁ ମାନସିକ ଦୃଢ଼ତା ବଜାୟ ଓ ଠିକ୍‌ନିଷ୍ପତ୍ତି ନେବାରୁ ସେମାନେ ବିରତ ହେଉଛନ୍ତି, ଯାହା ଚିନ୍ତାଜନକ ବୋଲି ସେ କହିଛନ୍ତି।


**कार्यपालक अभियंता का कार्यालय**
**पथ निर्माण विभाग, पथ प्रमण्डल, गोड्डा**

**ई–प्रोक्योरमेंट सूचना**

ई–निविदा सूचना सं० – RCD/GODDA/1344/2023-24 दिनांक– 30/10/2023

1. निविदा आमंत्रित करने वाले अधिकारी के कार्यालय का नाम, पता एवं मो० नं० – कार्यपालक अभियंता, प०नि०वि०, पथ प्रमण्डल, गोड्डा मो० नं०– 8987675852
2. वेबसाईट में ई–निविदा प्रकाशन की तिथि/समय – 07.11.2023 के अपराह्न 03:30 बजे से
3. प्री–बीड बैठक का दिनांक/समय– 14.11.2023 के पूर्वाह्न 11:30 बजे
4. ऑनलाईन निविदा प्राप्त करने की अन्तिम तिथि/समय– 23.11.2023 के दोपहर 12:00 बजे तक
5. ई–निविदा खोलने की तिथि/समय– 24.11.2023 के अपराह्न 12:30 बजे
6. ई–प्रोक्योरमेंट सेल का हेल्पलाईन सं० /दूरभाष सं० – 0651–2446007

कार्य की विवरणी :–

| क्र० | कार्य का नाम | प्राक्कलित राशि (लाख में) | बीड जमानत की राशि (लाख में) | परिमाण विपत्र का मूल्य (लाख में) | कार्य पूर्ण करने की अवधि |
|---|---|---|---|---|---|
| 1. | गोड्डा जिलान्तर्गत "मोहनपुर (NH-133 पर) से करमाटॉड पथ भाया सिन्नी–ईमलीटॉड पथ (कुल लंबाई– 20.64 कि०मी०) का चौड़ीकरण एवं मजबूतीकरण/पुनर्निर्माण कार्य। | 6029.76047 | 60.30 | 10,000/– | 16 माह |
| 2. | गोड्डा जिलान्तर्गत "घटियारी (टेसोबथान– महादेव बथान पथ पर)–रतनपुर– राजपोखर (सुंदर डैम) पथ (कुल लंबाई– 11.720 कि०मी०) का चौड़ीकरण एवं मजबूतीकरण/पुनर्निर्माण कार्य। | 3862.33683 | 38.63 | 10,000/– | 20 माह |
| 3 | पथ प्रमंडल, गोड्डा अन्तर्गत "सुन्दरपहाड़ी (NH-333A)–चंदना–दामा– जमकुदार– अगियामोड़ पथ (कुल लंबाई– 24.440 कि०मी०) का चौड़ीकरण एवं मजबूतीकरण/पुनर्निर्माण कार्य। | 7278.12153 | 72.79 | 10,000/– | 18 माह |

नोट :– 1. प्राक्कलित राशि घट–बढ़ सकती है।
2. विशेष जानकारी के लिये http://jharkhandtenders.gov.in पर देखा जा सकता है।

कार्यपालक अभियंता,
पथ प्रमण्डल, गोड्डा

PR 310186 Road(23-24).D



୨ ହଜାରିଆ ନୋଟ୍ ବଦଳାଇବାକୁ ସୋମବାର ଭୁବନେଶ୍ୱରସ୍ଥିତ ରିଜର୍ଭ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ (ଆର୍‌ବିଆଇ) ଆଞ୍ଚଳିକ କାର୍ଯ୍ୟାଳୟ ସମ୍ମୁଖରୁ ପିଏମ୍‌ଜି ଛକ ଆଡକୁ ଲମ୍ବିଥିବା ଲୋକଙ୍କ ଧାଡ଼ି। (ଫଟୋ– ବିକାଶ ନାୟକ)

# ୨ ହଜାରିଆ ନୋଟ୍ ବଦଳାଇବାକୁ ସାଧାରଣ ଲୋକଙ୍କୁ ଢାଲ

ଭୁବନେଶ୍ୱର,୩୦।୧୦(ସତ୍ୟଜିତ୍ ରାଉତ)

୨ ହଜାର ଟଙ୍କିଆ ନୋଟ୍‌କୁ ପ୍ରତ୍ୟାହାର କରିବା ପାଇଁ ମେ'୧୯ରେ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ନିଷ୍ପତ୍ତି ନେଇଥିଲା। ଏହି ବଡ଼ ନୋଟ୍‌କୁ ମେ'୨୩ରୁ ସେପ୍ଟେମ୍ବର ୩୦ ମଧ୍ୟରେ ବ୍ୟାଙ୍କରେ ଦେଇ ଅନ୍ୟ ନୋଟ୍‌ଗୁଡ଼ିକୁ ନିଆଯାଇପାରିବ ବୋଲି କୁହାଯାଇଥିଲା। ପରବର୍ତ୍ତୀ ସମୟରେ ଏହି ସମୟସୀମା ଅକ୍ଟୋବର ୭ ପର୍ଯ୍ୟନ୍ତ ବଢ଼ାଯାଇଥିଲା। ଅକ୍ଟୋବର ୮ରୁ ଲୋକମାନେ କେବଳ ଆର୍‌ବିଆଇର ୧୯ଟି ଆଞ୍ଚଳିକ କାର୍ଯ୍ୟାଳୟରେ ହିଁ ଏହି ନୋଟ୍‌କୁ ବଦଳାଇପାରିବାର ଗାଇଡ୍‌ଲାଇନ୍ ରହିଛି। ଜଣେ ବ୍ୟକ୍ତି ୧୦ ଖଣ୍ଡ ନୋଟ୍ ଅର୍ଥାତ୍ ୨୦ ହଜାର ଟଙ୍କା ବଦଳାଇପାରିବେ। ତେବେ ୫ ମାସ ପରେ ଲୋକଙ୍କ ପାଖରେ ବିପୁଳ ୨ହଜାରିଆ ନୋଟ୍ ଗଚ୍ଛିତ ରହିଥିବାରୁ ଏବେ ଭୁବନେଶ୍ୱରସ୍ଥିତ ଆର୍‌ବିଆଇର ଆଞ୍ଚଳିକ କାର୍ଯ୍ୟାଳୟରେ ପ୍ରବଳ ଭିଡ଼ ହେଉଛି। ଗତ ଦୁଇ ସପ୍ତାହରୁ ଅଧିକ ହେବ ଲମ୍ବା ଧାଡ଼ି ଲାଗୁଥିବା ଦେଖିବାକୁ ମିଳୁଛି। ଏଥିପାଇଁ ଆର୍‌ବିଆଇ ଅଧିକାରୀମାନେ ଚିନ୍ତାରେ ପଡ଼ିଥିବାବେଳେ ଏହାକୁ ନେଇ



## ଆର୍‌ବିଆଇ ଆଗରେ ଲାଗୁଛି ଲମ୍ବା ଧାଡ଼ି

- କାମ କରୁଛି ଏକାଧିକ ର୍‍ୟାକେଟ୍, କାହାର ନଜର ନାହିଁ
- ଦଲାଲମାନେ ଗାଁ, ବସ୍ତିରୁ ଲୋକଙ୍କୁ ଆଣୁଥିବା ଚର୍ଚ୍ଚା

ମଧ୍ୟ ନାନା ଚର୍ଚ୍ଚା ଆରମ୍ଭ ହୋଇଛି। ଉକ୍ତ ଟଙ୍କାଗୁଡିକୁ ବେଆଇନ ଭାବେ ଗଚ୍ଛିତ ରଖିଥିବା ଶିଳ୍ପପତି, ରାଜନେତା, ବିଲ୍ଡର ଓ ଅପରାଧୀମାନେ ବଦଳାଇବାକୁ ସାଧାରଣ ଲୋକଙ୍କୁ ଲଗାଉଥିବା କୁହାଯାଉଛି। ଏଥିରେ ଏକାଧିକ ର୍‍ୟାକେଟ ଲାଗିଥିବା ମଧ୍ୟ ସନ୍ଦେହ କରାଯାଉଛି। ଏଥିପାଇଁ ଗାଁରୁ ରାଜଧାନୀକୁ ଲୋକଙ୍କୁ ଗାଡିରେ ବୁହାଯାଉଛି। ଏପରିକି ଭୁବନେଶ୍ୱରର ବସ୍ତି ଲୋକଙ୍କୁ ମଧ୍ୟ ଏଥିରେ ନିୟୋଜିତ କରାଯାଉଥିବା ସୂଚନା ମିଳିଛି। ତେବେ ପଚରାଉଚରାବେଳେ ବହୁ ଲୋକ ମୁହଁ ଖୋଲୁ ନ ଥିବାରୁ ଓ ଗଣମାଧ୍ୟମକୁ ଦେଖିଲେ ଆକ୍ରମଣାତ୍ମକ ହେଉଥିବାରୁ ଏଭଳି ସନ୍ଦେହ ଅଧିକ ଦୃଢ଼ୀଭୂତ ହୋଇଛି। ସୋମବାର ମଧ୍ୟ ଆର୍‌ବିଆଇ ସାମ୍ନାରେ ଲୋକଙ୍କ ଲମ୍ବା ଧାଡ଼ି ଦେଖିବାକୁ ମିଳିଥିଲା। ହେଲେ ଦିନ ପ୍ରାୟ ୨ଟାରେ ଆର୍‌ବିଆଇ ମଧ୍ୟକୁ ଏହି ନୋଟ ବଦଳାଇବାକୁ ଲୋକଙ୍କୁ ପ୍ରବେଶ କରାଯାଇ ନ ଥିଲା। ଫଳରେ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ଏମାନଙ୍କ ମଧ୍ୟରୁ ଅଧିକାଂଶ ଗଞ୍ଜାମ ଜିଲାର ଥିଲେ। ଅନ୍ୟପକ୍ଷରେ ଆର୍‌ବିଆଇ ସାମ୍ନା ରାସ୍ତାର ପାର୍ଶ୍ୱରେ ଜଣେ ଲୋକ ୫ଶହ ଟଙ୍କିଆ ନୋଟ ଦେଇ କିଛି ଲୋକଙ୍କଠାରୁ ୨ ହଜାରିଆ ନୋଟ ନେଉଥିବା ଦେଖିବାକୁ ମିଳିଥିଲା। ହେଲେ ଏହା ଉପରେ ପୋଲିସ, ପ୍ରଶାସନ ଅବା କୌଣସି ତଦନ୍ତକାରୀ ସଂସ୍ଥାର କାହାର ନଜର ନାହିଁ। ଆର୍‌ବିଆଇରେ କାର୍ଯ୍ୟରତ ଜଣେ କର୍ମଚାରୀ କହିଛନ୍ତି, ମେ ୨୩ରୁ ଏହି ନୋଟ ବଦଳାଇବାକୁ ଆର୍‌ବିଆଇରେ ଭିଡ଼ ହେଉ ନ ଥିଲା। ଗତ ୧୫ଦିନ ହେଲା ଏହିଭଳି ଭିଡ଼ ଦେଖିବାକୁ ମିଳୁଛି। ଏସବୁ ଲୋକଙ୍କୁ ନେତା, ମନ୍ତ୍ରୀ ଓ ବ୍ୟବସାୟୀମାନେ ବ୍ୟବହାର କରୁଛନ୍ତି। ବଡ଼ବଡ଼ିଆଙ୍କ ପାଖରେ ପର୍ଯ୍ୟାପ୍ତ ପରିମାଣରେ ୨ ହଜାରିଆ ନୋଟଥିବାବେଳେ ସେମାନେ ଏସବୁ ନୋଟ୍‌କୁ ବଦଳାଇ ପାରୁନାହାନ୍ତି। ତେଣୁ ସାଧାରଣ ଲୋକଙ୍କୁ କିଛି ଟଙ୍କାର ଲୋଭ ଦେଖାଇ ୨ ହଜାରିଆ ନୋଟ ବଦଳାଇବାକୁ ବାଧ୍ୟ କରାଯାଉଥାଇପାରେ ବୋଲି ଅଧିକାରୀ ଜଣକ କହିଛନ୍ତି। ଗଞ୍ଜାମ ଖଲ୍ଲିକୋଟରୁ ଆସିଥିବା ରବୀନ୍ଦ୍ର କୁମାର ସ୍ୱାଇଁ କହିଛନ୍ତି, କିଛି ୨ ହଜାରିଆ ନୋଟ ବଦଳାଇବାକୁ ଆସି ଫେରିବାକୁ ପଡୁଛି। ଏହି ଭିଡ଼ ହେଉଥିବାରୁ ଆର୍‌ବିଆଇ କିଛି ସ୍ୱତନ୍ତ୍ର ବ୍ୟବସ୍ଥା କରିବା ଆବଶ୍ୟକ ବୋଲି କହିଛନ୍ତି। ଆଉ କେତେଜଣ ନୋଟ୍ ବଦଳାଇବାକୁ ଭୁବନେଶ୍ୱରରେ କିଛିଦିନ ହେବ ରହିଥିବା କହିଛନ୍ତି।

## 'ଆୟକର ବିଭାଗ, ଇଡି ନଜର ରଖୁ'

ଆଇନଜୀବୀ ରଶ୍ମୀରଞ୍ଜନ ବ୍ରହ୍ମା କହିଛନ୍ତି, କିଛି ଲୋକ ନିଜର ୨ ହଜାରିଆ ନୋଟ୍ ବଦଳାଇବାକୁ ଆସୁଛନ୍ତି। ହେଲେ କିଛି ଦୁର୍ନୀତିଗ୍ରସ୍ତ ଲୋକ ଏଭଳି ଉପାୟରେ ବ୍ଲାକ୍ ମନିକୁ ହ୍ୱାଇଟ୍ କରିବାକୁ ଚାହୁଁଥାଇପାରନ୍ତି। ଏହାକୁ ଦୃଢ଼ ବିରୋଧ ହେବା ଦରକାର। କେନ୍ଦ୍ର ସରକାରଙ୍କ ଆୟକର ବିଭାଗ ଓ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ବ୍ୟାଙ୍କ ସହ ମିଶି ଏଦିଗରେ ନଜର ରଖିଲେ ଏହାକୁ ରୋକାଯାଇପାରିବ ବୋଲି ସେ କହିଛନ୍ତି।

## ଆଜି କ'ଣ କେଉଁଠି

ଭୁବନେଶ୍ୱର
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଇନ୍ଦିରା ଗାନ୍ଧୀଙ୍କ ୩୯ତମ ବଳିଦାନ ଦିବସ, ଇନ୍ଦିରା ପାର୍କସ୍ଥିତ ପ୍ରତିମୂର୍ତ୍ତିସ୍ଥଳ, ସକାଳ ୮ଟା ୩୦।
- ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ପକ୍ଷରୁ ଆଲୋଚନାଚକ୍ର, ଉତ୍କଳ ରଙ୍ଗମଞ୍ଚ, ପୂର୍ବାହ୍ନ ୧୦ଟା ୩୦।
- ଏଆଇଟିୟୁସିର ୧୦୪ତମ ପ୍ରତିଷ୍ଠା ଦିବସ, ଏଆଇଟିୟୁସିର ରାଜ୍ୟ କାର୍ଯ୍ୟାଳୟ, ୟୁନିଟ୍-୯, ପୂର୍ବାହ୍ନ ୧୧ଟା।
- ରାଜ୍ୟସ୍ତରୀୟ ଇନ୍ଦିରା ଗାନ୍ଧୀ ସ୍ମୃତି ସମିତି ପକ୍ଷରୁ ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ତିରୋଧାନ ଅବସରରେ ରାଜ୍ୟସ୍ତରୀୟ କବିତା ପାଠୋତ୍ସବ, ସୂଚନା ଭବନ, ଅପରାହ୍ନ ୩ଟା।

କଟକ
- କଳାବିକାଶ କେନ୍ଦ୍ର ଆନୁକୂଲ୍ୟରେ ଜଷ୍ଟିସ ଦୀପକ ମିଶ୍ର ମେଧାବୃତ୍ତି ପ୍ରଦାନ ଉତ୍ସବ, କଳାବିକାଶ କେନ୍ଦ୍ର ପ୍ରେକ୍ଷାଳୟ, ଅପରାହ୍ନ ୫ଟା ୩୦।





କାର୍ତ୍ତିକ ମାସର ପ୍ରଥମ ସୋମବାରରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ସିଂହଦ୍ୱାର ସମ୍ମୁଖରୁ ଶ୍ରୀମନ୍ଦିର ଭିତରକୁ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିଛି। (ଫଟୋ– ଯଜ୍ଞେଶ୍ୱର ମହାନ୍ତି)

## ୪ ମାଙ୍କଡ଼ା ପଥର ବୋଝେଇ ଗାଡ଼ି ଜବତ

ନିରାକାରପୁର,୩୦।୧୦
(ମାନସ ଚନ୍ଦ୍ର ପଟ୍ଟନାୟକ)

ନିରାକାରପୁର ଥାନା ଅନ୍ତର୍ଗତ ବଡ଼ପୋଖରୀଆ ଅଞ୍ଚଳରେ ମାଙ୍କଡ଼ା ପଥର ଚୋରାଚାଲାଣବେଳେ ପୋଲିସ ଟିମ୍ ବୋଡ଼ଙ୍ଗରା ରାସ୍ତାରେ ଚଢ଼ାଉ କରି ୪ ମାଙ୍କଡ଼ାପଥର ଗାଡି ଜବତ କରିଛି। ଏଥିମଧ୍ୟରେ ଗୋଟିଏ ଟ୍ରାକ୍ଟର(ଓଡି୩୩ଜେଡ୍୭୪୨୪) ଥିବାବେଳେ ୩ଟି ପଥର ବୋଝେଇ ଟ୍ରକ୍ (ଓଆର୦୯ଏଫ୍୫୫୪୨, ଓଆର୦୯ଏଫ–୦୧୮୬, ଓଆର୦୯ଡି ୮୧୮୧) ରହିଛି। ତେବେ ଚାଳକମାନେ କୌଶଳକ୍ରମେ ଖସି ପଳାଇଛନ୍ତି। ପୋଲିସ ଏନେଇ ଥାନାରେ ପୃଥକ ଭାବେ ୪ଟି ମାମଲା ରୁଜୁ ହୋଇଥିବା ସବଇନ୍ସପେକ୍ଟର ବସନ୍ତ ପଟ୍ଟନାୟକ ସୂଚନା ଦେଇଛନ୍ତି।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com



@ ରଶ୍ମିତା



@ ଜୟଶ୍ରୀ



@ ରାହୁଲ



@ ହିମାଂଶୁ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

## ହୋଟେଲ କର୍ମଚାରୀଙ୍କ ମୃତ୍ୟୁ

ବାରଙ୍ଗ,୩୦।୧୦(ଲିଙ୍ଗରାଜ ରାଉତ): ନନ୍ଦନକାନନ ଛକରେ ଥିବା ଏକ ହୋଟେଲର ଜଣେ ରୋଷେୟାଙ୍କ ମୃତଦେହ ସନ୍ଦେହଜନକ ଅବସ୍ଥାରେ ସୋମବାର ନନ୍ଦନକାନନ ଥାନା ପୋଲିସ ଜବତ କରିଛି। ମୃତକ ହେଲେ ବାଙ୍କୀ ଅଞ୍ଚଳର ସନ୍ତୋଷ ସାହୁ(୪୧)। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ରିପୋର୍ଟ ଆସିଲେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ପୋଲିସ କହିଛି। ସୂଚନା ମୁତାବକ, ସନ୍ତୋଷ ଦୀର୍ଘ ୧୦ ବର୍ଷ ଧରି ଉକ୍ତ ହୋଟେଲରେ ରୋଷେୟା ଭାବେ କାମ କରୁଥିଲେ। ସୋମବାର ସକାଳେ ତାଙ୍କୁ ଚେତାଶୂନ୍ୟ ଅବସ୍ଥାରେ ତଳେ ପଡ଼ିଥିବା ଦେଖିବାକୁ ମିଳିଥିଲା। ପରେ ତାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସନ୍ତୋଷଙ୍କ ମୁଣ୍ଡର ପଛରେ ଗଭୀର ଭାବେ ଆଘାତ ଲାଗି ରକ୍ତ ବୋହିବା ଚିହ୍ନ, ମୁହଁସାରା ରକ୍ତ ବୋହିବା ଓ ଦେହସାରା ମାଡ଼ ଚିହ୍ନ ଥିବା ନେଇ ସାନ ଭାଇ ରମାକାନ୍ତ ସାହୁ ଏବଂ ସମ୍ପର୍କୀୟ ଅଭିଯୋଗ କରିଛନ୍ତି। ସନ୍ତୋଷଙ୍କ ୨ଟି ସନ୍ତାନ ଥିବାବେଳେ ସେ ସୋମବାର ଘରକୁ ଯିବାର ଥିଲା ବୋଲି ଜଣାପଡ଼ିଛି।

# ମନୋଜଙ୍କ ଉପରୁ ବାସନ୍ଦ ଉଠିବନି

## ନିଷ୍ପତ୍ତି ଶୁଣାଇଲେ ପ୍ରଯୋଜକ

ଭୁବନେଶ୍ୱର, ୩୦।୧୦
(ଶର୍ମିଷ୍ଠା ପାଣିଗ୍ରାହୀ)



ଅଭିନେତା ମନୋଜ ମିଶ୍ର

ଅଭିନେତା ମନୋଜ ମିଶ୍ରଙ୍କୁ ବାସନ୍ଦକୁ ନେଇ ଓଲିଉଡ଼ରେ ବଢୁଥିବା ବିବାଦ ସମାଧାନର କୌଣସି ବାଟ ବାହାରିପାରୁନି। ଆଲୋଚନା ବଦଳରେ କେବଳ ବୟାନବାଜି ଚାଲୁଥିବାରୁ ସ୍ଥିତି ଆହୁରି ବିଗିଡି ଯାଉଛି। ଏପରିସ୍ଥିତିରେ ସୋମବାର କୋଶଳ ରାଏଜ୍ ମିଳିତ୍ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଆସନ୍ତା ୧୫ ତାରିଖ କୋଶଳ ମହାବନ୍ଦ ଡାକରା ଦିଆଯାଇଛି। ଏପଟେ ୩ଜଣ ପ୍ରଯୋଜକ ଜ୍ୟୋତିରଞ୍ଜନ ମହାନ୍ତି, ଏନ୍. ଜି. ରେଡ୍ଡୀ ଓ ରବୀନ୍ଦ୍ର ପଣ୍ଡା ଭୁବନେଶ୍ୱରରେ ଖବରଦାତା ସମ୍ମିଳନୀ କରି ମନୋଜଙ୍କ ଆଭିମୁଖ୍ୟ ସମ୍ପର୍କରେ କହିବା ସହ ତାଙ୍କ ଉପରୁ ବାସନ୍ଦ ଉଠିବନି ବୋଲି ସ୍ପଷ୍ଟ କରିଛନ୍ତି।

ସେମାନେ କହିଛନ୍ତି, ଅରିନ୍ଦମଙ୍କ ପ୍ରଯୋଜନାରେ ତିଆରି ହୋଇଥିବା 'ରାମ୍'କୁ ସମ୍ବଲପୁରରେ ରିଲିଜ୍ କରିବାକୁ ଦିଆଗଲା ନାହିଁ। ଏନେଇ ଅରିନ୍ଦମ କହିବା ପରେ ପ୍ରଯୋଜକମାନେ ଏକାଠି ହୋଇଥିଲୁ। ବୈଠକ ବସିଥିବାବେଳେ ମନୋଜ ମିଶ୍ରଙ୍କୁ ଫୋନ୍ କରାଯାଇଥିଲା। ଫୋନ୍ ରିସିଭ୍ କରି ସେ କହିଥିଲେ, ଫିଲ୍ମରୁ ଜିତୁ ମଙ୍ଗରାଜଙ୍କ ସିନ୍ କାଢ଼ି ପାରିବ କି? ତା'ସିନ୍ କାଢ଼ିଲେ, ଏ ଅଞ୍ଚଳରେ ଫିଲ୍ମ ଚାଲିବ। ତାଙ୍କର ଏସବୁ କଥା ଆମେ ଶୁଣିବା ପରେ ତାଙ୍କୁ ୨ବର୍ଷ ବାସନ୍ଦ ପାଇଁ ଉତ୍କଳ ସିନେ ଚାମ୍ବର୍ସ ଅଫ୍ କମର୍ସ (ୟୁସିସିସି) ପକ୍ଷରୁ ନିଷ୍ପତ୍ତି ନିଆଯାଇଥିଲା। ବିବାଦ ବଢ଼ିବା ପରେ ସମାଧାନ ପାଇଁ ଓଡ଼ିଶା ଫିଲ୍ମ ଇଣ୍ଡଷ୍ଟ୍ରୀର ଅଭିନେତା ଅନୁଭବ ମହାନ୍ତି, ପରେ ବାବୁଶାନ୍ ମହାନ୍ତି ଓ ଅରିନ୍ଦମ ମଧ୍ୟ ନିବେଦନ କରିଥିଲେ। ହେଲେ ଆଲୋଚନାକୁ ମନୋଜ ଆସିଲେ ନାହିଁ। ଭିଡିଓ ଜାରି କରି କହିଲେ, ମୁଁ ଯିବିନି। ଯଦି ସେ ଆସିବେନି, ବସିବେନି, କଥାହେବେନି– ତା'ହେଲେ ସମାଧାନ ହେବ କେମିତି? ଏଥିରୁ ଜଣାପଡୁଛି ମନୋଜ ସମସ୍ୟା ସମାଧାନ କରିବାକୁ ଚାହୁଁନାହାନ୍ତି। କଥା ହେବା ପରିବର୍ତ୍ତେ ଭିଡିଓ ଛାଡୁଛନ୍ତି। ସେହିପରି 'ଚାମ୍ପିଅନ୍' ଫିଲ୍ମରେ ମନୋଜ ଅଭିନୟ କରିଥିଲେ। ସେହି ଫିଲ୍ମର ପ୍ରଯୋଜନା କରିଥିଲେ ଦୀପ୍ତି ରେଡ୍ଡୀ। ସେହି ଫିଲ୍ମ ପାଇଁ ମନୋଜ ପୁରସ୍କୃତ ହୋଇଥିଲେ। ତା'ହେଲେ ସେ କେଉଁ ଓଡ଼ିଶାରେ? ଆମର ଏଠି ଗୋଟିଏ ସରକାର। ରାଜ୍ୟ ଗୋଟିଏ, ଭାଷା ଗୋଟିଏ। ଆମେ ସମସ୍ତଙ୍କୁ ସମ୍ମାନ ଦେଉଛୁ। ପଶ୍ଚିମ ଓଡ଼ିଶା, ପୂର୍ବ ଓଡ଼ିଶା କହିବା ମନୋଜ ହିଁ ଆରମ୍ଭ କଲେ। ଆମେ ତାଙ୍କ ଉପରୁ ବ୍ୟାନ୍ ଉଠାଇବୁନି। ଆମେ ତାଙ୍କୁ ବ୍ୟାନ୍ କରୁଛୁ, ତାଙ୍କ ଫିଲ୍ମକୁ ନୁହଁ ବୋଲି ପ୍ରଯୋଜକମାନେ କହିଛନ୍ତି।

### ପୁଣି ସମାଧାନ ପାଇଁ ଅନୁରୋଧ କଲେ ଅରିନ୍ଦମ୍



ଅରିନ୍ଦମ ରାୟ

ଅରିନ୍ଦମ ରାୟ ରବିବାର ଖବରଦାତା ସମ୍ମିଳନୀରେ ସମାଧାନ ପାଇଁ ପ୍ରସ୍ତାବ ରଖିବା ସହ ପୁଣି ସୋମବାର ଫେସ୍‌ବୁକ୍‌ରେ ଏକ ପୋଷ୍ଟ ଶେୟାର କରିଛନ୍ତି। ଉକ୍ତ ପୋଷ୍ଟରେ ବିବାଦର ଅବସାନ ଘଟାଇବାକୁ ମନୋଜ ମିଶ୍ରଙ୍କୁ ଅନୁରୋଧ କରିଛନ୍ତି ଅରିନ୍ଦମ। ସେ ଲେଖିଛନ୍ତି, ତୁମ ସହ ସମାଧାନ ଲାଗି ମୁଁ ପ୍ରୟାସ କରିଛି। ହେଲେ, ମନୋଜ ଭାଇ ଆପଣ କୌଣସି ପଦକ୍ଷେପ ନେଉନାହାନ୍ତି। ଆପଣ ମୋ ଫିଲ୍ମ 'ରାମ'କୁ ବ୍ୟାନ୍ କରିନାହାନ୍ତି କହିଛନ୍ତି। ମାତ୍ର ଭିଡିଓରେ ପ୍ରତିବାଦକାରୀ ଆପଣଙ୍କ ନାଁ ନେଇଛନ୍ତି। ଦୟାକରି ଆସନ୍ତା ୧୫ ବନ୍ଦ ଡାକରାକୁ ଆପଣ ସମର୍ଥନ କରନ୍ତୁନି। ଆମେ ଏକ, ଆମ ରାଜ୍ୟ ଓଡ଼ିଶା ଏକ। କୌଣସି ଫିଲ୍ମ ରାଜ୍ୟଠାରୁ ଉପରେ ନୁହେଁ ବୋଲି ସେ କହିଛନ୍ତି।

### 'ବ୍ୟାନ୍‌କୁ ଆମେ ମାନୁନୁ'



ଅରୁଣ ମହାନ୍ତି

ଓଡ଼ିଆ ଫିଲ୍ମ ପ୍ରଡ୍ୟୁସର୍ସ ଆଣ୍ଡ ଡିଷ୍ଟ୍ରିବ୍ୟୁଟର୍ସ ଗିଲ୍ଡ ସମ୍ପାଦକ ଅରୁଣ ମହାନ୍ତି ରବିବାର ଖବରଦାତା ସମ୍ମିଳନୀ ଆୟୋଜନ କରିଥିଲେ। ସେ କହିଛନ୍ତି, ମନୋଜ ମିଶ୍ରଙ୍କ ଉପରେ ଲାଗିଥିବା ବ୍ୟାନ୍‌କୁ ଆମେ ମାନୁନୁ। ମିଶ୍ରଙ୍କ ଉପରୁ ତୁରନ୍ତ ବ୍ୟାନ୍ ହଟାଯାଉ। କାହାର ବ୍ୟକ୍ତିଗତ ଝଗଡ଼ାକୁ ନେଇ ଏପରି ହେବା ଦୁଃଖର ବିଷୟ। ଏଭଳି ସ୍ଥିତିରୁ କିଛି ଚକ୍ରାନ୍ତକାରୀ ହିଁ ଫାଇଦା ଉଠାଉଛନ୍ତି। ନାରା ଦେଇ 'ରାମ୍' ଚଳଚ୍ଚିତ୍ରକୁ ବନ୍ଦ କରିବା ଦୁର୍ଭାଗ୍ୟଜନକ। ସେହିଭଳି 'ମାଲ୍ୟଗିରି' ଫିଲ୍ମର ପୋଷ୍ଟର ଚିରିବା ମଧ୍ୟ ଦୁର୍ଭାଗ୍ୟଜନକ ବୋଲି ମହାନ୍ତି କହିବା ସହ ମନୋଜଙ୍କ ପାଖକୁ ଗିଲ୍ଡ ପକ୍ଷରୁ ଏକ ଚିଠି ମଧ୍ୟ କରାଯାଇଥିବା ସୂଚନା ଦିଆଯାଇଛି।

### ମନୋଜଙ୍କୁ ପ୍ରକୃତିଙ୍କ ସମର୍ଥନ



ପ୍ରକୃତି ମିଶ୍ର

ଅଭିନେତା ମନୋଜଙ୍କୁ ସମର୍ଥନ କରିଛନ୍ତି ଅଭିନେତ୍ରୀ ପ୍ରକୃତି ମିଶ୍ର। ସେ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଲେଖିଛନ୍ତି, ଇଣ୍ଡଷ୍ଟ୍ରି ମୋତେ ବହୁତ କିଛି ଦେଇଛି। ମିଷ୍ଟର ନାୟକଙ୍କର ଇଣ୍ଡଷ୍ଟ୍ରି ପ୍ରତି କିଛି ଅବଦାନ ନାହିଁ। ମାତ୍ର ମନୋଜ ଦାଦାଙ୍କର ଅନେକ ପ୍ଲାଟ୍‌ଫର୍ମରେ ବହୁ ଅବଦାନ ଅଛି। ମୁଁ ଅନୁରୋଧ କରିବି କେହି ଏହି ବ୍ୟାନ୍‌ରେ ସହଯୋଗ ନ କରି ଏସବୁ ପଛରେ ଯିଏ ରହିଛନ୍ତି ତାଙ୍କୁ ସାମ୍ନାକୁ ଆଣନ୍ତୁ। ତୁମ ସହ ସମାଧାନ ଲାଗି ମୁଁ ପ୍ରୟାସ କରିଛି

## ସଂକ୍ଷେପରେ

### ପୁଅକୁ ଆକ୍ରମଣ ମାମଲା ବାପାଙ୍କୁ ୩ ମାସ ଜେଲଦଣ୍ଡ

ଭୁବନେଶ୍ୱର,୩୦।୧୦(ସୂର୍ଯ୍ୟକାନ୍ତ ବେହେରା): ପୁଅକୁ ଆକ୍ରମଣ ମାମଲାରେ ଭୁବନେଶ୍ୱର ଜେଏମଏଫସି କୋର୍ଟ (୪) କୋର୍ଟରେ ୩ ମାସ ପରେ ସୋମବାର ରାୟ ପାଇଛି। ଏହି ମାମଲାରେ ନନ୍ଦି ବେହେରାଙ୍କୁ (୬୦) ଦୋଷୀ ସାବ୍ୟସ୍ତ ହୋଇଛନ୍ତି । ଏଥିସହ ତାଙ୍କୁ ୩ ମାସ ଜେଲଦଣ୍ଡ ହୋଇଛି ବୋଲି ବିଚାରପତି ସୂର୍ଯ୍ୟ ନାରାୟଣ ମହାନ୍ତି ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି । ମାମଲାର ବିବରଣୀ ଅନୁଯାୟୀ, ଅଭିଯୁକ୍ତ ନନ୍ଦି ଓ ତାଙ୍କ ବୋହୂଙ୍କ ମଧ୍ୟ ନଭେମ୍ବର ୧୦ ତାରିଖରେ କୌଣସି କାରଣକୁ ନେଇ ଝଗଡା ହେବା ସହ ପରସ୍ପର ବାଡିଆ ପିଟା ହୋଇଥିଲା। ଏହାପରେ ମହିଳାଙ୍କ ସ୍ୱାମୀ ଘଟଣାସ୍ଥଳକୁ ଆସିବାରୁ ବାପା ଓ ପୁଅଙ୍କ ମଧ୍ୟରେ ମାଡପିଟି ହୋଇଥିଲା । ଏଥିରେ ଅଭିଯୁକ୍ତ ନନ୍ଦି ଉତକ୍ଷିପ୍ତ ହୋଇ ପୁଅର ହାତକୁ ପଥରେ ଆକ୍ରମଣ କରିଥିଲେ । ଏହାପରେ ଘଟଣା ସଂକ୍ରାନ୍ତରେ ଆହତଙ୍କ ସ୍ୱାମୀ ବଡଗଡ ଥାନାରେ ଅଭିଯୋଗ କରିବା ପରେ ପୋଲିସ (୪୯୬/୨୩) ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା । ଏନେଇ ପୋଲିସ ଅଭିଯୁକ୍ତ ନନ୍ଦିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ତେବେ ଏହି ମାମଲାରେ ୪୫ ଦିନ ବ୍ୟବଧାନରେ ୫ ଜଣଙ୍କ ସାକ୍ଷ୍ୟ ଓ ଅନ୍ୟ ଦସ୍ତାବିଜ୍ ଆଧାରରେ କୋର୍ଟ ରାୟ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ସହକାରୀ ସରକାରୀ ଓକିଲ ସୁଶୁନ୍ତା କୁମାର ଦାଶ ମାମଲା ପରିଚାଳନା କରୁଥିଲେ।

### ଆଜିଠୁ ଛତ୍ରବଜାର ନୂତନ ସହରାଞ୍ଚଳ ହାଟ

କଟକ,୩୦।୧୦(ସୁପ୍ରିୟା ପ୍ରିୟଦର୍ଶିନୀ) ମଙ୍ଗଳବାରଠାରୁ ଛତ୍ରବଜାରରେ ଉଭୟ ପାର୍ଶ୍ୱରେ ଆଉ କୌଣସି ବ୍ୟବସାୟୀ ବସିବେ ନାହିଁ। ଏନେଇ ସୋମବାର ଡାକବାଜିରେ କଟକ ମହାନଗର ନିଗମ (ସିଏମସି) ଘୋଷଣା କରାଯାଇଛି। ମଙ୍ଗଳବାରଠାରୁ ନୂତନ ସହରାଞ୍ଚଳ ହାଟ କାର୍ଯ୍ୟକ୍ଷମ ହେବ। ହେଲେ ହାଟରେ ପିଣ୍ଡିସଂଖ୍ୟା ୫୪୮ ଥିବାବେଳେ ବ୍ୟବସାୟୀଙ୍କ ସଂଖ୍ୟା ୧ ହଜାରରୁ ଊର୍ଦ୍ଧ୍ୱ ରହିଛି। ଏପରିସ୍ଥଳେ ଅବଶିଷ୍ଟ ୩୦୦ ବ୍ୟବସାୟୀଙ୍କୁ କିଭଳି ଥଇଥାନ କରାଯିବ ସେ ନେଇ ପ୍ରଶ୍ନ ଉଠିଛି। ପିଣ୍ଡି ଆବଣ୍ଟିତ ହୋଇ ନ ଥିବାବେଳେ କେଉଁ ଆଧାରରେ ବ୍ୟବସାୟୀଙ୍କୁ ଥଇଥାନ କରାଯିବ ତାହା ସିଏମ୍‌ସି ସ୍ପଷ୍ଟ କରି ନ ଥିବାରୁ ବ୍ୟବସାୟୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏପରିକି ସୋମବାର ସିଏମ୍‌ସି କମିଶନର ନିଖିଲ ପବନ କଲ୍ୟାଣ ଏବଂ ବିଧାୟକ ସୌଭିକ ବିଶ୍ୱାଳ ପରିଦର୍ଶନ କରି ସ୍ଥିତି ସମୀକ୍ଷା କରିଥିଲେ। ୫୪୮ଟି ପିଣ୍ଡି ରହିଥିବା ବେଳେ ବିଭିନ୍ନ ପର୍ଯ୍ୟାୟରେ ବ୍ୟବସାୟୀମାନେ ବ୍ୟବସାୟ କରୁଥିବାରୁ ସେମାନେ ପର୍ଯ୍ୟାୟକ୍ରମେ ସେହି ପିଣ୍ଡିରେ ବସିବେ ବୋଲି ନିଷ୍ପତ୍ତି ନିଆଯାଇଛି।

# ରହସ୍ୟରେ ଲିଭ୍ ଇନ୍ ପାର୍ଟନରଙ୍କ ଆତ୍ମହତ୍ୟା

ଭୁବନେଶ୍ୱର,୩୦।୧୦
(ସତ୍ୟଜିତ୍ ରାଉତ)



ମୃତ ପିଣ୍ଟୁ ନାଥ ଓ ଶୁଭସ୍ମିତା ନାୟକ।

ଭୁବନେଶ୍ୱର ଇନ୍‌ଫୋସିଟି ଥାନା ଅନ୍ତର୍ଗତ ଶିଖରଚଣ୍ଡୀନଗର ମୁସଲିମ୍ ବସ୍ତିର ଏକ ଭଡ଼ା ଘରେ ଆତ୍ମହତ୍ୟା କରିଥିବା ଲିଭ୍ ଇନ୍ ପାର୍ଟନରଙ୍କ ମୃତଦେହକୁ ସୋମବାର ସାଇଣ୍ଟିଫିକ୍ ଟିମ୍ ଉପସ୍ଥିତିରେ ପୋଲିସ ଜବତ କରିଛି। କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଅଞ୍ଚଳର ଶୁଭସ୍ମିତା ନାୟକ (୨୦) ଓ ଭୁବନେଶ୍ୱର ମଞ୍ଚେଶ୍ୱର ଥାନା ଅନ୍ତର୍ଗତ କଳାରାହାଙ୍ଗ ଅଞ୍ଚଳର ପିଣ୍ଟୁ ନାଥ (୩୦)ଙ୍କ ମୃତଦେହକୁ ପୋଲିସ କ୍ୟାପିଟାଲ ହସ୍ପିଟାଲ ପଠାଇଥିଲା। ସେଠାରେ ବ୍ୟବଚ୍ଛେଦ ପରେ ଉଭୟଙ୍କ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ମୃତା ଶୁଭସ୍ମିତାଙ୍କ ବାପା କହିଛନ୍ତି, ତାଙ୍କ ଝିଅ ୯ ମାସ ହେଲା ଗାଁରୁ ଆସି ଭୁବନେଶ୍ୱରରେ ଏକ ଶପିଂ ମଲ୍‌ରେ କାମ କରୁଥିଲେ। ଦେଢ଼ ମାସ ତଳେ ସେ ଜଣେ ଯୁବକଙ୍କୁ ପ୍ରେମ କରୁଛନ୍ତି ଓ ତାଙ୍କୁ ମନ୍ଦିରରେ ବିବାହ କରୁଥିବା କହିଥିଲେ। ପରେ ନମ୍ବର ବଦଳାଇ ପରିବାର ଲୋକଙ୍କ ସହ କଥା ହେବା ବନ୍ଦ କରିଦେଇଥିଲେ ବୋଲି ସେ କହିଛନ୍ତି। ଏପଟେ ପିଣ୍ଟୁ ବିବାହିତ ଥିବାବେଳେ ତାଙ୍କର ୪ ବର୍ଷର ଗୋଟିଏ ପୁଅ ମଧ୍ୟ ଅଛନ୍ତି। ତାଙ୍କ ସ୍ତ୍ରୀ ବେଙ୍ଗାଲୁରୁରେ ରହୁଥିବାବେଳେ ପିଣ୍ଟୁ ଅନ୍ୟଜଣେ ଯୁବତୀଙ୍କ ସହ ଅଲଗା ରହୁଥିବା ନେଇ ତାଙ୍କ ପରିବାର ଲୋକ ମଧ୍ୟ ଜାଣି ନ ଥିଲେ। ରବିବାର ସକାଳ ୮ଟା ୩୦ରେ ସେ ଘରୁ ଆସି ଫେରି ନ ଥିଲେ ବୋଲି ତାଙ୍କର ଜଣେ ସମ୍ପର୍କୀୟ କହିଛନ୍ତି। ତେବେ କେଉଁ କାରଣରୁ ପିଣ୍ଟୁ ଓ ଶୁଭସ୍ମିତା ଏଭଳି

**ମୃତଦେହ ଜବତ କଲା ପୋଲିସ**

**ନମ୍ବର ବଦଳାଇ ପରିବାର ସହ କଥା ହେଉ ନ ଥିଲେ ଶୁଭଲକ୍ଷ୍ମୀ**

ଚରମ ନିଷ୍ପତ୍ତି ନେଲେ ତାହା ଏବେ ରହସ୍ୟ ଘେରରେ ରହିଛି। ଉଲ୍ଲେଖଯୋଗ୍ୟ, ସ୍ୱାମୀ-ସ୍ତ୍ରୀ ପରିଚୟ ଦେଇ ଶୁଭସ୍ମିତା ଓ ପିଣ୍ଟୁ ଏକାଠି ରହୁଥିଲେ। ରବିବାର ଉକ୍ତ ଘରର କବାଟ ବନ୍ଦ ଥିବାରୁ ସ୍ଥାନୀୟ ଲୋକଙ୍କ ସନ୍ଦେହ ହୋଇଥିଲା। ସନ୍ଧ୍ୟା ପ୍ରାୟ ୭ଟା ବେଳେ ସ୍ଥାନୀୟ ଲୋକେ ସ୍କାଏ ଲାଇଟ୍ ଦ୍ୱାରା ଘଟଣା ବିଷୟରେ ଜାଣିବାକୁ ପାଇ ପୋଲିସକୁ ଖବର ଦେଇଥିଲେ। ପୋଲିସ ଏ ସଂକ୍ରାନ୍ତରେ ଏକ ଅପମୃତ୍ୟୁ ମାମଲା(ନଂ.୮୭/୨୦୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଛି।

# କୋର୍ଟରେ ଆତ୍ମସମର୍ପଣ କଲେ ବାୟୁସେନା ଅଧିକାରୀ

**ନାବାଳିକା ବଳାତ୍କାର ମାମଲା**

ଭୁବନେଶ୍ୱର,୩୦।୧୦(ସତ୍ୟଜିତ୍ ରାଉତ)



ଲକ୍ଷ୍ମୀସାଗର ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ବଳାତ୍କାର ମାମଲାରେ ଅଭିଯୁକ୍ତ ବାୟୁସେନା ଅଧିକାରୀ ଭୁବନେଶ୍ୱର ପୋକ୍‌ସୋ କୋର୍ଟରେ ସୋମବାର ଆତ୍ମସମର୍ପଣ କରିଛନ୍ତି। ସେ ହେଲେ ଇଣ୍ଡିଆନ୍ ଏୟାରଫୋର୍ସର ଗ୍ରୁପ୍ କ୍ୟାପଟେନ୍ ଥିବା ବିଶାଖାପାଟଣାର କୋରିମିଲ୍ଲି ଭେଙ୍କଟ ଶ୍ରୀନିବାସ (୫୧)। କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଅଭିଯୁକ୍ତ ଶ୍ରୀନିବାସଙ୍କୁ ୧୪ଦିନିଆ ବିଚାର ବିଭାଗୀୟ ହାଜତକୁ ନିଆଯାଇଛି। ତେବେ ଦୁଇଦିନ ମଧ୍ୟରେ ଶ୍ରୀନିବାସଙ୍କୁ ରିମାଣ୍ଡରେ ଆଣି ମାମଲା ବିଷୟରେ ଅଧିକ ତଥ୍ୟ ହାସଲ କରିବାକୁ ପୋଲିସ ପକ୍ଷରୁ ଯୋଜନା କରାଯାଉଥିବା ସୂଚନା ମିଳିଛି। ଶ୍ରୀନିବାସଙ୍କ ବାପା ଭୁବନେଶ୍ୱରରେ ଚାକିରି କରିଥିଲେ। ପରବର୍ତ୍ତୀ ସମୟରେ ଶ୍ରୀନିବାସ ପୁରୁଣାଭୁବନେଶ୍ୱର ଅଞ୍ଚଳରେ ବିବାହ କରିଥିଲେ। ବିଭିନ୍ନ ସମୟରେ ସେ ଶ୍ୱଶୁର ଘରକୁ ବୁଲିବାକୁ ଆସନ୍ତି। ତାଙ୍କ ସ୍ତ୍ରୀଙ୍କ ସାଙ୍ଗର ସାନ ଝିଅଙ୍କୁ ସେ ବଳାତ୍କାର କରିଥିବା ଅଭିଯୋଗ ହୋଇଥିଲା। ଗତ ଜୁନ ୨୩ରେ ରସୁଲଗଡ଼ ଅଞ୍ଚଳରେ ଏକ ପାରିବାରିକ ଉତ୍ସବ ହେଉଥିବାବେଳେ ୧୩ ବର୍ଷୀୟା ନାବାଳିକା ଜଣକ ସେଠାକୁ ଆସି ନ ଥିଲେ। ତେଣୁ ତାଙ୍କୁ ଆଣିବାକୁ ଶ୍ରୀନିବାସ ତାଙ୍କ ଘରକୁ ଯାଇଥିଲେ। ତେବେ ଘରେ ଏକାକୀ ଥିବା ନାବାଳିକାଙ୍କ ସମ୍ବେଦନଶୀଳ ଅଙ୍ଗକୁ ସ୍ପର୍ଶ କରି ସେଠାରେ ଶ୍ରୀନିବାସ ବଳାତ୍କାର କରିଥିବା ଅଭିଯୋଗ ହୋଇଥିଲା। ବଡ଼ ଭଉଣୀ ଘରକୁ ଆସିବା ପରେ ନାବାଳିକା ଜଣକ ଏହି ଘଟଣା ବିଷୟରେ ଜଣାଇଥିଲେ। ନାବାଳିକାଙ୍କ ପରିବାର ପକ୍ଷରୁ ଏନେଇ ଜୁନ ୨୭ରେ ଥାନାରେ ଏତଲା ଦିଆଯାଇଥିଲା। ପୋଲିସ ଜୁନ ୨୮ରେ ଆଇପିସି ଦଫା ୩୭୬(୩) ଓ ପୋକ୍‌ସୋ ଆକ୍ଟରେ ଏକ ମାମଲା (ନଂ.୨୬୧/୨୦୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପୋଲିସ ଟିମ୍ ପରବର୍ତ୍ତୀ ସମୟରେ ଶ୍ରୀନିବାସଙ୍କୁ ଗିରଫ କରିବାକୁ ଦୁଇଥର ଦିଲ୍ଲୀ ମଧ୍ୟ ଯାଇଥିଲା। ତେବେ ଏହି ମାମଲାରେ ଅଭିଯୁକ୍ତ ଶ୍ରୀନିବାସ ହାଇକୋର୍ଟ ଏବଂ ସୁପ୍ରିମକୋର୍ଟରେ ମଧ୍ୟ ଜାମିନ ଆବେଦନ କରିଥିଲେ। ହେଲେ ପରବର୍ତ୍ତୀ ସମୟରେ ତାଙ୍କ ଜାମିନ ଆବେଦନ ଖାରଜ ହୋଇଯାଇଥିଲା।


ତ୍ରିଧାରା ପକ୍ଷରୁ ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ଚାଲିଥିବା ଗୁରୁ ଦେବପ୍ରସାଦ ପୁରସ୍କାର ଉତ୍ସବର ଉଦ୍‌ଯାପନୀ ସନ୍ଧ୍ୟାରେ ଅତିଥିଙ୍କ ସହ 'ଗୁରୁ ଦେବପ୍ରସାଦ ସମ୍ମାନ' ପାଇଥିବା ୫ ବ୍ୟକ୍ତିତ୍ୱ।

# ନନ୍ଦନକାନନରେ କୃଷ୍ଣସାର ମୃଗ ମୃତ

ବାରଙ୍ଗ,୩୦।୧୦(ଲିଙ୍ଗରାଜ ରାଉତ)

ନନ୍ଦନକାନନ ପ୍ରାଣୀଉଦ୍ୟାନର ୬୭ ନଂ.(ଖ) ଏନ୍‌କ୍ଲୋଜରରେ ରହୁଥିବା ଏକ କୃଷ୍ଣସାର ମୃଗ ଶାବକର ସୋମବାର ମୃତ୍ୟୁ ଘଟିଛି। ମୃତ୍ୟୁର କାରଣ ଜାଣିବାକୁ କର୍ତ୍ତୃପକ୍ଷ ଶବ ବ୍ୟବଚ୍ଛେଦ କରିଛନ୍ତି। ସାଧାରଣତଃ ଏହି ପ୍ରଜାତିର କୃଷ୍ଣସାର ମୃଗ ଓଡ଼ିଶାର ବୁଗୁଡ଼ା ଓ ବାଲୁଖଣ୍ଡ ଅଞ୍ଚଳରେ ଦେଖାଯାଆନ୍ତି। ଏଥିସହ ଉତ୍ତର-ପଶ୍ଚିମ ଓ କେନ୍ଦ୍ରୀୟ ଭାରତର ଅଳ୍ପ କେତୋଟି ସ୍ଥାନରେ ମଧ୍ୟ ଏହି ମୃଗ ଦୃଶ୍ୟମାନ ହୋଇଥାନ୍ତି।

# ୫ଜଣଙ୍କୁ 'ଗୁରୁ ଦେବପ୍ରସାଦ ସମ୍ମାନ'

## ସରିଲା ୧୭ତମ ଗୁରୁ ଦେବପ୍ରସାଦ ପୁରସ୍କାର ଉତ୍ସବ

ଭୁବନେଶ୍ୱର, ୩୦।୧୦ (ବନ୍ଦନା ସେଠୀ)

ଗୁରୁ ଦେବପ୍ରସାଦ ଦାସଙ୍କ ସ୍ମୃତିରେ ତ୍ରିଧାରା ପକ୍ଷରୁ ୫ଦିନ ଧରି ଆୟୋଜିତ ୧୭ତମ ଗୁରୁ ଦେବପ୍ରସାଦ ପୁରସ୍କାର ଉତ୍ସବ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ଓଡ଼ିଶୀ ନୃତ୍ୟ କ୍ଷେତ୍ରରେ ଅବଦାନ ପାଇଁ ଇଲିୟାନା ଚିତାରିଷ୍ଟି, କଥକ ନୃତ୍ୟଶିଳ୍ପୀ କମଳିନୀ ଆସ୍ଥାନା ଓ ନଳିନୀ ଆସ୍ଥାନା, ଭାରତନାଟ୍ୟମ୍‌ରେ ପ୍ରତିଭା ପ୍ରହଲ୍ଲାଦ ଏବଂ ଶାସ୍ତ୍ରୀୟ ନୃତ୍ୟରେ ଅବଦାନ ପାଇଁ ଗୁରୁ ରାମକୃଷ୍ଣ ତାଲୁକ୍‌ଦାରଙ୍କୁ 'ଗୁରୁ ଦେବପ୍ରସାଦ ସମ୍ମାନ' ପ୍ରଦାନ କରାଯାଇଥିଲା। ସେହିଭଳି ଓଡିଶୀ ନୃତ୍ୟରେ ଗୁରୁ ସୋନାଲୀ ମହାପାତ୍ର ଓ ଦୀପିକା ପ୍ରୀୟଦର୍ଶିନୀଙ୍କୁ 'ଗୁରୁ ଦେବପ୍ରସାଦ ଯୁବ ପ୍ରତିଭା ସମ୍ମାନ' ପ୍ରଦାନ କରାଯାଇଥିଲା। ପୁରସ୍କାର ବିତରଣ ପରେ ଅନ୍ତର୍ଜାତୀୟ ଭାରତନାଟ୍ୟମ ନୃତ୍ୟ ବିଶାରଦା ପ୍ରତିଭା ପ୍ରହଲ୍ଲାଦଙ୍କ ଦ୍ୱାରା ଏକକ ଭାରତନାଟ୍ୟମ ନୃତ୍ୟ ପରିବେଷିତ ହୋଇଥିଲା। ପ୍ରଥମ ପ୍ରସ୍ତୁତିରେ ଥିଲା 'ବୃହଦିଶ୍ୱର ମହାଦେବ'। ଯାହା ରାଗ କାନଡ଼ା ଓ ତାଳ ରୂପକ ଉପରେ ନିବଦ୍ଧ ଥିଲା। ପରେ ସେ ଗୀତଗୋବିନ୍ଦରୁ ଉଦ୍ଧୃତ 'ନାଥ ହରେ' ପରିବେଷଣ କରିଥିଲେ। ଏହାର ସଙ୍ଗୀତ ସଂଯୋଜନା ଏମ୍. ବାଲ୍‌ମୁରଲୀକ୍ରିଷ୍ଣ କରିଥିବାବେଳେ ନୃତ୍ୟ ସଂରଚନା ନିଜେ ଗୁରୁ ପ୍ରହଲ୍ଲାଦ କରିଥିଲେ। ପରେପରେ କଥକ ନୃତ୍ୟାଙ୍ଗନା କମଳିନୀ ଅସ୍ଥାନା ଓ ନଳିନୀ ଅସ୍ଥାନା ଦ୍ୱୈତ୍ୟ କଥକ ନୃତ୍ୟ ପରିବେଷଣ କରିଥିଲେ। ପ୍ରଥମେ ଶିବସ୍ତୁତି ପରେ ପଦ ସଂଯୋଜନା ପରିବେଷଣ କରିଥିଲେ। ଶରୀରର ପ୍ରତ୍ୟେକ ଗତିବିଧି, ଅଙ୍ଗଭଙ୍ଗୀ, ଭାବପ୍ରବଣ ପଦକ୍ଷେପ, ତାଳର ଲହରୀ ଏବଂ ସଙ୍ଗୀତର ସ୍ୱର ସହିତ ପାଦଚାଳନା ସେମାନଙ୍କର ନୃତ୍ୟକୁ ଅଧିକ ଆକର୍ଷଣୀୟ କରିଥିଲା। ଶେଷରେ ପଣ୍ଡିତ ହରିପ୍ରସାଦ ଚୌରାସିଆଙ୍କ ବୃନ୍ଦାବନ ଗୁରୁକୁଳର ଶିଳ୍ପୀମାନଙ୍କ ଦ୍ୱାରା ବଂଶୀ ବାଦନ କରାଯାଇଥିଲା। ପ୍ରଥମେ ରାଗ ମାରୱା ଏବଂ ପରେ ପାହାଡ଼ ଧୁନ ସହିତ ବିଭିନ୍ନ ରାଗ ଓ ତାଳକୁ ନେଇ ବଂଶୀ ବାଦନ ବେଶ ହୃଦୟସ୍ପର୍ଶୀ ଥିଲା। ଉଦ୍‌ଯାପନୀ ସନ୍ଧ୍ୟାରେ ଅତିଥିଭାବେ ରାଜ୍ୟସଭା ସଦସ୍ୟ ପ୍ରଶାନ୍ତ ନନ୍ଦ, ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ପୂର୍ବତନ ରାଜସ୍ୱ ପରିଷଦ ସଦସ୍ୟ ତଥା ଭାରତୀୟ ପ୍ରଶାସନିକ ଅଧିକାରୀ ଅଶୋକ କୁମାର ତ୍ରିପାଠୀ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ଏବଂ ତ୍ରିଧାରାର ନିର୍ଦ୍ଦେଶକ ଗୁରୁ ଗଜେନ୍ଦ୍ର କୁମାର ପଣ୍ଡା ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଡ. ମୃତ୍ୟୁଞ୍ଜୟ ରଥ ସଞ୍ଚାଳନା କରିଥିଲେ।

# କ୍ୟାପିଟାଲ ହସ୍ପିଟାଲରୁ ଚୋରି, ରଙ୍ଗ ମିସ୍ତ୍ରୀ ଗିରଫ

ଭୁବନେଶ୍ୱର,୩୦।୧୦
(ସୂର୍ଯ୍ୟକାନ୍ତ ବେହେରା)

କ୍ୟାପିଟାଲ ହସ୍ପିଟାଲ ପରିସରରୁ ତମ୍ବା ତାର ଚୋରି କରିବା ଅଭିଯୋଗରେ ପୋଲିସ ଜଣେ ରଙ୍ଗମିସ୍ତ୍ରୀଙ୍କୁ ଗିରଫ କରି କୋର୍ଟ ଚାଲଣ କରିଛି। ସେ ହେଲେ ୟୁନିଟ-୬ରେ ରହୁଥିବା ବୌଦ୍ଧର ପ୍ରତାପ ସେଠୀ। ତାଙ୍କଠାରୁ ୪୦ ଚୋରି ତାର ଜବତ ହୋଇଛି। ସୂଚନାନୁସାରେ, ହସ୍ପିଟାଲରେ ରଙ୍ଗ, ଇଲେକ୍ଟ୍ରିଫିକେଶନ ଓ ଅନ୍ୟାନ୍ୟ କାମ ଚାଲୁଛି। ଅଭିଯୁକ୍ତ ପ୍ରତାପଙ୍କ ସମେତ ଅନ୍ୟ କେତେଜଣ ରଙ୍ଗ କାମରେ ନିୟୋଜିତ ଥିଲେ। ସୁଯୋଗ ଦେଖି ପ୍ରତାପ କ୍ୟାଥୋଲାବ ରୁମ୍‌ରେ ଥିବା ବିଦ୍ୟୁତ୍ ତାରକୁ ଚୋରି କରି ନେଇଯାଇଥିଲେ। ସିସିଟିଭି ଫୁଟେଜରୁ ଘଟଣା ବିଷୟରେ ଜାଣିବା ପରେ ହସ୍ପିଟାଲର ଇଲେକ୍ଟ୍ରିସିଆନ ଭାବରେ କାର୍ଯ୍ୟ କରୁଥିବା ତାପସ ପଣ୍ଡା ଥାନାରେ ଅଭିଯୋଗ କରିଥିଲେ।

# ଓଟିଡିସିରେ ଭିଜିଲାନ୍ସ ସଚେତନତା ସପ୍ତାହ ପାଳନ


ଓଟିଡିସିର ଚେୟାରମ୍ୟାନ୍ ଡ. ଲେନିନ୍ ମହାନ୍ତି କର୍ମଚାରୀଙ୍କୁ ଶପଥପାଠ କରାଉଛନ୍ତି।

ଭୁବନେଶ୍ୱର, ୩୦।୧୦ (ବନ୍ଦନା ସେଠୀ)

ଓଡ଼ିଶା ପର୍ଯ୍ୟଟନ ବିକାଶ ନିଗମ (ଓଟିଡିସି)ର ମୁଖ୍ୟ କାର୍ଯ୍ୟାଳୟରେ ଭିଜିଲାନ୍ସ ସଚେତନତା ସପ୍ତାହ ପାଳିତ ହୋଇଯାଇଛି। ଓଟିଡିସିର ଚେୟାରମ୍ୟାନ୍ ଡ. ଲେନିନ୍ ମହାନ୍ତି ଅଧ୍ୟକ୍ଷତା କରି ସର୍ବୋଚ୍ଚ ନୈତିକତା ଏବଂ ଅଖଣ୍ଡତା ବଜାୟ ରଖିବା ପାଇଁ ଓଟିଡିସିର ପ୍ରତିବଦ୍ଧତାକୁ ଦୋହରାଇଥିଲେ। ଜୀବନଶୈଳୀ ଉପରେ ସଜାଗ ରହିବା ନେଇ ଗୁରୁତ୍ୱାରୋପ କରିବା ସହ ସମସ୍ତ କର୍ମଚାରୀଙ୍କୁ ଏହି ମୂଲ୍ୟବୋଧକୁ ବଜାୟ ରଖିବାକୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମରେ ସମସ୍ତ ବିଭାଗୀୟ ମୁଖ୍ୟ ତଥା ଉତ୍ସର୍ଗୀକୃତ କର୍ମଚାରୀମାନେ ସେମାନଙ୍କ ବୃତ୍ତିଗତ ତଥା ବ୍ୟକ୍ତିଗତ ଜୀବନରେ ସଜାଗତା ଏବଂ ଅଖଣ୍ଡତାର ନୀତି ରକ୍ଷା କରିବା ନେଇ ଶପଥ ଗ୍ରହଣ କରିଥିଲେ। ଏହି ପ୍ରତିବଦ୍ଧତା ଓଟିଡିସିର କାର୍ଯ୍ୟକୁ ଦୃଢ଼ କରିବା ସହ ଏକ ଦୁର୍ନୀତିମୁକ୍ତ ସମାଜର ବୃହତ୍ ମିଶନରେ ସହାୟକ ହେବ ବୋଲି ଆଶା ପ୍ରକଟ କରାଯାଇଥିଲା।

# ମେଟ୍ରୋ ଟ୍ରେନ ପାଇଁ ସ୍ଥାନ ଚିହ୍ନଟ ପ୍ରକ୍ରିୟା ଆରମ୍ଭ

ପିପିଲି, ୩୦।୧୦ (ଦୁର୍ଗା ମାଧବ ମିଶ୍ର):

ଖୁବ୍‌ଶୀଘ୍ର ଆରମ୍ଭ ହେବ ଭୁବନେଶ୍ୱର-ପୁରୀ ମେଟ୍ରୋ ସେବା। ୩୧୬ ନମ୍ବର ଜାତୀୟ ରାଜପଥରେ ମେଟ୍ରୋ ସେବା ପାଇଁ ସ୍ଥାନ ନିରୀକ୍ଷଣ କରାଯାଉଛି। ମୁଖ୍ୟ ରାସ୍ତାକଡ଼ରୁ ୨୦୦ମିଟର ବାମ ଓ ଡାହାଣ ପାର୍ଶ୍ୱର ସ୍ଥାନ ନିରୂପଣ କରୁଛନ୍ତି ଏକ ଘରୋଇ କମ୍ପାନୀର ୨୫ଜଣିଆ ଟିମ୍। ଏପଟେ ରାସ୍ତା ପାର୍ଶ୍ୱରେ ଥିବା ଦୋକାନୀ ସମେତ ଘର କରିଥିବା ଲୋକେ ଏହାକୁ ନେଇ ଭୟଭୀତ ଅବସ୍ଥାରେ। ଏକ ଘରୋଇ କମ୍ପାନୀର ୧୦ରୁ ଊର୍ଦ୍ଧ୍ୱ କର୍ମଚାରୀ ରବିବାରଠାରୁ ଭୁବନେଶ୍ୱର-ପୁରୀ ରାଜରାସ୍ତାରେ ମାପଚୁପ ଆରମ୍ଭ କରି ଧଳାରଙ୍ଗର ମାର୍କ ସହ ଉଭୟ ପାର୍ଶ୍ୱରେ ଚିହ୍ନ ନିରୂପଣ କରୁଛନ୍ତି। ଏହି ମେଟ୍ରୋ ସେବା ଦ୍ୱାରା ଆଗାମୀ ଦିନରେ ବହୁ ଲୋକ ଉପକୃତ ହୋଇପାରିବେ ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି।


ଭୁବନେଶ୍ୱର ସୂଚନା ଭବନରେ ଅନୁଷ୍ଠିତ ସୋଲୋ ଫଟୋଗ୍ରାଫି ପ୍ରଦର୍ଶନୀ 'ଡିଜାଷ୍ଟର ଅଫ୍ ଲେନ୍ସ'କୁ ସୋମବାର ମନ୍ତ୍ରୀ ଅଶୋକଚନ୍ଦ୍ର ପଣ୍ଡା ବୁଲି ଦେଖୁଛନ୍ତି। (ଫଟୋ- ମନୋରଞ୍ଜନ ମିଶ୍ର)

# ସଞ୍ଚୟ କଲେ ଆର୍ଥିକ ସ୍ଥିତି ସୁଦୃଢ଼ ହେବ

**ବିଶ୍ୱ ମିତବ୍ୟୟିତା ଦିବସ: ଗଡ଼ିଲା ସଞ୍ଚୟ ରଥ**

ଭୁବନେଶ୍ୱର, ୩୦।୧୦
(ଅସମାପିକା ସାହୁ)

ଖୋର୍ଦ୍ଧା ଜିଲା ପ୍ରଶାସନ ପକ୍ଷରୁ ସୋମବାର ବିଶ୍ୱ ମିତବ୍ୟୟିତା ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଏକ ସୁସଜ୍ଜିତ 'ସଞ୍ଚୟ ରଥ'କୁ ଭୁବନେଶ୍ୱର ଉପଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ସଞ୍ଚୟ ଓ ଆର୍ଥିକ ସେବା ନିର୍ଦ୍ଦେଶିକା ପ୍ରଜ୍ଞାସ୍ମିତା ସାହୁ ଓ ଅନ୍ୟ ଅତିଥିମାନେ ଶୁଭାରମ୍ଭ କରିଥିଲେ। ମିତବ୍ୟୟୀ ହୋଇ ଯଥାସାଧ୍ୟ ସଞ୍ଚୟ କଲେ ଜନସାଧାରଣଙ୍କ ଆର୍ଥିକ ସ୍ଥିତି ସୁଦୃଢ଼ ହେବା ସହ ଭବିଷ୍ୟତରେ ଏହି ଅର୍ଥ ଉପକାରରେ ଆସିବ ବୋଲି ନିର୍ଦ୍ଦେଶିକା ପ୍ରକାଶ କରିଥିଲେ। ବ୍ୟକ୍ତି ଓ ପରିବାରର ଭବିଷ୍ୟତ ଆବଶ୍ୟକତା ପୂରଣ ପାଇଁ ସ୍ୱଳ୍ପ ସଞ୍ଚୟର ଭୂମିକାକୁ ପ୍ରଶଂସା କରିବା ସହ ଏହି ବାର୍ତ୍ତାକୁ ସାଧାରଣ ଜନତାଙ୍କ ନିକଟରେ ପହଞ୍ଚାଇବା ଦିବସ ପାଳନର ଉଦ୍ଦେଶ୍ୟ ବୋଲି ଭୁବନେଶ୍ୱର ଉପଜିଲାପାଳ ଚିନ୍ମୟ କୁମାର ଆଚାର୍ଯ୍ୟ କହିଥିଲେ।



ସଞ୍ଚୟ ରଥ ଶୁଭାରମ୍ଭ ଅବସରରେ ସଞ୍ଚୟ ଓ ଆର୍ଥିକ ସେବା ନିର୍ଦ୍ଦେଶିକା ପ୍ରଜ୍ଞାସ୍ମିତା ସାହୁ, ଉପଜିଲାପାଳ ଚିନ୍ମୟ କୁମାର ଆଚାର୍ଯ୍ୟ ଓ ଅନ୍ୟମାନେ।

ଜନସାଧାରଣଙ୍କ ଆର୍ଥିକ ପ୍ରଗତି ଓ ସନ୍ଦିଗ୍ଧ ଅର୍ଥ ଲଗାଣକାରୀ ସଂସ୍ଥାଠାରୁ ରକ୍ଷା ପାଇବା ପାଇଁ ସରକାରଙ୍କ ତରଫରୁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଅର୍ଥ ବିଭାଗର ଯୁଗ୍ମ ଶାସନ ସଚିବ ପ୍ରଶାନ୍ତ କୁମାର ମିଶ୍ର ଆଲୋକପାତ କରିଥିଲେ। ଲୋଭାସକ୍ତ ନ ହୋଇ ଠକ ସଂସ୍ଥାଠାରୁ ଦୂରେଇ ରହିବାକୁ ଅର୍ଥ ବିଭାଗର ଉପନିର୍ଦ୍ଦେଶକ ହରିଚରଣ ମିଶ୍ର ପରାମର୍ଶ ଦେଇଥିଲେ। ସରକାରୀ ସଞ୍ଚୟ ଓ ସେବା ନିର୍ଦ୍ଦେଶିକା ମମତା ନାୟକ ଏବଂ ଉପଖଣ୍ଡ ସଞ୍ଚୟ ଓ ସେବା ଅଧିକାରୀ ରୂପାଲିନ୍ ସାହୁ ପରିଚାଳନା କରିଥିଲେ। ଏହି ଅବସରରେ ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଲେଖା ସମ୍ବଳିତ ପ୍ରଚାରପତ୍ର ଜନସାଧାରଣଙ୍କ ମଧ୍ୟରେ ବଣ୍ଟନ କରାଯାଇଥିଲା। ସଞ୍ଚୟ ରଥ ଭୁବନେଶ୍ୱର ଉପକଣ୍ଠସ୍ଥ ଗ୍ରାମ ସହିତ ବାଲିଅନ୍ତା, ଜଟଣୀ ଓ ଖୋର୍ଦ୍ଧା ବ୍ଲକ୍‌ର ବିଭିନ୍ନ ଗ୍ରାମ ପରିଭ୍ରମଣ କରି ଜନସାଧାରଣଙ୍କ ମଧ୍ୟରେ ମିତବ୍ୟୟିତାର ବାର୍ତ୍ତା ପହଞ୍ଚାଇବ।

## ସଂକ୍ଷେପରେ

### ସହଯୋଗ ଦ୍ୱାରା ବିପର୍ଯ୍ୟୟ କ୍ଷୟକ୍ଷତି ଏଡ଼ାଇ ହେବ

ବୋଲଗଡ଼,୩୦।୧୦(ଦେବବ୍ରତ ହୋତା)

ବୋଲଗଡ଼ ପଞ୍ଚାୟତ ସମିତି ଆନୁକୂଲ୍ୟରେ ଓଡ଼ିଶା ବିପର୍ଯ୍ୟୟ ପ୍ରସ୍ତୁତି ଦିବସ ଅନୁଷ୍ଠିତ ହୋଇଯାଇଛି। ବ୍ଲକର ରାଜୀବ ଗାନ୍ଧୀ ସେବାକେନ୍ଦ୍ର ସମ୍ମିଳନୀ କକ୍ଷରେ ବିଡିଓ ଶରତ ଚନ୍ଦ୍ର ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉକ୍ତ ବୈଠକରେ ତହସିଲଦାର ନିବେଦିତା ପରିଡ଼ା, ଏବିଡିଓ ଡ. ରତିକାନ୍ତ ମିଶ୍ର, ଅଗ୍ନିଶମ ଅଧିକାରୀ ନିରଞ୍ଜନ ବେହେରା, ଏବିଇଓ କୈଳାସ ନାଥ ସ୍ୱାଇଁ ଓ ଚିକିତ୍ସା ଅଧିକାରୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ବିପର୍ଯ୍ୟୟ ସମୟରେ ବ୍ୟାପକ କ୍ଷୟକ୍ଷତିକୁ ଏଡ଼ାଇବା ପାଇଁ ରାଜ୍ୟ ସରକାର ପ୍ରତ୍ୟେକ ସରକାରୀ କାର୍ଯ୍ୟାଳୟର କର୍ମଚାରୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରୁଛନ୍ତି। ବିପର୍ଯ୍ୟୟ ବେଳେ ଯୋଗାଯୋଗ ମାଧ୍ୟମ ଓ ସୁରକ୍ଷିତ ରହଣିସ୍ଥଳକୁ ଉପଯୋଗ କରିବା ଓ ପରେ ଖାଦ୍ୟ, ପାନୀୟ, ଔଷଧ ଓ ଆଲୋକ ବ୍ୟବସ୍ଥା କରାଯିବା ଜରୁରୀ। ବିପର୍ଯ୍ୟୟ ସୂଚନା ପାଇଲେ ପ୍ରାଥମିକତା ଭିତ୍ତିରେ ବୃଦ୍ଧାବୃଦ୍ଧ, ଗର୍ଭବତୀ, ରୋଗୀ ଓ ଶିଶୁଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯିବା ସହ ବ୍ଲକ କାର୍ଯ୍ୟାଳୟରେ ୨୪ଘଣ୍ଟିଆ ସୂଚନା କେନ୍ଦ୍ର ଓ ଯୋଗାଯୋଗ ବ୍ୟବସ୍ଥାକୁ କାର୍ଯ୍ୟକାରୀ କରିବା ନେଇ ସମସ୍ତଙ୍କର ସହଯୋଗ ଜରୁରୀ ବୋଲି ମତପ୍ରକାଶ ପାଇଥିଲା। ଏହି କାର୍ଯ୍ୟକ୍ରମରେ ବ୍ଲକ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଓ ଗ୍ରାମ ରୋଜଗାର ସେବକ ଯୋଗଦେଇଥିଲେ। ସାମାଜିକ ସୁରକ୍ଷା ଅଧିକାରୀ କାମଦେବ ନାୟକ ଧନ୍ୟବାଦ ଦେଇଥିଲେ।

### ଜୀବନ ବୀମା କାର୍ଯ୍ୟାଳୟ ଆଗରୁ ବାଇକ୍ ଚୋରି

ଜଟଣୀ,୩୦।୧୦(ରବୀନ୍ଦ୍ର ନାଥ ମହାକୁଡ଼)

ଜଟଣୀ ରାମଚନ୍ଦ୍ରପୁରସ୍ଥିତ ଜୀବନ ବୀମା କାର୍ଯ୍ୟାଳୟ ଆଗରୁ ସୋମବାର ଜଣେ ବୀମା କର୍ମଚାରୀଙ୍କ ବାଇକ୍ ଚୋରି ହୋଇଥିବା ଅଭିଯୋଗ ହୋଇଛି। ସୂଚନା ମୁତାବକ, ରଣପୁର ଅଞ୍ଚଳର ଅକ୍ଷୟ କୁମାର ସ୍ୱାଇଁ ଉକ୍ତ ଜୀବନ ବୀମା କାର୍ଯ୍ୟାଳୟକୁ ଗ୍ରାହକଙ୍କ ଟଙ୍କା ଜମା କରିବା ପାଇଁ ଆସିଥିଲେ। ବୀମା କାର୍ଯ୍ୟଳୟ ସମ୍ମୁଖରେ ବାଇକ୍ (ଓଡି ୦୨ଇ ୪୨୨୬) ରଖି କାର୍ଯ୍ୟାଳୟ ଭିତରକୁ ଯାଇଥିଲେ। କାମ ସାରି ୩୦ମିନିଟ୍ ପରେ କାର୍ଯ୍ୟାଳୟରୁ ଫେରିବା ପରେ ତାଙ୍କ ବାଇକ୍ ନ ଥିବା ଦେଖିବାକୁ ପାଇଥିଲେ। ଏନେଇ ସେ ଥାନାର ଦ୍ୱାରସ୍ଥ ହୋଇଥିଲେ।

### ତ୍ରିନାଥ ମନ୍ଦିରର ପ୍ରତିଷ୍ଠା ଦିବସ

ବୋଲଗଡ଼,୩୦।୧୦(ଦେବବ୍ରତ ହୋତା)

ବୋଲଗଡ଼ ଥାନା ଅଧୀନ ବାଙ୍କୋଇ ଫାଣ୍ଡି ପରିସରରେ ଥିବା ତ୍ରିନାଥ ମନ୍ଦିରର ଷଷ୍ଠ ବାର୍ଷିକ ପ୍ରତିଷ୍ଠା ଦିବସ ସୋମବାର ପାଳିତ ହୋଇଯାଇଛି। ପ୍ରାତଃରେ ତ୍ରିନାଥ ମନ୍ଦିରରେ ଠାକୁରଙ୍କ ନୀତିକାନ୍ତି ସହ ହୋମଯଜ୍ଞ ହୋଇଥିଲା। ଫାଣ୍ଡି ଅଧିକାରୀ ସଂଗ୍ରାମ କେଶରୀ ପାଇକରାୟଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ବହୁ ବ୍ୟକ୍ତି ଯୋଗଦେଇ ପ୍ରଭୁକୃପା ଲାଭ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଫାଣ୍ଡି ପୋଲିସ ଓ କର୍ମଚାରୀମାନେ ସହଯୋଗ କରିଥିଲେ।

# ବିଇଓଙ୍କୁ ୫ ଘଣ୍ଟା ଅଟକ ରଖିଲେ ଗ୍ରାମବାସୀ

## ସ୍କୁଲ ନାମକରଣକୁ ନେଇ ବିବାଦ

ବେଗୁନିଆ,୩୦।୧୦(ହର ପ୍ରସନ୍ନ ପଣ୍ଡା)

ବେଗୁନିଆ ବ୍ଲକ ଅନ୍ତର୍ଗତ ଶଗଡ଼ଭଙ୍ଗା-ବେତରଜଙ୍ଗରେ ଅବସ୍ଥିତ ଉଚ୍ଚ ବିଦ୍ୟାଳୟର ନାମକରଣକୁ ନେଇ ବିବାଦ ଉଗ୍ରରୂପ ଧାରଣ କରିଛି। ଶେଷରେ ଗ୍ରାମବାସୀଙ୍କ ଅସନ୍ତୋଷର ଶିକାର ହୋଇ ବ୍ଲକ ଶିକ୍ଷା ଅଧିକାରୀ (ବିଇଓ)ଙ୍କୁ ହଟହଟା ହେବାକୁ ପଡ଼ିଛି। ସୋମବାର ଗ୍ରାମବାସୀ ୫ଘଣ୍ଟା ଧରି ଉକ୍ତ ସ୍କୁଲ କୋଠରି ଭିତରେ ବିଇଓ ଭାସ୍କର ଲେଙ୍କାଙ୍କୁ ଅଟକ ରଖିଥିଲେ। ତେବେ ରିପୋର୍ଟ ଲେଖାହେବା ବେଳକୁ କୌଣସି ସମାଧାନ ହୋଇ ନ ଥିବା ଜଣାପଡ଼ିଛି।

ସୂଚନା ମୁତାବକ, ପୂର୍ବ ନାମକରଣ ଅନୁସାରେ ଉଚ୍ଚ ବିଦ୍ୟାଳୟର ନାମ ବାଲୁଙ୍କେଶ୍ୱର ଦେବ ସରକାରୀ ଉଚ୍ଚ ବିଦ୍ୟାଳୟ ଶଗଡ଼ଭଙ୍ଗା ରହିଥିଲା। ନିକଟ ବେତରଜଙ୍ଗ ଗ୍ରାମବାସୀ ଏହା



ସଭାଗୃହରେ ଅଟକ ଥିବା ବିଇଓ ଭାସ୍କର ଲେଙ୍କା।

ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହୋଇଥିଲେ। ପୁରୁଣା କମିଟି ଯେଉଁ ନାମକରଣ କରିଛି ତାହାକୁ କାଏମ ରଖିଥିଲେ ବିଚାରପତି। ୨୦୧୭/୧୮ ମସିହାର ୨୭ ଜଣିଆ କମିଟି ସଦସ୍ୟମାନଙ୍କୁ ନେଇ ସୋମବାର ଅଧ୍ୟକ୍ଷତାରେ ବୈଠକ ହୋଇଥିଲା। ସଭାରେ ଉପସ୍ଥିତ ୨୭ ସଦସ୍ୟଙ୍କ ମଧ୍ୟରୁ ୧୯ଜଣ ପୁରୁଣା ନାମକରଣକୁ ସମର୍ଥନ କରିଥିଲେ। ଅନ୍ୟ ୮ଜଣ ବିଦ୍ୟାଳୟର ନାମ ଶଗଡ଼ଭଙ୍ଗା ସ୍ଥାନରେ ବେତରଜଙ୍ଗ କରିବା ପାଇଁ ଅଡ଼ି ବସିଥିଲେ। ବିଇଓ ଲେଙ୍କା ୮ ଜଣଙ୍କ ଦାବିକୁ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଇବା ପାଇଁ କହିଥିଲେ। ଏହାପରେ୧୯ ସଦସ୍ୟଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଏପରିକି ୧୯ଜଣଙ୍କ ଦାବିକୁ ସମର୍ଥନ ଜଣାଇ ଲିଖିତ ପ୍ରତିଶ୍ରୁତି ଦେବା ପାଇଁ ବିଇଓଙ୍କୁ ବାଧ କରିଥିଲେ। ତେବେ ବିଇଓ ଲେଙ୍କା ୧୯ ଜଣଙ୍କ ଦାବିକୁ ପ୍ରତ୍ୟାଖ୍ୟାନ କରିବାରୁ ଗ୍ରାମବାସୀ ତାଙ୍କୁ ଅଟକ ରଖିଥିଲେ। ଏପରିକି ସମାଧାନ ନ ହେଲେ ବିଇଓଙ୍କୁ ଛାଡିବୁ ନାହିଁ ବୋଲି ଜିଦ୍‌ରେ ଅଟଳ ଅଛନ୍ତି। ଏ ସମ୍ପର୍କରେ ବିଇଓ ଲେଙ୍କା କହିଛନ୍ତି, ଉଚ୍ଚ ପଦାଧିକାରୀଙ୍କ ନିର୍ଦ୍ଦେଶ ଅନୁସାରେ ସମସ୍ୟାର ସମାଧାନ ପାଇଁ ଆସିଥିଲି। ବିରୋଧ ପରେ ଉକ୍ତ ସମସ୍ୟାର ସମାଧାନ ହୋଇପାରିନାହିଁ। ତଥାପି ସମାଧାନ ପାଇଁ ଚେଷ୍ଟା କରିବୁ।

# ବିପୁଳ ବାଣ ଜବତ, ୨ ଭାଇ ଗିରଫ



ଜବତ ହୋଇଥିବା ବିଭିନ୍ନ ପ୍ରକାର ବାଣ।

## ଦୀପାବଳି ପୂର୍ବରୁ ପୋଲିସର ଚଢ଼ାଉ

ଜଟଣୀ, ୩୦।୧୦ (ରବୀନ୍ଦ୍ର ନାଥ ମହାକୁଡ଼)

ଆଉ ଦିନ କେଇଟା ପରେ ଆଲୋକର ପର୍ବ ଦୀପାବଳି। ଏଥିପାଇଁ ବ୍ୟବସାୟୀମାନେ ଏବେଠାରୁ ବିଭିନ୍ନ ପ୍ରକାର ବାଣ ଘରେ ଗଚ୍ଛିତ ରଖିବା ସହ ଅନେକ ସ୍ଥାନରେ ବିକ୍ରି ଆରମ୍ଭ କଲେଣି। ତେବେ ବେଆଇନ ଭାବେ ଘରେ ବାଣ ଗଚ୍ଛିତ ରଖିଥିବା ଅଭିଯୋଗରେ କମିଶନରେଟ ପୋଲିସ ଅଧୀନ ଜଟଣୀ ଥାନା ପୋଲିସ ଦୁଇ ଭାଇଙ୍କୁ ଗିରଫ କରିଛି। ସେମାନେ ହେଲେ ଏହି ଥାନା ଅଧୀନ କୁସୁମାଟି ମଝିସାହିର ଛବିନ୍ଦ୍ର କୁମାର ସୁବୁଦ୍ଧି (୪୯) ଓ ପବିତ୍ର ସୁବୁଦ୍ଧି (୪୬)। ଏମାନଙ୍କଠାରୁ ବିପୁଳ ପରିମାଣର ବାଣ ତଥା ହାତ ତିଆରି ୪୦୦ଟି କୁମ୍ପି, କାଗଜରେ ତିଆରି ୫୦୦ଟି ଛୋଟ ବୋମା ଓ ୭୦୦ଟି ବଡ଼ ବୋମା ଜବତ ହୋଇଛି। ଏନେଇ ଥାନାରେ ମାମଲା (ନଂ.୩୭୫/୨୩) ରୁଜୁପରେ ଦୁଇଭାଇଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ତେବେ ଅଭିଯୁକ୍ତମାନେ ନିଜେ କିଛି ବାଣ ତିଆରି କରିଥିବା ବେଳେ ଆଉ କିଛି ସ୍ଥାନୀୟ ଅଞ୍ଚଳରୁ କିଣିଥିଲେ ବୋଲି ସ୍ୱୀକାର କରିଥିବା ସୋମବାର ଖବରଦାତା ସମ୍ମିଳନୀରେ ଜୋନ-୩ ଏସିପି ପ୍ରଦୀପ ରାଉତ ସୂଚନା ଦେଇଛନ୍ତି।

ସୂଚନାଥାଉ କି, ଜଟଣୀ ଓ ଆଖପାଖ ଅଞ୍ଚଳରେ ବେଆଇନଭାବେ ବାଣ ପ୍ରସ୍ତୁତ ସହ ବ୍ୟବସାୟକୁ ନେଇ ଗତ ୧୮ ତାରିଖରେ 'ଧରିତ୍ରୀ'ରେ ଖବର ପ୍ରକାଶ ପାଇଥିଲା। ଏହି ଖବର ପରେ ପୋଲିସ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା। ଥାନା ଅଧିକାରୀ ସୌମ୍ୟକାନ୍ତ ବଳିୟାସିଂଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରାଯାଇ ରବିବାର ରାତିରେ ଚଢ଼ାଉ କରାଯାଇଥିଲା। ବିପୁଳ ପରିମାଣର ବାଣ ଜବତ କରାଯିବା ସହ ଦୁଇ ଭାଇଙ୍କୁ ଗିରଫ କରିଥିଲେ। ଆଗକୁ ମଧ୍ୟ ଚଢ଼ାଉ ଜାରି ରହିବ ବୋଲି ଏସିପି ରାଉତ କହିଛନ୍ତି।

# ଗ୍ରାମୀଣ ପ୍ରତିଭା ଆଗକୁ ଆସିଲେ ଗୌରବ ବଢ଼ିବ



ଅତିଥିଙ୍କ ଗହଣରେ ସମ୍ମାନିତ ପ୍ରତିଭା ଏବଂ ଅନ୍ୟମାନେ।

## ମର୍ଦ୍ଦଳ,ବଂଶୀର ଯୁଗଳବନ୍ଦିରେ ସରିଲା କୁମାର ଉତ୍ସବ

- ନୃତ୍ୟଶିଳ୍ପୀ ପ୍ରଭାତ ଓ ମନୋସ୍ମିତାଙ୍କୁ ଯୁବ ପ୍ରତିଭା,
- ଦୟାନିଧି, ସନତ, ପ୍ରଭାତଙ୍କୁ ମୂର୍ଚ୍ଛନା ସମ୍ମାନ

ଖୋର୍ଦ୍ଧା,୩୦।୧୦(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧାର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ 'ମୂର୍ଚ୍ଛନା' ପକ୍ଷରୁ ସ୍ଥାନୀୟ ଗୀତାଭବନରେ ଦୁଇଦିନ ଧରି ଚାଲିଥିବା କୁମାର ଉତ୍ସବ ମର୍ଦ୍ଦଳ ଓ ବଂଶୀର ଯୁଗଳବନ୍ଦୀରେ ଉଦ୍‌ଯାପିତ ହୋଇଯାଇଛି। ଅନୁଷ୍ଠାନ ସଭାପତି ହେମନ୍ତ ବେହେରାଙ୍କ ମର୍ଦ୍ଦଳ ଓ ପୁଅ ପ୍ରଭୁପ୍ରସାଦଙ୍କ ବଂଶୀ ବାଦନର ଯୁଗଳବନ୍ଦୀରେ ନାଦରୁ ଆରମ୍ଭ ହୋଇଥିଲା ଉଦ୍‌ଯାପନୀ ସନ୍ଧ୍ୟା। ମହାତ୍ମା ଗାନ୍ଧୀଙ୍କ ପ୍ରିୟ ପ୍ରାର୍ଥନା ବୈଷ୍ଣବ ଜନ ତୋ ତେନେ କହିଏ..., ମେଘ ମଲ୍ଲାର ନାଦରେ କିଛି ସମୟ ଦର୍ଶକ ଝୁମିଉଠିଥିଲେ। ପରେ ନୃତ୍ୟଶିଳ୍ପୀ ମନୋସ୍ମିତା ପଣ୍ଡା ଆହେ ନୀଳଶୈଳ ଏକକ ନୃତ୍ୟ ପରିବେଷଣ କରିଥିଲେ। ବିଭୁପ୍ରସାଦ ଓ ପ୍ରହଲ୍ଲାଦ ଦ୍ୱୈତ ଓଡ଼ିଶୀ ନୃତ୍ୟରେ ଅଗ୍ନି ପରିବେଷଣ କରିଥିବା ବେଳେ ନୂପୁର ଅନୁଷ୍ଠାନର କଳାକାରମାନେ ଦଳଗତ ଭାବେ ନୃତ୍ୟ ନୈବେଦ୍ୟ ନାରୀ ପରିବେଷଣ କରି ଭାବାବେଗ ପରିବେଶ ସୃଷ୍ଟି କରିଥିଲେ। ଅର୍ଜୁନପୁରର ଉତ୍କଳ ପାଇକ ଆଖଡ଼ାର କଳାକାରମାନେ ପାଇକ ଆଖଡ଼ା ସମରକଳା ପରିବେଷଣ କରି ପାଇକ ବୀରଙ୍କ ବୀରତ୍ୱର ଗାଥାକୁ ମନେପକାଇଥିଲେ।



ହେମନ୍ତ ବେହେରା ମର୍ଦ୍ଦଳ ଓ ପ୍ରଭୁପ୍ରସାଦ ବଂଶୀ ବାଦନ କରୁଛନ୍ତି।

ଉଦ୍‌ଯାପନୀ ସନ୍ଧ୍ୟାରେ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ କହିଥିଲେ, କଳା ହେଉଛି ସାଧନାର କ୍ଷେତ୍ର। ଶ୍ରୀଜଗନ୍ନାଥ ସଂସ୍କୃତି ସହ ଉତ୍କଳୀୟ ସଂସ୍କୃତି ଜଡ଼ିତ। ଗୋଟିପୁଅ, ଓଡ଼ିଶୀ ନୃତ୍ୟ ହେଉଛି ଉତ୍କଳର ପ୍ରାଚୀନ କଳା। ଗ୍ରାମୀଣ କ୍ଷେତ୍ରରେ ମଧ୍ୟ ଏହାର ବହୁଳ ପ୍ରଚାର ପ୍ରସାର ହେଲେ ଏହାର ଗୌରବ ବଢ଼ିବ। ବଣମଲ୍ଲୀର ବାସ୍ନା ଦେଶର କୋଣ ଅଣୁକୋଣରେ ମହକିବ ବୋଲି କହିଥିଲେ। ଜିଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ, ସହକାରୀ ଜିଲାପାଳ ପଙ୍କଜବାସିନୀ ଭଞ୍ଜ, ସାମାଜିକ କର୍ମୀ ପ୍ରଫୁଲ୍ଲ ବେହେରା, ସାମାଜିକ କର୍ମୀ ଇତିଶ୍ରୀ ସାହୁ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ପ୍ରାଚୀନ କଳା, ସଂସ୍କୃତିର ବିକାଶରେ ମୂର୍ଚ୍ଛନାର ପ୍ରୟାସକୁ ପ୍ରଶଂସା କରିଥିଲେ। ଏହି ଅବସରରେ ଓଡ଼ିଶୀ ନୃତ୍ୟ ଶିଳ୍ପୀ ପ୍ରଭାତ ସ୍ୱାଇଁ ଓ ମନୋସ୍ମିତା ପଣ୍ଡାଙ୍କୁ ମୂର୍ଚ୍ଛନା ଯୁବପ୍ରତିଭା ସମ୍ମାନରେ ସମ୍ମାନିତ କରାଯାଇଥିଲା। ଶିକ୍ଷାବିତ୍ ଦୟାନିଧି ସାହୁ, ବରିଷ୍ଠ ଆଇନଜୀବୀ ବ୍ରଜକିଶୋର ସାହୁ, ବରିଷ୍ଠ ଖବରଦାତା ସନତ ପଟ୍ଟନାୟକ ଓ ପ୍ରଭାତ ପାଣିଗ୍ରାହୀଙ୍କୁ ମୂର୍ଚ୍ଛନା ସମ୍ମାନରେ ସମ୍ମାନିତ କରାଯାଇଛି।

### ବିଲରୁ ଯୁବକଙ୍କ ମୃତଦେହ ମିଳିବା ଘଟଣା, ୨ ଅଟକ

ଖୋର୍ଦ୍ଧା,୩୦।୧୦(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଟାଉନ ଥାନା ଅନ୍ତର୍ଗତ ଗୁରୁଜଙ୍ଗ ନିକଟ ଏକ ବିଲରୁ ଯୁବକଙ୍କ ମୃତଦେହକୁ ପୋଲିସ ଜବତ କରିଥିଲା। ମୃତ ଯୁବକଙ୍କ ପରିବାରଲୋକେ ହତ୍ୟା ଅଭିଯୋଗ ଆଣିବା ସହ ଥାନାରେ ଅଭିଯୋଗ କରିଥିଲେ। ଏହି ଘଟଣାରେ ପୋଲିସ ଉକ୍ତ ଅଞ୍ଚଳର ଦୁଇ ଜଣଙ୍କୁ ଅଟକ ରଖି ପଚରାଉଚୁରା ଚଳାଇଛି। ଘଟଣା ସମ୍ପର୍କରେ ଅଧିକ ତଥ୍ୟ ପ୍ରମାଣ ଲାଗି ମୃତଦେହ ମିଳିଥିବା ସ୍ଥାନକୁ ନେଇ ତଦନ୍ତ କରିଥିବା ଜଣାପଡିଛି।

### ଶିକ୍ଷୟିତ୍ରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ବୋଲଗଡ଼,୩୦।୧୦(ଦେବବ୍ରତ ହୋତା)

ବୋଲଗଡ଼ ଶିକ୍ଷା ବ୍ଲକ ଅନ୍ତର୍ଗତ ସଂପୁର ସ୍ଥିତ ଚତୁର୍ଭୁଜ ସରକାରୀ ଉଚ୍ଚ ବିଦ୍ୟାଳୟ ବିଜ୍ଞାନ ଶିକ୍ଷୟିତ୍ରୀ ଶ୍ରଦ୍ଧାଞ୍ଜଳି ବେହେରାଙ୍କ ଭୁବନେଶ୍ୱର ୟୁନିଟ-୮ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟକୁ ସ୍ଥାନାନ୍ତରଣ ଯୋଗୁ ସୋମବାର ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଶିକ୍ଷୟିତ୍ରୀ ସର୍ଣ୍ଣଲତା ପ୍ରଧାନଙ୍କ ତତ୍ତ୍ୱାବଧାନ ଓ ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ସ୍ୱାଇଁଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ଉତ୍ସବରେ ବୋଲଗଡ଼ ଗୋଷ୍ଠୀ ଶିକ୍ଷାଧିକାରୀ ଗୋକୁଳ ଚନ୍ଦ୍ର ବଳବନ୍ତରାୟ ମୁଖ୍ୟ ଅତିଥି, ମଣ୍ଡଳ ସଂଯୋଜକ ପଦ୍ମଚରଣ ବେହେରା ମୁଖ୍ୟ ବକ୍ତା, ଏବିଇଓ କୈଳାସ ନାଥ ସ୍ୱାଇଁ ଏବଂ ଅମିତା ମିଶ୍ର ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଉକ୍ତ ଉତ୍ସବରେ ଓଡ଼ିଶା ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ପ୍ରଶାସନିକ ଅଧିକାରୀ ପଦ୍ମଚରଣ ବେହେରା ଏବଂ ଭୁବନେଶ୍ୱର ଡେଲଟା କଲୋନୀସ୍ଥିତ ପ୍ରାଥମିକ ବିଦ୍ୟାଳୟର ପୁଷ୍ପାଞ୍ଜଳି ବେହେରା ଉପସ୍ଥିତ ଥିଲେ। ଶିକ୍ଷକ ବିଶ୍ୱଜିତ ସରୋଜ ସ୍ୱାଗତ ଭାଷଣ, ବିଚିତ୍ର ଘଡ଼େଇ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ସ୍ମିତାସିନ୍ଧୁ ମହାପାତ୍ର, ସୌଦାମିନୀ ସୁବୁଦ୍ଧି, ସୌଦାମିନୀ ପରିଡ଼ା, ପ୍ରମୋଦ ସାହୁ ଏବଂ ବିଭୁପ୍ରସାଦ ମହାପାତ୍ର ସହଯୋଗ କରିଥିଲେ। ଶୈବାଳିକା ମଲ୍ଲିକ ଧନ୍ୟବାଦ ଦେଇଥିଲେ।

# ବଉଳମାଳା ପଥର ବୋଝେଇ ପିକ୍‌ଅପ୍ ଭ୍ୟାନ ଜବତ



ଜବତ ହୋଇଥିବା ପଥର ବୋଝେଇ ଗାଡି ଓ ଜେସିବି ମେଶିନ।

## ଚାଳକ ଗିରଫ

ବେଗୁନିଆ,୩୦।୧୦(ହର ପ୍ରସନ୍ନ ପଣ୍ଡା)

ବେଗୁନିଆ ଥାନା ପୋଲିସ ସୋମବାର ବଉଳମାଳା ପଥର ବୋଝେଇ ପିକ୍‌ଅପ୍ ଭ୍ୟାନ୍ ଜବତ କରିବା ସହ ଚାଳକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ନିରାକାରପୁର ଥାନା ଅନ୍ତର୍ଗତ ପାଣ୍ଡବପାଟଣା ଗ୍ରାମର ମନୋଜ କୁମାର ପ୍ରଧାନ (୩୧)। ସୂଚନା ମୁତାବକ, ବେଗୁନିଆ ତହସିଲ ଅନ୍ତର୍ଗତ ଦେଉଳି ପଞ୍ଚାୟତ ଅଞ୍ଚଳରେ ଥିବା ଏକ ପାହାଡ଼ରୁ ବେଆଇନଭାବେ ଖନନ କରି ବଉଳମାଳା ପଥର ଚୋରାଚାଲାଣ କରାଯାଉଥିଲା। ଖବରପାଇ ବେଗୁନିଆ ପୋଲିସ ସଦଳବଳ ପହଞ୍ଚି ସ୍ଥାନୀୟ ଓଗାଳପୁର ଗ୍ରାମ ନିକଟରୁ ବଉଳମାଳା ପଥର ବୋଝେଇ ପିକ୍‌ଅପ୍ ଭ୍ୟାନ୍(ଓଡି୦୨ବିକେ-୨୯୭୨)କୁ ଜବତ କରିଥିଲେ। ପରେ ଉକ୍ତ ଖଣି ଅଞ୍ଚଳକୁ ଯାଇ ଚଢ଼ାଉ କରିଥିଲେ। ସେଠାରୁ ଏକ ଜେସିବି (ଓଆର ୦୨ଡବ୍ଲୁ-୪୯୯୫) ଜବତ କରାଯାଇଛି। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ.୩୮୩/୨୩) ରୁଜୁକରି ତଦନ୍ତ ଚଳାଇଛି। ସୂଚନାଥାଉ କି, ବେଗୁନିଆ ତହସିଲ ଅଞ୍ଚଳରୁ ମୋରମ, ମାଙ୍କଡ଼ା ଓ କଳାମୁଗୁନି ପଥର ସହିତ ବଉଳମାଳା ପଥର ଦୈନିକ ବିଭିନ୍ନ ଜିଲାକୁ ଚୋରାଚାଲାଣ ହେଉଥିବା ଅଭିଯୋଗ ହୋଇଆସୁଛି। ଏହାକୁ ରୋକିବା ପାଇଁ ବିଭିନ୍ନସଙ୍ଗଠନପକ୍ଷରୁଦାବିକରାଯାଇଛି।

# ପୋଲିସ, ଜନସାଧାରଣଙ୍କ ମଧ୍ୟରେ ସୁସମ୍ପର୍କକୁ ଗୁରୁତ୍ୱ





କାର୍ଯ୍ୟକ୍ରମରେ ପୋଲିସ ଅଧିକାରୀ ଏବଂ ଅନ୍ୟ ଅତିଥି।

ନିରାକାରପୁର,୩୦।୧୦(ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ଜିଲା ରାମେଶ୍ୱର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଥିବା ରାଜୀବ ଗାନ୍ଧୀ ସେବାକେନ୍ଦ୍ରରେ ନିରାକାରପୁର ପୋଲିସ ପକ୍ଷରୁ ଥାନା ଅଧିକାରୀ ସୁଚିତ୍ରା ଜେନାଙ୍କ ପୌରୋହିତ୍ୟରେ ଆମ ପୋଲିସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସାମାଜିକ କର୍ମୀ ରଞ୍ଜିତ ଜଗଦ୍ଦେବ, ସମିତିସଭ୍ୟ ରମେଶ ବିଶ୍ୱାଳ, ଗ୍ରାମ ସଭାପତି ବଳଭଦ୍ର ମଙ୍ଗରାଜ, ଶାନ୍ତି କମିଟି ସମ୍ପାଦକ ଜାକିର ହୁସେନ ସାହା, ସଚ୍ଚି ବିଶ୍ୱାଳ ପ୍ରମୁଖ ଯୋଗଦେଇ ପୋଲିସ ଓ ଜନସାଧାରଣଙ୍କ ମଧ୍ୟରେ କିପରି ସୁସମ୍ପର୍କ ସ୍ଥାପନ ହୋଇପାରିବ ସେନେଇ ଆଲୋଚନା ହୋଇଥିଲା। ଅନୁରୂପଭାବେ ପୋଲିସ ପକ୍ଷରୁ ମଧ୍ୟ ନିୟମ ଅନୁଯାୟୀ ସହଯୋଗ କରାଯିବ ବୋଲି ଉପସ୍ଥିତ ଅଧିକାରୀମାନେ ପ୍ରତିଶ୍ରୁତି ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ରାମେଶ୍ୱର ପଞ୍ଚାୟତର ମହିଳା ଗ୍ରୁପ, ବୁଦ୍ଧିଜୀବୀ, ସାମାଜିକକର୍ମୀ, ବରିଷ୍ଠ ନାଗରିକ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଏସ୍‌ଆଇ ବସନ୍ତ ପଟ୍ଟନାୟକ ପରିଚାଳନା କରିଥିବା ବେଳେ ଏସ୍‌ଆଇ ଦୀପାଳିଶା ନାୟକ ଧନ୍ୟବାଦ ଦେଇଥିଲେ। ହାବିଲଦାର ରତ୍ନାକର ବେହେରା, କନ୍‌ଷ୍ଟେବଳ ରଶ୍ମିତା ମହାରଣା, ଡମ୍ବରୁଧର ରାଉତ ପ୍ରମୁଖ ଯୋଗଦେଇ ସହଯୋଗ କରିଥିଲେ।

# ହାତୀ, ବାର୍‌ହା ଉଜାଡୁଛନ୍ତି ଫସଲ

## ଶୀତ କାକରରେ ବିଲରେ ଚାଷୀ

ଖୋର୍ଦ୍ଧା,୩୦।୧୦(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ବନଖଣ୍ଡ ଅନ୍ତର୍ଗତ ଖୋର୍ଦ୍ଧା, ଟାଙ୍ଗୀ, ବେଗୁନିଆ ଏବଂ ବୋଲଗଡ଼ ବନାଞ୍ଚଳରେ ହାତୀ, ବାର୍‌ହାଙ୍କ ଉପଦ୍ରବ ଲାଗିରହିଛି। ଚନ୍ଦକା ଅଞ୍ଚଳରୁ ଖସିଆସିଥିବା ହାତୀପଲ ଏହି ଅଞ୍ଚଳରେ ରହିଛନ୍ତି। ସଞ୍ଜ ନଇଁଲେ, ଖାଦ୍ୟ ଅନ୍ୱେଷଣରେ ଗାଁମୁହାଁ ହେଉଛନ୍ତି। ଚାଷୀଙ୍କ ଫସଲ ଖାଇବା ସହ ଦଳଚକଟି ନଷ୍ଟ କରୁଛନ୍ତି। ତେବେ ଧାନରେ ଥୋଡ଼ ବାହାରିବା ସମୟରେ ହାତୀଙ୍କ ଉପଦ୍ରବ ବଢ଼ିବାରେ ଲାଗିଛି। ସ୍ୱଳ୍ପବୃଷ୍ଟି, ଜଳବାୟୁ ପରିବର୍ତ୍ତନ ଏବଂ ଲଘୁଚାପଜନିତ ବନ୍ୟା ଯୋଗୁ ଚାଷୀ କ୍ଷତିଗ୍ରସ୍ତ ହୋଇଥିବା ବେଳେ ଏବେ ଧାନକ୍ଷେତକୁ ହାତୀ ଦାଉରୁ ବଞ୍ଚାଇବା ଲାଗି କ୍ଷେତରେ ମଞ୍ଚାକରି ଚାଷୀମାନେ ପାଳିକରି ରାତିରେ ଜଗୁଥିବା ଦେଖିବାକୁ ମିଳିଛି। ସେହିପରି ସଞ୍ଜ ନଇଁଲେ ବିଲରେ ଘଣ୍ଟ ବାଡ଼େଇ, ନିଆଁହୁଳା ଲଗାଇ ଜଗି ରହୁଥିବା ନଳିନୀକାନ୍ତ ଛୋଟରାୟ, ଶିବଶଙ୍କର ଦାସ, ସୁକାନ୍ତ ଛୋଟରାୟ, ଶିବ ଚମ୍ପତି ପ୍ରମୁଖ ଚାଷୀ କହିଛନ୍ତି। ହାତୀଙ୍କ ଫସଲ ନଷ୍ଟ ବାବଦକୁ ଯାହା କ୍ଷତିପୂରଣ ମିଳୁଛି ତାହା ସମୁଦ୍ରକୁ ଶଙ୍ଖେ। କ୍ଷତିପୂରଣ ନୁହଁ, ହାତୀଙ୍କ ନିୟନ୍ତ୍ରଣ ଦିଗରେ ବନ ବିଭାଗ ଗୁରୁତ୍ୱ ଦେଉ ବୋଲି କ୍ଷତିଗ୍ରସ୍ତ ଗ୍ରାମବାସୀ କହିଛନ୍ତି। ଅନ୍ୟପଟେ ନୂଆଗାଁ, ଉଇଲ୍‌କିଶନ ନଗର, ଅରାଙ୍ଗ, କୁମାରବସ୍ତ, ଟାଙ୍ଗିଆପଡ଼ା, ମଧୁପୁର, ମାଜଣା, ମହୁଲ, ଅଙ୍ଗରାପଡ଼ା, ବିନ୍ଧଗିରି, ପାଇକତିଗିରିଆ, ନିଆଳ, ଠାକୁରପଡ଼ା, କେରଙ୍ଗ, କୁମ୍ଭିଲୋ ଓ କୁଣ୍ଡିଲୋ, ପେଡାପୁଟ, ମୁକ୍ତାପୁର, ହଳଦିଆ, ବଘେଇଟାଙ୍ଗୀ, ଚମ୍ପାପୁର ଆଦି ଗ୍ରାମରେ ବାର୍‌ହା ପଶି ଫସଲ ନଷ୍ଟ କରୁଛନ୍ତି। ଉଇଲ୍‌କିଶନ ନଗରର ଚାଷୀ କାଶୀନାଥ ପ୍ରଧାନ, ଟାଙ୍ଗିଆପଡ଼ାର ପ୍ରଫୁଲ୍ଲ ବେହେରା ସମାନ ଅଭିଯୋଗ ଆଣିଛନ୍ତି। ଉପରୋକ୍ତ ଗ୍ରାମର ଚାଷୀ ସଞ୍ଜୟ ବିଶ୍ୱାଳ, ପଟାଣି ବିଶ୍ୱାଳ, ଟିକନ ସାହୁ, ପଙ୍କଜ ବଳିୟାରସିଂଙ୍କ ଏକର ଏକର ଫସଲ ନଷ୍ଟ କରିଛନ୍ତି। ରବିବାର ଉଇଲ୍‌କିଶନର ନଗରର ଅଧିରାଜ ପ୍ରଧାନଙ୍କ ବିଲରେ ବାର୍‌ହା ପଶି ସାରୁ ଓ ଶାଗ ଫସଲ ନଷ୍ଟ କରିଥିବା ଜଣାପଡ଼ିଛି।

ପ୍ରକାଶ ଯେ, ଚନ୍ଦକା ଓ ରଣପୁର ବାନଞ୍ଚଳରୁ ଖସିଆସିଥିବା ୨୩ ଟିକିଆ ହାତୀପଲ ଟାଙ୍ଗୀ ବନାଞ୍ଚଳରେ ରହୁଛନ୍ତି। ଏମାନେ ଜଙ୍ଗଲ ରାସ୍ତା ଦେଇ ଯାତାୟାତ



କରୁଛନ୍ତି। ଖୋର୍ଦ୍ଧା ଓ ଟାଙ୍ଗୀ ବନାଞ୍ଚଳ ନିକଟବର୍ତ୍ତୀ ଗ୍ରାମରେ ବ୍ୟାପକ କ୍ଷତି କରୁଛନ୍ତି। ସେହିପରି ଘୁମୁସର ଜଙ୍ଗଲପଟୁ ଏକ ହାତୀପଲ ମଧ୍ୟ ବାଣପୁର, ବାଲୁଗାଁ ନିକଟବର୍ତ୍ତୀ ଜଙ୍ଗଲରେ ରହୁଛନ୍ତି। ଖୋର୍ଦ୍ଧା ବନାଞ୍ଚଳ ଅନ୍ତର୍ଗତ ଜରିପୁଟ, ଦଳେଇପୁଟ, ପାନବରଜ, ଦେଉଳଟାଙ୍ଗୀ, କାଇପଦର, ବେରୁଆଁ, ଶରଧାପୁର, ଛତିପୁର ଏବଂ ଟାଙ୍ଗୀ ବନାଞ୍ଚଳର ଗୟାବନ୍ଧ, ଡମଣଭୂଇ, ଜଙ୍କିଆ, ବାଲିଗାଡିଆ, ମୋଟା, ଗୋଳବାଇ, ହଜ୍, ନାରଗୋଦା, ଟାଙ୍କୋଳ, ସିକୋ ଆଦି ଗ୍ରାମରେ ହାତୀ ଉପଦ୍ରବ ଲାଗିରହିଛି। ଏହି ବନଖଣ୍ଡରେ ଦୀର୍ଘବର୍ଷ ହେବ ହାତୀ-ମଣିଷ ଲଢ଼େଇ ଜାରି ରହିଛି। ବିଭିନ୍ନ କାରଣରୁ ୨୧ରୁ ଉର୍ଦ୍ଧ୍ୱ ହାତୀଙ୍କ ଜୀବନ ଯାଇଥିବା ବେଳେ ହାତୀ ଆକ୍ରମଣରେ ୧୨ଜଣଙ୍କ ଜୀବନ ଗଲାଣି। ବର୍ଷସାରା ଏଠାରେ ବନ ବିଭାଗ କର୍ମଚାରୀଙ୍କ ଦେଖା ମିଳି ନ ଥାଏ। କୌଣସି ସ୍ଥାନରେ ହାତୀ ଉପଦ୍ରବ କିମ୍ବା ଅସୁସ୍ଥ ହେଲେ ବନ ବିଭାଗର ଚେତା ପଶିଥାଏ ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ସେହିପରି ଏନେଇ ଭାଜପା କୃଷକ ନେତା ଶ୍ରୀରଞ୍ଜନ ମଙ୍ଗରାଜ କୁହନ୍ତି, ଖୋର୍ଦ୍ଧା ଏବଂ ଟାଙ୍ଗୀ ବନାଞ୍ଚଳ ଅନ୍ତର୍ଗତ ସହର ତଳି ଅଞ୍ଚଳରେ ହାତୀପଲ ନିକଟ ଜଙ୍ଗଲରେ ମେଳି ବାନ୍ଧି ରହୁଛନ୍ତି। ଏମାନଙ୍କୁ ନିୟନ୍ତ୍ରଣ ଦିଗରେ ବନ ବିଭାଗ ନୀରବଦ୍ରଷ୍ଟା ସାଜିଛି। ତେବେ ଏ ସମ୍ପର୍କରେ ଏସିଏଫ୍ ଗୋବିନ୍ଦ ବିଶ୍ୱାଳ କହିଛନ୍ତି, ହାତୀଙ୍କ ଗତିପଥ ଉପରେ ନଜର ରଖାଯାଇଛି। ଏକ ସ୍କ୍ୱାଡ୍ ହାତୀ ଯାତାୟାତ କରୁଥିବା ଅଞ୍ଚଳରେ ପଇଁତରା ମାରୁଛି। ହାତୀ ଫସଲ ନଷ୍ଟ କରୁଥିବା ଅଭିଯୋଗ ଆସିଲେ, ଉପଯୁକ୍ତ କ୍ଷତିପୂରଣ ଦିଆଯାଉଛି।

## ସଂକ୍ଷେପରେ

### ଜଳିଗଲା ୩ ବଖରା



**ସାକ୍ଷୀଗୋପାଳ, ୩୦।୧୦ (ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର):** ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ସାରଙ୍ଗଯୋଡି ପଞ୍ଚାୟତର ଧ୍ୱଜାମୁଣ୍ଡାଇ ଗ୍ରାମରେ ରବିବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଯୋଗୁ ବଳଭଦ୍ର ବେହେରା, ସୁଦର୍ଶନ ବେହେରା ଓ ଦୁଃଶାସନ ବେହେରାଙ୍କ ଘର ସମ୍ପୂର୍ଣ୍ଣ ଜଳିଯାଇଛି। ଏହି ଅଗ୍ନିକାଣ୍ଡରେ ଲକ୍ଷାଧିକ ଟଙ୍କାର ଘରକରଣା ସାମଗ୍ରୀ, ଧାନ, ଚାଉଳ ଓ ଆବଶ୍ୟକୀୟ କାଗଜପତ୍ର ପୋଡି ପାଉଁଶ ହୋଇଯାଇଛି। ଖବରପାଇ ସାକ୍ଷୀଗୋପାଳ ଦମକଳ କେନ୍ଦ୍ରର କର୍ମଚାରୀମାନେ ଗ୍ରାମରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

### ଦକ୍ଷତା ବୃଦ୍ଧି ତାଲିମ ଶିବିର

**କୋଣାର୍କ, ୩୦।୧୦ (ଜ୍ୟୋତିରାଜ ମହାନ୍ତି):** କୋଣାର୍କସ୍ଥିତ କଲ୍ୟାଣମଣ୍ଡପ ପରିସରରେ ରେକିଟ୍, ଜାଗରଣ ପେହେଲ୍ ଓ ଅମର ଜ୍ୟୋତିଯୁବକସଂଘଦ୍ୱାରା ପରିଚାଳିତ ହାର୍ପିକ୍ ବିଶ୍ୱ ଶୌଚାଳୟ ମହାବିଦ୍ୟାଳୟ ତରଫରୁ କୋଣାର୍କ ବିଜ୍ଞାପିତ ଅଞ୍ଚଳ ପରିଷଦରେ କାର୍ଯ୍ୟରତ ସଫେଇ କର୍ମଚାରୀଙ୍କ ନିମନ୍ତେ ଏକ ଦୁଇଦିନିଆ ଦକ୍ଷତା ବୃଦ୍ଧି ତାଲିମ୍ ଶିବିର ଅନୁଷ୍ଠିତ ହୋଇଯାଇଅଛି। ଏହି ତାଲିମ ଶିବିରରେ ୭୦ରୁ ଉର୍ଦ୍ଧ୍ୱ ସଫେଇ କର୍ମଚାରୀ ଯୋଗଦେଇଥିଲେ। ତାଲିମ୍ ଶିବିରରେ ସଫେଇ କର୍ମଚାରୀ ମାନଙ୍କୁ ସୁରକ୍ଷା ଉପକରଣ, ସ୍ୱଚ୍ଛତା, ଜଳ ପରିଚାଳନା ଓ ବ୍ୟବହାରିକ ଜ୍ଞାନକୌଶଳ ଉପରେ ପ୍ରଶିକ୍ଷଣ ଦିଆଯାଇଥିଲା। କୋଣାର୍କ ବିଜ୍ଞାପିତ ଅଞ୍ଚଳ ପରିଷଦର କାର୍ଯ୍ୟ ନିର୍ବାହୀ ଅଧିକାରିଣୀ ଶ୍ୱେତପଦ୍ମା ଧଳ ଓ ଅଧକ୍ଷା ସଂଯୁକ୍ତା ତ୍ରିପାଠୀ ଯୋଗଦେଇ ସଫେଇ କର୍ମଚାରୀମାନଙ୍କୁ ଏକ ସ୍ୱଚ୍ଛ ଓ ସୁନ୍ଦର କୋଣାର୍କ ସହର ଗଢ଼ିବାକୁ ଆହ୍ୱାନ ଦେଇଥିଲେ। ପରିମଳ ବିଶେଷଜ୍ଞ ଅଭିଷେକ ସ୍ୱାଇଁ ଏହି କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ। ହାର୍ପିକ ବିଶ୍ୱ ଶୌଚାଳୟ ମହାବିଦ୍ୟାଳୟ ତରଫରୁ ପ୍ରଶିକ୍ଷକ ସଞ୍ଜୟ କୁମାର ପଲାଇ ଓ ରଶ୍ମିତା ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ସଫେଇ କର୍ମଚାରୀମାନଙ୍କୁ ପ୍ରମାଣପତ୍ର ଓ ସୁରକ୍ଷା ଉପକରଣ ବଣ୍ଟନ କରାଯାଇଥିଲା।



କୋଣାର୍କରେ ହାର୍ପିକ୍ ବିଶ୍ୱ ଶୌଚାଳୟ ମହାବିଦ୍ୟାଳୟ ତରଫରୁ ଆୟୋଜିତ ତାଲିମ ଶିବିରରେ ଅତିଥି ଓ ସଫେଇ କର୍ମଚାରୀ ।

### ଯୁବକଙ୍କ ମୃତଦେହ ମିଳିବା ଘଟଣା, ୨ ଅଟକ

**ଖୋର୍ଦ୍ଧା,୩୦।୧୦(ପ୍ରଭାତ ପାଣିଗ୍ରାହୀ):** ଖୋର୍ଦ୍ଧା ଟାଉନ୍ ଥାନା ଅନ୍ତର୍ଗତ ଗୁରୁଜଙ୍ଗ ନିକଟ ଏକ ବିଲରୁ ଜଣେ ଯୁବକଙ୍କ ମୃତଦେହକୁ ପୋଲିସ ଜବତ କରିଥିଲା। ମୃତ ଯୁବକଙ୍କ ପରିବାର ଲୋକେ ହତ୍ୟା ଅଭିଯୋଗ ଆଣିବା ସହ ଥାନାରେ ଅଭିଯୋଗ କରିଥିଲେ। ଏହି ଘଟଣାରେ ପୋଲିସ ଉକ୍ତ ଅଞ୍ଚଳର ଦୁଇଜଣଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି।

# ଭଗ୍ନାବସ୍ଥାରେ ତୁଳସୀପୁର ସେବା ସମବାୟ ସମିତି ଗୃହ

## ପୁନରୁଦ୍ଧାର ଦାବି

**ଚାରିଛକ,୩୦।୧୦(ଶିଶିର ସ୍ୱାଇଁ)**



ପୁରୀ ଜିଲା ଚାରିଛକ ଥାନା ଅଧୀନ ତୁଳସୀପୁର ପଞ୍ଚାୟତରେ ଥିବା ବହୁ ପୁରାତନ ତୁଳସୀପୁର ସେବା ସମିତି ଗୃହ ଏବେ ଭଗ୍ନ ଅବସ୍ଥାରେ,ଯାହା ଭୂତକୋଠିରେ ପରିଣତ ହୋଇଥିବା ଦେଖିବାକୁ ମିଳିଛି। ଏହି ସମିତି ଗୃହର ପୁନଃ ଉଦ୍ଧାର ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି। ତୁଳସୀପୁର ଲକ୍ଷ୍ମୀ ବଜାରରେ ଥିବା ବହୁ ପୁରାତନ ତୁଳସୀପୁର ସେବା ସମବାୟ ସମିତି ଅଞ୍ଚଳର ଚାଷୀଙ୍କୁ ସୁବିଧା ଯୋଗାଇ ଦେବାକୁ ୧୯୫୬ ମସିହାରେ ଏହି ସମିତି ଗୃହ ନିର୍ମାଣ ହୋଇଥିଲା। ଏବେ ତାହା ଭଗ୍ନ ଅବସ୍ଥାରେ ପଡ଼ିଥିବାବେଳେ ଘର ଚାରିପଟେ ଅନାବନା ଗଛ ଉଠି ଲତା ମାଡ଼ିଯାଇଛି। ଏହି ଗୃହରେ ପୂର୍ବରୁ ଅଞ୍ଚଳର ଲୋକଙ୍କ ପାଇଁ ଆସୁଥିବା ଖାଉଟି ସାମଗ୍ରୀ ବଣ୍ଟନ ହେବା ସହ ଚାଷ ପାଇଁ ସରକାରଙ୍କ ପକ୍ଷରୁ ଚାଷୀଙ୍କୁ ସାର ଦିଆଯାଉଥିଲା। ଏହି ସମିତି ଗୃହ ପୁରୀ ଜିଲା ନିମାପଡ଼ା ବ୍ଲକର ବହୁ ପୁରାତନ ସମିତି ଗୃହ ଥିଲା। ଉକ୍ତ ଗୃହର ରକ୍ଷଣାବେକ୍ଷଣ ଅଭାବରୁ ଘରର ଆଜବେଷ୍ଟସ୍ ଭାଙ୍ଗିଯାଇଛି। ଏଥିସହ ବର୍ଷା ହେଲେ ଘରର ବିଭିନ୍ନ ସ୍ଥାନରୁ ପାଣି ଗଳୁଛି। ଫଳରେ ସମିତିର ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ନଷ୍ଟ ହେବା ସହ ସେଠାରେ ଥିବା ମେଶିନ ଦୈନିକ ବ୍ୟବହାର୍ଯ୍ୟ ଜିନିଷ ନଷ୍ଟ ହୋଇଥିବା ଅଭିଯୋଗ ହେଉଛି। ଏହି ସେବା ସମିତି ଗୃହକୁ ମରାମତି କରି ପୁନଃ ଉଦ୍ଧାର କରିବାକୁ ପଞ୍ଚାୟତର ଚାଷୀ ଦାବି କରିଛନ୍ତି।

# ପାଣିରେ ପଡ଼ିଲା ଲକ୍ଷାଧିକ ଟଙ୍କା

**ଅସ୍ତରଙ୍ଗ, ୩୦।୧୦ (ପ୍ରଦୀପ୍ତ କୁମାର ଦୀକ୍ଷିତ):**

ପୁରୀ ଜିଲା ଅସ୍ତରଙ୍ଗ ବ୍ଲକ ନଗର ଗ୍ରାମପଞ୍ଚାୟତ ଅଧୀନସ୍ଥ ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଲକ୍ଷାଧିକ ଟଙ୍କାରେ ନିର୍ମିତ ହୋଇଥିବା ମାର୍କେଟ କମ୍ପ୍ଲେକ୍ସକୁ ଇତିମଧ୍ୟରେ ସାତବର୍ଷରୁ ଉର୍ଦ୍ଧ୍ୱ ବିତିଲାଣି। ରେଡକ୍ରସ ନିକଟରୁ ଉଚ୍ଛେଦ ହୋଇଥିବା ବ୍ୟବସାୟୀଙ୍କୁ ଥଇଥାନ ଲକ୍ଷ୍ୟ ନେଇ ଏହି ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କରାଯାଇଥିଲା। କିନ୍ତୁ ଦୁଃଖ ଓ ପରିତାପର ବିଷୟ କି, ଆଜିଯାଏଁ ଉଚ୍ଛେଦ ବ୍ୟବସାୟୀଙ୍କୁ ଥଇଥାନ ପ୍ୟାକେଜ ଅନୁଯାୟୀ ଗୃହ ଆବଣ୍ଟନ କରାଯାଇ ନାହିଁ। ଅନ୍ୟପକ୍ଷରେ ମାର୍କେଟ କମ୍ପ୍ଲେକ୍ସର ଅନେକ ସ୍ଥାନରେ ଫାଟ ସୃଷ୍ଟି ହୋଇଥିବା ବେଳେ ପୁନର୍ବାର ଏହା ଉପରେ ଘର ନିର୍ମାଣ କରାଯାଉଛି। ତାହା ପୁଣି ସମ୍ପୂର୍ଣ୍ଣ ନିମ୍ନମାନର ଇଟା ଓ ସିମେଣ୍ଟରେ। କାମ ସମୟରେ କୌଣସି ବିଭାଗୀୟ ଅଧିକାରୀ ଉପସ୍ଥିତ ରହୁ ନ ଥିବା ଅଭିଯୋଗ ହୋଇଛି। ନଗର ପଞ୍ଚାୟତରେ ଥିବା ଯନ୍ତ୍ରୀ ପ୍ରିୟମ୍ବଦା ପ୍ରଧାନଙ୍କୁ ଏ ବିଷୟରେ ପଚରାଯାଇଥିଲେ ବି ସେ କନିଷ୍ଠ ଯନ୍ତ୍ରୀଙ୍କୁ ଜଣାଇବା ପାଇଁ କହିଥିଲେ। ଅସ୍ତରଙ୍ଗ ବ୍ଲକ କନିଷ୍ଠ ଯନ୍ତ୍ରୀ ଶୁଭେନ୍ଦୁ ନାୟକ ଏହା ଉପରେ ସୂଚନା ଦେଇ କହିଛନ୍ତି ଖୁବ୍‌ଶୀଘ୍ର ମାର୍କେଟ୍ କମ୍ପ୍ଲେକ୍ସ ସ୍ଥଳ ପରିଦର୍ଶନ କରି କାର୍ଯ୍ୟର ସ୍ଥିତି ଅନୁଧ୍ୟାନ କରିବେ। ତେବେ ପୁରୀ ଜିଲାପାଳ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ପଠାଇ କାମ ଯାଞ୍ଚ କରନ୍ତୁ ବୋଲି ସ୍ଥାନୀୟ ଲୋକେ ଦାବି କରିଛନ୍ତି। ନଚେତ୍ ମାର୍କେଟ୍ କମ୍ପ୍ଲେକ୍ସ ନିର୍ମାଣରେ ଖର୍ଚ୍ଚ ହୋଇଥିବା ସରକାରଙ୍କ ଲକ୍ଷାଧିକ ଟଙ୍କା ପାଣିରେ ପଡ଼ିବା ସମ୍ଭାବନା ସୃଷ୍ଟି ହୋଇଛି।

# ଭିଜିଲାନ୍ସ ସଚେତନତା ସପ୍ତାହରେ ଶପଥ ପାଠ

**ଅସ୍ତରଙ୍ଗ, ୩୦।୧୦ (ପ୍ରଦୀପ୍ତ କୁମାର ଦୀକ୍ଷିତ):**

ପୁରୀ ଜିଲା ଅସ୍ତରଙ୍ଗ ବ୍ଲକ ପରିସରରେ ଭିଜିଲାନ୍ସ ସଚେତନତା ସପ୍ତାହ –୨୦୨୩ ପାଳିତ ହୋଇଯାଇଛି। 'ଦୁର୍ନୀତିକୁ ବିରୋଧ କରିବା, ରାଷ୍ଟ୍ର ପ୍ରତି ସମର୍ପିତ ରହିବା' ଥିମ୍ ନେଇ ଏହି ଦିବସ ପାଳିତ ହୋଇଯାଇଛି। ଏ ନେଇ ବ୍ଲକ ଆଭାସୀ ଗୃହ ମଧ୍ୟରେ ବ୍ଲକର ସମସ୍ତ କର୍ମଚାରୀ ଶପଥ ପାଠ କରିଥିଲେ। ବିଡିଓ କର୍ଣ୍ଣଦେବ ସମାଦ୍ଦର, ଏବିଡିଓ ଯୋଗେନ୍ଦ୍ର ମହାକୁଡ଼, ଅତିରିକ୍ତ କନିଷ୍ଠ ଯନ୍ତ୍ରୀ ଶୁଭେନ୍ଦୁ ନାୟକଙ୍କ ସହ ବ୍ଲକର ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ। ସେହିଭଳି ଅସ୍ତରଙ୍ଗ ତହସିଲ କାର୍ଯ୍ୟାଳୟରେ ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶନୀ ପତି, ଅତିରିକ୍ତ ତହସିଲଦାର ପ୍ରଭୁ ପ୍ରସାଦ ପଣ୍ଡାଙ୍କ ସହ ତହସିଲ୍‌ର ଅନ୍ୟ କର୍ମଚାରୀ ଶପଥ ପାଠ କରିଥିଲେ। ଅନ୍ୟପଟେ ମିଶନ ଗୃହରେ ମିଶନ ଶକ୍ତି ସଂଯୋଜିକା ନିବେଦିତା ଦୀକ୍ଷିତଙ୍କ ଉପସ୍ଥିତିରେ ବିଭିନ୍ନ ପଞ୍ଚାୟତ ସଭାନେତ୍ରୀ ଓ ମିଶନ ଶକ୍ତି ମହିଳାମାନେ ଶପଥ ପାଠ କରିଥିଲେ। ସିଡିପିଓଙ୍କ କାର୍ଯ୍ୟାଳୟ ପରିସରରେ ସିଡିପିଓ ଅରୁଣା କରଙ୍କ ଉପସ୍ଥିତିରେ ସୁପରଭାଇଜର ଲକ୍ଷ୍ମୀ ନାୟକ, ନିବେଦିତା ସେନାପତି, ନିବେଦିତା ଦୀକ୍ଷିତ, ରାଜସ୍ମିତା ସେଠୀ, ନମିତା ନାୟକ, ସସ୍ମିତା ରଥଙ୍କ ସହ କାର୍ଯ୍ୟାଳୟର ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।



ଅଧିକାରୀ ଓ କର୍ମଚାରୀମାନେ ଶପଥପାଠ କରୁଛନ୍ତି ।

## ବ୍ଲକ ଅଧିକାରୀ, କର୍ମଚାରୀଙ୍କ ବଦଳି

**ନିମାପଡ଼ା,୩୦।୧୦(ବିଚିତ୍ରାନନ୍ଦ ସାହୁ)**

ଆଗାମୀ ସାଧାରଣ ନିର୍ବାଚନର ଅବ୍ୟବହିତ ପୂର୍ବରୁ ପୁରୀ ଜିଲା ନିମାପଡ଼ା ପ୍ରଶାସନରେ ଏକ ବଡ଼ ଧରଣର ଅଦଳବଦଳ ହୋଇଛି। ନିମାପଡ଼ା ବିଡିଓ ବସନ୍ତ ମଲ୍ଲିକଙ୍କୁ ଗଞ୍ଜାମ ଜିଲା ଓ ଜଣେ କନିଷ୍ଠ ଯନ୍ତ୍ରୀ ଚିନ୍ମୟୀ ସାହୁଙ୍କ କେନ୍ଦ୍ରାପଡ଼ା ଜିଲାକୁ ବଦଳି ହୋଇଛି। ସେହିପରି ମୁଖ୍ୟତଃ ନିମାପଡ଼ା ରାଜସ୍ୱ ବିଭାଗର ତହସିଲଦାର ସ୍ମୃତିପ୍ରଜ୍ଞା ପ୍ରୟଦର୍ଶନୀଙ୍କ ଖୋର୍ଦ୍ଧା ଜିଲା ବାଲିପାଟଣା ବ୍ଲକକୁ, ଅତିରିକ୍ତ ତହସିଲଦାର ଚନ୍ଦ୍ରଶେଖର ବାରିକ୍‌ଙ୍କୁ ଦଶପଲ୍ଲା ଓ ଅତିରିକ୍ତ ତହସିଲଦାର ବିଷ୍ଣୁପ୍ରିୟା ବେହେରାଙ୍କ ଚିଲିକା ଅଞ୍ଚଳକୁ ବଦଳି ହୋଇଛି। ସେହିପରି ରାଜସ୍ୱ ବିଭାଗରେ ବହୁ ଅମିନ, ରାଜସ୍ୱ ନିରୀକ୍ଷକ, ସହକାରୀ ରାଜସ୍ୱ ନିରୀକ୍ଷକ, ସିନିୟର ରେଭିନ୍ୟୁ ଆସିଷ୍ଟାଣ୍ଟ, ଜୁନିୟର ରେଭିନ୍ୟୁ ଆସିଷ୍ଟାଣ୍ଟଙ୍କ ସମେତ ପ୍ରାୟ ୨୦ଜଣ କର୍ମଚାରୀଙ୍କ ଅନ୍ୟତ୍ର ବଦଳି ହୋଇଛି। ଏହି ପରିପ୍ରେକ୍ଷୀରେ ନିମାପଡ଼ା ରାଜସ୍ୱ ବିଭାଗ ଓ ବ୍ଲକ ପ୍ରଶାସନରେ ନବକଳେବର ହୋଇଛି। ସୋମବାର ନିମାପଡ଼ାରେ ନୂତନ ତହସିଲଦାର ଭାବେ ବିଦ୍ୟାଧର ପତି ଯୋଗଦେଇ ଦାୟିତ୍ୱ ଗ୍ରହଣ କରିଛନ୍ତି। ଇତିମଧ୍ୟରେ ତହସିଲଦାର କାର୍ଯ୍ୟାଳୟରେ ନୂତନ ଭାବେ ଅତିରିକ୍ତ ତହସିଲଦାର ଭାବେ ନିରଞ୍ଜନ ନାୟକ ଯୋଗ ଦେଇଛନ୍ତି। ସେହିପରି ବ୍ଲକରେ ନୂତନ ବିଡିଓ ଭାବେ ଭୁବନାନନ୍ଦ ପଟ୍ଟନାୟକ ଯୋଗଦାନ କରି ଦାୟିତ୍ୱ ଗ୍ରହଣ କରିଛନ୍ତି। ନୂତନ ତହସିଦାଲ ଭାବେ ଯୋଗଦେଇଥିବା ବିଦ୍ୟାଧରଙ୍କୁ ବିଭାଗୀୟ କର୍ମଚାରୀମାନେ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ବଦଳି ହୋଇଥିବା ନୂତନ ପ୍ରଶାସନିକ ଅଧିକାରୀମାନେ ନିଷ୍ଠାର ସହ କାର୍ଯ୍ୟ କରି ସାଧାରଣ ଲୋକଙ୍କୁ ପ୍ରଶାସନିକ ସେବା ଯୋଗାଇ ଦେବେ ବୋଲି ସ୍ଥାନୀୟ ଅଞ୍ଚଳବାସୀ ଦୃଢ଼ ଆସ୍ଥା ପ୍ରକଟ କରିଛନ୍ତି। ନୂତନ ଅଧିକାରୀ ସାଧାରଣ ଜନତାଙ୍କୁ କିପରି ସେବା ଯୋଗାଉଛନ୍ତି, ତାହା ସମୟ କହିବ ବୋଲି ବହୁ ବୁଦ୍ଧିଜୀବୀ, ବରିଷ୍ଠ ନାଗରିକମାନେ ମତପ୍ରକାଶ କରିଛନ୍ତି।

# ଜନକଲ୍ୟାଣ ମଞ୍ଚର ସାଙ୍ଗଠନିକ ବୈଠକ



ବୈଠକରେ ମଞ୍ଚର କର୍ମକର୍ତ୍ତା ଏବଂ ସଦସ୍ୟମାନେ ।

**ପିପିଲି, ୩୦।୧୦(ଦୁର୍ଗା ମାଧବ ମିଶ୍ର):** ଡେଲାଙ୍ଗ ପିପିଲି ଜନକଲ୍ୟାଣ ମଞ୍ଚ ତରଫରୁ ପିପିଲି ଓରକଳ ପଞ୍ଚାୟତର ସାଙ୍ଗଠନିକ ବୈଠକ ସ୍ଥାନୀୟ ଗଡିଶ୍ୱରଦେବ ପୀଠରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜନକଲ୍ୟାଣ ମଞ୍ଚର ଆବାହକ ସାମାଜିକ କର୍ମୀ ରାଧା ମୋହନ ଓ ମୁଖ୍ୟ ଉପଦେଷ୍ଟା ଜନ୍ମେଜୟ ଜେନା ଯୋଗଦେଇଥିଲେ। ସେହିପରି ଓରକଳ ପଞ୍ଚାୟତର ସଭାପତି ଭାବରେ ଅରୁଣ କୁମାର ରାୟ, ଯୁବମୋର୍ଚ୍ଚା ସଭାପତି ଦେବାଶିଷ ପ୍ରଧାନ, କୃଷକ ମୋର୍ଚ୍ଚା ସଭାପତି ବିରାଜ ଗୁରୁ, ମହିଳା ମୋର୍ଚ୍ଚା ସଭାନେତ୍ରୀ ଗୀତାଞ୍ଜଳି ନାୟକ, ଦଳିତ ମୋର୍ଚ୍ଚା ସଭାପତି ଶିବପ୍ରସାଦ ବେହେରାଙ୍କୁ ଦାୟିତ୍ୱ ଦିଆଯିବା ସହ ପଞ୍ଚାୟତର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ଏହି ବୈଠକରେ ବରିଷ୍ଠ ସଦସ୍ୟ ରାମଚନ୍ଦ୍ର ମହାପାତ୍ର, ଅଶ୍ୱିନୀ କୁମାର ଦେବଦାସ, ଦେବାଶିଷ ଦୀକ୍ଷିତ, ସୌଭାଗ୍ୟ ସ୍ୱାଇଁ, ପର୍ଶୁରାମ ସ୍ୱାଇଁ, ଅର୍ଜୁନ ଜେନା, ପବିତ୍ର ପ୍ରଧାନ, ସହଦେବ ବଡ଼େଇ ପ୍ରମୁଖ ଶତାଧିକ କାର୍ଯ୍ୟକର୍ତ୍ତା ଯୋଗଦେଇ ଆଗାମୀ ଦିନରେ ସଂଗଠନକୁ ଆଗେଇ ନେବାପାଇଁ ଶପଥ ନେଇଥିଲେ।

# ବିଭାବନା ପତ୍ରିକାର ପୂଜା ବିଶେଷାଙ୍କ ଲୋକାର୍ପିତ



ବିଭାବନା ପତ୍ରିକାକୁ ଅତିଥି ଓ ଅନ୍ୟମାନେ ଉନ୍ମୋଚନ କରୁଛନ୍ତି ।

**ପୁରୀ, ୩୦।୧୦(ଅଜିତ୍ ମହାନ୍ତି)** ବିଭାବନା ସାହିତ୍ୟ ପତ୍ରିକାର ପୂଜା ବିଶେଷାଙ୍କ ଭକ୍ତ ସାଲବେଗ ପୀଠରେ ଲୋକାର୍ପଣ ହୋଇଯାଇଛି। ଏହି ଲୋକାର୍ପଣ କାର୍ଯ୍ୟକ୍ରମରେ ସାହିତ୍ୟିକ ସଦାଶିବ ମିଶ୍ର, ପ୍ରାକ୍ତନ ଶିକ୍ଷା ମଣ୍ଡଳାଧୀଶ ବିଜୟଲକ୍ଷ୍ମୀ ଦାଶ, ଅଧ୍ୟାପକ ଭାରତୀ ଭୂଷଣ ଦାସ, ପଣ୍ଡିତ ସଦାଶିବ ମିଶ୍ର, ରବୀନ୍ଦ୍ର ନାଥ ପଟ୍ଟନାୟକ, ସୁରେଶ କୁମାର ପଟ୍ଟନାୟକ, କୃଷ୍ଣଚନ୍ଦ୍ର ରଥ, ତୃପ୍ତି ପଣ୍ଡା, ସାମ୍ବାଦିକ ଲକ୍ଷ୍ମୀନାରାୟଣ ପଟ୍ଟନାୟକ ଏବଂ କ୍ରିଷ୍ଣା ଦେବୀ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ସ୍ୱର୍ଗତ ପଣ୍ଡିତ ମନୋରଞ୍ଜନ ନନ୍ଦଙ୍କ ପୁଅ ମାନସ କୁମାର ନନ୍ଦଙ୍କ ସମ୍ପାଦନାରେ ପ୍ରକାଶିତ ବିଭାବନା ପତ୍ରିକାର ଶାରଦୀୟ ପୂଜା ବିଶେଷାଙ୍କ ଲୋକାର୍ପଣ କରାଯାଇଛି।

# ପାର୍କ ପାଲଟିଛି ଗୋରୁଙ୍କ ଆଡ୍ଡାସ୍ଥଳୀ



**କଣାସ, ୩୦।୧୦ (ବିଭୂତି ଭୂଷଣ ତ୍ରିପାଠୀ):**

ରାଜ୍ୟ ସରକାର ପ୍ରତି ଗ୍ରାମପଞ୍ଚାୟତରେ ଲକ୍ଷଲକ୍ଷ ଟଙ୍କା ଖର୍ଚ୍ଚକରି ଗ୍ରାମବାସୀ ଓ ଛୋଟଛୋଟ ପିଲାମାନଙ୍କ ପାଇଁ ଗ୍ରାମୀଣ ପାର୍କ ନିର୍ମାଣ କରୁଛନ୍ତି। କିନ୍ତୁ ଏହି ପାର୍କର ରକ୍ଷଣାବେକ୍ଷଣ ଅଭାବରୁ ତାହା ଗୋରୁଙ୍କ ଚରିବାର ଆଡ୍ଡାସ୍ଥଳୀ ପାଲଟିଛି। କଣାସ ବ୍ଲକ ଅନ୍ତର୍ଗତ ଗଡ଼ିଶାଗୋଡା ଗ୍ରାମପଞ୍ଚାୟତରେ ନିର୍ମାଣ କରାଯାଇଥିବା ଗ୍ରାମୀଣ ପାର୍କ ମଧ୍ୟରେ ଗୋରୁ ଚରୁଥିବା ଦେଖିବାକୁ ମିଳିଛି। ଏ ସମ୍ପର୍କରେ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ଜଣାଇଥିଲେ ମଧ୍ୟ ସେମାନେ ଏହା ଉପରେ କୌଣସି ପ୍ରତିକ୍ରିୟା ଦେଇ ନ ଥିବା ସୂଚନା ମିଳିଛି।

# ପୁରୀରେ ହେବ ୟୁନିଭର୍ସାଲ ଲିଜେଣ୍ଡ କ୍ଲାସିକ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା

**ପୁରୀ, ୩୦।୧୦(ଅଜିତ ମହାନ୍ତି):**

କଳିଙ୍ଗ ବଡି ବିଲ୍ଡିଂ ଫିଟ୍‌ନେସ୍ ଆସୋସିଏଶନ ଆନୁକୂଲ୍ୟରେ ପ୍ରଥମ ଥର ପାଇଁ ପୁରୀରେ ୟୁନିଭର୍ସାଲ ଲିଜେଣ୍ଡ କ୍ଲାସିକ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହେବାକୁ ଯାଉଛି। ଏହା ୱାର୍ଲଡ ଫିଟନେସ୍ ଫେଡେରେଶନ ଅଫ୍ ଇଣ୍ଡିଆ ଏବଂ ୱାର୍ଲଡ ଫିଟ୍‌ନେସ ଆସୋସିଏଶନ ସହିତ ସହବନ୍ଧିତ। ବିଶ୍ୱସ୍ତରୀୟ ସ୍ତରରେ ଏହି ପ୍ରତିଯୋଗିତା ପ୍ରଥମ ଥର ପାଇଁ ପୁରୀରେ ହେବାକୁ ଯାଉଛି। ଏଥିରେ ପୁରସ୍କାର ବାବଦ ନଗଦ ୧୦ଲକ୍ଷ ଟଙ୍କା, ୬ଟି ପ୍ରୋ କାର୍ଡ, ଇଣ୍ଟରନ୍ୟାଶନାଲ ଲେବୁଲ ଟ୍ରଫି, ମେଡାଲ ବ୍ୟବସ୍ଥା ରହିଛି। ଜଜ୍ ଓ ଷ୍ଟାଫ୍‌ମାନଙ୍କ ପାଇଁ ଉନ୍ନତମାନର ରହଣି ବ୍ୟବସ୍ଥା ହୋଇଥିବା ସୋମବାର ନାୟକ ପ୍ଲାଜା ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଆୟୋଜକମାନଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଅବସରରେ କଳିଙ୍ଗ ବଡି ବିଲ୍ଡିଂ ଆସୋସିଏଶନ ପକ୍ଷରୁ ଏକ କ୍ୟାଲେଣ୍ଡର ଲଞ୍ଚ୍ କରାଯାଇଛି। ଆଗାମୀ ଦିନରେ ୟୁନିଭର୍ସାଲ ଲିଜେଣ୍ଡ କ୍ଲାସିକ, ମିଷ୍ଟର ଓ ମିସ୍ ଇଣ୍ଡିଆ ରାଜସ୍ଥାନ, ବିକ୍ରମ କ୍ଲାସିକ, ସ୍କ୍ୱାଡ୍ କପ ମିଷ୍ଟର ଓ ମିସ ପୁରୀ, ମସଲ ମାନିଆ, ମିଷ୍ଟର ଓ ମିସ୍ ଓଡ଼ିଶା ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଆସନ୍ତା ଡିସେମ୍ବର ଶେଷ ସପ୍ତାହରେ ପୂର୍ବ ଭାରତର ସବୁଠୁ ବଡ଼ ଜିମ୍ ଉଦ୍‌ଘାଟନ ହେବାକୁ ଯାଉଛି, ଏହା ଲିଜେଣ୍ଡ ମସଲ ଫ୍ୟାକ୍ଟୋରୀର ଏକ ବଡ଼ ବ୍ରାଞ୍ଚ ହେବ। ଜିମ୍‌ର ମୁଖ୍ୟ ରଞ୍ଜନ ମହାନ୍ତି ଭୁବନେଶ୍ୱର ବମିଖାଲ ଅଞ୍ଚଳରେ ଏହାକୁ ନିର୍ମାଣ କରୁଛନ୍ତି, ଯାହା ୧୭ହଜାର ସ୍କୋୟାର ଫୁଟ ଅଞ୍ଚଳରେ ନିର୍ମାଣ ଚାଲିଛି। ସେଠାରେ ଉନ୍ନତ ମାନର ସମସ୍ତ ପ୍ରକାର ସୁବିଧା ଉପଲବ୍ଧ ରହିବ। ସ୍ୱତନ୍ତ୍ର ଫିଚରଗୁଡ଼ିକ ହେଲା ଏମ୍‌ଏମ୍‌ଏ ରିଙ୍ଗ, କ୍ରସ୍‌ପେଟ୍, ଡିଜେ ସ୍ପିନିଙ୍ଗ, ଜମ୍ବା, ଏରୋବିକ୍ସ, ଫୁଡ କୋର୍ଟ, ସ୍ପା, ସପ୍ଲିମେଣ୍ଟ ଆଦି ସୁବିଧା ଉପଲବ୍ଧ ରହିବ। ଏନେଇ ଖବରଦାତା ସମ୍ମିଳନୀରେ ୱାର୍ଲଡ ଫିଟନେସ୍ ଫେଡେରେଶନର ଓଡ଼ିଶା ସଭାପତି ରଞ୍ଜନ ମହାନ୍ତି, ଚିଫ ପାଟ୍‌ର୍ନ ଗୌରୀଶଙ୍କର ସିଂହାରୀ ସୂଚନା ଦେଇଛନ୍ତି। ସମ୍ମିଳନୀରେ ଅନୁଷ୍ଠାନର ଉପସଭାପତି ସଞ୍ଜୀବ ରଥଶର୍ମା, ସାଧାରଣ ସମ୍ପାଦକ ଚିତ୍ତ ରଞ୍ଜନ ବେହେରାଙ୍କ ସମେତ ସାଧାରଣ ପରିଷଦର ସଦସ୍ୟ ସନ୍ତୋଷ ଆଢ୍ୟ, ସ୍ୱାଧୀନ ଷଡ଼ଙ୍ଗୀ, ବିକ୍ରମ କୁଆଁର, ମଧୁସ୍ମିତା ରଥ, ରବିନ ସାହୁ ଓ ଭବାନୀ ଶଙ୍କର ଉପସ୍ଥିତ ଥିଲେ।




ଖବରଦାତା ସମ୍ମିଳନୀରେ ଆୟୋଜକମାନେ ସୂଚନା ଦେଉଛନ୍ତି ।

# ସମାଜକୁ ବଦଳାଇବାର ସଂକଳ୍ପ ନେବା ପାଇଁ ଆହ୍ୱାନ

## ୮୯ ତମ ସର୍ବସେବା ସଂଘ ଅଧିବେଶନ ଉଦ୍‌ଘାଟିତ

**ପୁରୀ, ୩୦।୧୦(ଅଜିତ ମହାନ୍ତି):**




ଅଧିବେଶନରେ ଯୋଗ ଦେଇଥିବା ଅତିଥି ଓ ଅନ୍ୟମାନେ ।

ବଡଦାଣ୍ଡସ୍ଥିତ ଦୁଦୁୱାଲା ଧର୍ମଶାଳାରେ ସୋମବାର ଅଖିଳ ଭାରତୀୟ ସର୍ବୋଦୟ ମଣ୍ଡଳ ଓ ଉତ୍କଳ ସର୍ବୋଦୟ ମଣ୍ଡଳ ସହଯୋଗରେ ୮୯ତମ ସର୍ବସେବା ସଂଘ ଅଧିବେଶନ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ପଦ୍ମଶ୍ରୀ ଦୈତାରୀ ନାୟକ ଉଦ୍‌ଘାଟକ ଏବଂ ଗାନ୍ଧୀବାଦୀ ଉମାବଲ୍ଲଭ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅରବିନ୍ଦ ରେଡ୍ଡୀ, ମହାଦେବ ବିଦ୍ରୋହୀ, ମଧୁକରଜୀ, ପ୍ରଫେସର ଆନନ୍ଦ କିଶୋର, ନାରାୟଣ ଭାଇ, ଲକ୍ଷ୍ମୀ ଦାସ, ଡ. ବିଶ୍ୱନାଥ ଆଜାଦ୍, ବସନ୍ତ କେଦାର ଜୀ, ଡ. ପ୍ରମୋଦ କୁମାର ତାଲେ, ଅରୁଣ ଭାରତୀୟ, ସୁଖପାଲ୍ ସିଂ, ଚନ୍ଦ୍ର ଭୂଷଣ, ସୌମ୍ୟ ପାଲ, ଧର୍ମେନ୍ଦ୍ର ରାଜପୁତ, ଆଦିତ୍ୟ ପଟ୍ଟନାୟକ, ରାମସ୍ୱରୂପ ତ୍ରିପାଠୀ, ଡ. ଇନ୍ଦିରା, ବିନୋଦ ସ୍ୱରୂପ ପ୍ରମୁଖ ଉପସ୍ଥିତ ଥିଲେ। ଅଧିବେଶନକୁ ଉତ୍କଳ ସର୍ବୋଦୟ ମଣ୍ଡଳର ସଦସ୍ୟମାନେ ପରିଚାଳନା କରିଥିଲେ। ଉଦ୍‌ଘୋଷିକା ରୁଚି ମିତ୍ରା ଜଗଦେବ ମହାପାତ୍ର ଏବଂ ଉଦ୍‌ଘୋଷକ ଭାବେ ରାକେଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉଦ୍‌ଘାଟନୀ ପର୍ବ ପରେ ଲିଙ୍ଗରାଜ କଳା ନିକେତନ ତରଫରୁ ଗୁରୁ ପ୍ରକାଶ କୁମାର ରଥ ଏବଂ ଗୁରୁ ଜଗନ୍ନାଥ ମିଶ୍ରଙ୍କ ନିର୍ଦ୍ଦେଶନାରେ କଣ୍ଠଶିଳ୍ପୀମାନେ 'ବୈଷ୍ଣବ ଜନ ତୋ ତେନେ କହିୟେ' ଭଜନ ପରିବେଷଣ କରିଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ଦେଶର ବିଭିନ୍ନ ସ୍ଥାନରୁ ଆସିଥିବା ୩୫୦ ସର୍ବସେବା ସଂଘର ଲୋକସେବକ ଓ ସର୍ବୋଦୟ ମିତ୍ର ଯୋଗଦେଇଥିଲେ। ଉଦ୍‌ଘାଟକ ଡ. ଲକ୍ଷ୍ମୀ ଦାସ ଏବଂ ଜିଲା ସର୍ବୋଦୟ ମଣ୍ଡଳ ସଭାପତି ଅହିଂସା ଓ ରଚନାତ୍ମକ ଆନ୍ଦୋଳନ ସମ୍ପର୍କରେ ଆହ୍ୱାନ ଦେଇଥିଲେ। ଏହି ଅଧିବେଶନର ମୂଳ ଲକ୍ଷ୍ୟ ଥିଲା ସାମ୍ପ୍ରତିକ ରାଷ୍ଟ୍ରୀୟ ପରିସ୍ଥିତି ଓ ବିଶ୍ୱଯୁଦ୍ଧର ଭୟାବହତା, ଦାରିଦ୍ର୍ୟ, ସମ୍ବିଧାନର ସୁରକ୍ଷା, ମଣିପୁର ହିଂସା ସମସ୍ୟାର ନିରାକରଣ ସହ ଗାନ୍ଧୀଙ୍କ ଅହିଂସା, ସଦଭାବନା ଓ ସର୍ବଧର୍ମ ସମାନତା। ରଚନାତ୍ମକ କାର୍ଯ୍ୟକୁ କେତେକ ମୌଳବାଦ ଯେପରି ନିନ୍ଦା କରୁଛନ୍ତି ସେ ସମ୍ପର୍କରେ ଆଲୋଚନା କରାଯାଇ ଭବିଷ୍ୟତ କାର୍ଯପନ୍ଥା ସମ୍ପର୍କରେ ମତ ବିନିମୟ ହୋଇଥିଲା। ଓଡ଼ିଶାରେ ସର୍ବୋଦୟ କାର୍ଯ୍ୟକୁ ଶକ୍ତି ଓ ପ୍ରେରଣା ମିଳିବା ସହ ଗ୍ରାମ ସ୍ୱରାଜ ପ୍ରତିଷ୍ଠା, ନିଶା ନିବାରଣ ଓ ସଦ୍‌ଭାବନା ଆଗେଇପାରିବ ବୋଲି ଅତିଥିମାନେ ଆଶା ପୋଷଣ କରିଥିଲେ। ସର୍ବୋଦୟ ଶାନ୍ତି ଚାହେଁ, ଯୁଦ୍ଧ ନୁହେଁ। ଗାନ୍ଧୀ, ବିନୋବା ଓ ଜୟପ୍ରକାଶ ନାରାୟଣଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସମାଜକୁ ବଦଳାଇବାର ସଂକଳ୍ପ ନେବା ପାଇଁ ଅତିଥିମାନେ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଆଡ୍‌ଭୋକେଟ ଉମାବଲ୍ଲଭ ମହାପାତ୍ର, ଡ. ଇନ୍ଦିରା ଦେବୀ, ଜ୍ୟୋତ୍ସ୍ନା ନାୟକ ପ୍ରମୁଖ ସହଯୋଗ କରିଥିଲେ। ସମ୍ପାଦକ ରମାକାନ୍ତ ମଣ୍ଡଳ ଧନ୍ୟବାଦ ଦେଇଥିଲେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୩୧ ଅକ୍ଟୋବର, ୨୦୨୩



## ସଂକ୍ଷେପରେ

### କେଉଟଜଙ୍ଗାରେ ବିଶ୍ୱ ବ୍ୟାଙ୍କର ୫ ଜଣିଆ ଟିମ୍

**ଅସ୍ତରଙ୍ଗ, ୩୦।୧୦ (ମମତା ଜେନା):**

ଅସ୍ତରଙ୍ଗ ବ୍ଲକ ସଭାଗୃହରେ ବିପର୍ଯ୍ୟୟ ପ୍ରସ୍ତୁତି ଓ ଜାତୀୟ ବିପର୍ଯ୍ୟୟ ପ୍ରଶମନ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅସ୍ତରଙ୍ଗ ପଞ୍ଚାୟତ ସମିତି ଅଧ୍ୟକ୍ଷା ଆରତୀ ନାୟକ, ଉପାଧ୍ୟକ୍ଷ ଦୁର୍ଜୟ କୁମାର ମିଶ୍ର, ବିଡିଓ କର୍ଣ୍ଣଦେବ ସମାଦ୍ଦର, ଅତିରିକ୍ତ ତହସିଲଦାର ପ୍ରଭୁପ୍ରସାଦ ପଣ୍ଡା, ବିଭିନ୍ନ ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟ ଯୋଗଦେଇଥିଲେ। ଏହି ଅବସରରେ ବିପର୍ଯ୍ୟୟ ଦିବସର ତାତ୍ପର୍ଯ୍ୟ ଓ ପରିଚାଳନା ସମ୍ବନ୍ଧରେ ବିସ୍ତୃତ ଆଲୋଚନା ହୋଇଥିଲ। ୧୯୯୯ ଅକ୍ଟୋବର ୨୯ ତାରିଖ ଦିନ ରାଜ୍ୟରେ ଘଟିଥିବା ମହାବାତ୍ୟାକୁ ମନେ ପକାଇବା ସହ ମହାବାତ୍ୟାରେ ପ୍ରାଣ ହରାଇଥିବା ସମସ୍ତଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଅନ୍ୟପକ୍ଷରେ ବିଶ୍ୱବ୍ୟାଙ୍କ ଭାରତ ନିର୍ଦ୍ଦେଶକ ଅଗସ୍ତେ ଟାନୋ କୌଆମେଙ୍କ ନେତୃତ୍ୱରେ ୫ ଜଣିଆ ଟିମ୍ ଅସ୍ତରଙ୍ଗର ଅତି ସମ୍ବେଦନଶୀଳ ସ୍ଥାନ କେଉଟଜଙ୍ଗା ଗସ୍ତକରି ସ୍ଥିତି ଅନୁଧ୍ୟାନ କରିଥିଲେ। ତାଙ୍କ ସହ ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ, ଉପଜିଲାପାଳ, ଜିଲା ବିପର୍ଯ୍ୟୟ କମିଟିର ସଂଯୋଜକ, ଜିଲା ଜରୁରିକାଳୀନ ଅଧିକାରୀ, ଅସ୍ତରଙ୍ଗ ବିଡିଓ, ଅସ୍ତରଙ୍ଗ ଅତିରିକ୍ତ ତହସିଲଦାର, ପଞ୍ଚାୟତ ସମିତି ଉପାଧ୍ୟକ୍ଷଙ୍କ ସମେତ ଶିଶୁଅ ପଞ୍ଚାୟତର ଜନପ୍ରତିନିଧି ସାମିଲ ହୋଇଥିଲେ। ଉକ୍ତ ଟିମ୍ କେଉଟଜଙ୍ଗା ନିକଟରେ ବାରମ୍ବାର ସମୁଦ୍ର କୂଳ ଲଘିଂବା ଘଟଣା, ସୁନାମି ବନ୍ଧ, ଜଙ୍ଗଲ ଓ ନିକଟରେ ଥିବା ବାତ୍ୟାଶ୍ରୟସ୍ଥଳୀର ସ୍ଥିତି ଆଦିର ଅନୁଧ୍ୟାନ କରିଥିଲେ। ବିପର୍ଯ୍ୟୟ ବେଳେ ଲୋକଙ୍କ ସୁରକ୍ଷା ନିମନ୍ତେ ସଚେତନତା ସୃଷ୍ଟି କରାଯାଉଛି ନା ନାହିଁ, ସୁନାମି ବେଳେ କିଭଳି ଜୀବନ ରକ୍ଷା ହେବ ଏ ସମ୍ପର୍କରେ ଗ୍ରାମବାସୀଙ୍କ ସହ ବିଶ୍ୱବ୍ୟାଙ୍କ ଟିମ୍ ଆଲୋଚନା କରିଥିବା ଜଣାଯାଇଛି।

### ଧବଳେଶ୍ୱରଙ୍କୁ ଦର୍ଶନ କଲେ ସହସ୍ରାଧିକ ଶ୍ରଦ୍ଧାଳୁ

**ଖୁଣ୍ଟୁଣୀ,୩୦।୧୦ (ସଚ୍ଚିଦାନନ୍ଦ ପଣ୍ଡା)**

କାର୍ତ୍ତିକର ପ୍ରଥମ ସୋମବାରରେ ଆଠଗଡ଼ର ଅନ୍ୟତମ ପ୍ରସିଦ୍ଧିଲାଭ କରିଥିବା ବାବା ଧବଳେଶ୍ୱରଙ୍କ ପୀଠ ଚଳଚଞ୍ଚଳ ହୋଇଉଠିଛି। ନୀତି ପାଳିଆ ସେବକ ଭୁବନ ବିହାରୀ ପଣ୍ଡା ଓ ପୂଜକ ସମାଜ ରାତି ୪ଟାରୁ ମନ୍ଦିର ପହଡ଼ ଖୋଲିବା ପରେ ମଙ୍ଗଳ ଆଳତି, ସ୍ନାନ ନୀତିକାନ୍ତି ସମ୍ପନ୍ନ କରି ବାବାଙ୍କୁ ବେଲପତ୍ର, ତୁଳସୀ ମଞ୍ଜରୀ ଓ କେତକୀ ଫୁଲ ସହିତ ନାନା ଜାତିର ଫୁଲରେ ସଜ୍ଜିତ କରିଥିଲେ। ଏହାପରେ କ୍ଷୀର, ଗୁଡ଼, କଦଳୀ, ବିଜୟା(ଭାଙ୍ଗ), ମହୁ, ଛେନା ଓ ବିଭିନ୍ନ ଫଳ ପଡି ମହାପ୍ରଭୁଙ୍କ ଲିଙ୍ଗରେ ଏକ ସ୍ୱତନ୍ତ୍ର ଘର୍ଷଣ କରାଯାଇ ଭକ୍ତଙ୍କୁ ବଣ୍ଟା ଯାଇଥିଲା। ଭୋର ୫ଟାରେ ଶ୍ରଦ୍ଧାଳୁଙ୍କ ପାଇଁ ମନ୍ଦିର ଦ୍ୱାର ଖୋଲା ଯାଇଥିବା ପୂଜକ ସମାଜ ସଭାପତି ବିଷ୍ଣୁଚରଣ ପତ୍ରି କହିଛନ୍ତି। ସକାଳୁ ବହୁତ ଭିଡ଼ ଲାଗିରହିଥିବାବେଳେ ଅପରାହ୍ଣ ୪ଟା ପରେ ସେହି ଭିଡ଼ କମିଥିଲା।

# ଆଜି ବଣ୍ଟାହେବ ୨ୟ ପର୍ଯ୍ୟାୟ ଭୂମି ଅଧିକାର ପ୍ରମାଣପତ୍ର

**ଭୁବନେଶ୍ୱର, ୩୦।୧୦ (ବନ୍ଦନା ସେଠୀ)**

## ୩ ଜୋନ୍‌ରେ ୫ ହଜାର ୫୪୨ ପରିବାରଙ୍କୁ ମିଳିବ

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ମଙ୍ଗଳବାର ଯୋଗ୍ୟ ବସ୍ତିବାସିନ୍ଦାଙ୍କୁ ଦ୍ୱିତୀୟ ପର୍ଯ୍ୟାୟରେ ଭୂମି ଅଧିକାର ପ୍ରମାଣପତ୍ର (ଏଲ୍‌ଆର୍‌ସି) ପ୍ରଦାନ କରାଯିବ। ଓଡିଶା ସରକାରଙ୍କର ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଜାଗା ମିଶନ ଅଧିନରେ ସମସ୍ତ ଯୋଗ୍ୟ ବସ୍ତି ବାସିନ୍ଦାଙ୍କୁ ଭୂମି ଅଧିକାର ଯୋଗାଇ ଦିଆଯାଉଛି। ସକାଳ ୯ଟାରୁ ତିନୋଟିଯାକ ଜୋନ୍‌ରେ ୫ ହଜାର ୫୪୨ ପରିବାରଙ୍କୁ ଏଲ୍‌ଆର୍‌ସି ବଣ୍ଟନ କରାଯିବାର କାର୍ଯ୍ୟକ୍ରମ ରହିଛି। ଦକ୍ଷିଣ-ପଶ୍ଚିମ ଜୋନ୍ ପାଇଁ ୱାର୍ଡ ନଂ. ୫୭ ସ୍ଥିତ ବଡଗଡ ବ୍ରିଟ୍ କୋଲନୀ ନେତାଜୀ ପଡିଆ, ଦକ୍ଷିଣ-ପୂର୍ବ ଜୋନ୍ ପାଇଁ ୱାର୍ଡ ନଂ. ୪୭ର ୟୁନିଟ୍ ୮ସ୍ଥିତ କମ୍ୟୁନିଟି ସେଣ୍ଟର ଏବଂ ଉତ୍ତର ଜୋନ୍ ପାଇଁ ଚନ୍ଦ୍ରଶେଖରପୁର କଲ୍ୟାଣ ମଣ୍ଡପଠାରେ ଏଲ୍‌ଆର୍‌ସି ବଣ୍ଟାଯିବ। ଏସ୍‌ଏସ୍‌ଇପିଡି ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା ଏବଂ ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ ସମ୍ପୃକ୍ତ ଜୋନ୍‌ରେ ଉପସ୍ଥିତ ରହିବେ। କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ପରିଚାଳନା କରିବା ପାଇଁ ବିଏମ୍‌ସି ପକ୍ଷରୁ ବିଭିନ୍ନ ଅଧିକାରୀ ଓ କର୍ମଚାରୀଙ୍କୁ ଦାୟିତ୍ୱ ଦିଆଯାଇଛି। ସ୍ଥିତି ସମୀକ୍ଷା କରିବା ପାଇଁ ଉଚ୍ଚ ପଦସ୍ଥ ଅଧିକାରୀଙ୍କୁ ନୋଡାଲ ଅଫିସର ଭାବେ ରଖାଯାଇଛି। ଅତିରିକ୍ତ କମିଶନର୧ ଲକ୍ଷ୍ମୀକାନ୍ତ ସେଠୀ ଉତ୍ତର ଜୋନ୍ ଦାୟିତ୍ୱରେ ଥିବାବେଳେ, ଅତିରିକ୍ତ କମିଶନର୨ ଶୁଭେନ୍ଦୁ କୁମାର ସାହୁ ଦକ୍ଷିଣ-ପଶ୍ଚିମ ଜୋନ୍ ଦାୟିତ୍ୱରେ ଏବଂ ଅତିରିକ୍ତ କମିଶନର୩ ସୂର୍ଯ୍ୟବଂଶୀ ମୟୂର ବିକାଶ ଦକ୍ଷିଣ-ପୂର୍ବ ଜୋନ୍ ଦାୟିତ୍ୱରେ ରହିବେ।

ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଅଗଷ୍ଟ ୨୮ରେ ୫୧ହଜାର ପରିବାରଙ୍କୁ ଭୂମି ଅଧିକାର ପ୍ରମାଣ ପତ୍ର ପ୍ରଦାନ କରାଯାଇ ଥିବାବେଳେ ପର୍ଯ୍ୟାୟକ୍ରମେ ଅନ୍ୟ ଯୋଗ୍ୟ ହିତାଧିକାରୀଙ୍କୁ ଏହା ପ୍ରଦାନ କରାଯିବା ନେଇ ସରକାରଙ୍କ ତରଫରୁ ଘୋଷଣା କରାଯାଇଛି। ଏହାକୁ ଆଧାର କରି ଭୁବନେଶ୍ୱର ମହାନଗର ନିଗମାଞ୍ଚଳରେ ଏହାର ଦ୍ୱିତୀୟ ପର୍ଯ୍ୟାୟ ବଣ୍ଟନ କାର୍ଯ୍ୟକ୍ରମ ମଙ୍ଗଳବାର କରିବା ନେଇ କମିଶନର ବିଜୟ ଅମୃତା କୁଲାଙ୍ଗେ ନିର୍ଦ୍ଦେଶ ଦେଇଛନ୍ତି।

# ଏକାମ୍ରରେ ବିଜେଡିର ୨ଦିନିଆ ପ୍ରଶିକ୍ଷଣ ଶିବିର


ଶିବିରରେ ଦଳୀୟ ନେତା ଓ କର୍ମୀଙ୍କ ସହ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ପ୍ରଶିକ୍ଷିକା ତଥା ରାଜ୍ୟ ଶ୍ରମିକ କଲ୍ୟାଣ ବୋର୍ଡ ଅଧ୍ୟକ୍ଷା ଶ୍ରୀମୟୀ ମିଶ୍ର।

**ଭୁବନେଶ୍ୱର/ପୁରୁଣା ଭୁବନେଶ୍ୱର,୩୦।୧୦ (ଅନିଲ ଦାସ/ସୁବାସ ଚନ୍ଦ୍ର ପ୍ରଧାନ/ସୂର୍ଯ୍ୟକାନ୍ତ ଦାସ)**

ଭୁବନେଶ୍ୱର ଏକାମ୍ର ନିର୍ବାଚନ ମଣ୍ଡଳୀ ରେ ବିଜୁ ଜନତା ଦଳର ୨ ଦିନିଆ ପ୍ରଶିକ୍ଷଣ ଶିବିରକୁ ସୋମବାର ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଉଦଘାଟନ କରିଛନ୍ତି। ଏହି ପ୍ରଶିକ୍ଷଣ ଶିବିରରେ ଭୁବନେଶ୍ୱର ମହାନଗର ନିଗମର ୨୪ ଟି ୱାର୍ଡ ଏବଂ ୬ ଟି ଗ୍ରାମପଞ୍ଚାୟତ ର ପ୍ରାୟ ୩ ହଜାର ସଦସ୍ୟଙ୍କୁ ନେଇ ୪ଟି ପର୍ଯ୍ୟାୟରେ ପ୍ରଶିକ୍ଷକ ମାନେ ପ୍ରଶିକ୍ଷଣ ଦେଇଛନ୍ତି। ଏହି ଶିବିର ସକାଳ ୧୦ ଟାରୁ ୧୨ ଟା ଏବଂ ଦିନ ୨ଟା ରୁ ୪ଟା ପର୍ଯ୍ୟନ୍ତ ଚାଲିଥିଲା । ସରକାରଙ୍କ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟକ୍ରମକୁ ଲୋକଙ୍କ ପାଖରେ ପହଞ୍ଚାଇବାକୁ କର୍ମଶାଳାରେ ପ୍ରଶିକ୍ଷକ ତଥା ରାଜ୍ୟ ଶ୍ରମିକ କଲ୍ୟାଣ ବୋର୍ଡ ଅଧ୍ୟକ୍ଷା ଶ୍ରୀମୟୀ ମିଶ୍ର ସଦସ୍ୟମାନଙ୍କୁ କହିଥିଲେ। ବିଜୁ ଜନତା ଦଳ ମୁଖପାତ୍ର ଲୋରା ମାହାପାତ୍ର କେନ୍ଦ୍ର ସରକାରଙ୍କ ଓଡ଼ିଶା ପ୍ରତି ଅବହେଳାକୁ କିପରି ବିରୋଧ କରାଯିବ ଏନେଇ ମତପ୍ରକାଶ କରିଥିଲେ। ଏହି ଅବସରରେ ମନ୍ତ୍ରୀ ପଣ୍ଡା କହିଥିଲେ ବିଜୁ ଜନତା ଦଳର ଶଙ୍ଖ ଆପ କୁ ପ୍ରତ୍ୟେକ ଲୋକଙ୍କ ପାଖରେ ନିଜ ମୋବାଇଲରେ ଇନଷ୍ଟଲ କରି ସରକାର ଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଅବଗତ କରିବା ସହ ଫେସ୍ ବୁକ୍, ଇନଷ୍ଟାଗ୍ରାମ ଏବଂ ଟୁଇଟର ଆକାଉଣ୍ଟକୁ ଅଧିକରୁ ଅଧିକ ଫଲୋ, ଲାଇକ୍ ଏବଂ ସେୟାର କରିବାକୁ ଅନୁରୋଧ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମସ୍ତ କର୍ପୋରେଟର, ପୂର୍ବତନ କର୍ପୋରେଟର,ସରପଞ୍ଚ, ସମିତି ସଭ୍ୟ, ପୂର୍ବତନ ସରପଞ୍ଚ, ସମିତି ସଭ୍ୟ,ବିଜୁ ମହିଳା, ଯୁବ, ଛାତ୍ର ଜନତା ଦଳର କର୍ମକର୍ତ୍ତା ମାନେ ଯୋଗ ଦେଇଥିଲେ।

## ବଳାତ୍କାରୀଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ

**କଟକ,୩୦।୧୦ (କାର୍ତ୍ତିକ ସାହୁ)**

କଟକ ଜିଲା ଟିଗିରିଆ ଅଞ୍ଚଳରେ ଘଟିଥିବା ଏକ ନାବାଳିକା ବଳାତ୍କାର ମାମଲାର ରାୟ ସୋମବାର ପ୍ରକାଶ ପାଇଛି। ପୋକ୍‌ସୋ ଫାଷ୍ଟ ଟ୍ରାକ ଆଡହକ୍ ସ୍ୱତନ୍ତ୍ର ଅଦାଲତ ଅଭିଯୁକ୍ତ ରାଜୀବ ଜେନାଙ୍କୁ ଦୋଷୀ ସାବ୍ୟସ୍ତ କରି ୨୦ବର୍ଷ ସଶ୍ରମ କାରାଦଣ୍ଡ ଆଦେଶ ଦେଇଛନ୍ତି। ଏଥିସହ ଅଭିଯୁକ୍ତଙ୍କୁ ୨୦ ହଜାର ଟଙ୍କା ଜରିମାନା ଦାଖଲ ପାଇଁ ଆଦେଶ ଦିଆଯାଇଛି। ଜରିମାନା ଅନାଦେୟ ଅଧିକ ଏକ ବର୍ଷ ଜେଲଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ଅଦାଲତ ତାଙ୍କ ନିର୍ଦ୍ଦେଶରେ ସ୍ପଷ୍ଟ କରିଛନ୍ତି। ୨୦୧୯ ଡିସେମ୍ବର ୩୧ରେ ଉକ୍ତ ଘଟଣାଟି ଘଟିଥିଲା। ଟିଗିରିଆ ଥାନା ଅଞ୍ଚଳର ଜଣେ ବ୍ୟକ୍ତି ତାଙ୍କ ୧୪ବର୍ଷର ଝିଅକୁ ଭୁବନେଶ୍ୱରରୁ ବାଇକ୍‌ରେ ବସାଇ ଘରକୁ ଫେରୁଥିବାବେଳେ ଟିଗିରିଆର ଶେଷ ଗାଁ ଛକ ନିକଟରେ ଅଭିଯୁକ୍ତ ରାଜୀବ ଜେନା ଓ ତିନିଜଣ ସହଯୋଗୀ ଅଟକାଇ ମାଡ଼ମାରି ଝିଅକୁ ଅପହରଣ କରିନେଇଥିଲେ। ଅଭିଯୋଗ ପରେ ଟିଗିରିଆ ଥାନା ପୋଲିସ ଏକ ମାମଲା ରୁଜୁ କରି ୨୦ ଦିନ ପରେ ପୀଡ଼ିତାଙ୍କୁ ଉଦ୍ଧାର କରିବା ପରେ ବଳାତ୍କାର କରାଯାଇଥିବା ଜଣାପଡ଼ିଥିଲା। ପରେ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଥିଲା।

# ଭାଷା ସାହିତ୍ୟରେ ନାରୀ, ପୁରୁଷ ସମାନ


ସଂସ୍କୃତି ଚର୍ଚ୍ଚା ସମ୍ମାନରେ ସାହିତ୍ୟିକ ଡ. ବାଉରିବନ୍ଧୁ ସାହୁ ଓ ଅନ୍ୟମାନେ।

## ଅଭିଲେଖାଗାରରେ ସଂସ୍କୃତି ଚର୍ଚ୍ଚା ସମ୍ମାନ

**ଭୁବନେଶ୍ୱର, ୩୦।୧୦ (ବନ୍ଦନା ସେଠୀ)**

ଓଡ଼ିଶା ରାଜ୍ୟ ଅଭିଲେଖାଗାରରେ ୭୧ତମ ସଂସ୍କୃତିଚର୍ଚ୍ଚା ସମ୍ମାନ ସମାରୋହ ସୋମବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ତଥା ସାହିତ୍ୟିକ ଡ. ବାଉରିବନ୍ଧୁ ସାହୁ ଯୋଗଦେଇ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ରଚିତ ବୈଦେହୀଶ ବିଳାସ, କୋଟିବ୍ରହ୍ମାଣ୍ଡ ସୁନ୍ଦରୀ, ପ୍ରେମସୁଧାନିଧି, ଲାବଣ୍ୟବତୀ, କଳାକୌତୁକ, ଛାନ୍ଦ ଭୂଷଣ ଆଦି କାବ୍ୟର ଉଦାହରଣ ଦେଇ ସାହିତ୍ୟର ବିଭିନ୍ନ ସଂସ୍କୃତିକୁ ବୁଝାଇଥିଲେ। ଏଥିସହ ସୃଷ୍ଟିର ରହସ୍ୟ ପାଇଁ ପଞ୍ଚତ୍ୱ ଯଥା ବୁଦ୍ଧିତ୍ୱ, ଭାବତ୍ୱ, ଶିଳ୍ପତ୍ୱ, କଳ୍ପନାତ୍ୱ ଓ ଚମତ୍କାରତ୍ୱ ବିଷୟରେ ବିଷଦ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ଦିଲୀପ ରାଉତରାଏ ଯୋଗଦେଇ କହିଲେ, ଆମ ସଂସ୍କୃତିରେ ପୁରୁଷ ଓ ନାରୀ ସମସ୍ତେ ସମାନ। ଯାହା ଭାଷା ସାହିତ୍ୟରେ ଅତି ସୁନ୍ଦର ଭାବରେ ପ୍ରତିପାଦିତ ହୋଇଛି। ପ୍ରତି ସଫଳ ପୁରୁଷ ପଛରେ ଜଣେ ନାରୀର ପ୍ରଚ୍ଛନ୍ନ ହାତ ଥାଏ। ଆମ ସମାଜରେ ନାରୀମାନଙ୍କୁ ସର୍ବଦା ସର୍ବୋଚ୍ଚ ସମ୍ମାନ ଦିଆଯାଇଛି। ମଧ୍ୟଯୁଗରେ ସାମାନ୍ୟ ଅବଗତି ଆସିଥିଲେ ମଧ୍ୟ ତାହା ପରବର୍ତ୍ତୀ ସମୟରେ ପୁଣି ଉଚ୍ଚ ଆସନକୁ ଫେରି ଆସିଥିବା ଭାଷା ସାହିତ୍ୟରୁ ସ୍ପଷ୍ଟରୂପେ ବାରି ହୋଇ ପଡୁଛି ବୋଲି ସେ କହିଥିଲେ। ବିଭାଗୀୟ ଯୁଗ୍ମଶାସନ ସଚିବ ଅତସୀ ଦାସ ଅତିଥି ଭାବେ ଯୋଗଦେଇଥିବାବେଳେ ଅଭିଲେଖାଗାରର ଅଧୀକ୍ଷକ ଡ. ଶେଖ୍ ସୋଲେମାନ ଅଲ୍ଲୀ ସ୍ୱାଗତ ଭାଷଣ ଦେଇଥିଲେ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିବିଭାଗର ଅନୁଶାସନ ସଚିବ ବନାନୀ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ରାଷ୍ଟ୍ରୀୟ ସମୂହ ଗାନ ପ୍ରତିଯୋଗିତା



ଛାତ୍ରୀମାନେ ରାଷ୍ଟ୍ରୀୟ ସଙ୍ଗୀତ ଗାନ କରୁଛନ୍ତି।

**ଭୁବନେଶ୍ୱର, ୩୦।୧୦ (ବନ୍ଦନା ସେଠୀ)**

ଭାରତ ବିକାଶ ପରିଷଦର ଓଡ଼ିଶା (ପୂର୍ବ)ପ୍ରାନ୍ତ ପକ୍ଷରୁ ଗୀତଗୋବିନ୍ଦ ସଦନଠାରେ ରାଷ୍ଟ୍ରୀୟ ସମୂହଗାନ ପ୍ରତିଯୋଗିତା ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ଓଡ଼ିଶାର ବିଭିନ୍ନ ଜିଲାର ୧୧ଟି ବିଦ୍ୟାଳୟର ଛାତ୍ରୀଛାତ୍ର ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ପର୍ଯ୍ୟବେକ୍ଷକ ଭାବେ ଅରୁଣା ଭଗନିଆ ଏବଂ ଅଧ୍ୟାପକ ନିରଞ୍ଜନ ପାଢୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ହାସଲ କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଭାରତ ବିକାଶ ପରିଷଦର କେନ୍ଦ୍ରୀୟ ଶାଖା ଭୁବନେଶ୍ୱର ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ପୂର୍ବକ୍ଷେତ୍ରର ସାଧାରଣ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ଖୁଣ୍ଟିଆ, ପ୍ରାନ୍ତର ସଭାପତି ସତ୍ୟବାଦୀ ଦାଶ, ପ୍ରାନ୍ତ ସମ୍ପାଦକ ପ୍ରଦୀପ କୁମାର ମହାରଣା, ଆୟୋଜକ ଶାଖାର ସଭାପତି ସୁନିଲ କୁମାର ମିଶ୍ର, ସମ୍ପାଦକ ବସନ୍ତ କୁମାର ବେହେରା ପ୍ରମୁଖ ପରିଚାଳନା କରିଥିଲେ।

# ଜଟଣୀରୁ ବିପୁଳ ବାଣ ଜବତ, ୨ ଭାଇ ଗିରଫ

**ଭୁବନେଶ୍ୱର, ୩୦।୧୦ (ସୂର୍ଯ୍ୟକାନ୍ତ ବେହେରା)**


ଜବତ ହୋଇଥିବା ବିଭିନ୍ନ ପ୍ରକାର ବାଣ।

## ଦୀପାବଳି ପୂର୍ବରୁ ପୋଲିସର ଚଢ଼ାଉ

ଆଉ ଦିନ କେଇଟା ପରେ ଆଲୋକର ପର୍ବ ଦୀପାବଳି। ଏଥିପାଇଁ ବ୍ୟବସାୟୀମାନେ ଏବେଠାରୁ ବିଭିନ୍ନ ପ୍ରକାର ବାଣ ଘରେ ଗଚ୍ଛିତ ରଖିବା ସହ ଅନେକ ସ୍ଥାନରେ ବିକ୍ରି ଆରମ୍ଭ କଲେଣି। ତେବେ ବେଆଇନ ଭାବେ ଘରେ ବାଣ ଗଚ୍ଛିତ ରଖିଥିବା ଅଭିଯୋଗରେ କମିଶନରେଟ ପୋଲିସ ଅଧୀନ ଜଟଣୀ ଥାନା ପୋଲିସ ଦୁଇ ଭାଇଙ୍କୁ ଗିରଫ କରିଛି। ସେମାନେ ହେଲେ ଏହି ଥାନା ଅଧୀନ କୁସୁମାଟି ମଝିସାହିର ଛବିନ୍ଦ୍ର କୁମାର ସୁବୁଦ୍ଧି (୪୯) ଓ ପବିତ୍ର ସୁବୁଦ୍ଧି (୪୬)। ଏମାନଙ୍କଠାରୁ ବିପୁଳ ପରିମାଣର ବାଣ ତଥା ହାତ ତିଆରି ୪୦୦ଟି କୁମ୍ଭି, କାଗଜରେ ତିଆରି ୫୦୦ଟି ଛୋଟ ବୋମା ଓ ୭୦୦ଟି ବଡ଼ ବୋମା ଜବତ ହୋଇଛି। ଏନେଇ ଥାନାରେ ମାମଲା (ନଂ.୩୭୫/୨୩) ରୁଜୁ ପରେ ଦୁଇଭାଇଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ତେବେ ଅଭିଯୁକ୍ତମାନେ ନିଜେ କିଛି ବାଣ ତିଆରି କରିଥିବା ବେଳେ ଆଉ କିଛି ସ୍ଥାନୀୟ ଅଞ୍ଚଳରୁ କିଣିଥିଲେ ବୋଲି ସ୍ୱୀକାର କରିଥିବା ସୋମବାର ଖବରଦାତା ସମ୍ମିଳନୀରେ ଜୋନ-୩ ଏସିପି ପ୍ରଦୀପ ରାଉତ ସୂଚନା ଦେଇଛନ୍ତି।

ସୂଚନାଥାଉ କି, ଜଟଣୀ ଓ ଆଖପାଖ ଅଞ୍ଚଳରେ ବେଆଇନଭାବେ ବାଣ ପ୍ରସ୍ତୁତ ସହ ବ୍ୟବସାୟକୁ ନେଇ ଗତ ୧୮ ତାରିଖରେ 'ଧରିତ୍ରୀ'ରେ ଖବର ପ୍ରକାଶ ପାଇଥିଲା। ଏହି ଖବର ପରେ ପୋଲିସ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା। ଥାନା ଅଧିକାରୀ ସୌମ୍ୟକାନ୍ତ ବଳିୟାସିଂଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରାଯାଇ ରବିବାର ରାତିରେ ଚଢ଼ାଉ କରାଯାଇଥିଲା। ବିପୁଳ ପରିମାଣର ବାଣ ଜବତ କରାଯିବା ସହ ଦୁଇ ଭାଇଙ୍କୁ ଗିରଫ କରିଥିଲେ। ଆଗକୁ ମଧ୍ୟ ଚଢ଼ାଉ ଜାରି ରହିବ ବୋଲି ଏସିପି ରାଉତ କହିଛନ୍ତି।

# ବିଜେଡିର କର୍ମୀ ସମ୍ମିଳନୀ

**ବାଲିପାଟଣା,୩୦।୧୦(ଅଭିମନ୍ୟୁ ନାୟକ)**

ଜୟଦେବ ବିଜେଡି ପକ୍ଷରୁ ଏକ କର୍ମୀ ସମ୍ମିଳନୀ ବଦ୍ଧେଶ୍ୱର ମନ୍ଦିର ପ୍ରାଙ୍ଗଣରେ ସମିତିସଭ୍ୟା ସୌଭାଗ୍ୟଲକ୍ଷ୍ମୀ ପ୍ରିୟଦର୍ଶିନୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି କର୍ମୀ ସମ୍ମିଳନୀରେ ବରିଷ୍ଠ ବିଜେଡି ନେତା ଚୌଧୁରୀ ଦ୍ୱାରିକାନାଥ ଦାଶ ମୁଖ୍ୟ ଅତିଥିଭାବେ ଯୋଗଦେଇ କହିଥିଲେ, ଆମେ ସମସ୍ତେ ବିଜେଡି ପରିବାରର ସଭ୍ୟ। ଜୟଦେବର ସବୁ ପରିବାରଙ୍କ ପାଖରେ ପହଞ୍ଚି ରାଜ୍ୟ ସରକାରଙ୍କ ଜନହିତକର ଯୋଜନା ସମ୍ପର୍କରେ ଲୋକଙ୍କୁ ଅବଗତ କରାଇବାକୁ ହେବ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଜିଲା ପରିଷଦ ସଭ୍ୟ ଶଶିଭୂଷଣ ପାତ୍ର, ବିଜେଡି ନେତାଙ୍କ ସମେତ ବହୁ ସରପଞ୍ଚ, ସମିତିସଭ୍ୟ ଓ କର୍ମୀ ଉପସ୍ଥିତ ଥିଲେ।

# ବର୍ଜ୍ୟ ପୃଥକୀକରଣବେଳେ ମିଳିଲା ସୁନା କାନଫୁଲ

**ଭୁବନେଶ୍ୱର, ୩୦।୧୦ (ବନ୍ଦନା ସେଠୀ)**

## ପ୍ରକୃତ ମାଲିକଙ୍କୁ ହସ୍ତାନ୍ତର କଲେ ବିଏମ୍‌ସି ସ୍ୱଚ୍ଛକର୍ମୀ

ସମାଜରେ ଏବେ ବି ଅନେକ ସଚ୍ଚୋଟ ମଣିଷ ଅଛନ୍ତି। ଯେତେ ଅସୁବିଧାରେ ଥିଲେ ମଧ୍ୟ ଲୋଭ ସେମାନଙ୍କ ଚରିତ୍ରରେ ଦାଗ ଲଗାଇ ପାରିନାହିଁ। ଏହାର ଜ୍ୱଳନ୍ତ ଉଦାହରଣ ସାଜିଛନ୍ତି ବିଏମ୍‌ସି ସ୍ୱଚ୍ଛକର୍ମୀ ଏବଂ ସାଥୀ। ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ସଂପଦ କେନ୍ଦ୍ରର ଶୁଖିଲା ଅଳିଆ ଗଦାରୁ ସୁନା କାନଫୁଲ ପାଇଥିଲେ ବି ତାହାକୁ ହଜାଇଥିବା ଲୋକଙ୍କୁ ଫେରାଇ ନିଜ ମହନୀୟତାର ପରିଚୟ ଦେଇଛନ୍ତି ସେମାନେ।

ସୋମବାର ସକାଳେ ୱାର୍ଡ ନଂ. ୫ ଅନ୍ତର୍ଗତ ସପ୍ତଶତୀ ନଗରକୁ ବିଏମ୍‌ସି ଅଳିଆ ଗାଡ଼ି ଅଳିଆ ଆଣିବାକୁ ଯାଇଥିଲା। ସ୍ଥାନୀୟ ବାସିନ୍ଦା ମିନାକ୍ଷୀ ଷଡଙ୍ଗୀ ଏକ ଟିସୁ ପେପରରେ ନିଜର ହଳେ (ଦୁଇଟି) ସୁନା କାନଫୁଲ ଗୁଡାଇ ରଖିଥିଲେ। ମାତ୍ର ଭୁଲ୍‌ବଶତଃ ଅଳିଆ ଭାବି ତାହାକୁ ଡଷ୍ଟବିନରେ ପକାଇ ବିଏମ୍‌ସି ଅଳିଆ ଗାଡ଼ିକୁ ଦେଇ ଦେଇଥିଲେ। ପରେ କାନଫୁଲ କଥା ମନେ ପଡିବାରୁ ସେ ସପ୍ତଶତୀ ନଗର ଆବାସିକ ସଂଗଠନ (ଆର୍‌ଡବ୍ଲ୍ୟୁଏ)ର ସଂପାଦକ ଅନନ୍ତ ରାଉତଙ୍କୁ ଜଣାଇଥିଲେ। ରାଉତ ସଙ୍ଗେସଙ୍ଗେ ବିଏମ୍‌ସି ସଫା ଗାଡିକୁ ଫୋନ୍ କରି ଜଣାଇବା ପରେ ସଂପୃକ୍ତ ୱାର୍ଡର ସ୍ୱଚ୍ଛ ସୁପରଭାଇଜର ମିନାକ୍ଷୀ ବର୍ଜ୍ୟ ସଂଗ୍ରହ କରିବାକୁ ଯାଇଥିବା ଗାଡି ଡ୍ରାଇଭରଙ୍କୁ ଜଣାଇଥିଲେ। ଏଥିସହ ସମ୍ପୃକ୍ତ ଗାଡ଼ିର ଅଳିଆ ଏକ ସ୍ୱତନ୍ତ୍ର ସ୍ଥାନରେ ଅଲଗା କରି ରଖିବା ପାଇଁ ପଳାଶୁଣୀସ୍ଥିତ ସମ୍ପଦ କେନ୍ଦ୍ରକୁ ନିର୍ଦ୍ଦେଶ ଦେଇଥିଲେ। ଏତେ ପରିମାଣର ବର୍ଜ୍ୟ ଭିତରୁ କାନଫୁଲଟିକୁ ଖୋଜିବା ପାଇଁ ସ୍ୱଚ୍ଛକର୍ମୀ ସୁଫଳା ନାଏକ ଓ ସରସ୍ୱତୀ ସିଙ୍କୁଙ୍କ ସହ ହେଲପର ମଧୁସୂଦନ ମୁର୍ମୁଙ୍କୁ ସ୍ୱତନ୍ତ୍ର ଭାବେ ନିୟୋଜିତ କରାଯାଇଥିଲା। ଏହ ୩ଜଣ ଗାଡିର ଉଭୟ ଓଦା ଓ ଶୁଖିଲା ଅଳିଆରୁ ଖୋଜାଖୋଜି କରି କାନଫୁଲ ଦୁଇଟିକୁ ପାଇଥିଲେ। ଏହାର ମାଲିକ ମିନାକ୍ଷୀ ଏବଂ ତାଙ୍କ ସ୍ୱାମୀ ସମ୍ପଦ କେନ୍ଦ୍ରରେ ପହଞ୍ଚିବା ପରେ କାନଫୁଲ ଦୁଇଟି ହସ୍ତାନ୍ତର କରାଯାଇଥିଲା।


ଅଳିଆରୁ ମିଳିଥିବା ସୁନା କାନଫୁଲକୁ ମିନାକ୍ଷୀ ଷଡଙ୍ଗୀଙ୍କୁ ଫେରସ୍ତ କରିବା ଅବସରରେ ବିଏମ୍‌ସି ସ୍ୱଚ୍ଛକର୍ମୀ ଓ ସ୍ୱଚ୍ଛ ସାଥୀ।

# ଆନନ୍ଦ ବଜାର ଟ୍ୟାପ୍‌ରୁ ବାହାରୁଛି ଗୋଳିଆ ପାଣି

**ପୁରୀ, ୩୦।୧୦(ଅଜିତ୍ ମହାନ୍ତି):**

- ଭକ୍ତଙ୍କ ଅସନ୍ତୋଷ, ତୁରନ୍ତ ପଦକ୍ଷେପ ପାଇଁ ଦାବି
- ପ୍ରଶାସନର କାର୍ଯ୍ୟ ପ୍ରତି ପ୍ରଶ୍ନ ଉଠାଇଲେ ସେବାୟତ

ପୁରୀ ଜିଲା ପ୍ରଶାସନ ଏବଂ ଶ୍ରୀମନ୍ଦିର ପ୍ରଶାସନ ଭକ୍ତଙ୍କର ଯେପରି କୌଣସି ସମସ୍ୟା ନ ହେବ ସେ ନେଇ ସର୍ବଦା ଧ୍ୟାନ ଦେଉଥିବା କହିଆସୁଛି। ହେଲେ ଅନେକ ସମୟରେ ଏହାର ବିପରୀତ ଚିତ୍ର ଦେଖିବାକୁ ମିଳୁଛି। ବର୍ତ୍ତମାନ ପବିତ୍ର କାର୍ତ୍ତିକ ମାସ ଚାଲିଥିବାରୁ ଶ୍ରୀକ୍ଷେତ୍ରରେ ହଜାର ହଜାର ଶ୍ରଦ୍ଧାଳୁ ରହି କାର୍ତ୍ତିକ ବ୍ରତ କରୁଛନ୍ତି। ତେବେ ଶ୍ରୀମନ୍ଦିର ପରିସରରେ ଅବ୍ୟବସ୍ଥା ପୁଣି ସାମ୍ନାକୁ ଆସିଛି। ଶ୍ରୀମନ୍ଦିର ଆନନ୍ଦବଜାର ଭିତରେ ଭକ୍ତଙ୍କ ପାଇଁ ଲାଗିଥିବା ଟ୍ୟାପ୍‌ଗୁଡ଼ିକରୁ ନାଲି ରଙ୍ଗର ଗୋଳିଆ ପାଣି ବାହାରୁଥିବା ଅଭିଯୋଗ ହେଉଛି। ଏନେଇ ଭକ୍ତମାନେ ଅସନ୍ତୋଷ ପ୍ରକାଶ କରିବା ସହ ସେବାୟତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଅଭିଯୋଗ ପରେ କେତେଜଣ ସେବାୟତ ଆନନ୍ଦବଜାର ଭିତରେ ଲାଗିଥିବା ଟ୍ୟାପ୍ ନିକଟକୁ ଯାଇ ଗୋଳିଆ ପାଣି ବାହାରୁଥିବା ଦେଖିବା ସହ ବୋତଲରେ ଉକ୍ତ ପାଣିକୁ ଆଣି ସମସ୍ତଙ୍କୁ ଦେଖାଇଥିଲେ।

ଦିନକୁ ଦିନ ଶ୍ରୀମନ୍ଦିରରେ ଦର୍ଶନାର୍ଥୀଙ୍କ ସଂଖ୍ୟା ବୃଦ୍ଧି ପାଇବା ସହ କାର୍ତ୍ତିକ ମାସ ଚାଲୁଥିବାରୁ ହବିଷିଆଳିଙ୍କ ଭିଡ଼ ଦେଖିବାକୁ ମିଳୁଛି। ଅନେକ ଭକ୍ତ ଶ୍ରୀମନ୍ଦିର ପରିସରକୁ ପାଣିବୋତଲ ନେଇ ଯାଉଥିବାବେଳେ ଅନ୍ୟ କେତେଜଣ ଆନନ୍ଦବଜାର ଭିତରେ ଲାଗିଥିବା ଟ୍ୟାପରୁ ପାଣି ପିଅନ୍ତି। ତେବେ ଆନନ୍ଦବଜାର ଟ୍ୟାପ୍‌ରୁ ଗୋଳିଆ ପାଣି ପିଇ ଅନେକ ଭକ୍ତ ଅସୁସ୍ଥ ହେବାର ଆଶଙ୍କା ରହିଛି। ସେପଟେ ପୂର୍ବରୁ ମଧ୍ୟ ଏଭଳି ଗୋଳିଆ ପାଣି ବାହାରୁଥିବା ଦେଖିବାକୁ ମିଳିଥିଲା ବୋଲି କେତେଜଣ ସେବାୟତ କହିବା ସହ ତୁରନ୍ତ ଶ୍ରୀମନ୍ଦିର ପ୍ରଶାସନ ପଦକ୍ଷେପ ନେବାକୁ ଦାବି କରିଛନ୍ତି। ଏ ସମ୍ପର୍କରେ ସେବାୟତ ସୋମନାଥ ଖୁଣ୍ଟିଆ କହିଛନ୍ତି, ସେ ସୋମବାର ଅପରାହ୍ଣ ପ୍ରାୟ ୩ଟାରେ ଶ୍ରୀମନ୍ଦିରକୁ ଆସିଥିଲେ। ସେ ଶ୍ରୀମନ୍ଦିର ଶାଖା କାର୍ଯ୍ୟାଳୟଠାରେ ବସିଥିବା ବେଳେ ଜଣେ ବୃଦ୍ଧ ଭକ୍ତ ଆସି ତାଙ୍କୁ ଆନନ୍ଦ ବଜାର ଟ୍ୟାପରୁ ଗୋଳିଆ ପାଣି ବାହାରୁଥିବା ଦେଖାଇ ତାହା ପିଇବା ଯୋଗ୍ୟ କି ବୋଲି ପଚାରିଥିଲେ। ତେବେ ସମସ୍ୟାର ସମାଧାନ କରାଯିବ ବୋଲି ଖୁଣ୍ଟିଆ ତାଙ୍କୁ ଆଶ୍ୱାସନା ଦେଇଥିଲେ। ତେବେ ଏହି ଘଟଣା ପ୍ରଥମଥର ନୁହେଁ। ଅନେକ ସମୟରେ ପାଣିଟାଙ୍କିରେ ମାଙ୍କଡ଼, ପାରା ଆଦି ପଡ଼ି ମରୁଛନ୍ତି। ଭକ୍ତଙ୍କୁ ସେହି ପାଣି ପିଇବାକୁ ପଡୁଛି। ଅଭିଯୋଗ ପରେ ମଧ୍ୟ ପଦକ୍ଷେପ ନିଆଯାଉ ନ ଥିବା ଖୁଣ୍ଟିଆ କ୍ଷୋଭର ସହ ପ୍ରକାଶ କରିଛନ୍ତି। ମୁଖ୍ୟତଃ ପ୍ରଶାସନ ଯେଉଁଭଳି ଭାବେ ଶ୍ରୀମନ୍ଦିର ଓ ଭକ୍ତଙ୍କ ପ୍ରତି ଧ୍ୟାନ ଦେବା କଥା ସେପରି ଦେଉନାହିଁ। ଫଳରେ ଦିନକୁ ଦିନ ସମସ୍ୟା ଉପୁଜୁଛି। ଯଦି ଏଭଳି ଦୂଷିତ ପାଣି ପିଇ କୌଣସି ଭକ୍ତ ଅସୁସ୍ଥ ହୁଅନ୍ତି ତା'ହେଲେ ଏଥିପାଇଁ ଦାୟୀ କିଏ ରହିବ ବୋଲି ଖୁଣ୍ଟିଆ ପ୍ରଶ୍ନ କରିଛନ୍ତି। ତେବେ ଏନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।


ସେବାୟତମାନେ ପାଣି ଦେଖାଇ ଅଭିଯୋଗ କରୁଛନ୍ତି।

## ସଂକ୍ଷେପରେ

### ଜମାରାଶି ଫେରସ୍ତ ନ ହେଲେ ଜମାକାରୀ ସଂଘ କରିବ ଭୋଟ ବର୍ଜନ

ଖୁଣ୍ଟୁଣୀ,୩୦।୧୦(ସଚ୍ଚିଦାନନ୍ଦ ପଣ୍ଡା)

ଦୀର୍ଘ ବର୍ଷ ଧରି ସାହାରା ଇଣ୍ଡିଆରେ କଷ୍ଟଲବ୍ଧ ଅର୍ଥ ଜମାକରି ଟଙ୍କା ଫେରି ପାଉ ନ ଥିବା ସାହାରା କ୍ଷତିଗ୍ରସ୍ତ ଜମାକାରୀ ସଂଘ ଡିସେମ୍ବର ୩୧ ମଧ୍ୟରେ ଟଙ୍କା ଫେରସ୍ତ ନ ପାଇଲେ ଆସନ୍ତା ସାଧାରଣ ନିର୍ବାଚନରେ ଭୋଟ ବର୍ଜନ କରିବ। ଖୁଣ୍ଟୁଣୀ ବାଲୁଙ୍କେଶ୍ୱର ମନ୍ଦିର ପ୍ରାଙ୍ଗଣରେ ରବିବାର ଆୟୋଜିତ ଏକ ବୈଠକରେ ସମସ୍ତ ଜମାକାରୀ ପରିବାର ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିରୋଧରେ ଏପରି ନିଷ୍ପତ୍ତି ନେଇଛି। ଏଥିସହ ଓଡ଼ିଶା ଜମାକାରୀ ମଞ୍ଚ ସହାୟତାରେ ପ୍ରଧାନମନ୍ତ୍ରୀଙ୍କ ନିକଟକୁ ଆଠଗଡ଼ର ସମସ୍ତ ଜମାକାରୀଙ୍କ ଦସ୍ତଖତ ସମ୍ବଳିତ ଏକ ଦାବିପତ୍ର ଆଗାମୀ ଡିସେମ୍ବର ପ୍ରଥମ ସପ୍ତାହରେ ପ୍ରଦାନ ପାଇଁ ବୈଠକରେ ନିଷ୍ପତ୍ତି ହୋଇଛି। ଏହି ପ୍ରସ୍ତାବକୁ ଶତାଧିକ ମହିଳା ଏବଂ ପୁରୁଷ ଜମାକାରୀ ସମର୍ଥନ ଜଣାଇଥିଲେ। ଆସନ୍ତା ନଭେମ୍ବର ୫ରେ ପରବର୍ତ୍ତୀ ବୈଠକରେ ସମସ୍ତ ଜମାକାରୀଙ୍କ ଉପସ୍ଥିତିରେ ଏ ସଂକ୍ରାନ୍ତରେ କାର୍ଯ୍ୟପନ୍ଥା ସ୍ଥିର କରାଯିବ ବୋଲି ସଂଘ ସଭାପତି ସୁଶାନ୍ତ ସାହୁ ଓ ସମ୍ପାଦକ ସୌମ୍ୟରଞ୍ଜନ ପଣ୍ଡା ପ୍ରକାଶ କରିଛନ୍ତି।

### ଛେଳି ଚୋରି ଅଭିଯୋଗରେ ୩ ଗିରଫ

କଟକ ସଦର,୩୦।୧୦(ସୁଶାନ୍ତ ଜେନା)

ଛେଳି ଚୋରି କରିବା ଅଭିଯୋଗରେ କିଶନନଗର ଥାନା ପୋଲିସ ୩ ଜଣଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଏହି ଥାନା ଅଧୀନ ବାଲିଶୁକ୍ରି ଗ୍ରାମର ଅଜିଜ୍ ଖାଁ, କ୍ୟାଣ୍ଟନମେଣ୍ଟ ଥାନା ଅଧୀନ ବକ୍ସି ବଜାର ଅଞ୍ଚଳର ମହମ୍ମଦ ଆବେଶ ଓ ଅନ୍ୟ ଜଣେ ନାବାଳକ। ଏନେଇ ଥାନାରେ ୨୫୧/୨୩ରେ ଏକ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଛି। ଏଥିସହ ନାବାଳକଙ୍କୁ ପୋଲିସ ଜୁଭେନାଇଲ କୋର୍ଟକୁ ପଠାଇଛି। ସୂଚନା ମୁତାବକ, ରବିବାର ରାତିରେ ୩ ଜଣ ଅଭିଯୁକ୍ତ ବିଶ୍ୱାଳପଡ଼ା ଗ୍ରାମର ରଞ୍ଜନ ସିଂଙ୍କ ଘରେ ପଶି ଛେଳି ଚୋରି କରୁଥିଲେ। ସେହି ସମୟରେ କୁକୁର ଭୁକିବାରୁ ଘରର ଲୋକେ ଉଠିଯାଇଥିଲେ। ଗୋଟେ ଛେଳି ନେଇ ଅଭିଯୁକ୍ତମାନେ ପଳାଇଯାଉଥିବାବେଳେ ଲୋକେ ସେମାନଙ୍କୁ କାବୁ କରିନେଇଥିଲେ। ପରେ ସେମାନଙ୍କୁ ପୋଲିସକୁ ହସ୍ତାନ୍ତର କରାଯାଇଥିଲା। ସେମାନେ ଥାନା ଅଞ୍ଚଳରୁ ଛେଳି ଓ ମେଣ୍ଢା ଚୋରି କରି କଟକ ପଳାଇଥିବା ପୋଲିସ ଆଗରେ ସ୍ୱୀକାର କରିଛନ୍ତି।

### ଦୋକାନ ଗୃହ ଜଳିଗଲା

ନିଶ୍ଚିନ୍ତକୋଇଲି ,୩୦।୧୦(ଅଶୋକ କୁମାର ମହାପାତ୍ର): ନିଶ୍ଚିନ୍ତକୋଇଲି ବ୍ଲକ ବରାଦୋ ପଞ୍ଚାୟତ ଅନ୍ତର୍ଗତ ପାଟପୁର (କମାରଛକ) ନିକଟରେ ରହସ୍ୟଜନକ ଭାବେ ଏକ ଦୋକାନ ଗୃହ ରବିବାର ରାତିରେ ଜଳିଯାଇଛି। ଏଥିରେ ଗ୍ରାମର ଫକୀର ଚରଣ ସାମଲ କ୍ଷତିଗ୍ରସ୍ତ ହୋଇଛନ୍ତି। ସେ କମାରଛକଠାରେ ଏକ ଜଳଖିଆ ଦୋକାନ କରି ପରିବାର ପ୍ରତିପୋଷଣ କରିଆସୁଥିଲେ। ନିଆଁ ଲାଗିବାରୁ ତାଙ୍କର ବହୁ ମୂଲ୍ୟବାନ ସାମଗ୍ରୀ ଓ କାଗଜପତ୍ର ଆଦି ପୋଡ଼ିଯାଇଛି। ଖବରପାଇ ସାଲେପୁର ଦମକଳ ବାହିନୀର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚିବାବେଳକୁ ଦୋକାନଗୃହଟି ସମ୍ପୂର୍ଣ୍ଣ ଜଳିଯାଇଥିଲା। ସୂଚନାଯୋଗ୍ୟ, କିଛି ଦିନ ତଳେ ଏହି ଦୋକାନରୁ ଚୋରି ହୋଇଥିବା ବେଳେ ଏବେ ଜଳିଯାଇଛି। ପୂର୍ବଶତ୍ରୁତାରୁ କୌଣସି ଦୁର୍ବୃତ୍ତ ଏପରି କାଣ୍ଡ କରିଥିବା ଚର୍ଚ୍ଚା ହେଉଛି।

# ଶୀତ ଆରମ୍ଭରୁ ଜମିଲାଣି ଚାରା ବ୍ୟବସାୟ





## ଚାହିଦାରେ ଥାଇଲାଣ୍ଡ ମନ୍ଦାର, ମଧୁକାମିନୀ

କଟକ,୩୦।୧୦(ଶିଳ୍ପା ପ୍ରିୟଦର୍ଶିନୀ)

ଅଧିକାଂଶ ଲୋକ ଶୀତଦିନରେ ଭଳିକି ଭଳି ଚାରା ଲଗାଇବା ପାଇଁ ଆଗ୍ରହୀ ହୋଇଥାନ୍ତି। ଚାରା ବ୍ୟବସାୟୀ ବର୍ଷତମାମ ବ୍ୟବସାୟ ମେଲାଇ ବସିଥିବାବେଳେ ଶୀତଦିନରେ ବ୍ୟବସାୟୀଙ୍କ ନିକଟରେ ଭିଡ଼ ପରିଲକ୍ଷିତ ହେଉଛି। ସହରର ବିଭିନ୍ନ ସ୍ଥାନରେ ଚାରା ଦୋକାନ ରହିଥିବାବେଳେ ଘରଘର ବୁଲି ଚାରା ବିକ୍ରି ମଧ୍ୟ କରୁଛନ୍ତି ବ୍ୟବସାୟୀ। ପ୍ରତି ଦୋକାନୀଙ୍କ ପାଖରେ ପାଖାପାଖି ପ୍ରାୟ ୨ ହଜାରରୁ ଅଧିକ ଚାରା ରହିଛି। ଚାରା ମଧ୍ୟରେ ରହିଛି– ଗେଣ୍ଡୁ, ଚମ୍ପା, ଗୋଲାପ, ଗଙ୍ଗଶିଉଳି, ବାଙ୍ଗାଲୋର ମନ୍ଦାର, ଶ୍ରୀଲଙ୍କା ମନ୍ଦାର, ପୁଣେ ମନ୍ଦାର, ଶ୍ରୀଲଙ୍କା ଭୁଟାନ ଟଗର, ଗାଜେନିଆ ଇତ୍ୟାଦି। ସେହିପରି ଶୀତଦିନିଆ ଚାରା ମଧ୍ୟରେ ସେବତୀ, ଅର୍କିଡ୍, ଡାଲିଆ, ଥାଇଲାଣ୍ଡ ମନ୍ଦାର, ହାଇବ୍ରିଡ୍ ରଜନୀଗନ୍ଧା, ମଧୁକାମିନୀ, ଗ୍ୟାଡ୍ରୁଏଲା, ଚୋରୀ ଗୋଲ୍ଡ୍, ପେଙ୍ଗୀ, ପିଟୁଲିକା, ଟିପୁ ଚମ୍ପା ରହିଛି। ଚାରାର ଦର ୫ ଟଙ୍କାରୁ ଆରମ୍ଭ ହୋଇ ୨ହଜାର ଟଙ୍କା ପର୍ଯ୍ୟନ୍ତ ରହିଛି। ଥାଇଲାଣ୍ଡ ମନ୍ଦାର, ମଧୁକାମିନୀ, ଗେଣ୍ଡୁ ଚାରାର ଡିମାଣ୍ଡ ଅଧିକ ରହିଛି। ଚାରାକୁ ବଢ଼ାଇବା ପାଇଁ ସାର, ପଟୁ ମାଟି ଇତ୍ୟାଦି ବ୍ୟବସାୟୀ ବିକ୍ରି କରିଥାନ୍ତି। ସାର ମଧ୍ୟରେ ହରମୋନ, ମିକ୍ସ ସାର, ଅର୍ଗାନିକ ସାର ଇତ୍ୟାଦି ରହିଛି। ହରମୋନ ୨ଶହ ଗ୍ରାମକୁ ୨୦ଟଙ୍କା, ମିକ୍ସ ସାର ୧୫୦ ଗ୍ରାମକୁ ୨୦ ଟଙ୍କା, ଅର୍ଗାନିକ ସାର ୧ କେଜିକୁ ୫୦ ଟଙ୍କା ରହିଥିବାବେଳେ ପଟୁ ମାଟି ଗୋଟେ ବସ୍ତାକୁ ୧ଶହ ଟଙ୍କା ରହିଛି। ଏହି ଚାରାଗୁଡ଼ିକ କଲିକତା, ପୁନେ, ବାଙ୍ଗାଲୋର ଭଳି ସ୍ଥାନରୁ କଟକ ଆସିଥାଏ। ବ୍ୟବସାୟୀମାନେ ଆଜିକୁ ୧୦ ଦିନ ହେବ ଏହି ଶୀତଦିନିଆ ଚାରା ବ୍ୟବସାୟ କରୁଥିବାବେଳେ ବେପାର ଖୁବ ଭଲ ହୋଇଥିବା ପ୍ରକାଶ କରିଛନ୍ତି।

### ଏମାନେ ଯାହା କୁହନ୍ତି...



"୨୨ ବର୍ଷ ହେବ ଷ୍ଟାଡିଅମ ନିକଟରେ ବ୍ୟବସାୟ କରି ଆସୁଛି। ଶୀତଦିନରେ ଚାରାର ଅଧିକ ଡ଼ିମାଣ୍ଡ ରହିଥାଏ। ଲୋକେ ଅଧିକ ଥାଇଲାଣ୍ଡ ମନ୍ଦାର ନେବାକୁ ପସନ୍ଦ କରୁଛନ୍ତି। ବେପାର କିଛିଦିନ ହେବ ଭଲ ହେଉଛି। ଆଶା ଅଛି ଅଗାମୀ ତିନି ମାସ ଧରି ଏହି ବେପାର ଖୁବ୍ ଭଲ ହେବ।

–ମଳୟ ପ୍ରଧାନ, ବ୍ୟବସାୟୀ



"ଶୀତଦିନକୁ ନଜରରେ ରଖି ଭଳିକି ଭଳି ଚାରା ବାହାରୁ ମଗାଇଛୁ। ଲୋକଙ୍କ ପସନ୍ଦକୁ ଅଧିକ ଗୁରୁତ୍ୱ ଦେଇଥାଉ। ୨୫ ବର୍ଷ ହେବ ଏହି ବେପାର କଟକ ସହରରେ କରୁଛି। ଚାରା ବ୍ୟବସାୟ ଗତବର୍ଷ ଭଳି ଚଳିତବର୍ଷ ହେବ। ନେଇ ଆଶା କରୁଛି।

–ଅମଲେଶ ଗୁହା,ବ୍ୟବସାୟୀ

# ଲିଜ୍ ଜମି ପାଇଁ ମିଳିବ କ୍ଷତିପୂରଣ

### ଶୁକ ପାଇକା ନଦୀ ଖନନ ପ୍ରସଙ୍ଗ

କଟକ ସଦର,୩୦।୧୦(ସୁଶାନ୍ତ ଜେନା)

ମହାନଦୀର ଶାଖା ଶୁକ ପାଇକା ନଦୀ ମୁହଁକୁ ଆୟଓପୁର ନିକଟରେ ଖୋଲିବାକୁ ଜଳ ସମ୍ପଦ ବିଭାଗ ଯୋଜନା ପ୍ରସ୍ତୁତ କରିଛି। ସରକାର ୫୦ କୋଟି ଟଙ୍କା ବ୍ୟୟ ଅଟକଳରେ ପ୍ରାୟ ୭୦ ବର୍ଷ ପରେ ଏହି କାର୍ଯ୍ୟ ଆରମ୍ଭ କରିଛନ୍ତି। ମୁହାଣ ଖୋଲିବା ସହ ନଦୀଶଯ୍ୟାକୁ ଖୋଲିବା ପାଇଁ ୨ ମାସ ଧରି ସର୍ଭେ କରାଯାଉଛି। ବିଶେଷକରି କଟକ ସଦର ତହସିଲ ଅଧୀନ ଦାମୋଦରପୁର, ଦଣ୍ଡୁଆସୀପଡ଼ା, ବ୍ରାହ୍ମଣବାଡ଼ ପ୍ରଭୃତି ଗ୍ରାମରେ ଉକ୍ତ ଶାଖା ନଦୀର ୭ କି.ମି ଅଂଶ ରହିଛି। ଏହି ଅଂଶରେ ବହୁ ନଦୀ କିସମ ଜମିକୁ ଲିଜ ଆକାରରେ ଲୋକଙ୍କୁ ଦିଆଯାଇଥିଲା। ଏବେ ସେହି ଲିଜ୍‌ଧାରୀଙ୍କୁ କ୍ଷତିପୂରଣ ଦେବାକୁ ବ୍ୟବସ୍ଥା କରାଯାଇଛି। କାରଣ ୧୯୫୧ ମସିହାରେ ବୋଷ କେନାଲ ଖନନ ପାଇଁ ତତ୍କାଳୀନ ଜଳସେଚନ ଓ ଶକ୍ତି ମନ୍ତ୍ରୀ ରାଜକୃଷ୍ଣ ବୋଷ ଯୋଜନା କରି ସଫଳ ହୋଇଥିଲେ। କିନ୍ତୁ ୧୯୭୭ ମସିହାରେ ତତ୍କାଳୀନ କଟକ ସଦର ତହସିଲଦାର ଜମିଲ ଅହମ୍ମଦ ଖାଁ ନଦୀଧାର ଓ ପଠାକୁ ଲିଜ୍ ଆକାରରେ ଦେଇଥିଲେ। ବର୍ତ୍ତମାନ ଏହି ନଦୀକୁ ପୁନଃ ଖନନ ପାଇଁ ଜମି ଅଧିଗ୍ରହଣ କରିବାକୁ ପଡୁଛି। ସେହିପରି କିଶନନଗର ତହସିଲ ଅଧୀନ ବିଭିନ୍ନ ମୌଜାରେ ମଧ୍ୟ ୧୯୯୨ ମସିହାରେ ତତ୍କାଳୀନ ତହସିଲଦାର କୁମର ବର ସାହୁ ୨୦୦ ଏକରରୁ ଊର୍ଦ୍ଧ୍ୱ ଜମି ଲିଜ୍ ଦେଇଥିଲେ। ସେମାନଙ୍କୁ ମଧ୍ୟ କ୍ଷତିପୂରଣ ମିଳିବ। ଏଥିପାଇଁ ସର୍ଭେ ଟିମ୍ ରାଜ୍ୟ ସରକାରଙ୍କୁ ସୁପାରିସ କରି ପାଣ୍ଠି ଯୋଗାଇଦେବାକୁ ଅନୁରୋଧ କରିଥିବା କିଶନ ନଗର ତହସିଲଦାର୍ ମଧୁସୂଦନ ନାୟକ ସୂଚନା ଦେଇଛନ୍ତି।

# ଜିଲାପାଳଙ୍କ ଜନଶୁଣାଣିରେ ୩୬ ଅଭିଯୋଗ

ଟିଗିରିଆ,୩୦।୧୦(ଜାଫର ଖାଁ)

ଟିଗିରିଆ ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ସୋମବାର କଟକ ଜିଲାପାଳଙ୍କ ଜନଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଜିଲାପାଳ ନରହରି ସେଠୀ ଯୋଗଦେଇ ୧୪ଟି ପଞ୍ଚାୟତରୁ ଆସିଥିବା ବିଭିନ୍ନ ଅଭିଯୋଗର ସମାଧାନ ନିମନ୍ତେ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଶିବିରରେ ମାତ୍ର ୩୬ ଅଭିଯୋଗ ପଞ୍ଜିକୃତ ହୋଇଥିଲା। ବ୍ଲକ ପ୍ରଶାସନ ପକ୍ଷରୁ ଜିଲାପାଳଙ୍କ ଜନଶୁଣାଣି ସମ୍ପର୍କରେ ଲୋକଙ୍କୁ ଆଗୁଆ ସୂଚନା ଦେବାପାଇଁ ପ୍ରଚାର ପ୍ରସାର କରାଯାଇ ନ ଥିବାରୁ ଅଭିଯୋଗ କମିଥିବା ଚର୍ଚ୍ଚା ହେଉଛି। ଅଭିଯୋଗ ମଧ୍ୟରୁ ୩୨ଟି ବ୍ୟକ୍ତିଗତ ହୋଇଥିବାବେଳେ ୪ଟି ସାମୂହିକ ଥିଲା। ଶିବିରରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ସନ୍ଧ୍ୟାରାଣୀ ନାୟକ, ଅତିରିକ୍ତ ଜିଲାପାଳ ଶିବ ତପ୍ପୋ, କଟକ ଜିଲା ଗ୍ରାମାଞ୍ଚଳ ଆରକ୍ଷୀ ଅଧୀକ୍ଷକ ମିହିର କୁମାର ପଣ୍ଡା, ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ସୁବାସଚନ୍ଦ୍ର ରାୟ, ଆଠଗଡ଼ ଉପଜିଲାପାଳ ପ୍ରଶାନ୍ତ କୁମାର ତରାଇ, ଟିଗିରିଆ ତହସିଲଦାର ଅକ୍ଷୟ କୁମାର ପରିଡା, ଟିଗିରିଆ ବିଡିଓ ପ୍ରଣବ କୁମାର ବେହେରା, ଅତିରିକ୍ତ ବିଡିଓ ଯାଜ୍ଞସେନୀ ଗୋଛାୟତ, ଜିଲା ଚିକିତ୍ସା ଅଧିକାରୀ, ଜିଲା ସମନ୍ୱିତ ଶିଶୁ ମଙ୍ଗଳ ଅଧିକାରୀ, ଆଠଗଡ଼ ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ରବିନ୍ଦ୍ର କୁମାର ମଲ୍ଲିକ, ଟିଗିରିଆ ଥାନା ଅଧିକାରୀ ଜ୍ଞାନରଞ୍ଜନ ସାମଲ ଓ ବ୍ଲକ ସହକାରୀ ଯନ୍ତ୍ରୀ ଅଶୋକ ନନ୍ଦ ପ୍ରମୁଖ ଯୋଗଦେଇଥିଲେ।



ଜନଶୁଣାଣି ଶିବିରରେ ଜିଲାପାଳ ଓ ଅନ୍ୟ ପ୍ରଶାସନିକ ଅଧିକାରୀମାନେ।

# ସାଧୁତାର ଶପଥ ପାଠ କଲେ ଅଧିକାରୀ, କର୍ମଚାରୀ



### ଜିଲାପାଳଙ୍କ କାର୍ଯ୍ୟାଳୟରେ ଦୁର୍ନୀତି ନିବାରଣ ସପ୍ତାହ

କଟକ,୩୦।୧୦(କାର୍ତ୍ତିକ ସାହୁ)

ଦୁର୍ନୀତି ନିବାରଣ ସପ୍ତାହ ପାଳନ ଅବସରରେ ସୋମବାର ପୂର୍ବାହ୍ନରେ କଟକ ଜିଲାପାଳଙ୍କ କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀମାନେ ସାଧୁତାର ପାଠ କରିଛନ୍ତି। ଓସ୍ୱାନ ସମ୍ମିଳନୀ କକ୍ଷରେ ଆଭାସୀ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶପଥ ପାଠ କରାଇଥିଲେ। ଜିଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁବାସ କୁମାର ରାୟ, କଟକ ସଦର ଉପଜିଲାପାଳ କମଲଜିତ୍ ଦାସ୍, ଉପନିର୍ଦ୍ଦେଶକ ତଥା ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲଲାଟେନ୍ଦୁ ମହାପାତ୍ରଙ୍କ ସମେତ ଅନ୍ୟ ପଦାଧିକାରୀ ଏବଂ କର୍ମଚାରୀଙ୍କୁ ନାଗରିକଙ୍କ ନିମନ୍ତେ ଉଦ୍ଦିଷ୍ଟ ସାଧୁତାର ଶପଥପାଠ କରାଇଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶତାଧିକ କର୍ମଚାରୀ ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟା ସାମିଲ ହୋଇଥିଲେ। କଟକରେ ଆଗାମୀ ୩ ତାରିଖରେ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ହେବାକୁ ଥିବା ସାଧାରଣ ସଭାରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯିବ। ସେହିଭଳି ୪ ତାରିଖରେ ଦୁର୍ନୀତି ନିବାରଣ ସପ୍ତାହ ପାଳନ ସହ ସମ୍ପୃକ୍ତ ସମସ୍ତ ଅଂଶୀଦାରମାନଙ୍କୁ ନେଇ ଏକ ଶୋଭାଯାତ୍ରା ଯୋବ୍ରା ଛକଠାରୁ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ପରିସରସ୍ଥ ସେଭେନ୍‌ଥ ପିଲାର୍ ପ୍ରେକ୍ଷାଳୟ ସମ୍ମୁଖ ପଡିଆ ପର୍ଯ୍ୟନ୍ତ ପରିକ୍ରମା କରିବ ବୋଲି ଜଣାଯାଇଛି।

ସେହିପରି ରାଜସ୍ୱ ପର୍ଷଦ ମୁଖ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ଶପଥ ପାଠ କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ସଚିବ ବୀରେନ୍ଦ୍ର କର୍କରା ଯୋଗଦେଇ ଦୁର୍ନୀତିକୁ ବିରୋଧ କରିବା ପାଇଁ ଆହ୍ୱାନ ଦେଇଥିଲେ। ସରକାରୀ କାର୍ଯ୍ୟ ସାଧୁତା ଓ ସ୍ୱଚ୍ଛତାର ସହ ସମ୍ପାଦନ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଉପସଚିବ ବରେନ୍ଦ୍ର ନାଥଙ୍କ ସମେତ ସମସ୍ତ ଅଧିକାରୀ ଓ କର୍ମଚାରୀମାନେ ଶପଥ ପାଠ କରିଥିଲେ।

### ସିଏମ୍‌ସିରେ ଦୁର୍ନୀତି ନିବାରଣ ସଚେତନତା କାର୍ଯ୍ୟକ୍ରମ

କଟକ,୨୯।୧୦(ସୁପ୍ରିୟା ପ୍ରିୟଦର୍ଶିନୀ): ସମାଜର ପ୍ରତ୍ୟେକ ସ୍ତରରୁ ଦୁର୍ନୀତିର ମୂଳୋତ୍ପାଟନ କରି ଶାନ୍ତି ଓ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ସୃଷ୍ଟି କରିବା ସହ ଜନସାଧାରଣଙ୍କୁ ନ୍ୟାୟ ପ୍ରଦାନ ନିମନ୍ତେ ସଚେତନତା ସୃଷ୍ଟି ପାଇଁ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ସୋମବାରଠାରୁ ନଭେମ୍ବର ୫ତାରିଖ ପର୍ଯ୍ୟନ୍ତ ପାଳନ ହେଉଛି। ସୋମବାର ଏହି ସପ୍ତାହର ପ୍ରଥମ ଦିବସରେ ସିଏମ୍‌ସି ମେୟରଙ୍କ ମିନି କନଫରେନ୍ସ ହଲ୍‌ରେ ଆୟୋଜିତ ହୋଇଥିଲା। ଶପଥପାଠ କାର୍ଯ୍ୟକ୍ରମରେ ମେୟର ସୁବାସ ସିଂ ଯୋଗଦେଇ ଉପସ୍ଥିତ କର୍ମଚାରୀଙ୍କୁ ଶପଥପାଠ କରାଇଥିଲେ। ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ପ୍ରଦୀପ୍ତ ଖୁଣ୍ଟିଆ, ଡେପୁଟି କମିଶନର ଅଜୟ ମହାନ୍ତି, କର୍ମଚାରୀ ସଂଘର କାର୍ଯ୍ୟକାରୀ ସଭାପତି ଚିତ୍ତରଞ୍ଜନ ପରିଡ଼ାଙ୍କ ସହ ଜ୍ୟୋତିକାନ୍ତ ମହାପାତ୍ର, ସୁଧାଂଶୁ ଶେଖର ସାହୁ, ହିମାଂଶୁ ସାହୁ, ସୁକାନ୍ତ ପ୍ରଧାନ, ଆଖ୍ୟା ଘଡେଇ ପ୍ରମୁଖ ଶପଥ ପାଠ କରିଥିଲେ।

### ଆଇଟିଆଇ ସ୍ଥିତି ପରଖିଲେ ମେୟର

କଟକ,୩୦।୧୦(ସୁପ୍ରିୟା ପ୍ରିୟଦର୍ଶିନୀ)

କଟକ ଶିଳ୍ପ ତାଲିମ ଓ ଦକ୍ଷତା ବିକାଶ କେନ୍ଦ୍ରର ସ୍ଥିତି ପରଖିଲେ କଟକ ମେୟର ସୁବାସ ସିଂ। ସୋମବାର ମେୟର ଖପୁରିଆସ୍ଥିତ ଆଇଟିଆଇରେ ପହଞ୍ଚି ପିଲାମାନଙ୍କୁ କିପରି ଶିକ୍ଷା ଦିଆଯାଉଛି, ଯନ୍ତ୍ରପାତି ବ୍ୟବହାର ଓ ନିଯୁକ୍ତି ସମ୍ପର୍କିତ ସ୍ଥିତି ଅନୁଧ୍ୟାନ କରିଥିଲେ। ପ୍ରାୟ ୪୫ଟି ବଡ଼ ବଡ଼ କମ୍ପାନୀ ସହ ନିଯୁକ୍ତି ସଂକ୍ରାନ୍ତ ଚୁକ୍ତି ଥିବା ଜଣାପଡ଼ିଛି। ଏହି କେନ୍ଦ୍ରରେ ବହୁ ଉନ୍ନତମାନର ଯନ୍ତ୍ରପାତି ବ୍ୟବହାର ହେଉଥିବାବେଳେ ପିଲାମାନେ ପାଠପଢାରେ ଭଲ ପ୍ରଦର୍ଶନ କରୁଛନ୍ତି। ଶିକ୍ଷା ସମାପ୍ତି ପରେ ସ୍ପେସିଆଲ ଗାର୍ଲ ଚାଇଲ୍ଡ ପାଇଁ ନିଯୁକ୍ତି ନିଶ୍ଚିତ କରିବା ଲାଗି ଚେଷ୍ଟା କରାଯିବ ବୋଲି ମେୟର ପ୍ରକାଶ କରିଥିଲେ।

# ‘ଭୁଲ୍ ତୋର ଭୋଗୁଛି ମୁଁ’ ନାଟକ ମଞ୍ଚସ୍ଥ

ଟିଗିରିଆ,୩୦।୧୦(ଜାଫର ଖାଁ): ଟିଗିରିଆ ବ୍ଲକ ଅନ୍ତର୍ଗତ ନିଜିଗଡ଼ସ୍ଥିତ ଯୁବ କଳା ବିକାଶ ପରିଷଦ ପକ୍ଷରୁ କୁମାର ପୂର୍ଣ୍ଣିମା ଅବସରରେ ଶନିବାର ରାତିରେ ସାମାଜିକ ନାଟକ ‘ଭୁଲ ତୋର ଭୋଗୁଛି ମୁଁ ’ ମଞ୍ଚସ୍ଥ ହୋଇଯାଇଛି। ସ୍ଥାନୀୟ କଳାକାରଙ୍କୁ ନେଇ ଆୟୋଜିତ ଏହି ନାଟକରେ ମୁଖ୍ୟ ଅତିଥିଭାବେ ସୁପ୍ରିମକୋର୍ଟର ଯୁବ ଆଇନଜୀବୀ ତଥା ସ୍ଥାନୀୟ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ପୁତ୍ର ଆଦିତ୍ୟ ପ୍ରତାପ ସ୍ୱାଇଁ ଯୋଗଦେଇ ଟିଗିରିଆର କଳା ଓ ସଂସ୍କୃତି ସ୍ୱତନ୍ତ୍ର ବୋଲି କହିଥିଲେ। କାର୍ଯ୍ୟକ୍ରମରେ ପ୍ରଶାନ୍ତ ପଟ୍ଟନାୟକ ସଭାପତିତ୍ୱ କରିଥିଲେ। ସମ୍ମାନିତ ଅତିଥିଭାବେ ଟିଗିରିଆ ପଞ୍ଚାୟତ ସମିତି ଅଧ୍ୟକ୍ଷା ସନ୍ଧ୍ୟାରାଣୀ ନାୟକ, ରାଜ୍ୟ ସେରିଫେଡ୍ ସଭାପତି ଭାଗିରଥି ନନ୍ଦ, ଜିଲା ପରିଷଦ ସଭ୍ୟା ସସ୍ମିତା ରାଉତ, ସଭ୍ୟ ସଞ୍ଜୟ ମଲ୍ଲିକ, ଓ ନିଜିଗଡ଼ ସରପଞ୍ଚ ସଂଯୁକ୍ତା ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ଯୁବ କଳା ବିକାଶ ପରିଷଦର ସମ୍ପାଦକ ବ୍ରଜସୁନ୍ଦର ଦାଶ ବାର୍ଷିକ ବିବରଣୀ ପାଠ କରିଥିଲେ। ସଭାପତି ଜୟନ୍ତ ସିଂ ଏଥିରେ ସହଯୋଗ କରିଥିଲେ। ଏହି ଅବସରରେ ୨ଜଣ ବରିଷ୍ଠ କଳାକାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।



ନାଟକରେ ଯୋଗଦେଇଥିବା ଅତିଥିମାନେ।

# ଦୋକାନ ଉପରକୁ ମାଡ଼ିଗଲା ଡମ୍ଫର, ବର୍ତ୍ତିଗଲେ ବ୍ୟବସାୟୀ

ସାଲେପୁର, ୩୦।୧୦ (ଅରବିନ୍ଦ ଭୂୟାଁ)

ସାଲେପୁରସ୍ଥିତ ହରଗୌରୀ ମାର୍କେଟର ୨ ଦୋକାନ ଘର ଉପରେ ଏକ ଡମ୍ଫର ମାଡ଼ିଯାଇଛି। ଫଳରେ ଉଭୟ ଦୋକାନ ଭାଙ୍ଗିଯାଇଛି। ସାଲେପୁର ବଜାରରେ ଅପରାହ୍ନ ପ୍ରାୟ ୩ଟାବେଳେ କେନ୍ଦ୍ରାପଡାରୁ କଟକ ଅଭିମୁଖେ ଆସୁଥିବା ଏକ ଡମ୍ଫର ଦ୍ରୁତ ଗତିରେ ଆସୁଥିବାବେଳେ ହରଗୌରୀ ମାର୍କେଟ ନିକଟରେ ଭାରସାମ୍ୟ ହରାଇ ବିଘ୍ନେଶ୍ୱର ସାହୁଙ୍କ ଜଳଖିଆ ଦୋକାନ ଓ ରବୀନ୍ଦ୍ର ସାହୁଙ୍କ ମନୋହରୀ ଦୋକାନକୁ ମାଡ଼ିଯାଇଥିଲା। ଏହି ସମୟରେ ଦୋକାନରେ ଥିବା ରବୀନ୍ଦ୍ର ସୌଭାଗ୍ୟବଶତଃ ରକ୍ଷାପାଇଯାଇଛନ୍ତି। ଏ ନେଇ ତାଙ୍କ ବିଘ୍ନେଶ୍ୱର ସାଲେପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

# ଦେଶର ଆର୍ଥିକ, ସାମାଜିକ ପ୍ରଗତିରେ ଦୁର୍ନୀତି ବଡ଼ ପ୍ରତିବନ୍ଧକ

### ଦୁର୍ନୀତି ନିର୍ବାରଣ ସଚେତନତା ସପ୍ତାହ ପାଳନ

ବାଙ୍କୀ,୩୦।୧୦(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ଅବସରରେ ବାଙ୍କୀ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସୋମବାର ବାଙ୍କୀ ପ୍ରଶାସନ ପକ୍ଷରୁ ଶପଥ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଉପଜିଲାପାଳ, ତହସିଲ୍ ଓ ବ୍ଲକ କାର୍ଯ୍ୟାଳୟର ଅଧିକାରୀ ଏବଂ କର୍ମଚାରୀମାନେ ଉପସ୍ଥିତ ରହି ଶପଥପାଠ କରିଥିଲେ। ଦେଶର ଆର୍ଥିକ, ରାଜନୈତିକ ଓ ସାମାଜିକ ପ୍ରଗତିରେ ଦୁର୍ନୀତି ହିଁ ସବୁଠାରୁ ବଡ଼ପ୍ରତିବନ୍ଧକ ବୋଲି କାର୍ଯ୍ୟକ୍ରମରେ କୁହାଯାଇଥିଲା। ଜୀବନର ସବୁ କ୍ଷେତ୍ରରେ ସଚ୍ଚୋଟତା ଏବଂ ଆଇନ ଅନୁଯାୟୀ ଦାୟିତ୍ୱ ନିର୍ବାହ କରିବାକୁ ସମସ୍ତେ ଶପଥ ନେଇଥିଲେ। ବାଙ୍କୀ ତହସିଲର ବରିଷ୍ଠ କର୍ମଚାରୀ ପ୍ରଦୀପ କୁମାର ଜେନା ଉପସ୍ଥିତ ସମସ୍ତ କର୍ମଚାରୀଙ୍କୁ ଶପଥ ପାଠ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ଉପଖଣ୍ଡ ସୂଚନା ଲୋକସମ୍ପର୍କ ଅଧିକାରୀ ଅମ୍ଲାନ କୁମାର ଦାଶ , ସୂଚନା ଓ ଲୋକସମ୍ପର୍କ ବିଭାଗର ବରିଷ୍ଠ ଅଧିକାରୀ କାଳୀଚରଣ ତ୍ରିପାଠୀ, ପ୍ରେସକ୍ଲବର ସଭାପତି ବଳଭଦ୍ର ପଣ୍ଡା, ପ୍ରାବନ୍ଧିକ ଜ୍ଞାନେନ୍ଦ୍ର ମୋହନ ମିଶ୍ର ଓ ବିଭୂପ୍ରସାଦ ସାମଲ ପ୍ରମୁଖ ସାମିଲ ହୋଇଥିଲେ।



ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅଧିକାରୀ ଓ କର୍ମଚାରୀମାନେ ଶପଥପାଠ କରୁଛନ୍ତି।

# ମଶା ଦମନ ଅଭିଯାନ ଦିଗହରା

- ରାଜକୋଷରୁ ବ୍ୟୟ ହେଉଛି ପୁଳା ପୁଳା ଟଙ୍କା
- ସ୍ୱତନ୍ତ୍ର ରଣକୌଶଳ ପ୍ରସ୍ତୁତ ହୋଇପାରୁନି

କଟକ,୩୦।୧୦(ସୁପ୍ରିୟା ପ୍ରିୟଦର୍ଶିନୀ)

ସହରରେ ମଶା ଦମନ ଅଭିଯାନ ଦିଗହରା। ଆଗକୁ ମଶାଙ୍କ ଉତ୍ପାତ ବୃଦ୍ଧି ପାଇବାକୁ ଥିବା ବେଳେ କଟକ ମହାନଗର ନିଗମ(ସିଏମ୍‌ସି)ର ସ୍ୱାସ୍ଥ୍ୟ ବିଭାଗ ସ୍ଥାଣୁ ପାଲଟିଛି। ମଶାଲାର୍ଭା ବିକଶିତ ହେବା ସମୟରେ ସିଏମ୍‌ସି କର୍ତ୍ତୃପକ୍ଷ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ ନ କରିବାରୁ ପରିସ୍ଥିତି ଅଣାୟତ୍ତ ହୋଇପଡୁଛି। ନର୍ଦ୍ଦମା ସଫେଇ ସହିତ ଆବର୍ଜନା ଜମୁଥିବା ତଥା ଲାର୍ଭା ବିକଶିତ ସ୍ଥାନରେ ବିଷାକ୍ତ ତେଲ ପକାଯାଇ ଲାର୍ଭାକୁ ନଷ୍ଟ କରାଯାଇଥାଏ। ହେଲେ ଠିକ୍ ସମୟରେ ଉଚିତ ପଦକ୍ଷେପ ସିଏମ୍‌ସି ପକ୍ଷରୁ ନିଆଯାଉ ନ ଥିବାରୁ ପ୍ରତ୍ୟେକବର୍ଷ ଭଳି ଚଳିତବର୍ଷ ମଧ୍ୟ ମଶା ସହରବାସୀଙ୍କୁ କଲବଲ କରିବ। ମଶାମୁକ୍ତ ସହର କରିବା ଲକ୍ଷ୍ୟ ନେଇ ନିର୍ବାଚିତ ହୋଇଥିଲେ ପ୍ରତିନିଧି। ହେଲେ ସହରରେ ମଶା ଦମନ ସଫଳ ହୋଇପାରୁ ନାହିଁ। ପ୍ରତିବର୍ଷ ମଶା ବଂଶ ବୃଦ୍ଧି ପାଇଚାଲିଛି। ସିଏମ୍‌ସି ପକ୍ଷରୁ ଅନେକ ପଦକ୍ଷେପ ନିଆଯାଇଥିବା ନିର୍ବାଚିତ ପ୍ରତିନିଧିଙ୍କଠାରୁ ଆରମ୍ଭକରି ବିଭାଗୀୟ ଅଧିକାରୀ କହୁଛନ୍ତି। ଏଥିପାଇଁ ସିଏମ୍‌ସି ରାଜକୋଷରୁ ଅଜସ୍ର ଟଙ୍କା ମଧ୍ୟ ବ୍ୟୟ ହେଉଛି। ହେଲେ ମଶାବଂଶ ହ୍ରାସ ଘଟୁନାହିଁ। ସମ୍ପ୍ରତି ଅକ୍ଟୋବରରୁ ମଶା ଲାର୍ଭା ବିକଶିତ ହେବା ଆରମ୍ଭ କରିଥାନ୍ତି। ଶୀତ ବଢିବା ସହ ମଶାଙ୍କ ଉତ୍ପାତ ମଧ୍ୟ ବଢିବ। କାରଣ ମଶାବଂଶ ଦମନ ନିମନ୍ତେ ରଣକୌଶଳ ପ୍ରସ୍ତୁତ ହୋଇପାରି ନ ଥିବା ଅଭିଯୋଗ ହୋଇଛି। ଏବେଠାରୁ ମଶା ଲାର୍ଭାକୁ ନଷ୍ଟ ନ କଲେ ଆଉ କିଛି ମାସ ପରେ ମଶାଙ୍କୁ ନିୟନ୍ତ୍ରଣ କରିବା ସିଏମ୍‌ସି ପାଇଁ କାଠିକର ପାଠ ହେବ। ଲାର୍ଭା ବିକଶିତ ସ୍ଥାନ ଚିହ୍ନଟକରି ଉକ୍ତ ସ୍ଥାନରେ ମଶା ତେଲ ପକାଇବାର ଆବଶ୍ୟକତା ରହିଛି। ତେଲ ସଂସ୍ପର୍ଶରେ ଆସି ଲାର୍ଭା ନଷ୍ଟ ହୋଇଯାଏ। ହେଲେ ମଶା ଉତ୍ପାତ ବଢ଼ିବା ପରେ କେବଳ ନାମକୁ ମାତ୍ର ଧୂଆଁ ଛଡ଼ାଯାଉଛି। ସିଏମ୍‌ସି ପକ୍ଷରୁ ପୁରୁଣା ବ୍ୟବସ୍ଥାରେ ମଶାମରା ଅଭିଯାନ ଜାରିରହିଛି। ସେହିପରି ଅଧିକାଂଶ ନାଳରେ ମଶା ବଂଶ ବୃଦ୍ଧି ପାଉଥିବାବେଳେ ସିଏମ୍‌ସି ପକ୍ଷରୁ ଗମ୍ବୁଶିଆ ମାଛ ଯୋଜନାରେ ହାଚେରିମାନ ପ୍ରସ୍ତୁତ କରାଯାଇଥିଲା। ନାଳଗୁଡ଼ିକରେ ଗମ୍ବୁଶିଆ ମାଛ ଛାଡ଼ିବା ଦ୍ୱାର ସେଠାରେ ବଢୁଥିବା ମଶା ଲାର୍ଭାକୁ ମାଛ ଖାଇ ମଶା ବଂଶ ବୃଦ୍ଧିରେ ରୋକ ଲଗାଇଥାଏ। ହେଲେ ସମସ୍ତ ହାଚେରି ବନ୍ଦ ହୋଇଥିବା ବେଳେ କିଛି ନାଳରେ ମାଛ ଦେଖିବାକୁ ମିଳୁଛି। ଅପରପକ୍ଷେ ୫୯ଗୋଟି ୱାର୍ଡରୁ ମଶା ଧରିବାକୁ ମାତ୍ର ଜଣେ କର୍ମଚାରୀ ରହିଛନ୍ତି। କେଉଁ ଅଞ୍ଚଳରେ ମଶାଙ୍କ ଘନତ୍ୱ (ଡେନ୍‌ସିଟି) କେତେ ତାହାକୁ ମଶା ଧରାଳି ଗଣନା କରି ରିପୋର୍ଟ ପ୍ରସ୍ତୁତ କରିଥାନ୍ତି। ହେଲେ ଜଣେ କର୍ମଚାରୀ ଥିବାରୁ ଏହି ଗଣନା ବାସ୍ତବତାରେ ସନ୍ଦେହ ପ୍ରକାଶ ପାଉଛି।

## ସଂକ୍ଷେପରେ

### କୋର୍ଟରେ ଆତ୍ମସମର୍ପଣ କଲେ ବାୟୁସେନା ଅଧିକାରୀ

ଭୁବନେଶ୍ୱର,୩୦।୧୦(ସତ୍ୟଜିତ୍ ରାଉତ)

ଲକ୍ଷ୍ମୀସାଗର ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ବଳାତ୍କାର ମାମଲାରେ ଅଭିଯୁକ୍ତ ବାୟୁସେନା ଅଧିକାରୀ ଭୁବନେଶ୍ୱର ପୋକ୍‌ସୋ କୋର୍ଟରେ ସୋମବାର ଆତ୍ମସମର୍ପଣ କରିଛନ୍ତି। ସେ ହେଲେ ଇଣ୍ଡିଆନ୍ ଏୟାରଫୋର୍ସର ଗ୍ରୁପ୍ କ୍ୟାପଟେନ୍ ଥିବା ବିଶାଖାପାଟଣାର କୋରିମିଲ୍ଲି ଭେଙ୍କଟ ଶ୍ରୀନିବାସ (୫୧)। କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଅଭିଯୁକ୍ତ ଶ୍ରୀନିବାସଙ୍କୁ ୧୪ଦିନିଆ ବିଚାର ବିଭାଗୀୟ ହାଜତକୁ ଯାଇଛନ୍ତି। ତେବେ ଦୁଇଦିନ ମଧ୍ୟରେ ଶ୍ରୀନିବାସଙ୍କୁ ରିମାଣ୍ଡରେ ଆଣି ମାମଲା ବିଷୟରେ ଅଧିକ ତଥ୍ୟ ହାସଲ କରିବାକୁ ପୋଲିସ ପକ୍ଷରୁ ଯୋଜନା କରାଯାଉଥିବା ସୂଚନା ମିଳିଛି। ଶ୍ରୀନିବାସଙ୍କ ବାପା ଭୁବନେଶ୍ୱରରେ ଚାକିରି କରିଥିଲେ। ପରବର୍ତ୍ତୀ ସମୟରେ ଶ୍ରୀନିବାସ ପୁରୁଣାଭୁବନେଶ୍ୱର ଅଞ୍ଚଳରେ ବିବାହ କରିଥିଲେ। ବିଭିନ୍ନ ସମୟରେ ସେ ଶ୍ୱଶୁର ଘରକୁ ବୁଲିବାକୁ ଆସନ୍ତି। ତାଙ୍କ ସ୍ତ୍ରୀଙ୍କ ସାଙ୍ଗର ସାନ ଝିଅଙ୍କୁ ସେ ବଳାତ୍କାର କରିଥିବା ଅଭିଯୋଗ ହୋଇଥିଲା। ଗତ ଜୁନ ୨୩ରେ ରସୁଲଗଡ଼ ଅଞ୍ଚଳରେ ଏକ ପାରିବାରିକ ଉତ୍ସବ ହେଉଥିବାବେଳେ ୧୩ ବର୍ଷୀୟା ନାବାଳିକା ଜଣକ ସେଠାକୁ ଆସି ନ ଥିଲେ। ତେଣୁ ତାଙ୍କୁ ଆଣିବାକୁ ଶ୍ରୀନିବାସ ତାଙ୍କ ଘରକୁ ଯାଇଥିଲେ। ତେବେ ଘରେ ଏକାକି ଥିବା ନାବାଳିକାଙ୍କ ସମ୍ବେଦନଶୀଳ ଅଙ୍ଗକୁ ସ୍ପର୍ଶ କରି ସେଠାରେ ଶ୍ରୀନିବାସ ବଳାତ୍କାର କରିଥିବା ଅଭିଯୋଗ ହୋଇଥିଲା। ବଡ଼ ଭଉଣୀ ଘରକୁ ଆସିବା ପରେ ନାବାଳିକା ଜଣକ ଏହି ଘଟଣା ବିଷୟରେ ଜଣାଇଥିଲେ। ନାବାଳିକାଙ୍କ ପରିବାର ପକ୍ଷରୁ ଏନେଇ ଜୁନ ୨୭ରେ ଥାନାରେ ଏତଲା ଦିଆଯାଇଥିଲା। ପୋଲିସ ଜୁନ ୨୮ରେ ଆଇପିସି ଦଫା ୩୭୬(୩) ଓ ପୋକ୍ସ ଆକ୍ଟରେ ଏକ ମାମଲା (ନଂ.୨୬୧/୨୦୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପୋଲିସ ଟିମ୍ ପରବର୍ତ୍ତୀ ସମୟରେ ଶ୍ରୀନିବାସଙ୍କୁ ଗିରଫ କରିବାକୁ ଦୁଇଥର ଦିଲ୍ଲୀ ମଧ୍ୟ ଯାଇଥିଲା। ତେବେ ଏହି ମାମଲାରେ ଅଭିଯୁକ୍ତ ଶ୍ରୀନିବାସ ହାଇକୋର୍ଟ ଏବଂ ସୁପ୍ରିମକୋର୍ଟରେ ମଧ୍ୟ ଜାମିନ ଆବେଦନ କରିଥିଲେ। ହେଲେ ପରବର୍ତ୍ତୀ ସମୟରେ ତାଙ୍କ ଜାମିନ ଆବେଦନ ଖାରଜ ହୋଇଯାଇଥିଲା।

### ବିଜେଡି ରାଜ୍ୟ ସମ୍ପାଦକଙ୍କ ମାତୃ ବିୟୋଗ

ବେଗୁନିଆ,୩୦।୧୦(ହର ପ୍ରସନ୍ନ ପଣ୍ଡା)

ବିଜୁ ଜନତା ଦଳ (ବିଜେଡି) ରାଜ୍ୟ ସମ୍ପାଦକ ପ୍ରଦୀପ କୁମାର ସାହୁଙ୍କ ମାତା ବାଳାମଣି ସାହୁ(୭୨)ଙ୍କ ଭୁବନେଶ୍ୱର ସ୍ଥିତ ଏକ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ସୋମବାର ପରଲୋକ ହୋଇଯାଇଛି। ସେ ପରୋପକାରୀ, ଧର୍ମପରାୟଣ ମହିଳାଭାବେ ପରିଚିତ ଥିଲେ। ତାଙ୍କ ମରଶରୀରକୁ ବେଗୁନିଆ ବ୍ଲକ ଅନ୍ତର୍ଗତ ସାରୁଅ ଗ୍ରାମକୁ ଅଣାଯାଇ ଗ୍ରାମ୍ୟ ଶ୍ମଶାନରେ ପୁଅ ପ୍ରଦୀପ, ଦିଲ୍ଲୀପ, ଝିଅ ଅନୁପମା ଓ ନିରୁପମା ମୁଖାଗ୍ନି ଦେବା ପରେ ଅନ୍ତ୍ୟେଷ୍ଟିକ୍ରିୟା ସମାପନ ହୋଇଥିଲା। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।



# ରହସ୍ୟରେ ଲିଭ୍ ଇନ୍ ପାର୍ଟନରଙ୍କ ଆତ୍ମହତ୍ୟା

ଭୁବନେଶ୍ୱର,୩୦।୧୦(ସତ୍ୟଜିତ୍ ରାଉତ)





ଭୁବନେଶ୍ୱର ଇନ୍‌ଫୋସିଟି ଥାନା ଅନ୍ତର୍ଗତ ଶିଖରଚଣ୍ଡୀନଗର ମୁସଲିମ୍ ବସ୍ତିର ଏକ ଭଡ଼ା ଘରେ ଆତ୍ମହତ୍ୟା କରିଥିବା ଲିଭ୍ ଇନ୍ ପାର୍ଟନରଙ୍କ ମୃତଦେହକୁ ସୋମବାର ସାଇଣ୍ଟିଫିକ୍ ଟିମ୍ ଉପସ୍ଥିତିରେ ପୋଲିସ ଜବତ କରିଛି। କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଅଞ୍ଚଳର ଶୁଭସ୍ମିତା ନାୟକ (୨୦) ଓ ଭୁବନେଶ୍ୱର ମଞ୍ଚେଶ୍ୱର ଥାନା ଅନ୍ତର୍ଗତ କଳାରାହାଙ୍ଗ ଅଞ୍ଚଳର ପିଣ୍ଟୁ ନାଥ (୩୦)ଙ୍କ ମୃତଦେହକୁ ପୋଲିସ କ୍ୟାପିଟାଲ ହସ୍ପିଟାଲ ପଠାଇଥିଲା। ସେଠାରେ ବ୍ୟବଚ୍ଛେଦ ପରେ ଉଭୟଙ୍କ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ମୃତା ଶୁଭସ୍ମିତାଙ୍କ ବାପା କହିଛନ୍ତି, ତାଙ୍କ ଝିଅ ୯ ମାସ ହେଲା ଗାଁରୁ ଆସି ଭୁବନେଶ୍ୱରରେ ଏକ ସପିଂ ମଲ୍‌ରେ କାମ କରୁଥିଲେ। ଦେଢ଼ ମାସ ତଳେ ସେ ଜଣେ ଯୁବକଙ୍କୁ ପ୍ରେମ କରୁଛନ୍ତି ଓ ତାଙ୍କୁ ମନ୍ଦିରରେ ବିବାହ କରୁଥିବା କହିଥିଲେ। ପରେ ନମ୍ବର ବଦଳାଇ ପରିବାର ଲୋକଙ୍କ ସହ କଥା ହେବା ବନ୍ଦ କରିଦେଇଥିଲେ ବୋଲି ସେ କହିଛନ୍ତି। ଏପଟେ ପିଣ୍ଟୁ ବିବାହିତ ଥିବାବେଳେ ତାଙ୍କର ୪ ବର୍ଷର ଗୋଟିଏ ପୁଅ ମଧ୍ୟ ଅଛନ୍ତି। ତାଙ୍କ ସ୍ତ୍ରୀ ବାଙ୍ଗାଲୁରୁରେ ରହୁଥିବାବେଳେ ପିଣ୍ଟୁ ଅନ୍ୟଜଣେ ଯୁବତୀଙ୍କ ସହ ଅଲଗା ରହୁଥିବା ନେଇ ତାଙ୍କ ପରିବାର ଲୋକ ମଧ୍ୟ ଜାଣି ନ ଥିଲେ। ରବିବାର ସକାଳ ୮ଟା ୩୦ରେ ସେ ଘରୁ ଆସି ଫେରି ନ ଥିଲେ ବୋଲି ତାଙ୍କର ଜଣେ ସମ୍ପର୍କୀୟ କହିଛନ୍ତି। ତେବେ କେଉଁ କାରଣରୁ ପିଣ୍ଟୁ ଓ ଶୁଭସ୍ମିତା ଏଭଳି

**ମୃତଦେହ ଜବତ କଲା ପୋଲିସ**

**ନମ୍ବର ବଦଳାଇ ପରିବାର ସହ କଥା ହେଉ ନ ଥିଲେ ଶୁଭଲକ୍ଷ୍ମୀ**

ଚରମ ନିଷ୍ପତ୍ତି ନେଲେ ତାହା ଏବେ ରହସ୍ୟ ଘେରରେ ରହିଛି। ଉଲ୍ଲେଖଯୋଗ୍ୟ, ସ୍ୱାମୀ–ସ୍ତ୍ରୀ ପରିଚୟ ଦେଇ ଶୁଭସ୍ମିତା ଓ ପିଣ୍ଟୁ ଏକାଠି ରହୁଥିଲେ। ରବିବାର ଉକ୍ତ ଘରର କବାଟ ବନ୍ଦ ଥିବାରୁ ସ୍ଥାନୀୟ ଲୋକଙ୍କ ସନ୍ଦେହ ହୋଇଥିଲା। ସନ୍ଧ୍ୟା ପ୍ରାୟ ୭ଟା ବେଳେ ସ୍ଥାନୀୟ ଲୋକେ ସ୍କାଏ ଲାଇଟ୍ ଦ୍ୱାରା ଘଟଣା ବିଷୟରେ ଜାଣିବାକୁ ପାଇ ପୋଲିସକୁ ଖବର ଦେଇଥିଲେ। ପୋଲିସ ଏ ସଂକ୍ରାନ୍ତରେ ଏକ ଅପମୃତ୍ୟୁ ମାମଲା(ନଂ.୮୭/୨୦୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଛି।



ଭୁବନେଶ୍ୱର ସ୍ଥିତ ରବୀନ୍ଦ୍ର ମଣ୍ଡପରେ ସୋମବାର ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ପ୍ରତିଭା।

# ଭିକ୍ଷାବୃତ୍ତିରେ ପ୍ରାଣୀସେବା

ଖୋର୍ଦ୍ଧା,୩୦।୧୦ (ପ୍ରଭାତ ପାଣିଗ୍ରାହୀ)



ଦନେଇ ବେହେରା

ଖୋର୍ଦ୍ଧା ଶାନ୍ତି ଆଶ୍ରମରେ ରୁହନ୍ତି ଦନେଇ ବେହେରା। ବୟସ ପ୍ରାୟ ୮୦ ଛୁଇଁଲାଣି। ଅଣ୍ଟା ନଇଗଲାଣି। ଆଖିକୁ ମଧ୍ୟ ଠିକ୍ ଭାବେ ଦେଖାଯାଉନି। ଏହି ବୟସରେ ବାଡି ସାହାରା ପାଲଟିଛି। ଏହି ବୟସରେ ତାଙ୍କୁ ଜୀବଜନ୍ତୁଙ୍କ ସେବା ଘାରିଛି। ଦିନସାରା ଭିକ୍ଷାବୃତ୍ତି କରି ଯାହା ପାଇଥାନ୍ତି ତାହାକୁ ସେ ଜୀବଜନ୍ତୁଙ୍କୁ ଆହାର ଯୋଗାଇବାରେ ଖର୍ଚ୍ଚ କରିଥାନ୍ତି। ଦୀର୍ଘ ୪୦ବର୍ଷ ଧରି ସେ ଏହି ସେବା କରି ଆସୁଥିବା ଦନେଇ କହିଛନ୍ତି। ଦୈନିକ ୧୦ରୁ ୧୫ ବିଲେଇ ପାଇଁ କ୍ଷୀର ଏବଂ ୨୦ରୁ ୩୦ କୁକୁର ପାଇଁ ସେ ବିସ୍କୁଟ କିଣିଥାନ୍ତି। ସେ ବାର୍ଦ୍ଧକ୍ୟ ଭତ୍ତା ପାଉଛନ୍ତି। ଏଥିସହିତ ଅନ୍ୟ ସୁବିଧା ସତ୍ତ୍ୱେ ପରିବାର ଚଳିବା ସମ୍ଭବପର ନୁହେଁ, ତେଣୁ ଭିକ୍ଷାବୃତ୍ତି କରନ୍ତି ବୋଲି ଦନେଇ କହିଛନ୍ତି। ପରିଚିତ ବ୍ୟକ୍ତି, ଦୋକାନଠାରୁ ସେ ସହଯୋଗ ଲୋଡିଥାନ୍ତି। ୩୬୫ ଦିନ ସେ ଜୀବଜନ୍ତୁଙ୍କ ସେବାରେ ଲାଗିଥାନ୍ତି। ରାସ୍ତାରେ ସେ ଚାଲୁଥିବା ବେଳେ କୁକୁରମାନେ ତାଙ୍କ ପଛେ ପଛେ ଚାଲିଥାନ୍ତି। ଦନେଇ ଅନ୍ୟଙ୍କ ଠାରୁ ପାଇଥିବା ଟଙ୍କାରେ ବିସ୍କୁଟ କିଣି କୁକୁରଙ୍କୁ ଦିଅନ୍ତି। ଘରକୁ ଫେରିବା ବେଳେ ବିଲେଇ ପାଇଁ କ୍ଷୀର ପ୍ୟାକେଟ କିଣି ନେଇଥାନ୍ତି। ସେ କୁହନ୍ତି, ଦୀର୍ଘ ବର୍ଷ ତଳେ ପରିବାର ବାଘମାରୀରୁ ଏଠାକୁ ଚାଲି ଆସିଥିଲେ। ପରବର୍ତ୍ତୀ ସମୟରେ କୁଷ୍ଠ ରୋଗରେ ଆକ୍ରାନ୍ତ ହୋଇଥିଲେ। ଚିକିତ୍ସାରେ ତାଙ୍କର ବହୁ ଅର୍ଥ ଖର୍ଚ୍ଚାନ୍ତ ହେବାକୁ ପଡିଲା। ପିଲାବେଳୁ ଜୀବଜନ୍ତୁଙ୍କ ପ୍ରତି ଦୟା ରହିଛି। ପରିଣତି ବୟସରେ କାମ କରିବାକୁ ବଳ ନାହିଁ। ଅନ୍ୟ ଉପାୟ ନପାଇ ଭିକ୍ଷାବୃତ୍ତି ଆରମ୍ଭ କରିଥିଲି। ଭିକ୍ଷାବୃତ୍ତିରୁ ଯାହା କିଛି ରୋଜଗାର ହେଉଛି, ସେଥିରୁ ୫୦ପ୍ରତିଶତ ପଶୁଙ୍କ ପିଛା ଖର୍ଚ୍ଚ କରିଥାଏ। ଦନେଇଙ୍କ ଏଭଳି ଜୀବେଦୟା ଭାବକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି।

# ନନ୍ଦନକାନନରେ କୃଷ୍ଣସାର ମୃଗ ମୃତ

ବାରଙ୍ଗ,୩୦।୧୦(ଲିଙ୍ଗରାଜ ରାଉତ)

ନନ୍ଦନକାନନ ପ୍ରାଣୀଉଦ୍ୟାନର ୬୭ ନଂ.(ଖ) ଏନ୍‌କ୍ଲୋଜରରେ ରହୁଥିବା ଏକ କୃଷ୍ଣସାର ମୃଗ ଶାବକର ସୋମବାର ମୃତ୍ୟୁ ଘଟିଛି। ମୃତ୍ୟୁର କାରଣ ଜାଣିବାକୁ କର୍ତ୍ତୃପକ୍ଷ ଶବ ବ୍ୟବଚ୍ଛେଦ କରିଛନ୍ତି। ସାଧାରଣତଃ ଏହି ପ୍ରଜାତିର କୃଷ୍ଣସାର ମୃଗ ଓଡ଼ିଶାର ବୁଗୁଡ଼ା ଓ ବାଲୁଖଣ୍ଡ ଅଞ୍ଚଳରେ ଦେଖାଯାଆନ୍ତି। ଏଥିସହ ଉତ୍ତର–ପଶ୍ଚିମ ଓ କେନ୍ଦ୍ରୀୟ ଭାରତର ଅଳ୍ପ କେତୋଟି ସ୍ଥାନରେ ମଧ୍ୟ ଏହି ମୃଗ ଦୃଶ୍ୟମାନ ହୋଇଥାନ୍ତି।

# ୧.୨୧ କୋଟି ଟଙ୍କା ଋଣ ପ୍ରଦାନ

ଖୋର୍ଦ୍ଧା,୩୦।୧୦(ପ୍ରଭାତ ପାଣିଗ୍ରାହୀ)

**ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ସଦର ଶାଖାର ରବି ଋଣ ଲଗାଣ ଉଦ୍‌ଘାଟିତ**

ଖରିଫ ପରେ ସୋମବାର ଠାରୁ ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ.ର ସଦର ଶାଖାର ସମିତି ଗୁଡ଼ିକରେ ଚାଷୀମାନଙ୍କୁ ରବି ଋଣ ପ୍ରଦାନ ନେଇ ଉଦ୍‌ଘାଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଉଦ୍‌ଘାଟନ କାର୍ଯ୍ୟକ୍ରମରେ କେନ୍ଦ୍ର ସମବାୟ ବ୍ୟାଙ୍କର ପରିଚାଳନା ପରିଷଦର ସଦର ଶାଖାର ସଭାପତି ସୁରେଶ କୁମାର ପ୍ରଧାନ, କେନ୍ଦ୍ର ସମବାୟ ବ୍ୟାଙ୍କର ସିଇଓ ବନଶ୍ରୀ ମଲ୍ଲିକ, ବ୍ୟାଙ୍କର ଏଜିଏମ ସନ୍ଦୀପ କୁମାର ପଟ୍ଟନାୟକ, ଶାଖା ପରିଚାଳକ ଅଜୟ କୁମାର ଦାସ, ଏଆଇ ଲଳିତ କୁମାର କର ପ୍ରମୁଖ ଉପସ୍ଥିତ ରହି ୧ କୋଟି ୨୧ ଲକ୍ଷ ଋଣ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ନିତ୍ୟାନନ୍ଦ ଦାସ, ବିଶ୍ୱନାଥ ମହାରଣା, ପରମାନନ୍ଦ ନାୟକ, ଖୋର୍ଦ୍ଧା ବ୍ଲକର ୟୁନିୟନ ସଭାପତି ଝଜ ସାମନ୍ତରାୟ, ହଳଦିଆ ସେବା ସମବାୟ ସମିତିର ସଭାପତି ଉପେନ୍ଦ୍ର ଭଞ୍ଜଦେଓ ଦିବ୍ୟସିଂହ ଓ ହଳଦିଆ ସମିତିର ସମ୍ପାଦକ ଏବଂ ଅନ୍ୟ ସମସ୍ତ ସମିତିର ସମ୍ପାଦକ, ବ୍ୟାଙ୍କର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।



ରବି ଋଣ ଲଗାଣ ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀ ଏବଂ ଅନ୍ୟମାନେ।

# ପୁଅକୁ ଆକ୍ରମଣ ମାମଲା : ବାପାଙ୍କୁ ୩ ମାସ ଜେଲଦଣ୍ଡ

ଭୁବନେଶ୍ୱର,୩୦।୧୦(ସୂର୍ଯ୍ୟକାନ୍ତ ବେହେରା)

ପୁଅକୁ ଆକ୍ରମଣ ମାମଲାରେ ଭୁବନେଶ୍ୱର ଜେଏମଏଫସି (୪) କୋର୍ଟରେ ୩ ମାସ ପରେ ସୋମବାର ରାୟ ପାଇଛି। ଏହି ମାମଲାରେ ନନ୍ଦି ବେହେରାଙ୍କୁ (୬୦) ଦୋଷୀ ସାବ୍ୟସ୍ତ ହୋଇଛନ୍ତି । ଏଥିସହ ତାଙ୍କୁ ୩ ମାସ ଜେଲଦଣ୍ଡ ହୋଇଛି ବୋଲି ବିଚାରପତି ସୂର୍ଯ୍ୟ ନାରାୟଣ ମହାନ୍ତି ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି । ମାମଲାର ବିବରଣୀ ଅନୁଯାୟୀ, ଅଭିଯୁକ୍ତ ନନ୍ଦି ଓ ତାଙ୍କ ବୋହୂଙ୍କ ମଧ୍ୟରେ ନଭେମ୍ବର ୧୦ ତାରିଖରେ କୌଣସି କାରଣକୁ ନେଇ ଝଗଡା ହେବା ସହ ପରସ୍ପର ବାଡିଆ ପିଟା ହୋଇଥିଲେ। ଏହାପରେ ମହିଳାଙ୍କ ସ୍ୱାମୀ ଘଟଣାସ୍ଥଳକୁ ଆସିବାରୁ ବାପା ଓ ପୁଅଙ୍କ ମଧ୍ୟରେ ମାଡପିଟି ହୋଇଥିଲା । ଏଥିରେ ଅଭିଯୁକ୍ତ ନନ୍ଦି ଉତକ୍ଷିପ୍ତ ହୋଇ ପୁଅର ହାତକୁ ପଥରେ ଆକ୍ରମଣ କରିଥିଲେ। ଏହାପରେ ଘଟଣା ସଂକ୍ରାନ୍ତରେ ବଡଗଡ ଥାନାରେ ଅଭିଯୋଗ କରିବା ପରେ ପୋଲିସ (୪୯୬/୨୩) ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା ।

# ଡିସେମ୍ବର ୨୬ରୁ ବୋଲଗଡ଼ ମହୋତ୍ସବ



ବୈଠକରେ ମହୋତ୍ସବ କମିଟିର କର୍ମକର୍ତ୍ତାମାନେ।

ବୋଲଗଡ଼,୩୦।୧୦(ଦେବବ୍ରତ ହୋତା)

ବୋଲଗଡ଼ ମହୋତ୍ସବ–୨୦୨୩ ପାଳନ ନେଇ ଦ୍ୱିତୀୟ ପ୍ରସ୍ତୁତି ବୈଠକ ମହୋତ୍ସବ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ମହୋତ୍ସବ କମିଟିର ସ୍ଥାୟୀ ସଭାପତି କୃଷ୍ଣ ମୋହନ ପାଲ୍‌ଟାସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବରିଷ୍ଠ ସଦସ୍ୟ ପ୍ୟାରୀମୋହନ ଦାସ, ପ୍ରଫୁଲ୍ଲ ମହାନ୍ତି, ମୀନକେତନ ପାଟ୍ଟଶାଣୀ, ପାର୍ବତୀ କାନ୍ତ ଚମ୍ପତି, ଜୟକୃଷ୍ଣ ଦଳବେହେରା, ଗୁରୁକୃଷ୍ଣ ଦୁଃଖାନନ୍ଦ ସାମନ୍ତରାୟ ପ୍ରମୁଖ ଯୋଗଦେଇ ମହୋତ୍ସବକୁ ସରସ ସୁନ୍ଦର କରିବା ନେଇ ମତବ୍ୟକ୍ତ କରିଥିଲେ। ଅତିଥି ଚୟନ, ସ୍ମରଣିକା, କଳାକାର ଚୟନ, ସମ୍ବର୍ଦ୍ଧନା, ବିଜ୍ଞାପନ, କ୍ରୀଡ଼ା ଓ ଅନ୍ୟାନ୍ୟ ପ୍ରତିଭା ଚୟନ ଏବଂ ଶାନ୍ତିଶୃଙ୍ଖଳା ରକ୍ଷା ସମ୍ପର୍କରେ ଆଲୋଚନା ହୋଇଥିଲା। ଏନେଇ ବିଭିନ୍ନ କମିଟି ଗଠନ କରାଯିବ। ସ୍ଥାନୀୟ ପ୍ରଶାସନ, ପୋଲିସ ଓ ଅଗ୍ନିଶମ ବିଭାଗର ସହଯୋଗ ପାଇଁ ନିବେଦନ କରାଯିବାକୁ ନିଷ୍ପତ୍ତି ହୋଇଛି। ପ୍ରତିବର୍ଷ ଭଳି ଆସନ୍ତା ଡିସେମ୍ବର ୨୬ରୁ ୩୦ ତାରିଖ ଯାଏ ମହୋତ୍ସବ ଅନୁଷ୍ଠିତ ହେବ। ସାଧାରଣ ସମ୍ପାଦକ ବୀର ଦାସ ବିବରଣୀ ପାଠ କରିଥିଲେ। ଉମାକାନ୍ତ ବେବର୍ତ୍ତା ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

# ଭାଗବତ ସପ୍ତାହ ପାରାୟଣ, ପ୍ରବଚନ ଆରମ୍ଭ

ଜଟଣୀ,୩୦।୧୦(ରବୀନ୍ଦ୍ର ନାଥ ମହାକୁଡ଼)

ଜଟଣୀ ଟ୍ରାଫିକ କଲୋନୀସ୍ଥିତ ଶ୍ରୀରାମ ମନ୍ଦିର ପରିସରରେ ୧୫ତମ ବର୍ଷିକ ଉତ୍ସବ ଓ ଶ୍ରୀମଦ ଭାଗବତ ସପ୍ତାହ ପରାୟଣ ଓ ପ୍ରବଚନ ଆରମ୍ଭ ହୋଇଛି। ସାତଦିନ ବ୍ୟାପୀ ଉକ୍ତ ଭାଗବତ ସପ୍ତାହ ପ୍ରବଚନ ଓ ଜ୍ଞାନଯଜ୍ଞ ଅନୁଷ୍ଠିତ ହେବ। ପ୍ରତିଦିନ ସକାଳ ୭ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଭାଗବତ ପରାୟଣ ସହିତ ହୋମ ଏବଂ ଆଳତି ପ୍ରାଦନ କରାଯିବ। ସନ୍ଧ୍ୟାରେ ପ୍ରବଚକ ମହନ୍ତ ସଦାନନ୍ଦ ଦାସଜୀ ମହାରାଜ ପ୍ରବଚନ ପ୍ରଦାନ କରିବେ। ସେହିପରି ପ୍ରତିଦିନ ପ୍ରତିଦିନ ସନ୍ଧ୍ୟା ୬ଟାରୁ ୭ଟା ଏକ ଘଣ୍ଟା ବାବାଜୀ ସନ୍ଥ ଚରଣ ଦାସ ଏବଂ ଅରବିନ୍ଦ ଦାସଜୀ ମହାରାଜ ଭଜନ ଓ ସାମୁହିକ ହନୁମାନ ଚାଳିଶା ପାଠ କରିବା ନେଇ ଆୟୋଜକ କମିଟି ପକ୍ଷରୁ ସୂଚନା ଦିଆଯାଇଛି। ସମାଜରେ ଶାନ୍ତି, ମୈତ୍ରୀ ଓ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରି ବିପଥଗାମୀ ମଣିଷଙ୍କୁ ଶତପଥରେ ନେବା ଉକ୍ତ ଆୟୋଜନର ପ୍ରୟାସ ବୋଲି ମତପ୍ରକାଶ ପାଇଛି।



ଶ୍ରୀରାମ ମନ୍ଦିର ପରିସରରେ ଅନୁଷ୍ଠିତ ପ୍ରବଚନ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଶ୍ରଦ୍ଧାଳୁମାନେ।

# ୫୨ ବର୍ଷରେ ନବଜ୍ୟୋତି ଗଜଲକ୍ଷ୍ମୀ ପୂଜା କମିଟି

ଖୋର୍ଦ୍ଧା,୩୦।୧୦(ପ୍ରଭାତ ପାଣିଗ୍ରାହୀ)

ଧରାବତରଣ କରିଛନ୍ତି ଧନଦାତ୍ରୀ ଲକ୍ଷ୍ମୀ। ଖୋର୍ଦ୍ଧାରେ ଗଜଲକ୍ଷ୍ମୀ ପୂଜାର ସ୍ୱତନ୍ତ୍ରତା ରହିଛି। ସହରର ଆୟୋଜିତ ଗଜଲକ୍ଷ୍ମୀ ପୂଜା ମଧ୍ୟରେ ପୁରୁଣା ବସ୍‌ଷ୍ଟାଣ୍ଡ ନବଜ୍ୟୋତି ଗଜଲକ୍ଷ୍ମୀ ପୂଜା କମିଟି ସର୍ବପୁରାତନ। କମିଟି ସୂଚନା ଅନୁସାରେ, ୧୯୭୨ ଅକ୍ଟୋବର ୨୨ରେ ପୂଜା ଆରମ୍ଭ ହୋଇଥିଲା। ଚଳିତବର୍ଷ ପୂଜା ୫୨ ବର୍ଷରେ ପହଞ୍ଚିଛି। ଫଗୁ ଚରଣ ସାହୁ, ଚୈତନ୍ୟ ପ୍ରସାଦ ମହାପାତ୍ର ଏବଂ ଅନ୍ୟ କେତେଜଣ ଫେରି ବେପାରୀଙ୍କୁ ନେଇ ଏହି ପୂଜା ଆରମ୍ଭ ହୋଇଥିଲା। ସେତେବେଳେ ଏକାଧିକ ବେପାରୀ ଏହାର ସଦସ୍ୟ ରହିଥିଲେ। ପରବର୍ତ୍ତୀ ସମୟରେ କୌଣସି କାରଣକୁ ନେଇ କେତେଜଣ ବେପାରୀ ଅଲଗା ହୋଇ ପୌର ପରିଷଦ ଏନ୍‌ଏସି ମାର୍କେଟରେ ପୃଥକ୍ ଭାବେ ପୂଜା ଆୟୋଜନ କରିଥିଲେ। ନବଜ୍ୟୋତି ଗଜଲକ୍ଷ୍ମୀ ପୂଜା କମିଟି ପୂଜାବିଧି, ରୀତିନୀତି ଅକ୍ଷୁଣ୍ଣ ରହିଛି। ସାଜସଜ୍ଜା ଏବଂ ଆକର୍ଷଣୀୟ ତୋରଣ, ଆଲୋକମାଳା ଉପରେ ଗୁରୁତ୍ୱ ଦିଆଯାଏ। ସପ୍ତାହ ବ୍ୟାପୀ ପୂଜା ହୋଇଥାଏ। ବହୁ ମାନସିକଧାରୀ ପରିବାର ୧୦୮ ଦୀପ ପ୍ରଜ୍ୱଳିତ କରନ୍ତି। ପ୍ରତ୍ୟେକ ସନ୍ଧ୍ୟାରେ ଘଣ୍ଟ କାହାଳି, ମୃଦଙ୍ଗ, ଢୋଲ, ତୁରିର ତାଳେତାଳେ ଅଖଣ୍ଡ ଆଳତି ହୋଇଥାଏ। ଗୁରୁବାର ମା'ଙ୍କ ନିକଟରେ ଖେଚୁଡ଼ି ଭୋଗ ହୋଇଥାଏ। ଏହାକୁ ଭକ୍ତ ଏବଂ ପୂଜା ଆୟୋଜନ ସହଯୋଗୀଙ୍କ ମଧ୍ୟରେ ବଣ୍ଟନ କରାଯାଏ। ବିସର୍ଜନ ସମୟରେ ଶତାଧିକ ମହିଳା ମା'ଙ୍କ ବନ୍ଦାପନା କରିଥାନ୍ତି। ଶେଷରେ ସିନ୍ଦୂର ଖେଳ ହୋଇଥାଏ। ଏଥିସହିତ ସପ୍ତଦିନ ବ୍ୟାପୀ ପୂଜାମଣ୍ଡପ ଆଗରେ ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ରାମଚରିତ ମାନସ ହୋଇଥାଏ। ନବଜ୍ୟୋତି ଗଜଲକ୍ଷ୍ମୀ ପୂଜା କମିଟିର ନିର୍ଦ୍ଦିଷ୍ଟ କମିଟି ନ ଥିଲେ ମଧ୍ୟ ସମସ୍ତ ସଦସ୍ୟଙ୍କୁ ନେଇ ଏହି ପୂଜା ଆୟୋଜନ ହୋଇଥାଏ। ପୂଜା ପରିଚାଳନାରେ ବିମଳ ପ୍ରସାଦ ରାମ, ପ୍ରକାଶ ଚନ୍ଦ୍ର ପ୍ରଧାନ, ଶଙ୍କର ବିଶୋଇ, ହାଡ଼ିବନ୍ଧୁ ବିଶୋଇ, ରବୀନ୍ଦ୍ର କୁମାର ପାଣ୍ଡି, ସୁରେନ୍ଦ୍ର କୁମାର ସାହୁ, ଫକୀର ଚରଣ ବେହେରା, ଶ୍ୟାମସୁନ୍ଦର ବେହେରାଙ୍କ ସମେତ ଅନ୍ୟମାନେ ପରିଚାଳନାରେ ସହଯୋଗ କରିଥାନ୍ତି। ଚଳିତବର୍ଷର ମୁଖ୍ୟ ଆକର୍ଷଣ ମଣ୍ଡପରେ ମହାଲକ୍ଷ୍ମୀଙ୍କ ସମେତ ପାର୍ଶ୍ୱରେ ମଧ୍ୟ ଅଷ୍ଟଲକ୍ଷ୍ମୀ ବିଜେ କରିଛନ୍ତି। ସନ୍ଧ୍ୟା ଆଳତିରେ ଭକ୍ତମାନେ ଅଷ୍ଟଲକ୍ଷ୍ମୀଙ୍କ ଦର୍ଶନ ପାଇବେ। ନବକୁଣ୍ଡୀୟ ବିଶ୍ୱଶାନ୍ତି ମହାଯଜ୍ଞ ଆୟୋଜନ କରାଯାଇଛି।



ନବଜ୍ୟୋତି ଗଜଲକ୍ଷ୍ମୀ ପୂଜା କମିଟି।

- **ପୂଜା ପାଉଛନ୍ତି ଅଷ୍ଟଲକ୍ଷ୍ମୀ; ପାରାୟଣ, ବିଶ୍ୱଶାନ୍ତି ମହାଯଜ୍ଞ ଆକର୍ଷଣ**
- **ଦୈନିକ ଭକ୍ତ ଜାଳନ୍ତି ୧୦୮ ମାନସିକ ଦୀପ**
- **ଅଖଣ୍ଡ ଆଳତିରେ ଯୋଡ଼ି ହୁଅନ୍ତି ଶ୍ରଦ୍ଧାଳୁ**

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୩୦।୧୦।୨୦୨୩

| | |
|---|---|
| ୪,୮୪,୩୭୦ ଟଙ୍କା | |
| ସୁନା | ୫.୧୫୦ ଗ୍ରାମ୍ |
| ରୁପା | ୩.୧୦୦ ଗ୍ରାମ୍ |

## ସଂକ୍ଷେପରେ

### ସଚେତନ ରହିଲେ ବିପର୍ଯ୍ୟୟ କ୍ଷୟକ୍ଷତିକୁ ରୋକିହେବ

ପୁରୀ, ୩୦।୧୦(ଅଜିତ୍ ମହାନ୍ତି)

ପ୍ରାକୃତିକ ବିପର୍ଯ୍ୟୟକୁ ବନ୍ଦ କରାଯାଇ ପାରିବ ନାହିଁ। କିନ୍ତୁ ସଚେତନ ଓ ସତର୍କ ହେଲେ ବିପର୍ଯ୍ୟୟର ପ୍ରଭାବ ଓ କ୍ଷୟକ୍ଷତିକୁ ରୋକାଯାଇ ପାରିବ ବୋଲି ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରଦୀପ କୁମାର ସାହୁ ମତବ୍ୟକ୍ତ କରି କହିଥିଲେ। ରବିବାର ସର୍କିଟ ହାଉସ ସମ୍ମିଳନୀ କକ୍ଷରେ ଜିଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ପକ୍ଷରୁ ଓଡିଶା ବିପର୍ଯ୍ୟୟ ପ୍ରସ୍ତୁତିଦିବସ ଓ ଜାତୀୟ ବିପର୍ଯ୍ୟୟ ପ୍ରଶମନ ଦିବସ ପାଳିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସାହୁ କହିଥିଲେ, ବିପର୍ଯ୍ୟୟ ମୁକାବିଲା ପାଇଁ ଉପଯୁକ୍ତ ଯୋଜନା, ବ୍ୟାପକ ସଚେତନତା, ବିପର୍ଯ୍ୟୟ ପୂର୍ବରୁ ସତର୍କତା, ଉଦ୍ଧାର, ଓ ପରେ ଥଇଥାନ ଓ ସହଯୋଗ ପାଇଁ ଜନ ଜାଗରଣ ଆବଶ୍ୟକ । ଜିଲା ଜରୁରୀ ବିଭାଗ ଅଧିକାରୀ ରାକେଶ କୁମାର ପଣ୍ଡା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଜିଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷର ପ୍ରକଳ୍ପ ଅଧିକାରୀ ସୁକାନ୍ତ କୁମାର ଦାଶ ବିପର୍ଯ୍ୟୟ କାରଣ, ନିରାକରଣ, ସତର୍କତା ଓ ସଚେତନତା ସମ୍ପର୍କରେ ଆଲୋଚନା କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରିଥିଲେ। ପୂର୍ବାହ୍ନରେ ସିଂହଦ୍ୱାରଠାରୁ ଗାନ୍ଧୀ ଘାଟ ପର୍ଯ୍ୟନ୍ତ ଏକ ସଚେତନତା ଶୋଭାଯାତ୍ରା ବାହାରିଥିଲା । ଏହାକୁ ଅତିରିକ୍ତ ଜିଲାପାଳ ସାହୁ ଓ ଉପଜିଲାପାଳ ଭବତାରଣ ସାହୁ ଶୁଭାରମ୍ଭ କରିଥିଲେ।

### ବନ୍ଧୁମିଳନ ଉତ୍ସବ

କଣାସ, ୩୦।୧୦ (ବିଭୂତି ଭୂଷଣ ତ୍ରିପାଠୀ):

କଣାସ ବ୍ଲକ ଅନ୍ତର୍ଗତ ତ୍ରିଲୋଚନପୁର ଉଚ୍ଚ ବିଦ୍ୟାଳୟ ୧୯୭୩ ମାଟ୍ରିକ୍ ବ୍ୟାଚ୍ ଛାତ୍ରୀଛାତ୍ରମାନଙ୍କର ଏକ ବନ୍ଧୁମିଳନ ଉତ୍ସବ ଜଟଣୀ ହରିଭାଇନା ଛକ ନିକଟରେ ଥିବା ଲକ୍ଷ୍ମୀନୃସିଂହ ମନ୍ଦିରରେ ଅନୁଷ୍ଠିତ ହୋଇଯାଇଛି। ସମସ୍ତେ ନିଜ କର୍ମମୟ ଜୀବନର କାହାଣୀ ବର୍ଣ୍ଣନା କରିବା ସହିତ ପ୍ରତ୍ୟେକ ବର୍ଷ ବିଭିନ୍ନ ସ୍ଥାନରେ ବନ୍ଧୁମିଳନ ଉତ୍ସବ ପାଳନ କରିବା ପାଇଁ ସଭାରେ ନିଷ୍ପତ୍ତି ହୋଇଥିଲା। ଏଥିସହ ବିଦ୍ୟାଳୟର ସ୍ଥାପନ ସମ୍ପର୍କରେ ଏକ ସ୍ମରଣିକା ପ୍ରକାଶ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏହି ବନ୍ଧୁମିଳନ ଉତ୍ସବରେ ଶରତ ଚନ୍ଦ୍ର ଦାସ, ବିଭୂତି ଭୂଷଣ ତ୍ରିପାଠୀ, ରାଜକିଶୋର ଆଚାର୍ଯ୍ୟ, ଅଜୟ ପଟ୍ଟନାୟକ, ପବିତ୍ର କୁମାର ଛୋଟରାୟ, ଲକ୍ଷ୍ମୀଧର ଛୋଟରାୟ, ପୂର୍ଣ୍ଣଚନ୍ଦ୍ର ବରାଳ, ମୁଲତା ତ୍ରିପାଠୀ, ଭୋଳାନାଥ ଶତପଥୀ, ସତ୍ୟମରୀ ମହାପାତ୍ର, ବୀଣାପାଣି ଦେବୀ, କାମିନୀ ଛୋଟରାୟ ପ୍ରମୁଖ ଯୋଗଦେଇଥିଲେ ।

# ଆନନ୍ଦ ବଜାର ଟ୍ୟାପ୍‌ରୁ ବାହାରୁଛି ଗୋଳିଆ ପାଣି

- ଭକ୍ତଙ୍କ ଅସନ୍ତୋଷ, ତୁରନ୍ତ ପଦକ୍ଷେପ ପାଇଁ ଦାବି
- ପ୍ରଶାସନର କାର୍ଯ୍ୟ ପ୍ରତି ପ୍ରଶ୍ନ ଉଠାଇଲେ ସେବାୟତ

ପୁରୀ, ୩୦।୧୦(ଅଜିତ୍ ମହାନ୍ତି):

ପୁରୀ ଜିଲା ପ୍ରଶାସନ ଏବଂ ଶ୍ରୀମନ୍ଦିର ପ୍ରଶାସନ ଭକ୍ତଙ୍କର ଯେପରି କୌଣସି ସମସ୍ୟା ନ ହେବ ସେ ନେଇ ସର୍ବଦା ଧ୍ୟାନ ଦେଉଥିବା କହିଆସୁଛି। ହେଲେ ଅନେକ ସମୟରେ ଏହାର ବିପରୀତ ଚିତ୍ର ଦେଖିବାକୁ ମିଳୁଛି। ବର୍ତ୍ତମାନ ପବିତ୍ର କାର୍ତ୍ତିକ ମାସ ଚାଲିଥିବାରୁ ଶ୍ରୀକ୍ଷେତ୍ରରେ ହଜାର ହଜାର ଶ୍ରଦ୍ଧାଳୁ ରହି କାର୍ତ୍ତିକ ବ୍ରତ କରୁଛନ୍ତି। ତେବେ ଶ୍ରୀମନ୍ଦିର ପରିସରରେ ଅବ୍ୟବସ୍ଥା ପୁଣି ସାମ୍ନାକୁ ଆସିଛି। ଶ୍ରୀମନ୍ଦିର ଆନନ୍ଦବଜାର ଭିତରେ ଭକ୍ତଙ୍କ ପାଇଁ ଲାଗିଥିବା ଟ୍ୟାପ୍‌ଗୁଡ଼ିକରୁ ନାଲି ରଙ୍ଗର ଗୋଳିଆ ପାଣି ବାହାରୁଥିବା ଅଭିଯୋଗ ହେଉଛି। ଏନେଇ ଭକ୍ତମାନେ ଅସନ୍ତୋଷ ପ୍ରକାଶ କରିବା ସହ ସେବାୟତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଅଭିଯୋଗ ପରେ କେତେଜଣ ସେବାୟତ ଆନନ୍ଦବଜାର ଭିତରେ ଲାଗିଥିବା ଟ୍ୟାପ୍ ନିକଟକୁ ଯାଇ ଗୋଳିଆ ପାଣି ବାହାରୁଥିବା ଦେଖିବା ସହ ବୋତଲରେ ଉକ୍ତ ପାଣିକୁ ଆଣି ସମସ୍ତଙ୍କୁ ଦେଖାଇଥିଲେ।

ଦିନକୁ ଦିନ ଶ୍ରୀମନ୍ଦିରରେ ଦର୍ଶନାର୍ଥୀଙ୍କ ସଂଖ୍ୟା ବୃଦ୍ଧି ପାଇବା ସହ କାର୍ତ୍ତିକ ମାସ ଚାଲୁଥିବାରୁ ହବିଷିଆଳିଙ୍କ



ଗୋଳିଆ ପାଣି ଥିବା ବୋତଲ ଦେଖାଉଛନ୍ତି ସେବାୟତ ।

ଭିଡ଼ ଦେଖିବାକୁ ମିଳୁଛି। ଅନେକ ଭକ୍ତ ଶ୍ରୀମନ୍ଦିର ପରିସରକୁ ପାଣିବୋତଲ ନେଇ ଯାଉଥିବାବେଳେ ଅନ୍ୟ କେତେଜଣ ଆନନ୍ଦବଜାର ଭିତରେ ଲାଗିଥିବା ଟ୍ୟାପରୁ ପାଣି ପିଅନ୍ତି। ତେବେ ଆନନ୍ଦବଜାର ଟ୍ୟାପ୍‌ରୁ ଗୋଳିଆ ପାଣି ପିଇ ଅନେକ ଭକ୍ତ ଅସୁସ୍ଥ ହେବାର ଆଶଙ୍କା ରହିଛି। ସେପଟେ ପୂର୍ବରୁ ମଧ୍ୟ ଏଭଳି ଗୋଳିଆ ପାଣି ବାହାରୁଥିବା ଦେଖିବାକୁ ମିଳିଥିଲା ବୋଲି କେତେଜଣ ସେବାୟତ କହିବା ସହ ତୁରନ୍ତ ଶ୍ରୀମନ୍ଦିର ପ୍ରଶାସନ ପଦକ୍ଷେପ ନେବାକୁ ଦାବି କରିଛନ୍ତି। ଏ ସମ୍ପର୍କରେ ସେବାୟତ ସୋମନାଥ ଖୁଣ୍ଟିଆ କହିଛନ୍ତି, ସେ ସୋମବାର ଅପରାହ୍ନ ପ୍ରାୟ ୩ଟାରେ ଶ୍ରୀମନ୍ଦିରକୁ ଆସିଥିଲେ। ସେ ଶ୍ରୀମନ୍ଦିର ଶାଖା କାର୍ଯ୍ୟାଳୟଠାରେ ବସିଥିବା ବେଳେ ଜଣେ ବୃଦ୍ଧ ଭକ୍ତ ଆସି ତାଙ୍କୁ ଆନନ୍ଦ ବଜାର ଟ୍ୟାପରୁ ଗୋଳିଆ ପାଣି ବାହାରୁଥିବା ଦେଖାଇ ତାହା ପିଇବା ଯୋଗ୍ୟ କି ବୋଲି ପଚାରିଥିଲେ। ତେବେ ସମସ୍ୟାର ସମାଧାନ କରାଯିବ ବୋଲି ଖୁଣ୍ଟିଆ ତାଙ୍କୁ ଆଶ୍ୱାସନା ଦେଇଥିଲେ। ତେବେ ଏହି ଘଟଣା ପ୍ରଥମଥର ନୁହେଁ। ଅନେକ ସମୟରେ ପାଣିଟାଙ୍କିରେ ମାଙ୍କଡ଼, ପାରା ଆଦି ପଡ଼ି ମରୁଛନ୍ତି। ଭକ୍ତଙ୍କୁ ସେହି ପାଣି ପିଇବାକୁ ପଡୁଛି। ଅଭିଯୋଗ ପରେ ମଧ୍ୟ ପଦକ୍ଷେପ ନିଆଯାଉ ନ ଥିବା ଖୁଣ୍ଟିଆ କ୍ଷୋଭର ସହ ପ୍ରକାଶ କରିଛନ୍ତି। ମୁଖ୍ୟତଃ ପ୍ରଶାସନ ଯେଉଁଭଳି ଭାବେ ଶ୍ରୀମନ୍ଦିର ଓ ଭକ୍ତଙ୍କ ପ୍ରତି ଧ୍ୟାନ ଦେବା କଥା ସେପରି ଦେଉନାହିଁ। ଫଳରେ ଦିନକୁ ଦିନ ସମସ୍ୟା ଉପୁଜୁଛି। ଯଦି ଏଭଳି ଦୂଷିତ ପାଣି ପିଇ କୌଣସି ଭକ୍ତ ଅସୁସ୍ଥ ହୁଅନ୍ତି ତା'ହେଲେ ଏଥିପାଇଁ ଦାୟୀ କିଏ ରହିବ ବୋଲି ଖୁଣ୍ଟିଆ ପ୍ରଶ୍ନ କରିଛନ୍ତି। ତେବେ ଏନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।



ପୁରୀ ଶରଧାବାଲି ମୁକ୍ତାକାଶ ରଙ୍ଗମଞ୍ଚରେ ଚାଲିଥିବା ୫୬ତମ କୁମାର ଉତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ଅତିଥିଙ୍କ ସହ ସମ୍ବର୍ଦ୍ଧିତ କଳାକାର ।

# ମନ ଛୁଇଁଲା ନାଟକ, ସାଂସ୍କୃତିକ କାର୍ଯ୍ୟକ୍ରମ

### ୫୬ ତମ କୁମାର ଉତ୍ସବର ଦ୍ୱିତୀୟ ସନ୍ଧ୍ୟା

ପୁରୀ, ୩୦।୧୦(ଅଜିତ୍ ମହାନ୍ତି):

କୁମାର ଉତ୍ସବ ସମିତି ପକ୍ଷରୁ ଶରଧାବାଲି ମୁକ୍ତାକାଶ ରଙ୍ଗମଞ୍ଚରେ ଚାଲିଥିବା ୫୬ତମ କୁମାର ଉତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ସୋମବାର ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଛି। ଦ୍ୱିତୀୟ ସନ୍ଧ୍ୟାର ମୁଖ୍ୟ ଆକର୍ଷଣ ଥିଲେ ଓଲିଉଡ୍ ଅଭିନେତା ସିଦ୍ଧାନ୍ତ ମହାପାତ୍ର। ଉତ୍ସବରେ ଅତିଥି ଭାବେ ପୂର୍ବତନ ବିଧାୟକ ପ୍ରକାଶ ବେହେରା, ଅଂଶୁମାନ ମହାନ୍ତି, ଓଟିଡିସି ଅଧ୍ୟକ୍ଷ ଲେଲିନ୍ ମହାନ୍ତି, ପୀତବାସ ସାହୁ, ପୁରୀ ସଦର ବ୍ଲକ୍ ଅଧ୍ୟକ୍ଷ ଦିବାକର ପାତ୍ର ପ୍ରମୁଖ ଯୋଗଦେଇଥିଲେ। ଅଭ୍ୟର୍ଥନା କମିଟି ଅଧ୍ୟକ୍ଷ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ସଭାପତି ବିଷ୍ଣୁ ପ୍ରସାଦ ତ୍ରିପାଠୀ, କାର୍ଯ୍ୟକାରୀ ସଭାପତି ରାଜେଶ ମିଶ୍ର, ରତନ କୁମାର ଦାଶ, ସରସ୍ୱତୀ ପାତ୍ର, ସୁକାନ୍ତ ପଣ୍ଡା, ଅମରେନ୍ଦ୍ର ପାଇକରାୟ, ବିଶ୍ୱନାଥ ମିଶ୍ର ଏବଂ ଅନୁଷ୍ଠାନର ସାଧାରଣ ସମ୍ପାଦକ ସ୍ୱାଧୀନ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଓଡ଼ିଶାର ପାରମ୍ପରିକ ଲୋକକଳା



ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି ।

ଓ ସଂସ୍କୃତିକୁ କୁମାର ଉତ୍ସବ ସମିତି ଗୁରୁତ୍ୱ ଦେଇ ଆସୁଥିବାରୁ ଅତିଥିମାନେ ପ୍ରଶଂସା କରିଥିଲେ। ଏହି ଅବସରରେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ସ୍ୱର୍ଗତ ଦିବାକର ତ୍ରିପାଠୀଙ୍କ ସ୍ମୃତି ସମ୍ମାନରେ ସମାଜସେବୀ ବ୍ରଜ କିଶୋର ସାହୁ, ଚନ୍ଦ୍ରଶେଖର ମିଶ୍ର, ଶିକ୍ଷକ ଶିବସୁନ୍ଦର ମିଶ୍ର, ଯୋଗଗୁରୁ ରମାବଲ୍ଲଭ ମହାପାତ୍ର, ଫିଜିଓଥେରାପିଷ୍ଟ ନୃସିଂହ ପ୍ରତିହାରୀ, ସଙ୍ଗୀତଜ୍ଞ ଅରବିନ୍ଦ ମିଶ୍ର ଏବଂ ସ୍ଥପତି କାନ୍ତକିଶୋର ମହାରଣାଙ୍କୁ ସମ୍ମାନିତ କରାଯାଇଥିଲା। ପରେ ଅନୁଷ୍ଠିତ ଜିଲାସ୍ତରୀୟ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମରେ ପୁରୀ ଡ୍ୟାନ୍ସ ଏକାଡେମୀ, ଲିଙ୍ଗରାଜ କଳାନିକେତନ, ଅନନ୍ୟା କଳା ମନ୍ଦିର, କୁମାର ଉତ୍ସବ ସମିତି ପ୍ରସ୍ତୁତ ଗରଓ୍ୱାର କଳାକାରମାନେ ଦର୍ଶକଙ୍କ ମନ ମୋହିଥିଲେ। ନୃତ୍ୟ ପରେ ସନ୍ତୋଷ ମହାନ୍ତିଙ୍କ ନିର୍ଦ୍ଦେଶିତ ନାଟକ 'ଅନାମିକା ଉପଖ୍ୟାନ' ପରିବେଷିତ ହୋଇଥିଲା। ବିଳମ୍ବିତ ରାତି ପର୍ଯ୍ୟନ୍ତ ଦର୍ଶକମାନେ ଉପସ୍ଥିତ ରହି ନାଟକ ଉପଭୋଗ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସମିତିର ସଭ୍ୟାସଭ୍ୟମାନେ ସହଯୋଗ କରିଥିଲେ। ସଙ୍ଗଠକ ଶ୍ୟାମପ୍ରକାଶ ସେନାପତି ମଞ୍ଚ ପରିଚାଳନା କରିଥିଲେ।

## 'ଲୋକଙ୍କ ସହଯୋଗ ଦ୍ୱାରା ସରକାରୀ ଯୋଜନାର ସଫଳ ରୂପାୟନ ହୋଇପାରିବ'

ଗୋପ, ୩୦।୧୦(ଭାରତୀ ଭୂଷଣ ଉପାଧ୍ୟାୟ):

ସହଯୋଗ ରହିଲେ ସମସ୍ତ ସରକାରୀ ଯୋଜନା ସୂଚାରୁରୂପେ ଚାଲିବ ବୋଲି ରବିବାର ଗୋପ ବ୍ଲକ ପରିସରରେ ଅନୁଷ୍ଠିତ ପୂର୍ବତନ ବିଡିଓ ଦୀପ୍ତିରାଣୀ ଦାସଙ୍କ ବିଦାୟକାଳୀନ ସଭାରେ ନୂତନ ଭାବେ ଯୋଗ ଦେଇଥିବା ବିଡିଓ ଛବିରାଣୀ ସାହୁ ମତବ୍ୟକ୍ତ କରିଛନ୍ତି। ଏହି ସଭାରେ ଯୋଗ ଦେଇଥିବା ୩୧ ପଞ୍ଚାୟତର ଜନ ପ୍ରତିନିଧି ଓ ବ୍ଲକ କର୍ମଚାରୀମାନେ ଭାବବିହ୍ୱଳ ହୋଇପଡ଼ିବା ଦେଖାଯାଇଥିଲା। ବିଡିଓ ଦୀପ୍ତିରାଣୀ ଦାସଙ୍କ ଶୃଙ୍ଖଳିତ କାର୍ଯ୍ୟଧାରା, ସମୟାନୁବର୍ତ୍ତିତା ସହିତ ସମସ୍ତ ସରକାରୀ ଯୋଜନାକୁ ସଫଳ ରୂପାୟନ ଦେବାରେ ତାଙ୍କ କାର୍ଯ୍ୟଦକ୍ଷତା ବେଶ୍ ପାରଙ୍ଗମ ଥିଲା। ତାଙ୍କର ଏଭଳି କାର୍ଯ୍ୟଧାରା ଯୋଗୁଁ ସେ ଅଞ୍ଚଳବାସୀଙ୍କ ନିକଟରେ ଅତି ଆପଣାର ହୋଇପାରିଥିଲେ। ବ୍ଲକ ଅଧ୍ୟକ୍ଷା ବୁନୁ ମଲ୍ଲିକଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବ୍ଲକ ସହକାରୀ ଯନ୍ତ୍ରୀ ଅଶୋକ କୁମାର ପୃଷ୍ଟି, ଶ୍ୱେତା ନାୟକ, କନିଷ୍ଠ ଯନ୍ତ୍ରୀ ଭବାନୀ ଶଙ୍କର ପୋଥାଳ, ସୁଦୀପ୍ କୁମାର ବେଶ୍ରା, ପ୍ରଭାତୀ ମହାପାତ୍ର, ଲୋଜିସ୍ମିତା ମହାପାତ୍ରଙ୍କ ସମେତ ଜଗତସିଂହପୁର ସାଂସଦଙ୍କ ପ୍ରତିନିଧି ସୁକାନ୍ତ କୁମାର ମହାନ୍ତି, ପୁରୀ ସାଂସଦଙ୍କ ପ୍ରତିନିଧି ବାଲୁଙ୍କେଶ୍ୱର ସାହୁ, ଗୋପ ବ୍ଲକ ମହିଳା ମହାସଂଘ ସଭାନେତ୍ରୀ ମୀନାକ୍ଷୀ ପୃଷ୍ଟି, ପୂର୍ବତନ ବ୍ଲକ ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ପରିଡ଼ା ପ୍ରମୁଖ ଯୋଗଦେଇଥିଲେ। ଶେଷରେ ବ୍ଲକର ସମସ୍ତ ବିଭାଗ, ଗଣମାଧ୍ୟମ ପ୍ରତିନିଧି ସଂଘ, ସରପଞ୍ଚ ସଂଘ, ମହିଳା ମହାସଂଘ ସମେତ ଅନ୍ୟାନ୍ୟ ସଂଘ ପକ୍ଷରୁ ବିଡ଼ିଓ ଦୀପ୍ତିରାଣୀ ଦାସଙ୍କୁ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ବ୍ଲକର ହେଡକ୍ଲର୍କ କୃଷ୍ଣଚନ୍ଦ୍ର ମିଶ୍ର, ମାର୍କଣ୍ଡ ପ୍ରଧାନଙ୍କ ସହିତ ଅନ୍ୟ ବ୍ଲକ କର୍ମଚାରୀମାନେ ପରିଚାଳନା କରିଥିଲେ।

# ଦୁର୍ନୀତି ନିବାରଣ ପାଇଁ ଶପଥ ପାଠ



କର୍ମଚାରୀମାନଙ୍କୁ ଜିଲାପାଳ ସମର୍ଥ ବର୍ମା ଶପଥପାଠ କରାଉଛନ୍ତି ।

ପୁରୀ, ୩୦।୧୦(ଅଜିତ୍ ମହାନ୍ତି):

ଚଳିତ ମାସ ୩୦ତାରିଖଠାରୁ ନଭେମ୍ବର ୫ ତାରିଖ ପର୍ଯ୍ୟନ୍ତ ସମଗ୍ର ଦେଶରେ ଦୁର୍ନୀତି ନିବାରଣ ସପ୍ତାହ ପାଳନ କରାଯାଉଛି। ଏହି ପରିପ୍ରେକ୍ଷୀରେ ସୋମବାର ୧୦ଟା ୫୦ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫରେନ୍ସ ମାଧ୍ୟମରେ ସରକାରୀ ଅଧିକାରୀ ଓ କର୍ମଚାରୀମାନଙ୍କୁ ଶପଥ ପାଠ କରାଇଥିଲେ। ପୁରୀ ଓସଓ୍ୱାନ କନଫରେନ୍ସ ହଲରେ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ଡ. ସୁରେଶ ଚନ୍ଦ୍ର ଦଳାଇ, ଜିଲାପାଳ ସମର୍ଥ ବର୍ମା, ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରଦୀପ କୁମାର ସାହୁ, ଅତିରିକ୍ତ ଜିଲାପାଳ (ରାଜସ୍ୱ) କୈଳାସ ଚନ୍ଦ୍ର ନାୟକ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ମହାପାତ୍ର, ଡେପୁଟି କଲେକ୍ଟର ପ୍ରଶାନ୍ତ କୁମାର ଜେନା, ଆଦ୍ୟାଶା ରଥ, ପ୍ରିୟଦର୍ଶିନୀ ମଲ୍ଲିକ, ରାକେଶ କୁମାର ପଣ୍ଡାଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀ ପ୍ରମୁଖ ଉପସ୍ଥିତ ହୋଇ ଶପଥ ପାଠ କରିଥିଲେ। ସେହିପରି ଜିଲାପାଳଙ୍କ କାର୍ଯ୍ୟାଳୟରେ ଅଧିକାରୀ ଓ କର୍ମଚାରୀମାନଙ୍କୁ ଅତିରିକ୍ତ ଜିଲାପାଳ ଦୁର୍ନୀତି ନିବାରଣ ଶପଥ ପାଠ କରାଇଥିଲେ। ଜିଲାର ସମସ୍ତ ବ୍ଲକ କାର୍ଯ୍ୟାଳୟରେ ବିଡିଓ, ତହସିଲଦାର, ସିଡିପିଓ ଏବଂ ଅନ୍ୟ ଅଧିକାରୀ ଓ କର୍ମଚାରୀମାନେ ଶପଥ ପାଠ କରିଥିଲେ।

## ମେଟ୍ରୋ ଟ୍ରେନ ପାଇଁ ସ୍ଥାନ ଚିହ୍ନଟ ପ୍ରକ୍ରିୟା ଆରମ୍ଭ

ପିପିଲି, ୩୦।୧୦ (ଦୁର୍ଗା ମାଧବ ମିଶ୍ର):

ଖୁବ୍‌ଶୀଘ୍ର ଆରମ୍ଭ ହେବ ଭୁବନେଶ୍ୱର-ପୁରୀ ମେଟ୍ରୋ ସେବା। ୩୧୬ ନମ୍ବର ଜାତୀୟ ରାଜପଥରେ ମେଟ୍ରୋ ସେବା ପାଇଁ ସ୍ଥାନ ନିରୀକ୍ଷଣ କରାଯାଉଛି। ମୁଖ୍ୟ ରାସ୍ତାକଡ଼ରୁ ୨୦୦ମିଟର ବାମ ଓ ଡାହାଣ ପାର୍ଶ୍ୱର ସ୍ଥାନ ନିରୂପଣ କରୁଛନ୍ତି ଏକ ଘରୋଇ କମ୍ପାନୀର ୨୫ଜଣିଆ ଟିମ୍। ଏପଟେ ରାସ୍ତା ପାର୍ଶ୍ୱରେ ଥିବା ଦୋକାନୀ ସମେତ ଘର କରିଥିବା ଲୋକେ ଏହାକୁ ନେଇ ଭୟଭୀତ ଅବସ୍ଥାରେ। ଏକ ଘରୋଇ କମ୍ପାନୀର ୧୦ରୁ ଊର୍ଦ୍ଧ୍ୱ କର୍ମଚାରୀ ରବିବାରଠାରୁ ଭୁବନେଶ୍ୱର-ପୁରୀ ରାଜରାସ୍ତାରେ ମାପଚୁପ ଆରମ୍ଭ କରି ଧଳାରଙ୍ଗର ମାର୍କ ସହ ଉଭୟ ପାର୍ଶ୍ୱରେ ଚିହ୍ନ ନିରୂପଣ କରୁଛନ୍ତି। ଏହି ମେଟ୍ରୋ ସେବା ଦ୍ୱାରା ଆଗାମୀ ଦିନରେ ବହୁ ଲୋକ ଉପକୃତ ହୋଇପାରିବେ ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି।

## ମା' ଦକ୍ଷିଣକାଳୀଙ୍କ ପାଇଁ ବାସ୍ତୁ ଶ୍ମଶାନରୁ ମାଟି ସଂଗ୍ରହ



ସାକ୍ଷୀଗୋପାଳ,୩୦।୧୦ (କିଶୋର ମହାପାତ୍ର/ପ୍ରଶାନ୍ତ କୁମାର ବାରିକ):

ପରମ୍ପରା ଅନୁଯାୟୀ ଗ୍ରାମର ବାସ୍ତୁ ଶ୍ମଶାନରୁ ସୋମବାର ମାଟି ସଂଗ୍ରହ କରାଯାଇଛି। ଏହି ମାଟିରେ ସତ୍ୟବାଦୀ ବ୍ଲକ ବୀରଗୋବିନ୍ଦପୁର ଗ୍ରାମର ମା' ଦକ୍ଷିଣକାଳୀଙ୍କ ମୃଣ୍ମୟ ମୂର୍ତ୍ତି ନିର୍ମାଣ କରାଯିବ। ନିର୍ଦ୍ଧାରିତ ସମୟରେ ମା'ଙ୍କ ଶ୍ମଶାନରୁ ମାଟି ଅନୁକୂଳ କରାଯାଇଥିଲା। ମନ୍ଦିରରେ ଦେବୀଙ୍କର ଦୈନନ୍ଦିନ ନୀତି ସହିତ ମାଜଣା କରାଯାଇଥିଲା। ଘଣ୍ଟ, ମହୁରି, ଛତିତ୍ରାସ, ବିଜେ କାହାଳୀ ସହ ମନ୍ଦିର ପୂଜକ ଅଗାଧୁ ଦୀକ୍ଷିତ ମନ୍ତ୍ରପାଠ କରି ଅନ୍ୟ ପୂଜକ, ବ୍ରାହ୍ମଣ, ଗ୍ରାମର ସହଯୋଗୀମାନଙ୍କ ସହିତ ଶ୍ମଶାନରେ ପହଞ୍ଚିଥିଲେ। ଅଭିମନ୍ତ୍ରିତ ଜଳ ସିଞ୍ଚନ କରି ମାଟି ଶୋଧନ କରାଯିବା ପରେ ଏକ ପୂଜା ପାତ୍ରରେ ମାଟି ସଂଗ୍ରହ କରି ମନ୍ଦିରକୁ ଫେରିଥିଲେ। ଏହି ସମୟରେ ସାଧାରଣ ଭକ୍ତଙ୍କ ଦର୍ଶନ ଓ ଭୋଗଲାଗି ବାରଣ କରାଯାଇଥିଲା। ମଙ୍ଗଳବାରଠାରୁ ଦେବୀଙ୍କ ମୃଣ୍ମୟୀ ପ୍ରତିମା ନିର୍ମାଣ କରାଯିବ। ସୂଚନାଯୋଗ୍ୟ, ବର୍ଷତମାମ ଦକ୍ଷିଣ କାଳୀଙ୍କର ପୀଠପୂଜା କରାଯାଉଛି।

# 'ସ୍ୱଳ୍ପ ସଞ୍ଚୟ ସମସ୍ତଙ୍କ ଜୀବନରେ ଖୁସି ଆଣିଥାଏ'

### ଜିଲାସ୍ତରୀୟ ବିଶ୍ୱ ମିତବ୍ୟୟିତା ଦିବସ

ପୁରୀ, ୩୦।୧୦(ଅଜିତ୍ ମହାନ୍ତି):

ବିଶ୍ୱ ମିତବ୍ୟୟିତା ଦିବସ ଅବସରରେ ସୋମବାର ପୁରୀ ଜିଲା ପ୍ରଶାସନ ସ୍ୱଳ୍ପ ସଞ୍ଚୟ କାର୍ଯ୍ୟାଳୟ ପକ୍ଷରୁ ଏକ ସଚେତନତା ରଥ ଉଦ୍‌ଘାଟିତ ହୋଇଛି। ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ) ଡ. ଶରତ ଚନ୍ଦ୍ର ମହାପାତ୍ର ସବୁଜ ପତାକା ଦେଖାଇ ଏହାକୁ ଉଦଘାଟନ କରିବା ସହ ସ୍ୱଳ୍ପ ସଞ୍ଚୟ ସମସ୍ତଙ୍କ ଜୀବନରେ ଖୁସି ଆଣିଥାଏ ବୋଲି କହିଥିଲେ। ପିଲାବେଳୁ ସ୍ୱଳ୍ପ ସଞ୍ଚୟ ପ୍ରତି ଆଗ୍ରହ ସୃଷ୍ଟି ପାଇଁ ପ୍ରତ୍ୟେକ ପରିବାର ଯତ୍ନବାନ ହେବା ଉଚିତ। ବିନ୍ଦୁ ବିନ୍ଦୁରୁ ସିନ୍ଧୁ ସୃଷ୍ଟି ହେଲା ଭଳି ଛୋଟ ଛୋଟ ସଞ୍ଚୟ ଶିକ୍ଷା, ସ୍ୱାସ୍ଥ୍ୟ, ଗୃହ ନିର୍ମାଣ, କ୍ୟାରିଅର ଗଠନ ଇତ୍ୟାଦି ପାଇଁ ବିଶେଷ ଉପଯୋଗୀ ହୋଇଥାଏ। ତେଣୁ ସ୍ୱଳ୍ପ ସଞ୍ଚୟ ପ୍ରତି ସମସ୍ତେ ଗୁରୁତ୍ୱ ଦେବା ସହ ମିତବ୍ୟୟତା ଅବଲମ୍ବନ କରିବାକୁ ସେ ପରାମର୍ଶ ଦେଇଥିଲେ। ଜିଲା ସ୍ୱଳ୍ପ ସଞ୍ଚୟ ଅଧିକାରୀ ବିଭୂତି ଭୂଷଣ ନାୟକ ସ୍ୱଳ୍ପ ସଞ୍ଚୟ ପ୍ରତ୍ୟେକ ମଣିଷ ପାଇଁ ଏକ ଅପରିହାର୍ଯ୍ୟ ଆବଶ୍ୟକତା ହୋଇଥିବାରୁ ଏହାକୁ ଅଧିକ ଲୋକାଭିମୁଖୀ ଓ ଅଭିଯାନରେ ପରିଣତ କରିବାକୁ ଏହି ସଞ୍ଚୟ ରଥ ସଚେତନତା ଲକ୍ଷ୍ୟରେ ଜିଲା ପରିକ୍ରମା କରିବାର ବ୍ୟବସ୍ଥା ହୋଇଛି ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ସ୍ୱଳ୍ପ ସଞ୍ଚୟ ବିଭାଗର ଏଜେଣ୍ଟମାନେ ଯୋଗଦେଇଥିଲେ।




ସଚେତନତା ରଥକୁ ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ) ଶରତ ଚନ୍ଦ୍ର ମହାପାତ୍ର ସବୁଜ ପତାକା ଦେଖାଇ ଉଦ୍‌ଘାଟନ କରୁଛନ୍ତି ।

# କେଉଟଜଙ୍ଗାରେ ବିଶ୍ୱ ବ୍ୟାଙ୍କର ୫ ଜଣିଆ ଟିମ୍

### ବିପର୍ଯ୍ୟୟ ପ୍ରଶମନ ଦିବସ

ଅସ୍ତରଙ୍ଗ, ୩୦।୧୦ (ମମତା ଜେନା):

ଅସ୍ତରଙ୍ଗ ବ୍ଲକ ସଭାଗୃହରେ ବିପର୍ଯ୍ୟୟ ପ୍ରସ୍ତୁତି ଓ ଜାତୀୟ ବିପର୍ଯ୍ୟୟ ପ୍ରଶମନ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅସ୍ତରଙ୍ଗ ପଞ୍ଚାୟତ ସମିତି ଅଧ୍ୟକ୍ଷା ଆରତୀ ନାୟକ, ଉପାଧ୍ୟକ୍ଷ ଦୁର୍ଜୟ କୁମାର ମିଶ୍ର, ବିଡିଓ କର୍ଣ୍ଣଦେବ ସମାଦ୍ଦର, ଅତିରିକ୍ତ ତହସିଲଦାର ପ୍ରଭୁପ୍ରସାଦ ପଣ୍ଡା, ବିଭିନ୍ନ ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟ ଯୋଗଦେଇଥିଲେ। ଏହି ଅବସରରେ ବିପର୍ଯ୍ୟୟ ଦିବସର ତାତ୍ପର୍ଯ୍ୟ ଓ ପରିଚାଳନା ସମ୍ବନ୍ଧରେ ବିସ୍ତୃତ ଆଲୋଚନା ହୋଇଥିଲ। ୧୯୯୯ ଅକ୍ଟୋବର ୨୯ ତାରିଖ ଦିନ ରାଜ୍ୟରେ ଘଟିଥିବା ମହାବାତ୍ୟାକୁ ମନେ ପକାଇବା ସହ ମହାବାତ୍ୟାରେ ପ୍ରାଣ ହରାଇଥିବା ସମସ୍ତଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଅନ୍ୟପକ୍ଷରେ ବିଶ୍ୱବ୍ୟାଙ୍କ



ବିଶ୍ୱ ବ୍ୟାଙ୍କ ପ୍ରତିନିଧି ଦଳ କେଉଟଜଙ୍ଗା ଅଞ୍ଚଳ ପରିଦର୍ଶନ କରୁଛନ୍ତି ।

ଭାରତ ନିର୍ଦ୍ଦେଶକ ଅଗଷ୍ଟେ ଟାନୋ କୌଆମେଙ୍କ ନେତୃତ୍ୱରେ ୫ ଜଣିଆ ଟିମ୍ ଅସ୍ତରଙ୍ଗର ଅତି ସମ୍ବେଦନଶୀଳ ସ୍ଥାନ କେଉଟଜଙ୍ଗା ଗସ୍ତକରି ସ୍ଥିତି ଅନୁଧ୍ୟାନ କରିଥିଲେ। ତାଙ୍କ ସହ ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ, ଉପଜିଲାପାଳ, ଜିଲା ବିପର୍ଯ୍ୟୟ କମିଟିର ସଂଯୋଜକ, ଜିଲା ଜରୁରିକାଳୀନ ଅଧିକାରୀ, ଅସ୍ତରଙ୍ଗ ବିଡିଓ, ଅସ୍ତରଙ୍ଗ ଅତିରିକ୍ତ ତହସିଲଦାର, ପଞ୍ଚାୟତ ସମିତି ଉପାଧ୍ୟକ୍ଷଙ୍କ ସମେତ ଶିଶୁଅ ପଞ୍ଚାୟତର ଜନପ୍ରତିନିଧି ସାମିଲ ହୋଇଥିଲେ। ଉକ୍ତ ଟିମ୍ କେଉଟଜଙ୍ଗା ନିକଟରେ ବାରମ୍ବାର ସମୁଦ୍ର କୂଳ ଲଙ୍ଘିବା ଘଟଣା, ସୁନାମି ବନ୍ଧ, ଜଙ୍ଗଲ ଓ ନିକଟରେ ଥିବା ବାତ୍ୟାଶ୍ରୟସ୍ଥଳୀର ସ୍ଥିତି ଆଦିର ଅନୁଧ୍ୟାନ କରିଥିଲେ। ବିପର୍ଯ୍ୟୟ ବେଳେ ଲୋକଙ୍କ ସୁରକ୍ଷା ନିମନ୍ତେ ସଚେତନତା ସୃଷ୍ଟି କରାଯାଉଛି ନା ନାହିଁ, ସୁନାମି ବେଳେ କିଭଳି ଜୀବନ ରକ୍ଷା ହେବ ଏ ସମ୍ପର୍କରେ ଗ୍ରାମବାସୀଙ୍କ ସହ ବିଶ୍ୱବ୍ୟାଙ୍କ ଟିମ୍ ଆଲୋଚନା କରିଥିବା ଜଣାଯାଇଛି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୩୧ ଅକ୍ଟୋବର, ୨୦୨୩



| କ୍ର. ସଂ. | ସବ୍‌ଷ୍ଟେସନ ଏବଂ ଇ.ଏଚ୍.ଟି ଲାଇନର ନାମ | ସଟ୍‌ଡାଉନର ଅବଧି | ସଟ୍‌ଡାଉନର ସମୟ (ଘଣ୍ଟାରେ) | ଦିନ ସଂଖ୍ୟା |
|---|---|---|---|---|
| ୯. | ୧୩୨ କେଭି ଆସିସିଏଲ୍ - ଚୌଦ୍ୱାର ସର୍କିଟ୍ ନଂ-II | ୩୦.୧୧.୨୩ | ୦୮.୦୦-୧୭.୦୦ | ୧ |
| ୧୦. | ୧୩୨ କେଭି ଆସିସିଏଲ୍ ସ୍ୱିଚିଂ ଷ୍ଟେସନ୍ | ୩୦.୧୧.୨୩ | ୦୮.୦୦-୧୭.୦୦ | ୧ |
| ୧୧. | ୧୩୨/୩୩ କେଭି ଜିଆଇଏସ୍ ଗ୍ରୀଡ୍ ସବ୍‌ଷ୍ଟେସନ୍, ଖୁଣ୍ଟୁଣି | ୩୦.୧୧.୨୩ | ୦୮.୦୦-୧୭.୦୦ | ୧ |
| | **ଇଏଚ୍‌ଟି (ଓ ଆଣ୍ଡ୍ ଏମ୍) ଡିଭିଜନ୍, ପାରାଦୀପ** | | | |
| ୧. | ୨୨୦ କେଭି ଡୁବୁରୀ - ପାରାଦୀପ ସର୍କିଟ୍ ନଂ-II | ୦୩.୧୧.୨୩ ଏବଂ ୦୪.୧୧.୨୩ | ୦୮.୦୦-୧୭.୦୦ | ୨ |
| ୨. | ପାରାଦୀପ ଗ୍ରୀଡ୍ ସବ୍‌ଷ୍ଟେସନ୍‌ର ୨୨୦ କେଭି ସ୍ୱିଚ୍‌ୟାର୍ଡ଼ | ୦୮.୧୧.୨୩ ଏବଂ ୦୯.୧୧.୨୩ | ୦୮.୦୦-୧୭.୦୦ | ୨ |
| ୩. | ୧୩୨ କେଭି ପାରାଦୀପ - ପିପିଟି ସର୍କିଟ୍ ନଂ-I | ୧୭.୧୧.୨୩ | ୦୮.୦୦-୧୭.୦୦ | ୧ |
| ୪. | ୧୩୨ କେଭି ପାରାଦୀପ - ପିପିଟି ସର୍କିଟ୍ ନଂ-II | ୧୮.୧୧.୨୩ | ୦୮.୦୦-୧୭.୦୦ | ୧ |
| ୫. | ୧୩୨ କେଭି ମାର୍ଶାଘାଇ - କେନ୍ଦ୍ରାପଡା ଟ୍ରାକ୍‌ସନ ଲାଇନ୍ | ୨୧.୧୧.୨୩ | ୦୮.୦୦-୧୭.୦୦ | ୧ |
| ୬. | ୧୩୨ କେଭି ପାରାଦୀପ - ପିପିଏଲ୍ ସର୍କିଟ୍ ନଂ-I | ୨୨.୧୧.୨୩ | ୦୮.୦୦-୧୭.୦୦ | ୧ |
| ୭. | ୧୩୨ କେଭି ପାରାଦୀପ - ପିପିଏଲ୍ ସର୍କିଟ୍ ନଂ-II | ୨୩.୧୧.୨୩ | ୦୮.୦୦-୧୭.୦୦ | ୧ |
| ୮. | ୧୩୨ କେଭି ପାରାଦୀପ - ଇଫ୍‌କୋ ସର୍କିଟ୍ ନଂ-I | ୨୪.୧୧.୨୩ | ୦୮.୦୦-୧୭.୦୦ | ୧ |
| ୯. | ୧୩୨ କେଭି ପାରାଦୀପ - ଇଫ୍‌କୋ ସର୍କିଟ୍ ନଂ-II | ୨୪.୧୧.୨୩ | ୦୮.୦୦-୧୭.୦୦ | ୧ |
| ୧୦. | ୧୩୨ କେଭି ପଚ୍ଚାମୁଣ୍ଡାଇ - ଓଲାଭର ଡିସି ଲାଇନ୍ ସର୍କିଟ୍ ନଂ-I | ୨୪.୧୧.୨୩ | ୦୮.୦୦-୧୭.୦୦ | ୧ |
| ୧୧. | ୧୩୨ କେଭି ପଚ୍ଚାମୁଣ୍ଡାଇ - ଓଲାଭର ଡିସି ଲାଇନ୍ ସର୍କିଟ୍ ନଂ-II | ୨୮.୧୧.୨୩ | ୦୮.୦୦-୧୭.୦୦ | ୧ |
| ୧୨. | ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍, ଓଲାଭର (୧୩୨ କେଭି ସ୍ୱିଚ୍‌ୟାର୍ଡ଼) | ୨୯.୧୧.୨୩ | ୦୮.୦୦-୧୭.୦୦ | ୧ |
| ୧୩. | ୨୨୦ କେଭି ଡୁବୁରୀ - ପାରାଦୀପ ସର୍କିଟ୍ ନଂ-I | ୨୯.୧୧.୨୩ ଏବଂ ୩୦.୧୧.୨୩ | ୦୮.୦୦-୧୭.୦୦ | ୨ |
| | **ଇଏଚ୍‌ଟି (ଓ ଆଣ୍ଡ୍ ଏମ୍) ଡିଭିଜନ୍, କଟକ** | | | |
| ୧. | ବିଡାନାସୀ ଗ୍ରୀଡ୍ ସବ୍‌ଷ୍ଟେସନ୍‌ର ୨୨୦ କେଭି ସ୍ୱିଚ୍‌ୟାର୍ଡ଼ | ୦୩.୧୧.୨୩ | ୦୮.୦୦-୧୭.୦୦ | ୧ |
| ୨. | ୨୨୦ କେଭି ମେଣ୍ଢାଶାଳ - ବିଡାନାସୀ ସର୍କିଟ୍ ନଂ-II | ୧୫.୧୧.୨୩ | ୦୮.୦୦-୧୭.୦୦ | ୧ |
| ୩. | ୨୨୦/୩୩ କେଭି ଜିଆଇଏସ୍ ଗ୍ରୀଡ୍ ସବ୍‌ଷ୍ଟେସନ୍, ଗୋଡିସାହି | ୧୫.୧୧.୨୩ | ୦୮.୦୦-୧୭.୦୦ | ୧ |
| ୪. | ବିଡାନାସୀ ଗ୍ରୀଡ୍ ସବ୍‌ଷ୍ଟେସନ୍‌ର ୧୩୨ କେଭି ସ୍ୱିଚ୍‌ୟାର୍ଡ଼ | ୨୪.୧୧.୨୩ | ୦୮.୦୦-୧୭.୦୦ | ୧ |
| ୫. | ୨୨୦ କେଭି ମେଣ୍ଢାଶାଳ - ବିଡାନାସୀ ସର୍କିଟ୍ ନଂ-I | ୨୯.୧୧.୨୩ | ୦୮.୦୦-୧୭.୦୦ | ୧ |
| ୬. | ୨୨୦/୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍,କଟକ(୩୩ କେଭି ସ୍ୱିଚ୍‌ୟାର୍ଡ଼) | ୩୦.୧୧.୨୩ | ୦୮.୦୦-୧୭.୦୦ | ୧ |
| (ଛ) | **ଇଏଚ୍‌ଟି (ଓ ଆଣ୍ଡ୍ ଏମ୍) ସର୍କଲ, ଚାଇଁପାଳ** | | | |
| | **ଇଏଚ୍‌ଟି (ଓ ଆଣ୍ଡ୍ ଏମ୍) ଡିଭିଜନ୍, ଚାଇଁପାଳ** | | | |
| ୧. | ୨୨୦ କେଭି ରେଙ୍ଗାଲି - ବାରକୋଟ୍ ସର୍କିଟ୍ ନଂ-II (୩୫ କିମି ) | ୦୧.୧୧.୨୩ ଏବଂ ୦୨.୧୧.୨୩ | ୦୮.୦୦-୧୭.୦୦ | ୨ |
| ୨. | ୨୨୦ କେଭି ମେରାମୁଣ୍ଡଳୀ - ଗୋଡା - ଡୁବୁରୀ ସର୍କିଟ୍ ନଂ-I | ୦୧.୧୧.୨୩ ରୁ ୦୪.୧୧.୨୩ | ୦୮.୦୦-୧୭.୦୦ | ୪ |
| ୩. | ୨୨୦ କେଭି କଣିହା - ଟିଟିପିଏସ୍ ଡିସି ଲାଇନ୍ (ଲୋକେସନ୍ ୨୯ ରୁ ୧୦୬) | ୦୮.୧୧.୨୩ ଏବଂ ୦୯.୧୧.୨୩ | ୦୮.୦୦-୧୭.୦୦ | ୨ |
| ୪. | ୨୨୦ କେଭି ମେରାମୁଣ୍ଡଳୀ - କଣିହା ଫିଡର - I | ୧୪.୧୧.୨୩ ଏବଂ ୧୫.୧୧.୨୩ | ୦୮.୦୦-୧୭.୦୦ | ୨ |
| ୫. | ୨୨୦ କେଭି ମେରାମୁଣ୍ଡଳୀ - କଣିହା ଫିଡର - II | ୧୭.୧୧.୨୩ ଏବଂ ୧୮.୧୧.୨୩ | ୦୮.୦୦-୧୭.୦୦ | ୨ |
| ୬. | ୨୨୦ କେଭି ରେଙ୍ଗାଲି - ରେଙ୍ଗାଲି ପିଏଚ୍ ସର୍କିଟ୍ ନଂ- I ଏବଂ II | ୧୭.୧୧.୨୩ | ୦୮.୦୦-୧୭.୦୦ | ୧ |
| ୭. | ୧୩୨ କେଭି ମେରାମୁଣ୍ଡଳୀ - ଖଜୁରୀଆକଟା ଲାଇନ୍(ଲୋକେସନ୍ ୧ ରୁ ୬୩) | ୨୨.୧୧.୨୩ | ୦୮.୦୦-୧୭.୦୦ | ୧ |
| ୮. | ୧୩୨ କେଭି ଚାଇଁପାଳ - ଏଫସିଆଇ ଡିସି ଲାଇନ୍ | ୨୩.୧୧.୨୩ | ୦୮.୦୦-୧୭.୦୦ | ୧ |
| ୯. | ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍, ଚାଇଁପାଳ | ୨୪.୧୧.୨୩ | ୦୮.୦୦-୧୭.୦୦ | ୧ |
| ୧୦. | ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍, ଅନଗୋଳ | ୨୪.୧୧.୨୩ | ୦୮.୦୦-୧୭.୦୦ | ୧ |
| ୧୧. | ୨୨୦ କେଭି ରେଙ୍ଗାଲି - ବାରକୋଟ୍ ସର୍କିଟ୍ ନଂ-I (୩୫ କିମି ) | ୨୮.୧୧.୨୩ ଏବଂ ୨୯.୧୧.୨୩ | ୦୮.୦୦-୧୭.୦୦ | ୨ |
| ୧୨. | ୧୩୨ କେଭି ଅନଗୋଳ - ଏମସିଏଲ୍ ସର୍କିଟ୍ ନଂ-II | ୩୦.୧୧.୨୩ | ୦୮.୦୦-୧୭.୦୦ | ୧ |
| | **ଇଏଚ୍‌ଟି (ଓ ଆଣ୍ଡ୍ ଏମ୍) ଡିଭିଜନ୍, ମେରାମୁଣ୍ଡଳୀ** | | | |
| ୧. | ୪୦୦ କେଭି ମେରାମୁଣ୍ଡଳୀ - ମେଣ୍ଢାଶାଳ ସର୍କିଟ୍ ନଂ-I ଲାଇନ୍ | | | |
| | (ମେରାମୁଣ୍ଡଳୀ ଶେଷରୁ ଲୋକେସନ୍ ୧୬୨ ପର୍ଯ୍ୟନ୍ତ) | ୦୯.୧୧.୨୩ | ୦୮.୦୦-୧୭.୦୦ | ୨ |
| ୨. | ୪୦୦ କେଭି ମେରାମୁଣ୍ଡଳୀ-ଲପଙ୍ଗା ସର୍କିଟ୍- I | | | |
| | (ମେରାମୁଣ୍ଡଳୀ ଶେଷରୁ ଲୋକେସନ-୧୩୯ ପର୍ଯ୍ୟନ୍ତ) | ୧୬.୧୧.୨୩ | ୦୮.୦୦-୧୭.୦୦ | ୧ |
| ୩. | ୪୦୦ କେଭି ମେରାମୁଣ୍ଡଳୀ-ଲପଙ୍ଗା ସର୍କିଟ୍- II | | | |
| | (ମେରାମୁଣ୍ଡଳୀ ଶେଷରୁ ଲୋକେସନ-୧୩୯ ପର୍ଯ୍ୟନ୍ତ) | ୧୭.୧୧.୨୩ | ୦୮.୦୦-୧୭.୦୦ | ୧ |
| ୪. | ୪୦୦/୨୨୦/୧୩୨ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍,ମେରାମୁଣ୍ଡଳୀ | | | |
| | (୪୦୦ କେଭି ବସ୍ - I) | ୨୩.୧୧.୨୩ ଏବଂ ୨୪.୧୧.୨୩ | ୦୮.୦୦-୧୭.୦୦ | |
| ୫. | ୪୦୦ କେଭି ମେରାମୁଣ୍ଡଳୀ - ମେଣ୍ଢାଶାଳ ସର୍କିଟ୍ ନଂ-II ଲାଇନ୍ | | | |
| | (ମେରାମୁଣ୍ଡଳୀ ଶେଷରୁ ଲୋକେସନ୍ ୧୬୨ ପର୍ଯ୍ୟନ୍ତ) | ୨୯.୧୧.୨୩ | ୦୮.୦୦-୧୭.୦୦ | ୧ |
| | **ଇଏଚ୍‌ଟି (ଓ ଆଣ୍ଡ୍ ଏମ୍) ଡିଭିଜନ୍, ଢେଙ୍କାନାଳ** | | | |
| ୧. | ୨୨୦/୧୩୨/୩୩ କେଭି ଗୋଡା ସ୍ୱିଚ୍‌ୟାର୍ଡ (୨୨୦ କେଭି ଗୋଡା ସ୍ୱିଚ୍‌ୟାର୍ଡ) | ୦୪.୧୧.୨୩ | ୦୮.୦୦-୧୭.୦୦ | ୧ |
| ୨. | ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍, ଖଜୁରୀଆକଟା | ୦୯.୧୧.୨୩ | ୦୮.୦୦-୧୭.୦୦ | ୧ |
| ୩. | ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍, କାମାକ୍ଷାନଗର | ୧୬.୧୧.୨୩ | ୦୮.୦୦-୧୭.୦୦ | ୧ |
| ୪. | ୧୩୨ କେଭି ଏମଆରଡିଏଲ୍ - ଖଜୁରୀଆକଟା ଲାଇନ୍ | | | |
| | (୬୪ ରୁ ୮୧ ଏବଂ ଲିଲୋ ଖଜୁରୀଆକଟା) | ୨୨.୧୧.୨୩ | ୦୮.୦୦-୧୭.୦୦ | ୧ |
| ୫. | ୧୩୨କେଭି ଖଜୁରୀଆକଟା - ନୂଆପାଟଣା ଲାଇନ୍ | | | |
| | (ଲିଲୋ ରୁ ଖଜୁରୀଆକଟା) | ୨୪.୧୧.୨୩ | ୦୮.୦୦-୧୭.୦୦ | ୧ |
| ୬. | ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍, କଲାରାଙ୍ଗି | ୨୯.୧୧.୨୩ | ୦୮.୦୦-୧୭.୦୦ | ୧ |
| | **ନର୍ଥ ଜୋନ୍, ବାଲେଶ୍ୱର** | | | |
| (ଛ) | **ଇଏଚ୍‌ଟି (ଓ ଆଣ୍ଡ୍ ଏମ୍) ସର୍କଲ୍, ଯାଜପୁର ରୋଡ** | | | |
| | **ଇଏଚ୍‌ଟି (ଓ ଆଣ୍ଡ୍ ଏମ୍) ଡିଭିଜନ୍, ଯାଜପୁର ରୋଡ** | | | |
| ୧. | ଡୁବୁରୀ (ପୁରୁଣା) ଗ୍ରୀଡ୍ ସବ୍‌ଷ୍ଟେସନ୍‌ର୨୨୦ କେଭି ବସ୍ - I | ୦୪.୧୧.୨୩ | ୦୮.୦୦-୧୭.୦୦ | ୧ |
| ୨. | ଡୁବୁରୀ (ପୁରୁଣା) ଗ୍ରୀଡ୍ ସବ୍‌ଷ୍ଟେସନ୍‌ର ୧୩୨ କେଭି ସ୍ୱିଚ୍‌ୟାର୍ଡ | ୦୭.୧୦.୨୩ | ୦୮.୦୦-୧୭.୦୦ | ୧ |
| ୩. | ଡୁବୁରୀ (ପୁରୁଣା) ଗ୍ରୀଡ୍ ସବ୍‌ଷ୍ଟେସନ୍‌ର୨୨୦ କେଭି ବସ୍ - II | ୦୮.୧୧.୨୩ | ୦୮.୦୦-୧୭.୦୦ | ୧ |
| ୪. | ୧୩୨ କେଭି ଡୁବୁରୀ - ଜଖପୁରା ଟ୍ରାକ୍‌ସନ ଲାଇନ୍ | ୦୯.୧୧.୨୩ | ୦୮.୦୦-୧୭.୦୦ | ୧ |
| ୫. | ଯାଜପୁର ରୋଡ୍ ଗ୍ରୀଡ୍ ସବ୍‌ଷ୍ଟେସନ୍‌ର ୧୩୨ କେଭି ସ୍ୱିଚ୍‌ୟାର୍ଡ | ୧୬.୧୧.୨୩ | ୦୮.୦୦-୧୭.୦୦ | ୧ |
| ୬. | ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍, ଯାଜପୁର ଟାଉନ | ୧୮.୧୧.୨୩ | ୦୮.୦୦-୧୭.୦୦ | ୧ |
| ୭. | ଆନନ୍ଦପୁର ଗ୍ରୀଡ୍ ସବ୍‌ଷ୍ଟେସନ୍‌ର ୧୩୨ କେଭି ସ୍ୱିଚ୍‌ୟାର୍ଡ | ୨୩.୧୧.୨୩ | ୦୮.୦୦-୧୭.୦୦ | ୧ |
| ୮. | ୧୩୨ କେଭି ଡୁବୁରୀ - କେ. ନଗର ଲାଇନ୍ | ୨୯.୧୧.୨୩ | ୦୮.୦୦-୧୭.୦୦ | ୧ |
| ୯. | ୧୩୨ କେଭି ଗୋଡା - କଳାରାଙ୍ଗି ଲାଇନ୍ | ୨୯.୧୧.୨୩ | ୦୮.୦୦-୧୭.୦୦ | ୧ |
| | **ଇଏଚ୍‌ଟି (ଓ ଆଣ୍ଡ୍ ଏମ୍) ଡିଭିଜନ୍, ନୂଆ ଡୁବୁରୀ** | | | |
| ୧. | ୩୧୫ ଏମ୍‌ଭିଏ ୪୦୦/୨୨୦ କେଭି ଆସିଟି - I | ୦୨.୧୧.୨୩ ଏବଂ ୦୩.୧୧.୨୩ | ୦୮.୦୦-୧୭.୦୦ | ୨ |
| ୨. | ୨୨୦ କେଭି ନୂଆ ଡୁବୁରୀ - ପାରାଦୀପ ସର୍କିଟ୍ ନଂ-II | ୦୩.୧୧.୨୩ ଏବଂ ୦୪.୧୧.୨୩ | ୦୮.୦୦-୧୭.୦୦ | ୨ |
| ୩. | ୩୧୫ ଏମ୍‌ଭିଏ ୪୦୦/୨୨୦ କେଭି ଆସିଟି - II | ୦୭.୧୧.୨୩ ଏବଂ ୦୮.୧୧.୨୩ | ୦୮.୦୦-୧୭.୦୦ | ୨ |
| ୪. | ୪୦୦ କେଭି ମେନ୍ ବସ୍ - ୨, ନୂଆ ଡୁବୁରୀ | ୦୯.୧୧.୨୩ | ୦୮.୦୦-୧୭.୦୦ | ୧ |
| ୫. | ୨୨୦ କେଭି ମେନ୍ ବସ୍ - ୨, ନୂଆ ଡୁବୁରୀ | ୧୬.୧୧.୨୩ | ୦୮.୦୦-୧୭.୦୦ | ୧ |
| ୬. | ୨୨୦ କେଭି ନୂଆ ଡୁବୁରୀ - ପାରାଦୀପ ସର୍କିଟ୍ ନଂ-I | ୨୨.୧୧.୨୩ ଏବଂ ୨୩.୧୧.୨୩ | ୦୮.୦୦-୧୭.୦୦ | ୨ |
| ୭. | ୨୨୦ କେଭି ମେନ୍ ବସ୍ - ୧, ନୂଆ ଡୁବୁରୀ | ୨୪.୧୧.୨୩ | ୦୮.୦୦-୧୭.୦୦ | ୧ |
| | **ଇଏଚ୍‌ଟି (ଓ ଆଣ୍ଡ୍ ଏମ୍) ଡିଭିଜନ୍, ବାଲେଶ୍ୱର** | | | |
| ୧. | ବାଲେଶ୍ୱର ଗ୍ରୀଡ୍ ସବ୍‌ଷ୍ଟେସନ୍‌ର ୧୬୦ ଏମ୍‌ଭିଏ ଅଟୋ - III | ୦୪.୧୧.୨୩ | ୦୮.୦୦-୧୭.୦୦ | ୧ |
| ୨. | ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍, ଭୋଗରାଇ | ୦୮.୧୧.୨୩ | ୦୮.୦୦-୧୭.୦୦ | ୧ |
| ୩. | ୨୨୦ କେଭି ନୂଆ ଡୁବୁରୀ - ବାଲେଶ୍ୱର ସର୍କିଟ୍ ନଂ-I | | | |
| | (ଲୋକେସନ ୧୯୮ ରୁ ୪୪୯) | ୦୯.୧୧.୨୩ | ୦୮.୦୦-୧୭.୦୦ | ୧ |
| ୪. | ୧୩୨ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍, ସୋମନାଥପୁର | ୧୮.୧୧.୨୩ | ୦୮.୦୦-୧୭.୦୦ | ୧ |
| ୫. | ୧୩୨ କେଭି ବାଲେଶ୍ୱର - ବସ୍ତା ଏସସି ଲାଇନ୍ (ଲୋକେସନ ୧ ରୁ ୧୧୦) | ୨୨.୧୧.୨୩ | ୦୮.୦୦-୧୭.୦୦ | ୧ |
| ୬. | ୨୨୦ କେଭି ନୂଆ ଡୁବୁରୀ - ଭଦ୍ରକ ସର୍କିଟ୍ ନଂ-II (ଲୋକେସନ ୧ ରୁ ୧୯୭) | ୨୩.୧୧.୨୩ | ୦୮.୦୦-୧୭.୦୦ | ୧ |
| ୭. | ବାଲେଶ୍ୱର ଗ୍ରୀଡ୍ ସବ୍‌ଷ୍ଟେସନ୍‌ର ୩୩ କେଭି ସ୍ୱିଚ୍‌ୟାର୍ଡ | ୨୪.୧୧.୨୩ | ୦୮.୦୦-୧୭.୦୦ | ୧ |
| ୮. | ୧୩୨ କେଭି ସୋର - ବାଲେଶ୍ୱର ଲାଇନ୍ | ୩୦.୧୧.୨୩ | ୦୮.୦୦-୧୭.୦୦ | ୧ |
| | **ଇଏଚ୍‌ଟି (ଓ ଆଣ୍ଡ୍ ଏମ୍) ଡିଭିଜନ୍, ବାରିପଦା** | | | |
| ୧. | ୧୩୨ କେଭି ବାଲେଶ୍ୱର - ବାରିପଦା ଲାଇନ୍ (ଉଦଳା ରୁ ବାଲେଶ୍ୱର) | ୦୭.୧୧.୨୩ | ୦୮.୦୦-୧୭.୦୦ | ୧ |
| ୨. | ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍, କରଞ୍ଜିଆ (୩୩ କେଭି ସାଇଡ) | ୧୦.୧୧.୨୩ | ୦୮.୦୦-୧୭.୦୦ | ୧ |
| ୩. | ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍, ଉଦଳା (୩୩ କେଭି ସାଇଡ) | ୧୭.୧୧.୨୩ | ୦୮.୦୦-୧୭.୦୦ | ୧ |
| ୪. | ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍,ରାଇରଙ୍ଗପୁର | ୧୮.୧୧.୨୩ | ୦୮.୦୦-୧୭.୦୦ | ୧ |
| ୫. | ୧୩୨ କେଭି ବାଲେଶ୍ୱର - ବାରିପଦା ଲାଇନ୍ (ଉଦଳା ରୁ ବେତନଟି) | ୨୮.୧୧.୨୩ | ୦୮.୦୦-୧୭.୦୦ | ୧ |
| | **ଇଏଚ୍‌ଟି (ଓ ଆଣ୍ଡ୍ ଏମ୍) ଡିଭିଜନ୍, ଭଦ୍ରକ** | | | |
| ୧. | ଭଦ୍ରକ ଗ୍ରୀଡ୍ ସବ୍‌ଷ୍ଟେସନ୍‌ର ୩୩ କେଭି ସ୍ୱିଚ୍‌ୟାର୍ଡ | ୦୪.୧୧.୨୩ | ୦୮.୦୦-୧୭.୦୦ | ୧ |
| ୨. | ଅଗରପଡା ଗ୍ରୀଡ୍ ସବ୍‌ଷ୍ଟେସନର ୩୩ କେଭି ସ୍ୱିଚ୍‌ୟାର୍ଡ | ୦୯.୧୧.୨୩ | ୦୮.୦୦-୧୭.୦୦ | ୧ |
| ୩. | ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍, ଭଦ୍ରକ | ୧୪.୧୧.୨୩ | ୦୮.୦୦-୧୭.୦୦ | ୧ |
| ୪. | ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍, ଚାନ୍ଦବାଲି | ୨୯.୧୧.୨୩ | ୦୮.୦୦-୧୭.୦୦ | ୧ |
| | **ଇଏଚ୍‌ଟି (ଓ ଆଣ୍ଡ୍ ଏମ୍) ଡିଭିଜନ୍, ଯୋଡା** | | | |
| ୧. | ୧୩୨ କେଭି ନାଳଦା - ରାଉରକେଲା ଲାଇନ୍ | ୦୩.୧୧.୨୩ | ୦୮.୦୦-୧୭.୦୦ | ୧ |
| ୨. | ୧୩୨ କେଭି ନାଳଦା - ରାଉରକେଲା ଲାଇନ୍ (ଲୋକେସନ ୭୮ ପର୍ଯ୍ୟନ୍ତ) | ୦୪.୧୧.୨୩ | ୦୮.୦୦-୧୭.୦୦ | ୧ |
| ୩. | ଯୋଡା ଗ୍ରୀଡ୍ ସବ୍‌ଷ୍ଟେସନ୍‌ର ୨୨୦ କେଭି ବସ୍ I ଏବଂ II | ୦୭.୧୧.୨୩ ଏବଂ ୦୮.୧୧.୨୩ | ୦୮.୦୦-୧୭.୦୦ | ୨ |
| ୪. | ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍ ଡେଙ୍କିକୋଟ୍ ଏବଂ ୧୩୨କେଭି ଡେଙ୍କିକୋଟ୍- | | | |
| | କରଞ୍ଜିଆ ଡିସି ଲାଇନ୍ | ୧୦.୧୧.୨୩ | ୦୮.୦୦-୧୭.୦୦ | ୧ |
| ୫. | ୨୨୦ କେଭି ଯୋଡା - ଜିନ୍ଦଲ ଲାଇନ୍ | ୧୭.୧୧.୨୩ | ୦୮.୦୦-୧୭.୦୦ | ୧ |
| ୬. | ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍, ପଳାଶପୋଙ୍ଗା (୩୩ କେଭି ସାଇଡ) | ୧୮.୧୧.୨୩ | ୦୮.୦୦-୧୭.୦୦ | ୧ |
| ୩. | ୨୨୦ କେଭି ଜିନ୍ଦଲ - ଜାମସେଦ୍‌ପୁର ଲାଇନ୍ (ଓଡ଼ିଶା ପଟ) | ୨୩.୧୧.୨୩ | ୦୮.୦୦-୧୭.୦୦ | ୧ |
| ୪. | ୨୨୦/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍,ରାଙ୍କି ଏବଂ | | | |
| | ୨୨୦ କେଭି ରାଙ୍କି - କେନ୍ଦୁଝର ପିଜି ଡିସି ଲାଇନ୍ | ୨୩.୧୧.୨୩ | ୦୮.୦୦-୧୭.୦୦ | ୧ |



# 'ଦି ଲେଡି କିଲର'ରେ ଭୂମି

**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ ଭୂମି ପେଡେନକର ଏବଂ ଅଭିନେତା ଅର୍ଜୁନ କପୁର ତାଙ୍କ ଆଗାମୀ ଫିଲ୍ମ 'ଦି ଲେଡି କିଲର'କୁ ନେଇ କିଛିଦିନ ହେବ ବେଶ୍ ଚର୍ଚ୍ଚାରେ ଅଛନ୍ତି। ସୋମବାର ଦୁହିଁଙ୍କ ଅଭିନୀତ ଏହି ସିନେମାର ଟ୍ରେଲର ରିଲିଜ୍ ହୋଇଛି। ଏହାକୁ ଫ୍ୟାନ୍ସମାନେ ବହୁତ ପସନ୍ଦ କରିଛନ୍ତି। ଅର୍ଜୁନଙ୍କଠାରୁ ଟ୍ରେଲରଟି ଆରମ୍ଭ ହୋଇଛି। ସେ ଏକ ନୂଆ ସହରକୁ ଯାଇଥିବାବେଳେ ସେଠାରେ ଭୂମିଙ୍କ ସହ ଦେଖା ହୋଇଛି। ଅର୍ଜୁନଙ୍କୁ ଏକ ଭିନ୍ନ ଲୁକ୍‌ରେ ଦେଖିବାକୁ ମିଳିଛି। ଫିଲ୍ମରେ ଅର୍ଜୁନଙ୍କ ଅଭିନୟକୁ ଦର୍ଶକ ବହୁତ ପ୍ରଶଂସା କରିଛନ୍ତି। ନିର୍ଦ୍ଦେଶକ ଅଜୟ ବହଲଙ୍କ ଏହି ଫିଲ୍ମ ଜରିଆରେ ଉଭୟ ପ୍ରଥମ ଥର ପାଇଁ ଏକାଠି ନଜରକୁ ଆସୁଛନ୍ତି। ଦୁହିଁଙ୍କ ଯୋଡ଼ି ଦର୍ଶକଙ୍କୁ ବେଶ୍ ପସନ୍ଦ ଆସିଛି। ନଭେମ୍ବର ୩ରେ ଫିଲ୍ମ ସିନେମା ହଲ୍‌ରେ ମୁକ୍ତିଲାଭ କରିବ। ଏହାପରେ ଫିଲ୍ମ ଓଟିଟିରେ ମଧ୍ୟ ରିଲିଜ୍ ହେବ। ତେବେ ଭୂମି ୨୦୧୫ରୁ ତାଙ୍କ ଫିଲ୍ମ କ୍ୟାରିୟର ଆରମ୍ଭ କରିଥିଲେ। ଏହାପରେ ସେ ଅନେକ ଫିଲ୍ମରେ ତାଙ୍କ ଦମ୍‌ଦାର ଅଭିନୟ କରିଛନ୍ତି। ଶେଷଥର ପାଇଁ ତାଙ୍କୁ ସିନେମା 'ଥ୍ୟାଙ୍କୁ ଫର କମିଂ'ରେ ଦେଖିବାକୁ ମିଳିଥିଲା।

# 'ଜୀବନସାଥୀ ସହିତ ରିଲ ପାର୍ଟନର ଆବଶ୍ୟକ'

**ନୂଆଦିଲ୍ଲୀ:** ଆଗକୁ ବିବାହ ଋତୁ ଆସୁଛି। ଯେଉଁଥିପାଇଁ ବିବାହ ସମ୍ବନ୍ଧୀୟ ବିଭିନ୍ନ ବିଜ୍ଞାପନ ମଧ୍ୟ ଦେଖିବାକୁ ମିଳିବ। ତେବେ ନିକଟରେ ଏକ ବିଜ୍ଞାପନକୁ ନେଇ ଖୁବ୍ ଚର୍ଚ୍ଚା ହେଉଛି; ଯେଉଁଥିରେ ଜଣେ ଯୁବତୀ ତାଙ୍କ ପାଇଁ ଉପଯୁକ୍ତ ପୁଅର ତଲାସରେ ଅଛନ୍ତି। ଏଥିସହ ତାଙ୍କୁ ରିଲ ପାର୍ଟନର ମଧ୍ୟ ଆବଶ୍ୟକ। ଖବରକାଗଜରେ ବିଜ୍ଞାପନ ଦିଆଯାଇଥିବା ଏକ ଫଟୋ ଏବେ ଏକ୍ସ'ରେ ଭାଇରାଲ ହେଉଛି। ଫଟୋ ବିବାହର ବିଜ୍ଞାପନରେ ଦେଖିବାକୁ ମିଳିଛି; ଯାହାକୁ ରିୟା ନାମ୍ନୀ ଜଣେ ଯୁବତୀ ଛପାଇଥିବା ଲେଖାଯାଇଛି। ହେଲେ ଏହି ବିଜ୍ଞାପନଟି କେଉଁ ଖବରକାଗଜରେ ଛପା ହୋଇଛି, ତାହା ଜଣାପଡ଼ିନି। ରିୟା ସେଥିରେ ଲେଖିଛନ୍ତି, ସେ ଜଣେ ଜୀବନସାଥୀ ସହିତ ରିଲ ପାର୍ଟନର ଖୋଜୁଛି। ଯିଏ କି କ୍ୟାମେରା ସମ୍ମୁଖରେ ଲାଜ କରୁ ନ ଥିବ ଏବଂ ତାଙ୍କ ସହ ରିଲେଶନଶିପ ରିଲ୍ କରିବାକୁ ପ୍ରସ୍ତୁତ ଥିବ, କଣ୍ଟେଣ୍ଟ ତିଆରି କରିଥିବା ଜାଣିଥିବ, ସେହି ପୁଅର ଯୌଥ ପରିବାର ନ ଥିବ। ଏଥିସହ ସେ ଯୁବତୀଙ୍କ ଭିଡିଓକୁ ଏଡିଟ୍ କରିପାରୁଥିବା ଦରକାର। ରିୟା ବିଜ୍ଞାପନରେ ତାଙ୍କ ଇ-ମେଲ୍ ଆଇଡି ମଧ୍ୟ ଦେବା ସହ ସେ ଆମାଜନ୍ ମିନି ଟିଭିର ଏକ ଶୋ' ବାବଦରେ ମଧ୍ୟ କହିଛନ୍ତି।


SOCIAL MEDIA INFLUENCER
LOOKING FOR A GROOM

My name is Riya I'm looking for a suitable reel partner + groom. The guy should not be camera-shy and willing to create relationship reels with me. Knows how to come up with content around trending music like 'MOI-MOI'. Should not be from a joint family

Before reaching out, pls watch Amazon miniTV's Half Love Half Arranged to know what type of guys I DON'T LIKE

He should know Premiere Pro so he can edit my reels/vlogs

Contact: riya.kuku72@gmall.com

# ପାଳିତ ପୁଅକୁ ବିବାହ କଲେ ମହିଳା

**ମସ୍କୋ:** ଭଲପାଇବା କେତେବେଳେ ଜାତି, ଧର୍ମ, ବର୍ଣ୍ଣ ଦେଖି ନ ଥାଏ। ତାହା ଏକ ସୁନ୍ଦର ଅନୁଭବ। ଭଲପାଇବା କେତେବେଳେ, କେଉଁଠି, କାହା ସହିତ ବି ହୋଇପାରେ। ନିକଟରେ ଏପରି ଏକ ଘଟଣା ଦେଖିବାକୁ ମିଳିଛି, ଯାହା ଶୁଣିବାକୁ ଆଶ୍ଚର୍ଯ୍ୟ ଲାଗିବ। ଜଣେ ମହିଳା ୩୧ ବର୍ଷ ଛୋଟ ପାଳିତ ପୁଅକୁ ବିବାହ କରିଥିବା ଜଣାପଡ଼ିଛି। ରିପୋର୍ଟ ମୁତାବକ, ୨୨ ବର୍ଷୀୟ ଡାନିଏଲ ଚିଜହେଭସ୍କାଏଙ୍କୁ ୮ ବର୍ଷ ତଳେ ରୁଷିଆର ୫୩ ବର୍ଷୀୟା ସଙ୍ଗୀତକାର ଆଶ୍ଲୁ ଚିଜହେଭସ୍କାୟା ମିଙ୍ଗାଲିମ୍ ତାଙ୍କୁ ପାଳିଥିଲେ। ଆଶ୍ଲୁ ଏକ ଅନାଥାଳୟରେ ଡାନିଏଲଙ୍କୁ ଦେଖିବା ପରେ ତାଙ୍କୁ ପୁଅ କରିଥିଲେ। ସେତେବେଳେ ସେ ଡାନିଏଲଙ୍କୁ ଗୀତ ଶିଖାଉଥିଲେ। ପରେ ଡାନିଏଲଙ୍କୁ ଘରକୁ ଆଣିବା ପରେ ଦୁହିଁଙ୍କ ମଧ୍ୟରେ ଭଲପାଇବା ଆରମ୍ଭ ହେବାକୁ ଲାଗିଥିଲା। ଡାନିଏଲଙ୍କ ବ୍ୟତୀତ ଆଶ୍ଲୁ ଆଉ ୫ ଜଣଙ୍କୁ ମଧ୍ୟ ଅନାଥାଳୟରୁ ଆଣିଥିଲେ। ଆଶ୍ଲୁ ଏବଂ ଡାନିଏଲ୍‌ଙ୍କ ବିବାହ ପରେ ଅନାଥାଳୟ ଉକ୍ତ ୫ଜଣଙ୍କୁ ଆଶ୍ଲୁଙ୍କ ପାଖରୁ ନେଇଯାଇଥିବା ଜଣାପଡ଼ିଛି। ଆଶ୍ଲୁଙ୍କ ବିବାହ ଶୀଘ୍ର ହୋଇଯାଇଥିବାରୁ ତାଙ୍କର ଜଣେ ପୁଅ ମଧ୍ୟ ରହିଛି।



# ତିଆରି ହେବ ବୁର୍ଜ ଖଲିଫାଠୁ ଉଚ୍ଚ ବିଲ୍ଡିଂ

**ରିୟାଦ:** ବିଶ୍ୱର ସବୁଠୁ ଉଚ୍ଚ ବିଲ୍ଡିଂ ହେଉଛି ଦୁବାଇର ବୁର୍ଜ ଖଲିଫା ; ଯାହାର ଉଚ୍ଚତା ୨,୭୧୭.୫ ଫୁଟ। ତେବେ ଆଗକୁ ଏହାଠାରୁ ଉଚ୍ଚ ବିଶିଷ୍ଟ ଏକ ବିଲ୍ଡିଂ ପ୍ରସ୍ତୁତ ହେବ ବୋଲି ଜଣାପଡ଼ିଛି ; ଯାହାର ଉଚ୍ଚତା ବୁର୍ଜ ଖଲିଫାଠାରୁ ୫୦୦ ଫୁଟ ଅଧିକ ରହିବ। ଏହି ବିଲ୍ଡିଂ ସାଉଦି ଆରବିୟାର ଜେଦ୍ଦା ସହରରେ ତିଆରି ହେବ। ଏହାର ନାମ ଜେଦ୍ଦା ଟାୱାର ବୋଲି ରଖାଯିବ ; ଯାହା ଅର୍ଦ୍ଧନିର୍ମିତ ଅବସ୍ଥାରେ ରହିଛି। ରିପୋର୍ଟ ମୁତାବକ, ପ୍ରିନ୍ସ ଆଲୱାଲିଦ୍ ବିନ୍ ତାଲା ସାଉଦି ଆରବିୟାରେ ୧ କି.ମି. ବିଶିଷ୍ଟ ଏକ ବିଲ୍ଡିଂ ତିଆରି କରିବାକୁ ଚାହୁଁଛନ୍ତି। ହେଲେ ବିଲ୍ଡିଂ ତିଆରି କରିବା ସମୟରେ ତାଙ୍କୁ ୨ ନିବେଶକଙ୍କୁ ସରକାରୀ ନିୟମର ସାମ୍ନା କରିବାକୁ ପଡ଼ିଲା। ସେ ଦୁହେଁ ୨୦୧୭ରେ ଗିରଫ ହୋଇଥିଲେ। ସେତେବେଳଠୁ ଏହି ଟାୱାର କାମ ଅଧାରେ ରହିଥିଲା। ପ୍ରୋଜେକ୍ଟ ପ୍ଲାନିଂ ଅନୁସାରେ, ଟାୱାର ଉଚ୍ଚତା ୧ହଜାର ମିଟର କରାଯିବ। ଏଥିରେ ୨୫୨ ମହଲା କରିବାର ଯୋଜନା ରହିଛି। ବର୍ତ୍ତମାନ ପର୍ଯ୍ୟନ୍ତ ଏହି ବିଲ୍ଡିଂରେ ୬୩ଟି ମହଲାର ପ୍ରସ୍ତୁତି ସରିଛି ; ଯାହାର କାମ ୨୦୧୫ରୁ ୨୦୧୭ମଧ୍ୟରେ ନିର୍ମାଣ କରାଯାଇଥିଲା। ବର୍ତ୍ତମାନ ବହୁ ବର୍ଷ ପରେ ଏହି ଟାୱାର କାମ ପୁଣି ଆରମ୍ଭ ହୋଇଛି।





# ମାଉଣ୍ଟ ରୁଦୁଗେରା ଶିଖରରେ କଳାହାଣ୍ଡି ବିଶ୍ୱବିଦ୍ୟାଳୟର ପର୍ବତାରୋହୀ ଦଳ

**ଭୁବନେଶ୍ୱର, ୩୦।୧୦ (ବନ୍ଦନା ସେଠୀ)**

ଓଡ଼ିଶା ତଥା ଭାରତର ପ୍ରଥମ ବିଶ୍ୱବିଦ୍ୟାଳୟ ଭାବେ କଳାହାଣ୍ଡି ବିଶ୍ୱବିଦ୍ୟାଳୟର ପର୍ବତାରୋହୀ ଦଳ 'ଗୁଡହାଣ୍ଡି ଟିମ୍ ଅଫ୍ ମାଉଣ୍ଟନେର୍ସ' ସଫଳତାର ସହ ମାଉଣ୍ଟ ରୁଦୁଗେରା ଶିଖରରେ ପହଞ୍ଚି ରେକର୍ଡ କରିଛି। ଉତ୍ତରାଖଣ୍ଡ ରାଜ୍ୟର ଗଙ୍ଗୋତ୍ରୀଠାରେ ୫୮୧୯ ମିଟର/୧୯୧୦୦ ଫୁଟ ଉଚ୍ଚତା ବିଶିଷ୍ଟ ମାଉଣ୍ଟ ରୁଦୁଗେରା ଅବସ୍ଥିତ। ଏଭେରେଷ୍ଟ ଆରୋହୀ ଯୋଗବ୍ୟାସ ଭୋଇ ଓ ଜାତୀୟସ୍ତରର ଅଭିଜ୍ଞ ପର୍ବତାରୋହୀ ରୋମାଞ୍ଚଳ ଭୋଇଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅକ୍ଟୋବର ୧୨ରୁ କଳାହାଣ୍ଡିରୁ ଯାତ୍ରା ଆରମ୍ଭ ହୋଇଥିଲା। ଏହାପରେ ପର୍ବତାରୋହୀ ଦଳ ଗତ ୨୩ ତାରିଖରେ ଉତ୍ତରକାଶୀଠାରୁ ଯାତ୍ରା ଆରମ୍ଭ କରି ହାରସିଲ ଗଙ୍ଗୋତ୍ରୀ ଦେଇ ପ୍ରଥମେ ନାଲାକ୍ୟାମ୍ପ ଓ ପରେ ୧୫ହଜାର ଫୁଟ ଉପରେ ଥିବା ମାଉଣ୍ଟ ରୁଦୁଗେରା ବେସ୍‌କ୍ୟାମ୍ପରେ ପହଞ୍ଚିଥିଲେ। ସେଠାରେ ୩ଦିନ ରହିବା ପରେ ୨୬ ତାରିଖ ସକାଳ ୫ଟାରୁ ପର୍ବତ ଚଢିବା ଆରମ୍ଭ ହୋଇଥିଲା। ଦୀର୍ଘ ୭ଘଣ୍ଟା ଚାଲିବା ପରେ ମାଉଣ୍ଟ ରୁଦୁଗେରା ଶିଖରରେ ଟିମ୍ ପହଞ୍ଚିଥିଲା। ସାଙ୍ଗରେ କଳାହାଣ୍ଡିର ମାଟି, ହାବସପୁରୀ କପଡା, ମା' ମାଣିକେଶ୍ୱରୀଙ୍କ ଆଜ୍ଞାମାଳ, କଳାହାଣ୍ଡିର ଘୁମୁରା ନେଇଯାଇଥିଲେ। ସେଠାରେ କିଛି ସମୟ ରହିବା ପରେ ଉକ୍ତ ଟିମ୍ ୬ ଘଣ୍ଟାରେ ବେସ୍‌କ୍ୟାମ୍ପକୁ ଫେରିଥିଲା। ପର୍ବତାରୋହଣବେଳେ ବହୁତ ଥଣ୍ଡା ସହିତ ବରଫ ପଡିଥିଲା। ଶିଖରରେ ମାଇନସ ୮ ଡିଗ୍ରୀରୁ ୧୦ ଡିଗ୍ରୀ ତାପମାତ୍ରା ରହିଥିଲା। ଅଭିଯାନ ସମ୍ପୂର୍ଣ୍ଣ କରିବାକୁ ୨୦ଦିନ ଲାଗିଥିଲା। ଏହି ଟିମ୍‌ରେ କଳାହାଣ୍ଡି ବିଶ୍ୱବିଦ୍ୟାଳୟର ଦିନେଶ ବାରିକ, ଆୟୁଷ ପାତ୍ର, ଧନଞ୍ଜୟ ଖାଡିଆ, ଦୀପକ କରୁଆଁ, ନୂଆପଡା ନାଶନାଲ କଲେଜ ଛାତ୍ର ଜିତେନ ସାହୁ, ରିଷିଡା ମହାବିଦ୍ୟାଳୟ ଛାତ୍ର ଆର୍ତ୍ତତ୍ରାଣ ମିଶ୍ର, କରଲାପଡା ମହାବିଦ୍ୟାଳୟ ଛାତ୍ର ରମେଶ ଜାଲ, ପ୍ରଗତି ମହାବିଦ୍ୟାଳୟ ଛାତ୍ର ସ୍ମୃତିରଞ୍ଜନ ମାଝୀ, କେସିଙ୍ଗା ମହାବିଦ୍ୟାଳୟ ଛାତ୍ର ଆଦିତ୍ୟ ପ୍ରତାପ ନାୟକ ଓ ଧର୍ମଗଡ ମହାବିଦ୍ୟାଳୟ ଛାତ୍ର ଅଭିମନ୍ୟୁ ଧାଙ୍ଗଡାମାଝୀ, ବିଶ୍ୱବିଦ୍ୟାଳୟ କ୍ରୀଡା ପରିଷଦ ନିର୍ଦ୍ଦେଶକ ଡ. ଘନଶ୍ୟାମ ବେହେରା, ନାଭାଲ ଏନ୍‌ସିସି ଅଧିକାରୀ ଡ. ନଳିନୀକାନ୍ତ ରଣା ଓ ଏନ୍‌ଏସ୍‌ଏସ୍ ଅଧିକାରୀ ଡ. ପ୍ରିୟରଞ୍ଜନ ବେହେରା ରହିଛନ୍ତି। ସେମାନେ ମଙ୍ଗଳବାର ଉତ୍ତରକାଶୀରୁ ହରିଦ୍ୱାର ବାହାରିବେ। ଦିଲ୍ଲୀ ଦେଇ ଭୁବନେଶ୍ୱରରେ ପହଞ୍ଚି ମୁଖ୍ୟମନ୍ତ୍ରୀ ଓ ରାଜ୍ୟପାଳଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଥିବା ଯୋଗବ୍ୟାସ ସୂଚନା ଦେଇଛନ୍ତି।



## ଜନ୍ମଦିନର ଶୁଭେଚ୍ଛା

ନାମ: ................................
ବୟସ:................................
ଜନ୍ମ ତାରିଖ: ............................


ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ବିପର୍ଯ୍ୟୟ ମୁକାବିଲା କ୍ଷେତ୍ରରେ କେନ୍ଦ୍ର ସରକାର ପୁରସ୍କାର ଦେଇଛନ୍ତି: ମନ୍ତ୍ରୀ

**ଭୁବନେଶ୍ୱର, ୩୦।୧୦(ସୁନିତ୍ ମିଶ୍ର)**

୨୪ ବର୍ଷ ତଳେ ୧୯୯୯ରେ ଓଡ଼ିଶାରେ ମହାବାତ୍ୟା ସଙ୍ଗଠିତ ହୋଇ ହଜାର ହଜାର ଲୋକ ମୃତ୍ୟୁବରଣ କରିବା ସହ ଅନେକ ଧନଜୀବନ ହାନି ହୋଇଥିଲା। ଉପକୂଳ ଓଡ଼ିଶା ପ୍ରାୟ ଛାରଖାର ହୋଇଯାଇଥିଲା କହିଲେ ଭୁଲ୍ ହେବ ନାହିଁ। ଏହି ଅଭୂତପୂର୍ବ ପ୍ରାକୃତିକ ବିପର୍ଯ୍ୟୟର ଆଘାତ ଓ ଅନୁଭବକୁ ପାଥେୟ କରି ବିଗତ ୨୦୦୦ରୁ ଏଯାବତ ଶାସନର ମଙ୍ଗ ଧରିଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ପ୍ରାକୃତିକ ବିପର୍ଯ୍ୟୟର ପ୍ରଭାବଶାଳୀ ମୁକାବିଲା କରିବା ନିମିତ୍ତ ତଥା ତାଙ୍କର କାଳଜୟୀ ଆହ୍ୱାନ ପ୍ରତ୍ୟେକଟି ଜୀବନ ମୂଲ୍ୟବାନ ମନ୍ତ୍ରକୁ ଗ୍ରହଣ କରି ରାଜ୍ୟର ଶାସନ ଓ ପ୍ରଶାସନ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ତଥା ଜନସାଧାରଣ ଯେଭଳି ସହଯୋଗ ଓ ସହଭାଗିତା ପ୍ରଦର୍ଶନ କରିଛନ୍ତି ତାହା ସମଗ୍ର ବିଶ୍ୱରେ ଅଦ୍ୱିତୀୟ। କେନ୍ଦ୍ର ସରକାରଙ୍କ ତରଫରୁ ଓଡ଼ିଶାକୁ ୨୦୨୩ ପାଇଁ ସମ୍ମାନଜନକ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଆପଦ ପ୍ରବନ୍ଧନ ପୁରସ୍କାର ମିଳିଛି। ଜାତୀୟ ଗଣମାଧ୍ୟମ ଓ ଜାତିସଂଘ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କ ଏ ପ୍ରକାର ପଦକ୍ଷେପକୁ ଭୂୟସୀ ପ୍ରଶଂସା କରିଛନ୍ତି। ବିପର୍ଯ୍ୟୟ ପ୍ରସ୍ତୁତି ଦିବସ ପାଳିତ ହୋଇଯାଇଥିବା ବେଳେ ସମସ୍ତଙ୍କ ସହଯୋଗ ଓ ସଦିଚ୍ଛା ନିମନ୍ତେ, ରାଜ୍ୟସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁଦାମ ମାର୍ଣ୍ଡି ସମସ୍ତଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ପୂର୍ବତନ ବିଧାୟକ ରବି ଲାବଣ୍ୟଙ୍କ ପରଲୋକ

**ଧର୍ମଶାଳା,୩୦।୧୦(ବଟକୃଷ୍ଣ ପରିଡ଼ା)**

ଯାଜପୁର ଜିଲା ଧର୍ମଶାଳାର ପ୍ରାକ୍ତନ ବିଧାୟକ ରବି ଲାବଣ୍ୟ(୮୬)ଙ୍କ ସୋମବାର ପରଲୋକ ହୋଇଯାଇଛି। ଧର୍ମଶାଳା ବ୍ଲକ ମିର୍ଜାପୁର ପଞ୍ଚାୟତ ଅରଙ୍ଗାବାଦ ଗ୍ରାମର ରବି ଲାବଣ୍ୟ ୧୯୭୭ରେ ଧର୍ମଶାଳା ନିର୍ବାଚନମଣ୍ଡଳୀରୁ ଜନତା ଦଳ ଟିକେଟ୍‌ରେ ବିଜୟୀ ହୋଇ ବିଧାୟକ ହୋଇଥିଲେ। ଛାତ୍ର ଜୀବନରୁ ରାଜନୀତିରେ ରୁଚି ରଖୁଥିବା ଲାବଣ୍ୟ କଟକ ରେଭେନ୍ସା କଲେଜରେ ପଢୁଥିବା ସମୟରେ ଛାତ୍ର ସଂସଦ ସଭାପତି ଭାବେ ନିର୍ବାଚିତ ହୋଇ ନିଜର ରାଜନୈତିକ ଜୀବନ ଆରମ୍ଭ କରିଥିଲେ। ଛାତ୍ର ରାଜନୀତି ସମୟରେ ତାଙ୍କର ଦକ୍ଷତା ଓ ଉଚ୍ଚକୋଟୀର ଭାଷଣ ତତ୍କାଳୀନ ନେତୃବୃନ୍ଦଙ୍କୁ ଆକର୍ଷିତ କରିଥିଲା। ଶିକ୍ଷା ଶେଷ ପରେ ସେ ଶ୍ୟାମସୁନ୍ଦର ହାଇସ୍କୁଲ ଏବଂ ଧର୍ମଶାଳା ବାଣୀପୀଠରେ ଶିକ୍ଷକତା ଜୀବନ ଆରମ୍ଭ କରିଥିଲେ। ପରେ ସେ ଶିକ୍ଷକ ଚାକିରି ଛାଡ଼ି ଜନତା ଦଳରେ ଯୋଗଦେଇ ପ୍ରତ୍ୟକ୍ଷ ରାଜନୀତିକୁ ଆସିଥିଲେ। ୧୯୭୨ରେ ସେ ଧର୍ମଶାଳା ବ୍ଲକର ଅଧ୍ୟକ୍ଷ ହୋଇଥିଲେ। ପରେ ୧୯୭୭ରେ ସେ ଧର୍ମଶାଳା ନିର୍ବାଚନମଣ୍ଡଳୀରୁ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ଲାବଣ୍ୟ ୪୬ ବର୍ଷ ଧରି ନିଜ


ପ୍ରାକ୍ତନ ବିଧାୟକ ରବି ଲାବଣ୍ୟ

ଗାଁ ଅରଙ୍ଗାବାଦରେ ବନ୍ଦେ ଉତ୍କଳ ଜନନୀ ଅନୁଷ୍ଠାନ ଗଠନ କରି ବୋଇତ ବନ୍ଦାଣ ଉତ୍ସବ ଓ ଶ୍ୟାମସୁନ୍ଦର ମହିଳା ବିକାଶ କେନ୍ଦ୍ର ପ୍ରତିଷ୍ଠା କରି ମହିଳାମାନଙ୍କୁ ଆତ୍ମନିର୍ଭର କରାଇଥିଲେ। ଏହି ସମୟରେ ସେ ରାଜ୍ୟ ଖଦି ବୋର୍ଡର ନିର୍ଦ୍ଦେଶକ ରହିଥିଲେ।

ସେ ଦୀର୍ଘ ଦିନ ହେଲା ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ହୋଇ ଘରେ ଚିକିତ୍ସିତ ହେଉଥିଲେ। ସୋମବାର ପୂର୍ବାହ୍ନରେ ସେ ଗୁରୁତର ହୋଇପଡିବାରୁ ପରିବାର ଲୋକେ ତାଙ୍କୁ ପ୍ରଥମେ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ପରେ ତାଙ୍କୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍‌ପିଟାଲକୁ ନିଆଯାଉଥିବା ବେଳେ ବାଟରେ ତାଙ୍କର ପରଲୋକ ଘଟିଥିଲା। ଅପରାହ୍ନରେ ତାଙ୍କର ପାର୍ଥିବ ଶରୀର ଗାଁରେ ପହଞ୍ଚିବା ପରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ଖବର ପାଇ ଯାଜପୁର ପୂର୍ବତନ ଏମ୍‌ପି ରୀତା ତରେଇ, ଧର୍ମଶାଳା ବ୍ଲକ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ , ଜିଲା ପରିଷଦ ସଭ୍ୟ ଜଳଧର ମହାନ୍ତି, ଡ. ପ୍ରିୟନାଥ ମହାପାତ୍ର, କାହ୍ନୁ ଚରଣ ଦାଶ, ଡ. ଗୌତମ ଜେନା, ନିର୍ମଳ ସାମଲ, ପ୍ରଶାନ୍ତ ସ୍ୱାଇଁ, ଧର୍ମଶାଳା ପ୍ରେସ କ୍ଲବ ସଭାପତି ରମାକାନ୍ତ ଜେନା, ଉପସଭାପତି ସୀତାକାନ୍ତ ସାମଲ, ସମ୍ପାଦକ ଅବିନେଶ୍ୱର ଶତପଥୀ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ଶେଷ ଦର୍ଶନ କରିଥିଲେ। ତାଙ୍କ ବିୟୋଗରେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଘଡେଇ, ଯାଜପୁର ଏମ୍‌ପି ଶର୍ମିଷ୍ଠା ସେଠୀ, ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ, ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ, ଧର୍ମଶାଳାର ପୂର୍ବତନ ବିଧାୟକ ଗୁରୁଚରଣ ଟିକାୟତ, ଧର୍ମଶାଳା ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ କିଶାନ ପଣ୍ଡା, ପ୍ରେସକ୍ଲବ ଉପଦେଷ୍ଟା ବଟକୃଷ୍ଣ ପରିଡ଼ା ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି। ମୃତ୍ୟୁବେଳକୁ ସାନପୁଅ ସାଗର ଦାଶ, ଝିଅ ଓ ସ୍ତ୍ରୀ ଉପସ୍ଥିତ ଥିଲେ। ଜାରକା ଗୋକର୍ଣ୍ଣେଶ୍ୱର ବ୍ରାହ୍ମଣୀ ନଦୀ ପଠାସ୍ଥିତ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ବଡ଼ପୁଅ ପ୍ରାଧ୍ୟାପକ ବଳଭଦ୍ର ଦାଶ ମୁଖାଗ୍ନି ଦେଇଥିଲେ।

# ଦୋଷୀଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ

## ନାବାଳିକା ବଳାତ୍କାର ମାମଲା

**ବାଲେଶ୍ୱର, ୩୦।୧୦ (ମାନସ ବିଶ୍ୱାଳ)**

ଏକ ନାବାଳିକା ବଳାତ୍କାର ମାମଲାର ବିଚାର କରି ସୋମବାର ବାଲେଶ୍ୱର ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟ ଜଜ୍ ରଞ୍ଜନ କୁମାର ସୂତାର ଦୋଷୀ ରାଜୀବଲୋଚନ ଦାସଙ୍କୁ ୨୦ବର୍ଷ ସଶ୍ରମ କାରାଦଣ୍ଡ ଶୁଣାଇଛନ୍ତି। ଏହାସହ ୫ ହଜାର ଟଙ୍କା ଜରିମାନା ଓ ଜରିମାନା ଅନାଦେୟ ଅଧିକ ୨ ବର୍ଷ ଜେଲଦଣ୍ଡ ଭୋଗିବାକୁ ରାୟରେ କୁହାଯାଇଛି।

ସୂଚନା ଅନୁଯାୟୀ, ୨୦୨୧ରେ ବାଲେଶ୍ୱର ଜିଲା ବସ୍ତା ଥାନା ଅଞ୍ଚଳରେ ପରିବାରରେ କେହି ନ ଥିବା ବେଳେ ଜଣେ ୧୩ ବର୍ଷୀୟ ନାବାଳିକାଙ୍କୁ ତାଙ୍କ ମଉସା ସିଂଲା ଥାନା ଶିମିଳିପାଳ ଗ୍ରାମର ରାଜୀବଲୋଚନ ଦାସ ଧମକଚମକ ଦେଇ ବଳାତ୍କାର କରିବା ସହ ମୋବାଇଲରେ ତାଙ୍କ ଅଶ୍ଳୀଳ ଫଟୋ ଉତ୍ତୋଳନ କରିଥିଲେ। ଏନେଇ କାହାରିକୁ କହିଲେ ଫଟୋ ଭାଇରାଲ କରିଦେବା ସହ ତାର ସାନ ଭଉଣୀଙ୍କୁ ମାରିଦେବାର ଧମକ ଦେଇଥିଲେ। ଏହିପରି ବିଭିନ୍ନ ସମୟରେ ବାରମ୍ବାର ଉକ୍ତ ନାବାଳିକାଙ୍କୁ ରାଜୀବଲୋଚନ ବଳାତ୍କାର କରିଥିଲେ। ଗତ ୨୦୨୨ ଏପ୍ରିଲ ୨୨ ତାରିଖରେ ରାଜୀବଲୋଚନ ଉକ୍ତ ନାବାଳିକାଙ୍କୁ ଘରୁ ନେଇ ପଳାଇଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରି ପୋଲିସ ସହାୟତାରେ ଏପ୍ରିଲ ୨୩ ତାରିଖରେ ରାଜୀବଙ୍କ ବନ୍ଧୁ ଘର ଜଳେଶ୍ୱର ଥାନା ଅଞ୍ଚଳରୁ ଉଦ୍ଧାର କରିଥିଲେ। ପରେ ଏପ୍ରିଲ ୩୦ ତାରିଖରେ ରାଜୀବ ତାଙ୍କ ସ୍ତ୍ରୀଙ୍କୁ ମାରପିଟ୍ କରି ଘରୁ ବାହାର କରିଦେବା ସହ ନାବାଳିକାଙ୍କୁ ଫୋନ୍ କରି ଫଟୋ ଭାଇରାଲ କରିଦେବାର ଧମକ ଦେଇ ବିବାହ ପାଇଁ କହିଥିଲେ। ଏଥିରେ ନାବାଳିକା ଜଣକ ଅରାଜି ହେବା ସହ ପରିବାର ଲୋକଙ୍କୁ ସମସ୍ତ ଘଟଣା ଜଣାଇଥିଲେ। ପରେ ଅକ୍ଟୋବର ୧୩ତାରିଖରେ ରାଜୀବ ନାବାଳିକାଙ୍କ ସମସ୍ତ ଅଶ୍ଳୀଳ ଫଟୋ ସୋସିଆଲ ମିଡ଼ିଆରେ ଭାଇରାଲ କରିଥିଲେ। ଏନେଇ ପରିବାର ପକ୍ଷରୁ ବସ୍ତା ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଭିତ୍ତି କରି ମାମଲା (ନଂ. ୨୮୩/୨୨) ରୁଜୁ ହୋଇଥିଲା। ଏହି ମାମଲାରେ ବିଚାରପତି ୧୬ଜଣ ସାକ୍ଷୀ ଓ ୩୬ ଦଲିଲ, ଦସ୍ତାବିଜକୁ ଆଧାର କରି ଦୋଷୀଙ୍କୁ ଉପରୋକ୍ତ ଦଣ୍ଡ ଦେଇଛନ୍ତି। ପୀଡ଼ିତା ନାବାଳିକାଙ୍କୁ ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ୪ଲକ୍ଷ ଟଙ୍କା ସହାୟତା ପ୍ରଦାନ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ପ୍ରଣବ କୁମାର ପଣ୍ଡା ମାମଲାର ପରିଚାଳନା କରୁଥିଲେ।


## CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**ADMISSION OPEN**
Bhava Institute Of Medical Science & Research
Recognised by DMET, ON&MC, Health & FW Dept.,Govt. of Odisha
**GNM** Duration : 3 Year, Eligibility : +2 Pass (Any Stream) 40% Mark
**ANM** Duration : 2 Year, Eligibility : +2 Pass (Any Stream)
**DMRT DMLT** Duration : 2 Year, Eligibility : +2 Science
**CBCA** Certified Blood Collection Assistant Duration : 6 months, Eligibility : 10+
Stipend for SC/ST, OBC & SEBC
•Own Building •Hostel in Campus
•Transport facility •Placement Assistantance
ନର୍ସିଂ ଓ ପାରା-ମେଡିକାଲ୍ ଟ୍ରେନିଂରେ ଦୀର୍ଘ ୩୨ ବର୍ଷର ଅଭିଜ୍ଞତା
Plot - 1480, I.R.C. Village, Bhubaneswar - 15
9040009727
8456845313

**BUSINESS**
ଯୁବକ-ଯୁବତୀଙ୍କ ଆବଶ୍ୟକତା ରହିଛି। ଯେଉଁମାନେ ଘରେ ବସି ମୋବାଇଲ ଦ୍ୱାରା ପାର୍ଟ/ଫୁଲ୍ ଟାଇମ୍ କପି ପେଷ୍ଟ ୱାର୍କ କରିପାରିବେ।
ସୂଚନା ପାଇଁ ମିସ୍‌କଲ୍ କରନ୍ତୁ-
02240375702

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ନଭେମ୍ବର ୧୫ରେ କୋଶଳ ମହାବନ୍ଦ ଡାକରା

**ବଲାଙ୍ଗୀର, ୩୦।୧୦ (ବୀରେନ୍ଦ୍ର କୁମାର ଝାଙ୍କର)**

## ତେଜିଲା ଅଭିନେତା ମନୋଜ ମିଶ୍ରଙ୍କୁ ବ୍ୟାନ୍ ଘୋଷଣା ବିବାଦ

## କୋଶଳ ରାଏଜ୍ ମିଳିତ କ୍ରିୟାନୁଷ୍ଠାନ କମିଟିର ଖବରଦାତା ସମ୍ମିଳନୀ

ଅଭିନେତା ମନୋଜ ମିଶ୍ରଙ୍କୁ ଚଳଚ୍ଚିତ୍ର ପ୍ରଯୋଜକ ସଂଘର ଦୁଇବର୍ଷିଆ ବ୍ୟାନ୍ ଘୋଷଣାକୁ ନେଇ ଦେଖାଦେଇଥିବା ବିବାଦ ତେଜିବାରେ ଲାଗିଛି। ପଶ୍ଚିମ ଓଡ଼ିଶାର କେତେକ ଶୀର୍ଷ ରାଜନେତାଙ୍କ ବୟାନବାଜି ପରେ କୋଶଳ ରାଏଜ୍ ମିଳିତ୍ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଆସନ୍ତା ନଭେମ୍ବର ୧୫ ତାରିଖ କୋଶଳ ମହାବନ୍ଦ ଡାକରା ଦିଆଯାଇଛି। ସ୍ୱତନ୍ତ୍ର କୋଶଳ ରାଜ୍ୟ ଗଠନ ଏବଂ କୋଶଳାଞ୍ଚଳର ଭାବାବେଗ ପ୍ରସଙ୍ଗକୁ ନେଇ ଏହି ମହାବନ୍ଦ ଡାକରା ଦିଆଯାଇଥିବା କମିଟି ପକ୍ଷରୁ କୁହାଯାଇଛି। ପଶ୍ଚିମ ଓଡ଼ିଶାର ୧୦ଟି ଜିଲା ସମେତ ଅନୁଗୋଳ ଜିଲା ଆଠମଲ୍ଲିକ ସବ୍‌ଡିଭିଜନ୍‌ରେ ଆସନ୍ତା ୧୫ ନଭେମ୍ବରରେ ସମସ୍ତ ସରକାରୀ, ବେସରକାରୀ ଅଫିସ, ଗାଡ଼ି ଚଳାଚଳ, ଦୋକାନ ବଜାର ବନ୍ଦ ରହିବ ବୋଲି ଘୋଷଣା କରାଯାଇଛି।

ସୋମବାର ପୂର୍ବାହ୍ନରେ ସ୍ଥାନୀୟ ସାମ୍ବାଦିକ ଭବନରେ କୋଶଳ ରାଏଜ୍ ମିଳିତ୍ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଖବରଦାତା ସମ୍ମିଳନୀ ଡକାଯାଇଥିଲା। ଏଥିରେ ଅଭିନେତା ମନୋଜ ମିଶ୍ରଙ୍କୁ ଦୁଇବର୍ଷିଆ ବ୍ୟାନ୍ ଘୋଷଣାକୁ ନିନ୍ଦା କରାଯାଇଥିଲା। ଏଭଳି ନିଷ୍ପତ୍ତି ଉପକୂଳ ଅଞ୍ଚଳର ପଶ୍ଚିମ ଓଡ଼ିଶା ବିରୋଧୀ ମନୋଭାବକୁ ପ୍ରଦର୍ଶିତ କରୁଛି ବୋଲି କୁହାଯାଇଥିଲା। ମନୋଜଙ୍କ ବ୍ୟାନ ପ୍ରସଙ୍ଗରେ ମୁହଁ ଖୋଲିଥିବା ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର, ଲୋଇସିଂହା ବିଧାୟକ ଡ. ମୁକେଶ ମହାଲିଙ୍ଗ ଓ ରେଙ୍ଗାଲି ବିଧାୟକ ନାଉରୀ ନାୟକଙ୍କୁ ଖବରଦାତା ସମ୍ମିଳନୀରେ ଧନ୍ୟବାଦ ଜ୍ଞାପନ କରାଯାଇଥିଲା। ଖବରଦାତା ସମ୍ମିଳନୀରେ କୋଶଳ ରାଏଜ୍ ମୁକ୍ତିମୋର୍ଚ୍ଚା ଆବାହକ ସୁବାସ ଚନ୍ଦ୍ର ଆଚାର୍ଯ୍ୟ, ସୁଶୀଲ କୁମାର ଗୁରୁ, କୋଶଳ ସେନା ସଭାପତି କୌସ୍ତୁଭ ସାହୁ, ସମ୍ପାଦକ ବୀରବଳ ମହାକୁର, ଭିଲେଜର୍ସ ଇଣ୍ଡିଆ ପାର୍ଟି ସଭାପତି ଡ ବିପିନ କୁଶଳିଆ, କୋଶଲ୍ ରାଏଜ୍ ମୁକ୍ତି ମୋର୍ଚ୍ଚା ରାଜ୍ୟ ସମ୍ପାଦକ ସିପୁନ୍ ଖମାରୀ, ଟ୍ରେଡ୍ ୟୁନିଅନ୍ ନେତା ବିଭୁଦତ୍ତ ମିଶ୍ର ମଞ୍ଚାସୀନ ଥିଲେ। ଖବରଦାତା ସମ୍ମିଳନୀରେ କୋଶଳାଞ୍ଚଳ ପ୍ରତି ହେଉଥିବା ଅନ୍ୟାୟ, ପାତରଅନ୍ତର ଏବଂ ଆଞ୍ଚଳିକ ବୈଷମ୍ୟ ବିରୁଦ୍ଧରେ ସରକାରଙ୍କୁ ଦୋଷାରୋପ କରାଯାଇଥିଲା। ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀବେଞ୍ଚ, ଦ୍ୱିତୀୟ କୃଷି ବିଶ୍ୱବିଦ୍ୟାଳୟ, ଏମ୍‌ସ ହସ୍ପିଟାଲ, କଟନ୍ କରିଡର ପ୍ରତିଷ୍ଠା ଦାବିକୁ କିଭଳି ଅଣଦେଖା କରାଯାଇଛି କୁହାଯାଇଥିଲା।



ବଲାଙ୍ଗୀର ସାମ୍ବାଦିକ ଭବନରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ କୋଶଳ ରାଏଜ୍ ମିଳିତ୍ କ୍ରିୟାନୁଷ୍ଠାନ କମିଟି ସଦସ୍ୟ।

# ପ୍ରଯୋଜକ ସଂଘର ନିଷ୍ପତ୍ତି ଦୁର୍ଭାଗ୍ୟଜନକ: ନରସିଂହ

**ବଲାଙ୍ଗୀର, ୩୦।୧୦ (ବୀରେନ୍ଦ୍ର କୁମାର ଝାଙ୍କର)**

ସିନେ ଅଭିନେତା ମନୋଜ ମିଶ୍ରଙ୍କୁ ଦୁଇବର୍ଷ ପାଇଁ ବ୍ୟାନ୍ ଘୋଷଣା ହଟାଯିବ ନାହିଁ ବୋଲି ପ୍ରଯୋଜକ ସଂଘର ନିଷ୍ପତ୍ତି ଦୁର୍ଭାଗ୍ୟଜନକ। ଏଭଳି ନିଷ୍ପତ୍ତିକୁ ସେ ନିନ୍ଦା କରୁଛନ୍ତି ବୋଲି କହିଛନ୍ତି ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର। ସୋମବାର ବଲାଙ୍ଗୀରରେ ସେ ଗଣମାଧ୍ୟମକୁ କହିଛନ୍ତି ଯେ, ସଂଘ ଯେତେବେଳେ ବ୍ୟାନ୍ ନିଷ୍ପତ୍ତି ନେଲେ ସେତେବେଳେ ମନୋଜ ମିଶ୍ରଙ୍କୁ ଡକାଯାଇ ନ ଥିଲା। ଏବେ ବ୍ୟାନ ନିଷ୍ପତ୍ତି ଉଠାଇବା ବେଳେ ସେ ଆସୁନାହାନ୍ତି ବୋଲି କହିବାରେ ସେମାନଙ୍କର କ'ଣ ଅଧିକାର ଅଛି ବୋଲି ନରସିଂହ ପ୍ରଶ୍ନ କରିଛନ୍ତି। ଯେତେଶୀଘ୍ର ହେଉ ଏହି ସମସ୍ୟାର ସମାଧାନ କରାଯାଉ। ପ୍ରଥମେ ତାଙ୍କ ଉପରୁ ବ୍ୟାନ୍ ଉଠାଇ ଆଲୋଚନା କରାଯାଇପାରିବ। ମନୋଜ ସ୍ପଷ୍ଟ ଭାବେ କହୁଛନ୍ତି ଯେ, ସେ ଓଡ଼ିଆ ସିନେମାକୁ ସ୍ୱାଗତ କରୁଛନ୍ତି। ହେଲେ ପ୍ରଯୋଜକଙ୍କ ମତାମତରୁ ଆଞ୍ଚଳିକତାର ଗନ୍ଧ ଆସୁଛି। ସମସ୍ୟାର ଶୀଘ୍ର ସମାଧାନ ନ ହେଲେ ସେ ଯେଉଁ ଭବିଷ୍ୟତବାଣୀ କରିଛନ୍ତି ସେ ଆଡ଼କୁ କଥାଯିବ ବୋଲି ବିଧାୟକ ମିଶ୍ର ପୁଣି ଥରେ ସୂଚିତ କରିଛନ୍ତି।


# Classified Everyday 0674-2580101, 2549949


REAL ESTATE
**SALE**

ଭୁବନେଶ୍ୱର ଖୋର୍ଦ୍ଧା NH side Gandhi College ଲାଗି 60’ road, electricity, boundarywall ଥାଇ immediatly ଘର କରିବା ପାଇଁ ପ୍ଲଟ୍ ମିଳୁଛି। 9090963952. D-75250

ଜଟଣୀଗେଟ୍ NHରୁ ଅଳ୍ପଦୂରତାରେ sqft.- 300/-, ଛତାବର-500/-, ନଖରା SC/Gen plot- 300/-. 7978663279. D-75249

Twincity ମଧ୍ୟଭାଗରେ Grand Bazar (Nakhara NH-16) ସମ୍ମୁଖରୁ ଅଳ୍ପ ଦୂରତାରେ ଘରବାରି Plot ସୁଲଭ ମୂଲ୍ୟରେ କିଣନ୍ତୁ। ଗୃହ ନିର୍ମାଣ କରନ୍ତୁ - 9658562429. D-75239

ଭୁବନେଶ୍ୱର ରବିଟକିଜ୍ ସାଇ ମନ୍ଦିର ନିକଟରେ ଘରବାରି ପାଚେରି ପ୍ଲଟ୍ ପଟାରୁ ବିକ୍ରିହେବ। 9827119799. D-1670

Bhubaneswar/ Nakhara/ Pahala ଛକ ପାଖରେ ଘରବାରି ବାସୋପଯୋଗୀ ପ୍ଲଟ୍ free boundary, ଇଲେକ୍ଟ୍ରିସିଟି ଥାଇ ତୁରନ୍ତ ଘରକରି ପାରିବେ। 9178704897. D-75247

ଭୁବନେଶ୍ୱର KIIT University ଜଗନ୍ନାଥମନ୍ଦିର ପାଖରେ Boundary, ଇଲେକ୍ଟ୍ରିସିଟିଥାଇ ପ୍ଲଟ୍ ବିକ୍ରି ହେବ - 9437205314, 9937513595. D-75243

ଭୁବନେଶ୍ୱର ତମାଣ୍ଡୋ ଥାନା ପାଖରେ ଏବଂ ଯାଆଁଳା, ଭୁଆସୁଣୀ ମନ୍ଦିର ପାଖରେ (General / SC) possession plot ବହୁତ କମ୍ ମୂଲ୍ୟରେ ବିକ୍ରି ହେଉଛି। 9438315973 / 9938066403. D-1655

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

ଭୁବନେଶ୍ୱର ତମାଣ୍ଡୋ Hyundai Showroom ପାଖରେ ଏବଂ ଯାଆଁଳା Overbridgeଠାରୁ 1 Km ଦୂରରେ ସ୍ଥିତିବାନ possession plot ସୁଲଭ ମୂଲ୍ୟରେ ବିକ୍ରି ହେଉଛି। Contact: 9777067303. D-1656

ଘରବାରି ପଟ୍ଟା Plots, Resale Hotel / house at Puri Town, ସମୁଦ୍ରକୂଳ ଏବଂ ତା'ର ପାଖାପାଖି ଏରିଆରେ ମିଳୁଅଛି। 7008067338, 9090746445. D-75242

BDA Town planning ଏରିଆରେ ୩୦ଫୁଟ୍ ରୋଡ୍ ଥାଇ ଘରବାଡ଼ି ପ୍ଲଟ୍ ବର୍ଗଫୁଟକୁ- 850/- କିଣି ଘର କରନ୍ତୁ। (୬୦ଟା ପ୍ଲଟ୍ ଅଛି), 9853150290. D-75254

ଭୁବନେଶ୍ୱର NH-16 ପିତାପଲ୍ଲୀରୁ 1 K.M. ମଧ୍ୟରେ Carmel School ପାଖରେ 30’ road, boundary ପ୍ଲଟ୍ ସୁଲଭ ମୂଲ୍ୟରେ ମିଳୁଛି। 9337166296, 9853474706. D-75233




Newly open SPA positively health benefit with expert. Contact: 7749976301. D-1681

All types of professional body massage by professional therapy. Contact 7077933109, 9556924059, 8658803018. D-1669

Newly open health benefits Spa special offer @999. Contact: 7749034655. D-75166

Body spa / saloon by expert therapist, Puja Offer @999/-. 9938843929. D-75163

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com




Good Running Tile Business with 6 Figure/ month profit at prime location of Chandpur, Nayagarh for sale contact 9124159073. D-1691

**AFFIDAVIT**

In the Court of Executive Magistrate, Nischintakoili, I Shri Pradosh Kumar Behera, S/o Sunakara Behera, D.O.B- 08.05.1987 Living At- Othaka, PO/ PS- Nischintakoili, Dist.- Cuttack declared that my Provident Fund name has registered with my nick name as Manas and D.O.B as 21.08.1981. D-1690

**LOST**

I, Sri Sachindananda Patra, aged 27 years, S/o.-Antaryami Patra, At.-Sugo, P.O.- Sugo, P.S.-Basudevpur, Dist.- Bhadrak, State.- Odisha, Pin-756124. That, the property under Mouza.- Sugo, P.S.-Basudevpur, P.S. No.111, Khata No.1226/272, Plot No.3293/4779 GB Ac0.28decs stands recorded in my name. That, at the time of purchase I have obtained the Original Link Regd. Sale Deed vide No.1501 dtd.23.05.07 at SRO.- Basudevpur from my vendor Antaryami Patra, S/o.-Ganesh Patra. Lost Date: 27.10.2023. In this regard I lodged FIR Copy lost Service Request No. 24490005230008, Date of FIR is on 30.10.2023. If any person or concern having any claim and objection over the aforesaid property may contact: Balasore Advocate: Subodhakanta Panigrahi Contact No.9861110353, Sachidananda Patra, Mob.9437402116 within 15 days from the date of publication of this Notice. D-1692

## ମନେ ପଡ଼ନ୍ତି

**ଏକାଦଶାହ ଉପଲକ୍ଷେ**



**୰ଦେୱାନ କୁମାର ନାଥ**
ଜଡ଼ତିରା, ଥାନାଗଡ଼ା, ତିର୍ତ୍ତୋଲ ଜଗତ୍‌ସିଂହପୁର
ଆବିର୍ଭାବ: ୧୦।୦୫।୧୯୭୮
ତିରୋଧାନ: ୨୧।୧୦।୨୦୨୩
ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ପ୍ରାର୍ଥନା କରୁଅଛୁ।
ଶୋକସନ୍ତପ୍ତ: ପରିବାରବର୍ଗ, ବନ୍ଧୁବାନ୍ଧବ, ଆତ୍ମୀୟସ୍ୱଜନ।
ସାଇ ମେଡିସିନ୍ ଷ୍ଟୋର, ମଣିଜଙ୍ଗା
ଧ-୧୬୮୯

**ଏକାଦଶାହ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ବିଦ୍ୟାଧର ଭୋଇ**
ପ୍ଲଟ୍ ନଂ. ୧୪୭, ନୂଆସାହି, ରସୁଲଗଡ଼, ଭୁବନେଶ୍ୱର
ଆବିର୍ଭାବ: ୧୯୩୭ ମସିହା
ତିରୋଧାନ: ୨୧।୧୦।୨୦୨୩ (ମହାସପ୍ତମୀ)
ଜାତସ୍ୟ ହି ଧ୍ରୁବୋ ମୃତ୍ୟୁର୍ଧ୍ରୁବଂ ଜନ୍ମ ମୃତସ୍ୟ ଚ।
ତସ୍ମାଦପରିହାର୍ଯ୍ୟେଽର୍ଥେ ନ ତ୍ୱଂ ଶୋଚିତୁମର୍ହସି ॥
ଆପଣଙ୍କ ସ୍ନେହ, ଶ୍ରଦ୍ଧା ଓ ତ୍ୟାଗ ଆମ୍ଭେ କେବେ ବି ଭୁଲିପାରିବୁ ନାହିଁ। ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ଶୋକସନ୍ତପ୍ତ: ପତ୍ନୀ- ସୁଷମା, ପୁତ୍ର ଓ ପୁତ୍ରବଧୂ- ବେଦଦ୍ୟୁତ (କାଲୁ), ମମତାମଞ୍ଜରୀ (ମାମି); ପୁସୁ, ଇସୁ, ସ୍ୱସ୍ତିକ୍; ଝିଅଜ୍ୱାଇଁ, ନାତିନାତୁଣୀ, ଆତ୍ମୀୟସ୍ୱଜନ ଓ ବନ୍ଧୁବାନ୍ଧବ।
ଧ-୧୬୮୬

**ପାଠକଙ୍କ ପାଇଁ ସୂଚନା**


କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ନୀତା ଅମ୍ବାନୀଙ୍କୁ ଗ୍ଲୋବାଲ ଲିଡରଶିପ ପୁରସ୍କାର

ନୂଆଦିଲ୍ଲୀ,୩୦।୧୦

ରିଲାଏନ୍ସ ଫାଉଣ୍ଡେଶନର ପ୍ରତିଷ୍ଠାତା ତଥା ଅଧ୍ୟକ୍ଷା ନୀତା ଅମ୍ବାନୀଙ୍କୁ ଗ୍ଲୋବାଲ ଲିଡରଶିପ ପୁରସ୍କାରରେ ସମ୍ମାନିତ କରାଯାଇଛି। ଦିଲ୍ଲୀରେ ଆମେରିକା ଇଣ୍ଡିଆ ଷ୍ଟ୍ରାଟେଜିକ ପାର୍ଟନରଶିପ ଫୋରମ (ୟୁଏସ୍ଆଇଏସ୍ପିଏଫ୍) ଦ୍ୱାରା ଆୟୋଜିତ ଏକ କାର୍ଯ୍ୟକ୍ରମରେ ନୀତା ଅମ୍ବାନୀଙ୍କୁ ଫୋରମ ଚେୟାରମ୍ୟାନ ଜନ ଚାମ୍ବର୍ସ ପୁରସ୍କାର ପ୍ରଦାନ କରିଛନ୍ତି । ଏ ଅବସରରେ ନୀତା ଅମ୍ବାନୀ କହିଛନ୍ତି ଯେ, ସେ ରିଲାଏନ୍ସ ଫାଉଣ୍ଡେଶନକୁ ପ୍ରତିନିଧିତ୍ୱ କରନ୍ତି। ଯାହା ମାଧ୍ୟମରେ ୭ କୋଟିରୁ ଅଧିକ ଲୋକଙ୍କ ସଂସ୍ପର୍ଶରେ ଆସିପାରିଛନ୍ତି। ସେହିପରି ୟୁଏସ୍ଆଇଏସ୍ପିଏଫ ଏକ ବିବୃତି ଜାରି କରି କହିଛି ଯେ, ନୀତା ଅମ୍ବାନୀ ସାମାଜିକ କାର୍ଯ୍ୟରେ ସକ୍ରିୟ ଭାବରେ ଜଡ଼ିତ ରହିଥିବା ଜଣେ ବିଜ୍‌ନେସ ଲିଡର । ତାଙ୍କ ନେତୃତ୍ୱରେ ରିଲାଏନ୍ସ ଫାଉଣ୍ଡେଶନ ଶିକ୍ଷା, କଳା, କ୍ରୀଡା ଏବଂ ସ୍ୱାସ୍ଥ୍ୟସେବା ପ୍ରଦାନ ସହ ମହିଳା ସଶକ୍ତୀକରଣ ଓ ଶିଶୁ ସୁରକ୍ଷା ଦିଗରେ କାର୍ଯ୍ୟ କରୁଛନ୍ତି। ୟୁଏସ୍ଆଇଏସ୍ପିଏଫ କଳା ଏବଂ ସଂସ୍କୃତିରେ ନୀତା ଅମ୍ବାନୀଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନ ଥିବାରୁ ନିକଟରେ ସେ ନ୍ୟୁୟର୍କର ମେଟ୍ରୋପଲିଟାନ ମ୍ୟୁଜିୟମ ଅଫ୍ ଆର୍ଟ ବୋର୍ଡରେ ସମ୍ମାନିତ ଟ୍ରଷ୍ଟି ଭାବରେ ମନୋନୀତ ହୋଇଥିଲେ । ଗତ ବର୍ଷ ମୁମ୍ବାଇରେ ନୀତା ମୁକେଶ ଅମ୍ବାନୀ ସାଂସ୍କୃତିକ କେନ୍ଦ୍ର (ଏନ୍ଏମଏସିସି) ଶୁଭାରମ୍ଭ କରାଯାଇଥିଲା, ଯାହାକୁ ଅନେକ ପ୍ରଶଂସା ମିଳିଥିଲା। ଅନ୍ତର୍ଜାତୀୟ ଅଲିମ୍ପିକ କମିଟି (ଆଇଓସି)ରେ ଭାରତର ପ୍ରତିନିଧି ଭାବରେ ନୀତା ଅମ୍ବାନୀ ସଫଳତାର ସହ ଭାରତୀୟ ପ୍ରତିନିଧି ମଣ୍ଡଳୀର ନେତୃତ୍ୱ ନେଇଥିଲେ, ଯାହା ଚାରି ଦଶନ୍ଧି ପରେ ଭାରତରେ ୧୪୧ତମ ଆଇଓସି ଅଧିବେଶନ ଆୟୋଜନ କରିବାର ଅଧିକାର ଜିତିଥିଲା । ଅକ୍ଟୋବର ୨୦୨୩ରେ ମୁମ୍ବାଇରେ ଏହି ଅଧିବେଶନ ସଫଳତାର ସହିତ ଅନୁଷ୍ଠିତ ହୋଇଥିଲା। ଏହାଦ୍ୱାରା ୨୦୩୬ ରେ ଅଲିମ୍ପିକ ଖେଳ ଆୟୋଜନ କରିବା ନେଇ ଆଶା କରାଯାଉଛି। ୟୁଏସଆଇଏସପିଏଫ ଅଧ୍ୟକ୍ଷ ଜନ ଚାମ୍ବରସ ନୀତା ଅମ୍ବାନୀଙ୍କୁ ପ୍ରଦାନ କରାଯାଇଥିବା ପୁରସ୍କାର ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ଯେଉଁମାନେ ଜୀବନରେ ସଫଳ ହୋଇଛନ୍ତି ସେମାନଙ୍କ ପାଇଁ ଅନ୍ୟମାନଙ୍କୁ ସଫଳ ହେବାରେ ସାହାଯ୍ୟ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏହିପରି ଜଣେ ବ୍ୟକ୍ତିତ୍ୱ ହେଉଛନ୍ତି ନୀତା ଏମ ଅମ୍ବାନୀ। ସେ ରିଲାଏନ୍ସ ଫାଉଣ୍ଡେଶନରେ କଳା, କ୍ରୀଡା, ସଂସ୍କୃତି ଏବଂ ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଛନ୍ତି ।




## ଟିଭିଏସ୍ ଆଇକ୍ୟୁବ୍ କିଣିଲେଣି ୨ ଲକ୍ଷ ଗ୍ରାହକ

ଭୁବନେଶ୍ୱର,୩୦।୧୦

ଅଗ୍ରଣୀ ଟିଭିଏସ୍ ମୋଟର କମ୍ପାନୀ ପକ୍ଷରୁ ଭୁବନେଶ୍ୱରରେ ମେଗା ଡେଲିଭରି କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଦିନକରେ ୨୦୦ ଟିଭିଏସ୍ ଆଇକ୍ୟୁବ୍ ଇଲେକ୍ଟ୍ରିକ୍ ସ୍କୁଟର ଗ୍ରାହକମାନଙ୍କୁ ହସ୍ତାନ୍ତର କରାଯାଇଛି। ୨୦୨୦ରେ ଟିଭିଏସ୍ ଆଇକ୍ୟୁବ୍ ଜରିଆରେ ଟିଭିଏସ୍ ମୋଟର କମ୍ପାନୀ ଇଲେକ୍ଟ୍ରିକ୍ ଗମନାଗମନ କ୍ଷେତ୍ରରେ ପ୍ରବେଶ କରିଥିଲା। ପ୍ରତି ମାସରେ ଅଭିବୃଦ୍ଧି ସହ ଟିଭିଏସ୍ ଆଇକ୍ୟୁବ୍‌ର ଦୁଇ ଲକ୍ଷରୁ ଅଧିକ ଗ୍ରାହକ ସୃଷ୍ଟି ହୋଇଛନ୍ତି। ସେଥିମଧ୍ୟରୁ ୧ ଲକ୍ଷ ଗ୍ରାହକ ଗତ ୬ ମାସରେ ଯୋଡ଼ି ହୋଇଛନ୍ତି। ବର୍ତ୍ତମାନ ସାରା ଭାରତରେ ଥିବା ୨୧୭ଟି ସହରର ୩୪୮ଟି ଡିଲରଶିପ୍‌ରେ ଟିଭିଏସ୍ ଆଇକ୍ୟୁବ୍ ଉପଲବ୍ଧ ହୋଇଛି। ଦୁଇ ଲକ୍ଷ ବିକ୍ରି ମାଇଲଖୁଣ୍ଟ ହାସଲ ଲାଗି ଟିଭିଏସ୍ ଆଇକ୍ୟୁବ୍ ଉପରେ ୧୦ ହଜାର ଟଙ୍କା ଛାଡ଼ ପର୍ଯ୍ୟନ୍ତ ଅଫର ଘୋଷଣା କରାଯାଇଛି।

# ତନିଷ୍କର 'ଧରୋହର କଲେକ୍ସନ'




ଭୁବନେଶ୍ୱର,୩୦।୧୦ (ଅନୁରାଧା ମହାରଣା)

**ଗହଣାରେ ଭାରତୀୟ ପରମ୍ପରାର ଛାପ**

କାନଫୁଲ ହେଉ କି ହାର, ଚୁଡ଼ି ସବୁଥିରେ ଭାରତର ଐତିହ୍ୟ ଓ କାଳଜୟୀ ପରମ୍ପରା ଦେଖିବାକୁ ମିଳିବ। ଦୀପାବଳି ଅବସରରେ ଦେଶର ଅନ୍ୟତମ ଅଗ୍ରଣୀ ଗହଣା ପ୍ରତିଷ୍ଠାନ ତନିଷ୍କ ଗ୍ରାହକଙ୍କ ପାଇଁ 'ଧରୋହର' କଲେକ୍ସନ ପ୍ରସ୍ତୁତ କରିଛି। ଏଥିରେ ସୁନ୍ଦର କଳାକୃତି ମାଧ୍ୟମରେ ତନିଷ୍କ ପୁରୁଣା ଏବଂ ନୂତନ ପରମ୍ପରା ମଧ୍ୟରେ ଏକ ସଂଯୋଗ ସୃଷ୍ଟି କରିବାକୁ ପ୍ରୟାସ କରାଯାଇଛି। ଏନେଇ ସୋମବାର ଭୁବନେଶ୍ୱରରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ତନିଷ୍କର ବିଜନେସ୍ ଆସୋସିଏଟ୍ ଯୋଗେନ୍ଦ୍ର ହଂସ କହିଛନ୍ତି ଦେଶର ଏହି ପ୍ରମୁଖ ଗହଣା ପ୍ରତିଷ୍ଠାନ 'ଧରୋହର' କଲେକ୍ସନ ଜରିଆରେ ଐତିହ୍ୟ ଏବଂ ଅତୀତର ସେତୁ ମାଧ୍ୟମରେ ପିଢ଼ିମାନଙ୍କୁ ବାନ୍ଧୁଛି। ସେହିପରି ରିଜିଓନାଲ ବିଜ୍‌ନେସ୍ ମ୍ୟାନେଜର ଆଲୋକ ରଞ୍ଜନ କହିଛନ୍ତି, 'ଧରୋହର' କଲେକ୍ସନରେ ପ୍ଲେନ ଗୋଲ୍ଡ, ଭିଣ୍ଟେଜ ଏବଂ କୁନ୍ଦନ ଗହଣା ଡିଜାଇନ ରହିଛି। ମହିଳାମାନେ ଭାରତୀୟ ପରମ୍ପରାର ରକ୍ଷକ ହୋଇଥିବାବେଳେ ଏହି ଗହଣା ତାଙ୍କୁ ସ୍ୱତନ୍ତ୍ର ଲୁକ୍ ଦେବ। ଦକ୍ଷ କାରିଗରଙ୍କ ଦ୍ୱାରା ଏହି 'ଧରୋହର' କଲେକ୍ସନ ପ୍ରସ୍ତୁତ କରାଯାଉଛି। ଚଣ୍ଡକ ୱାର୍କ, ରାସ ରାୱା, ସୂକ୍ଷ୍ମ ତାରକସି କାମ ଦ୍ୱାରା 'ଧରୋହର' କଲେକ୍ସନର ପ୍ରତ୍ୟେକ ଗହଣାରେ ଭାରତୀୟ ପରମ୍ପରା ପ୍ରତିଫଳିତ ହେଉଛି। ଥପା ୱାର୍କ ସହ ଚୋକର, ନେକଲେସ୍ ତାରକସି ନେକଲେସ ସେଟ, କୁନ୍ଦନ କାର୍ଯ୍ୟରେ କ୍ଲାସିକ ସେଟ ବ୍ୟତୀତ ନେକଲେସ ସେଟ, ଚୁଡ଼ି, ବ୍ରେସଲେଟ୍ ଓ ହାତମୁଦି ମଧ୍ୟ ଏଥିରେ ରହିଛି।

# ଲାଲ୍‌ଚାନ୍ଦର କୌନ ବନେଗା ଲକ୍ଷପତି କାର୍ଯ୍ୟକ୍ରମ




ଭୁବନେଶ୍ୱର,୩୦।୧୦

ଲାଲ୍‌ଚାନ୍ଦର କୌନ ବନେଗା ଲକ୍ଷପତି ଲକି ଡ୍ର‌ର ତୃତୀୟ ଦିନରେ କଟକ ଷ୍ଟୋର୍ ପାଇଁ ଲକି ଡ୍ର କାର୍ଯ୍ୟକ୍ରମ କଟକ କ୍ଲବ୍‌ରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଜେତା ଭାବେ ଜଣେ କାର୍, ଦୁଇ ଜଣ ବାଇକ୍ ଜିତିଥିବା ବେଳେ ୮ ଜଣ ଲକ୍ଷପତି ହୋଇଛନ୍ତି। ରବିବାର କଟକ ଷ୍ଟୋର୍‌ର ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଲାଲଚାନ୍ଦର ଫାଉଣ୍ଡର୍ ଚେୟାରମ୍ୟାନ୍ ସଞ୍ଜୟ ହଂସ, ଅଭିନେତା କୁନା ତ୍ରିପାଠୀ, ଆକାଶ ଦାସନାୟକ ଓ ଅଭିନେତ୍ରୀ ଭୂମିକା ଦାଶ ପ୍ରମୁଖ ଉପସ୍ଥିତ ରହି ବିଜେତାଙ୍କୁ ସମ୍ମାନିତ କରିଥିଲେ। ଏହି ଲକି ଡ୍ର ଉତ୍ସବରେ କଟକର ଅଚ୍ୟୁତାନନ୍ଦ ଆଚାର୍ଯ୍ୟ କାର୍ ଜିତିଥିଲାବେଳେ କଟକର ସଞ୍ଜୟ ରଥ ଓ ବି.ସି. ଜେନା ଗୋଟିଏ ଗୋଟିଏ ବାଇକ୍ ଜିତିଛନ୍ତି। ଏହାସହ ଅନୁଗୋଳର ସିଦ୍ଧି ସୌଜନ୍ୟ ସାହୁ, ଯାଜପୁରର ଜ୍ଞାନରଞ୍ଜନ ସାହୁ, କଟକର ପବିତ୍ର ମୋହନ ମହାନ୍ତି, ସେଖ୍ ମେହବୁବ ଅଲ୍ଲି, ସିମରନ ସ୍ୱାଇଁ, କେନ୍ଦୁଝରର ଶୁଭଲକ୍ଷ୍ମୀ ଓ ଜଗତସିଂହପୁରର ଦିଲୀପ କୁମାର ସାହୁ ଲକ୍ଷପତି ହୋଇଛନ୍ତି।

# ଭୁବନେଶ୍ୱରରେ 'ଗୋଇଲା ବଟର ଚିକେନ୍'

- ଲିଙ୍ଗରାଜ ଦର୍ଶନ କଲେ ମାଷ୍ଟର ସେଫ୍ ସାରାଂଶ
- ଦହିବରା, ପାହାଲ ରସଗୋଲାକୁ ପ୍ରଶଂସା

ଭୁବନେଶ୍ୱର,୩୦।୧୦




ପ୍ରସିଦ୍ଧ ମାଷ୍ଟର ସେଫ୍ ସାରାଂଶ ଗୋଇଲାଙ୍କ ସ୍ୱତନ୍ତ୍ର ରେସିପିରେ ପ୍ରସ୍ତୁତ ଗୋଇଲା ବଟର ଚିକେନ୍ ଏଣିକି ଭୁବନେଶ୍ୱରରେ ମଧ୍ୟ ମିଳିବ। ସାରାଂଶ ଏବଂ 'ଗୋଇଲା ଚିକେନ'ର ସହ ପ୍ରତିଷ୍ଠାତା ବିବେକ ସାହାଣୀଙ୍କ ଉଦ୍ୟମରେ ଏହା ରାଜଧାନୀବାସୀଙ୍କୁ ଏଣିକି ହାତପାଆନ୍ତାରେ ବିଭିନ୍ନ ସ୍ୱାଦିଷ୍ଟ ଖାଦ୍ୟ ମିଳିପାରିବ। ସୋମବାର ଗଣମାଧ୍ୟମକୁ ସମ୍ବୋଧିତ କରି ସାରାଂଶ କହିଛନ୍ତି, ଗୋଇଲା ବଟର ଚିକେନ୍ ଯୁବପିଢ଼ିଙ୍କ ପ୍ରଥମ ପସନ୍ଦ ପାଲଟିଥିବାବେଳେ ନାନ୍ ବମ୍ବସ୍, କ୍ଲାସିକ୍ ଚିକେନ୍ ଟିକା, ଗୋଇଲା ବଟର ପନିର, ଦାଲ ମଖନୀ ଆଦିର ମଧ୍ୟ ଖୁବ୍ ଚାହିଦା ରହିଛି। ଭେଜ ହେଉ କି ନନ୍‌ଭେଜ୍, ଷ୍ଟାର୍ଟର ହେଉ କି ମେନ୍ କୋର୍ସ ସବୁଥିରେ ଗୋଇଲାଙ୍କ ସିକ୍ରେଟ୍ ରେସିପି ରହିବ। ଜମାଟୋ ଓ ସ୍ୱିଗିରେ ଅର୍ଡର କରିଲେ ମାତ୍ର କିଛି ସମୟ ମଧ୍ୟରେ ସହରର ଯେକୌଣସି ସ୍ଥାନରେ ମନପସନ୍ଦର ଖାଦ୍ୟ ପହଞ୍ଚିଯିବ ବୋଲି ସେ କହିଛନ୍ତି।

ଅନ୍ୟପଟେ ସେ କଟକର ଦହିବରା ଓ ପାହାଲ ଓ ରସଗୋଲା ତାଙ୍କୁ ଖୁବ୍ ଭଲ ଲାଗିଥିବା କହିଛନ୍ତି। ଭୁବନେଶ୍ୱର ଆସିଥିବାରୁ ସେ ଲିଙ୍ଗରାଜଙ୍କ ଦର୍ଶନ କରିବେ ଏବଂ ପୁଣି ଥରେ ଓଡ଼ିଶା ଆସିଲେ ଶ୍ରୀଜଗନ୍ନାଥଙ୍କ ଦର୍ଶନ ମଧ୍ୟ କରିବେ ବୋଲି କହିଛନ୍ତି। ଭୁବନେଶ୍ୱରବାସୀ ବେଶ୍ ଖାଦ୍ୟପ୍ରେମୀ ହୋଇଥିବାବେଳେ 'ଗୋଇଲା ବଟର ଚିକେନ୍' ସ୍ୱାସ୍ଥ୍ୟକର ତଥା ସ୍ୱାଦିଷ୍ଟ ଖାଦ୍ୟ ସେମାନଙ୍କୁ ଯୋଗାଇଦେବ ବୋଲି କହିଛନ୍ତି। ୨୦୧୬ରୁ ସାରାଂଶଙ୍କ 'ଗୋଇଲା ବଟର ଚିକେନ' ଯାତ୍ରା ଆରମ୍ଭ ହୋଇଥିଲା ସାଧାରଣ ଭାବେ ନିଜ ରୋଷେଇ ଘରୁ । ମାତ୍ର କ୍ରମେ ସେ ଜଣେ ପ୍ରସିଦ୍ଧ ଭାରତୀୟ ସେଫ୍ ଭାବେ ପରିଚୟ ଲାଭ କରିଥିଲେ। ତେବେ ମୁମ୍ବାଇରୁ ଆରମ୍ଭ ହୋଇଥିବା ଏହି ଯାତ୍ରା ୧୮ରୁ ଅଧିକ ସହରର ପ୍ରାୟ ୮୦ଟି ଷ୍ଟୋରରେ ପହଞ୍ଚିଛି। ଜଣେ ସଫଳ ଉଦ୍ୟୋଗୀ ତଥା ଲେଖକ ଭାବେ ନିଜର ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଛନ୍ତି। କେବଳ ଭାରତରେ ନୁହେଁ ବରଂ ବିଦେଶରେ ମଧ୍ୟ ସାରାଂଶଙ୍କ ବେଶ୍ ଖ୍ୟାତି ରହିଛି।

# 'ଦୁର୍ନୀତିକୁ ନା କୁହନ୍ତୁ, ଦେଶ ପ୍ରତି ସମର୍ପିତ ରୁହନ୍ତୁ'

ଭୁବନେଶ୍ୱର,୩୦।୧୦

**ପିଏନ୍‌ବି ପକ୍ଷରୁ ସଚେତନତା ସପ୍ତାହ**

ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କର ଭୁବନେଶ୍ୱର ମଣ୍ଡଳ ପକ୍ଷରୁ ସତର୍କତା ସଚେତନତା ସପ୍ତାହ ପାଳନ କରାଯାଉଛି। ସତର୍କତା ସୋମବାର ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ନଭେମ୍ବର ୫ ତାରିଖ ପର୍ଯ୍ୟନ୍ତ ପ୍ୟାନ୍ ଇଣ୍ଡିଆ ରେଟିଂ ଆଧାରରେ ପାଳନ କରାଯିବ। ଚଳିତ ବର୍ଷ ଏହି କାର୍ଯ୍ୟକ୍ରମର ବିଷୟବସ୍ତୁ 'ଦୁର୍ନୀତିକୁ ନା କୁହନ୍ତୁ, ଦେଶ ପ୍ରତି ସମର୍ପିତ ରୁହନ୍ତୁ' ରଖାଯାଇଛି। ପିଏନ୍‌ବି ବିକାଶ ହେଉଛି ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କର ଏକ ସାମାଜିକ ଦାୟିତ୍ୱବୋଧ କାର୍ଯ୍ୟକ୍ରମ, ଯେଉଁଥିରେ ବ୍ୟାଙ୍କର ନିକଟବର୍ତ୍ତୀ ଗ୍ରାମଗୁଡ଼ିକରେ ବିକାଶମୂଳକ କାର୍ଯ୍ୟକ୍ରମ କରାଯାଇଥାଏ। ଏ ଅବସରରେ ପୁରୀ ଜିଲାର ଗୋପସ୍ଥିତ ଗଣେଶ୍ୱରପୁର ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କୁ ସ୍କୁଲ ବ୍ୟାଗ୍ ବଣ୍ଟନ କରାଯିବା ସହ ସ୍କୁଲକୁ ଏକ ୱାଟର ପ୍ୟୁରିଫାୟାର ପ୍ରଦାନ କରାଯାଇଥିଲା। ଏହି ଅବସରରେ ପିଏନ୍‌ବି ଭୁବନେଶ୍ୱର ମଣ୍ଡଳର ମଣ୍ଡଳ ମୁଖ୍ୟ ଲକ୍ଷ୍ମୀକାନ୍ତ ମିଶ୍ର, ପିଏନ୍‌ବି ଗୋପ ଶାଖାର ଶାଖା ମୁଖ୍ୟ ସତ୍ୟନାରାୟଣ ଘଡେଇ, ସ୍କୁଲର ପ୍ରଧାନ ଶିକ୍ଷକ ଈଶ୍ୱର ଚନ୍ଦ୍ର ପୃଷ୍ଟି ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରମାନେ ଦୁର୍ନୀତି ନିବାରଣ ପାଇଁ ସମୂହ ଶପଥ ପାଠ କରିଥିଲେ।

## ଅନ୍ୟାନ୍ୟ ଖବର

# ଛତିଶଗଡ଼ ଜନତା କଂଗ୍ରେସକୁ ହରାଇବାକୁ ମନ ବଳାଇଲେଣି: ଧର୍ମେନ୍ଦ୍ର

ଭୁବନେଶ୍ୱର, ୩୦।୧୦(ସୁନିତ୍ ମିଶ୍ର)



ଛତିଶଗଡ଼ର ଜନତା କ୍ଷମତାସୀନ କଂଗ୍ରେସକୁ ପରାଜୟ କରିବା ପାଇଁ ମନ ବଳାଇ ସାରିଲେଣି। ଆଉ ସହିବୁ ନାହିଁ, ବଦଳାଇ କି ହିଁ ରହିବୁ। ବର୍ତ୍ତମାନ ଏହା ଛତିଶଗଡର ଜନତାଙ୍କ ନାରା ହୋଇଛି ବୋଲି ସୋମବାର ଛତିଶଗଡ଼ ନିର୍ବାଚନ ପ୍ରଚାରରେ ସାମିଲ ହେବା ଅବସରରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି।

ରାୟଗଡ଼ା ବିଧାନସଭା ନିର୍ବାଚନମଣ୍ଡଳୀରେ ଭାଜପାର ବିଜୟ ବିଶ୍ୱାସ ଶୋଭାଯାତ୍ରାରେ କେନ୍ଦ୍ରମନ୍ତ୍ରୀ ସାମିଲ ହୋଇଥିଲେ। ଏହି ଅବସରରେ 'ଜୟ ଜଗନ୍ନାଥ' ପଦଧ୍ୱନିରେ ନିର୍ବାଚନୀ ସଭା ପ୍ରକମ୍ପିତ ହୋଇଥିଲା। ସାଧାରଣ ସଭାରେ ଧର୍ମେନ୍ଦ୍ର କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଡିଏମ୍ଏଫ୍ ପାଣ୍ଠି ତିଆରି କରି ରାୟଗଡାର ବଞ୍ଚିତ, ଅବହେଳିତଙ୍କ ସମେତ ସମସ୍ତଙ୍କର ବିକାଶ କରିବାର ଯୋଜନା କରିଛନ୍ତି। ମାତ୍ର ଏଠାରେ ମୋଦି ପଠାଉଥିବା ପାଣ୍ଠିର ଦୁରୁପଯୋଗ କରି ଛତିଶଗଡ଼ର ଅନେକ ଅଧିକାରୀ ଜେଲ ଯାଉଛନ୍ତି। ଏଠାକାର ଭ୍ରଷ୍ଟ ସରକାର ଶାସନ କରୁଛି। କଂଗ୍ରେସ ସରକାରରେ ଗରିବ, ଚାଷୀ, ମହିଳା, ବଞ୍ଚିତ, ଯୁବବର୍ଗମାନେ ସମସ୍ୟା ଘେରରେ ଅଛନ୍ତି। ଚଳିତ ନିର୍ବାଚନରେ ଲୋକମାନେ ଏହାର ନିଷ୍ପତ୍ତି ନେବେ। ଏଥର ଭାଜପାର ବିଜୟ ସୁନିଶ୍ଚିତ। ଭାଜପା ସରକାର ହେବା ପରେ ଛତିଶଗଡ଼ର ସବୁ ଗରିବଙ୍କ ପାଇଁ ପିଏମ ଆବାସ ଯୋଜନାରେ ଘର ଯୋଗାଇ ଦିଆଯିବ। ରାୟଗଡ଼ା, ଧର୍ମଜୟଗଡ଼, ଲେଲୁଙ୍ଗା ଏବଂ ଖରସିଆରେ ଉତ୍ସାହର ସହ ପ୍ରାର୍ଥୀମାନେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଏଠାରେ ବହୁତ ଓଡ଼ିଆ ଭାଷାଭାଷୀ ଲୋକ ବସବାସ କରୁଛନ୍ତି। ଓଡ଼ିଶାର ହଜାର ହଜାର କାର୍ଯ୍ୟକର୍ତ୍ତାମାନେ ଏଠାରେ ଆସି ନିର୍ବାଚନ ପ୍ରଚାର କରୁଛନ୍ତି। ଛତିଶଗଡ଼ ଜନତା ଭାଜପା ପ୍ରତି ଆସ୍ଥା ପ୍ରକଟ କରିଛନ୍ତି। ମୋଦିଙ୍କ ମଡେଲକୁ ବିଶ୍ୱ ଅନୁସରଣ କରୁଛି। ଗରିବ କଲ୍ୟାଣ ଯୋଜନାରେ ଗରିବଙ୍କ ଖାଦ୍ୟ ସୁରକ୍ଷାକୁ ମୋଦି ସରକାର ସୁନିଶ୍ଚିତ କରିଛନ୍ତି। ମୋଦିଙ୍କ ବିକାଶ ନେତୃତ୍ୱରେ ଏଠାରେ ସାମଗ୍ରିକ ବିକାଶ ହେବ। ଡବଲ ଇଞ୍ଜିନ ସରକାର ଲାଗିବ। ଧର୍ମେନ୍ଦ୍ର ରାୟଗଡ଼ା ଜିଲା ଡୁମରମୁଣ୍ଡାଠାରେ କୁଲତା ସମାଜର ଶାଖା ସଭାରେ ମଧ୍ୟ ଯୋଗ ଦେଇଥିଲେ। ମା' ରଣେଶ୍ୱର ରାମଚଣ୍ଡୀଙ୍କ ପବିତ୍ର ପୀଠସ୍ଥଳୀ, ବୀର ସୁରେନ୍ଦ୍ର ସାଏଙ୍କ ସଂଗ୍ରାମୀ ମାଟି ଓ ସଂଗ୍ରାମୀ ସ୍ୱର୍ଗତ କେଶବ ଚନ୍ଦ୍ର ଶାହଙ୍କ କର୍ମଭୂମିକୁ ମୋର ପ୍ରଣାମ ବୋଲି ସେ କହିଛନ୍ତି।

# କଂଗ୍ରେସକୁ ଟିଜେଏସ୍‌ର ସମର୍ଥନ

**ତେଲଙ୍ଗାନା ନିର୍ବାଚନ**

ହାଇଦ୍ରାବାଦ,୩୦।୧୦: ତେଲଙ୍ଗାନା ଜନ ସମିତି (ଟିଜେଏସ୍) ଆସନ୍ତା ବିଧାନସଭା ନିର୍ବାଚନରେ କଂଗ୍ରେସକୁ ସମର୍ଥନ କରିବ ବୋଲି ସୋମବାର ଘୋଷଣା କରିଛି। ହାଇଦ୍ରାବାଦରେ ତେଲଙ୍ଗାନା କଂଗ୍ରେସ ସଭାପତି ରେଭନ୍ତ ରେଡ୍ଡୀଙ୍କୁ ଭେଟିବା ପରେ ଟିଜେଏସ୍ ପାର୍ଟି ମୁଖ୍ୟ ଏମ୍ କୋଦଣ୍ଡରାମ ଏହି ନିଷ୍ପତ୍ତି ନେଇଛନ୍ତି। ଶାସକ ଦଳ ଭାରତ ରାଷ୍ଟ୍ର ସମିତି (ବିଆରଏସ୍) କୁ ଚ୍ୟାଲେଞ୍ଜ କରୁଥିବା କଂଗ୍ରେସର ନେତାମାନେ ଏହି ସମର୍ଥନରେ ଖୁସି ବ୍ୟକ୍ତ କରୁଛନ୍ତି। ଏଥିସହ ରେଭନ୍ତ ରେଡ୍ଡୀ ଟିଜେଏସ୍‌ର ଏହି ପଦକ୍ଷେପକୁ ଗୁରୁତ୍ୱପୂର୍ଣ୍ଣ ବୋଲି କହିଛନ୍ତି। ଟିଜେଏସ୍ ସଭାପତି ଏମ୍ କୋଦଣ୍ଡରାମ କଂଗ୍ରେସକୁ ସମର୍ଥନ ଘୋଷଣା କରିବା ସହିତ କହିଛନ୍ତି, ତାଙ୍କ ଦଳ ଚଳିତ ବିଧାନସଭା ନିର୍ବାଚନରେ କୌଣସି ପ୍ରାର୍ଥୀ ଦେବ ନାହିଁ। ସୂଚନାଯୋଗ୍ୟ, କଂଗ୍ରେସର ବରିଷ୍ଠ ନେତା ତଥା ତେଲଙ୍ଗାନା କଂଗ୍ରେସ ଦାୟିତ୍ୱରେ ଥିବା ମାଣିକରାଓ ଠାକରେ ଏବଂ ରେଭନ୍ତ ରେଡ୍ଡୀ କୋଦଣ୍ଡରାମଙ୍କୁ ଭେଟିଥିଲେ। ନଭେମ୍ବର ୩୦ରେ ତେଲଙ୍ଗାନା ବିଧାନସଭା ନିର୍ବାଚନ ପାଇଁ ଭୋଟ ଗ୍ରହଣ କରାଯିବ।

# ବିଜେଡିରେ ଭାଜପା, କଂଗ୍ରେସ କର୍ମୀ

ଭଦ୍ରକ, ୩୦।୧୦(ସନାତନ ରାଉତ)

ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲଙ୍କ ଭଦ୍ରକସ୍ଥିତ ବାସଭବନରେ ସୋମବାର ବିଧାୟକଙ୍କ ଉପସ୍ଥିତିରେ ବନ୍ତ ବ୍ଲକ ଓଡ଼ଙ୍ଗ ପଞ୍ଚାୟତର କଂଗ୍ରେସ ଓ ଭାଜପା ଦଳ ଛାଡ଼ି କର୍ମୀମାନେ ବିଜେଡିରେ ଯୋଗ ଦେଇଛନ୍ତି। କଂଗ୍ରେସ ସମର୍ଥିତ ପୂର୍ବତନ ସରପଞ୍ଚ ଅକ୍ଷୟ ସେଠୀ, କଂଗ୍ରେସ ଯୁବନେତା ହାଡ଼ିବନ୍ଧୁ ଦାସ, ବିଦ୍ୟାଧର ଦାସ ଏବଂ ଗତ ପଞ୍ଚାୟତ ନିର୍ବାଚନରେ ଭାଜପା ସମର୍ଥିତ ସରପଞ୍ଚ ପ୍ରାର୍ଥିନୀ ମୀନତି ମଣ୍ଡଳ, ସମିତିସଭ୍ୟା ପ୍ରାର୍ଥିନୀ ତୁଳସୀ ଜେନାଙ୍କ ସମେତ ଯୁବନେତା ଅମର ଜେନା, ପ୍ରଫୁଲ୍ଲ ଜେନା ବିଧିବଦ୍ଧ ଭାବେ ବିଜେଡିରେ ସାମିଲ ହୋଇଛନ୍ତି। ବିଧାୟକଙ୍କ ଉନ୍ନତିମୂଳକ କାର୍ଯ୍ୟ ଏବଂ ବିଧାୟକଙ୍କ ପ୍ରତିନିଧି ଇଂ. ପ୍ରୟାସକାନ୍ତି ସାମଲଙ୍କ ସାଙ୍ଗଠନିକ ଦକ୍ଷତାରେ ଅନୁପ୍ରାଣିତ ହୋଇ ଦଳରେ ସାମିଲ ହୋଇଥିବା ସେମାନେ କହିଛନ୍ତି। ଏହି ମିଶ୍ରଣ ପର୍ବରେ ବିଜୁ ଛାତ୍ର ଜନତା ଦଳର ବରିଷ୍ଠ ଉପସଭାପତି ଚିନ୍ମୟ କୁମାର ଦାସ, ବ୍ଲକ ବିଜେଡି ସଭାପତି ଲକ୍ଷ୍ମୀକାନ୍ତ ମହାନ୍ତି, ପଞ୍ଚାୟତ ସଭାପତି ତଥା ସରପଞ୍ଚଙ୍କ ପ୍ରତିନିଧି ନାରାୟଣ ଚନ୍ଦ୍ର ଦାସ, ସମିତିସଭ୍ୟାଙ୍କ ପ୍ରତିନିଧି ରାଜୀବ ଲୋଚନ ଜେନା, ପୂର୍ବତନ ସରପଞ୍ଚ ଧନେଶ୍ୱର ପଡ଼ିଆରୀ, ଆଇନଜୀବୀ ଶ୍ୟାମସୁନ୍ଦର ଦାସ, ଶଶିକାନ୍ତ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

# ରେଳମନ୍ତ୍ରୀଙ୍କ ଇସ୍ତଫା ଦାବିକଲା କଂଗ୍ରେସ

**ରେଳ ଦୁର୍ଘଟଣା**

ଭୁବନେଶ୍ୱର, ୩୦।୧୦(ସୁନିତ୍ ମିଶ୍ର)



ଖବରଦାତା ସମ୍ମିଳନୀରେ କଂଗ୍ରେସ ନେତା ପଞ୍ଚାନନ କାନୁନ୍‌ଗୋ ଓ ଅନ୍ୟମାନେ।

ଦେଶରେ ଏବଂ ବିଶେଷକରି ପୂର୍ବତଟ ରେଳପଥରେ ବାରମ୍ବାର ଦୁର୍ଘଟଣା ଘଟୁଥିବା ଦେଖିବାକୁ ମିଳୁଛି। ଏଥିପାଇଁ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଇସ୍ତଫା ଦିଅନ୍ତୁ ବୋଲି କଂଗ୍ରେସ ଦାବି କରିଛି।

କଂଗ୍ରେସ ଭବନଠାରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ବରିଷ୍ଠ ନେତା ପଞ୍ଚାନନ କାନୁନ୍‌ଗୋ କହିଛନ୍ତି ଯେ, ଓଡ଼ିଶାରୁ ଉଭୟ ବିଜେଡି ଓ ଭାଜପା ସମର୍ଥନରେ ମିଳିତ ପ୍ରାର୍ଥୀ ଭାବେ ରାଜ୍ୟ ସଭାକୁ ନିର୍ବାଚିତ ହୋଇ କେନ୍ଦ୍ରରେ ରେଳମନ୍ତ୍ରୀ ହୋଇଥିବା ଅଶ୍ୱିନୀ ବୈଷ୍ଣବ ଦେଶବାସୀଙ୍କ ପାଇଁ ଦୁଃଖ ପାଲଟିଛନ୍ତି। ପୂର୍ବରୁ ରେଳ ବିଭାଗ ପାଇଁ ଏକ ସ୍ୱତନ୍ତ୍ର ବଜେଟ ସଂସଦରେ ଉପସ୍ଥାପନ କରାଯାଉଥିଲା। କିନ୍ତୁ ମୋଦି ସରକାରଙ୍କ ସମୟରେ ସାଧାରଣ ବଜେଟ ଭିତରେ ରେଳ ବଜେଟ ମିଶାଇ ଦିଆଯିବା ଫଳରେ ଅନେକ ବୈଷୟିକ କାର୍ଯ୍ୟକଳାପ ଓ ଆର୍ଥିକସ୍ଥିତି ବିଷୟରେ ସାଧାରଣ ଜନତାଙ୍କର ଜାଣିବାର ସୁଯୋଗ ନାହିଁ। ରେଲୱେ ସିଗ୍ନାଲ ସିଷ୍ଟମରେ ବ୍ୟାପକ ବୈଷୟିକ ତ୍ରୁଟି ଯୋଗୁ ବାଲେଶ୍ୱର ବାହାନଗା ରେଳ ଦୁର୍ଘଟଣା ଏବଂ ପରବର୍ତ୍ତୀ ଅବସ୍ଥାରେ ଦେଶରେ ବିଭିନ୍ନ ସ୍ଥାନରେ ରେଳ ଦୁର୍ଘଟଣା ଘଟି ବ୍ୟାପକ ଧନଜୀବନ ନଷ୍ଟ ହୋଇଛି। ରବିବାର ସନ୍ଧ୍ୟାରେ ଆନ୍ଧ୍ରପ୍ରଦେଶ ଓଡ଼ିଶା ସୀମାରେ ୨ଟି ପାସେଞ୍ଜର ଟ୍ରେନ ମଧ୍ୟରେ ଘଟିଥିବା ଦୁର୍ଘଟଣା ଅତିବ ଦୁଃଖଦାୟକ। ଏତେ ଦୁର୍ଘଟଣା ସତ୍ତ୍ୱେ ରେଳମନ୍ତ୍ରୀ କିଛି ଶିକ୍ଷାଲାଭ କଲାଭଳି ଲାଗୁନାହିଁ। ତେଣୁ ଓଡ଼ିଶାକୁ ଜାତୀୟସ୍ତରରେ ଅଧିକ ଲଜ୍ଜିତ ହେବାକୁ ନ ଦେଇ ନୈତିକତା ଦୃଷ୍ଟିରୁ ଅଶ୍ୱିନୀ ତୁରନ୍ତ ଇସ୍ତଫା ଦେବା ପାଇଁ ପଞ୍ଚାନନ ଦାବି କରିଛନ୍ତି।

# ସୁବର୍ଣ୍ଣରେଖା ବନ୍ଦର ଉପରେ ନେତାଙ୍କ ନଜର

ବାଲେଶ୍ୱର, ୩୦।୧୦(ମାନସ ବିଶ୍ୱାଳ)



**ଚର୍ଚ୍ଚାରେ ବସ୍ତା ନିର୍ବାଚନମଣ୍ଡଳୀ**

- ବିଜେଡିରେ ଏକାଧିକ ଆଶାୟୀ, ଉତ୍ତରାଧିକାରୀ ଖୋଜା ଚାଲିଛି
- ଭାଜପା ଶିବିରରେ ନୀରବତା
- ସଭାସମିତି ଏବଂ ସାଙ୍ଗଠନିକ ବୈଠକ ଚଳାଇଛି କଂଗ୍ରେସ

୨୦୨୪ ନିର୍ବାଚନ ପାଇଁ ବାଲେଶ୍ୱର ଜିଲା ବସ୍ତା ବିଧାନସଭା ନିର୍ବାଚନମଣ୍ଡଳୀରେ ଆଶାୟୀ ପ୍ରାର୍ଥୀ ଭିଡ଼ ଜମାଇଲେଣି। ଅଣ କଂଗ୍ରେସ ନିର୍ବାଚନମଣ୍ଡଳୀ ଭାବେ ପରିଚିତ ଏହି ଆସନରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ବିଜେଡିରୁ ସଂଖ୍ୟାଧିକ ଆଶାୟୀ ଅଣ୍ଟା ଭିଡ଼ିଲେଣି। ବଙ୍ଗୋପସାଗର କୂଳରେ ଅବସ୍ଥିତ ଉକ୍ତ ନିର୍ବାଚନମଣ୍ଡଳୀ ଅଧୀନ ବାଲିଆପାଳ ବ୍ଲକ ଚୌମୁଖ ପଞ୍ଚାୟତରେ ସୁବର୍ଣ୍ଣରେଖା ବନ୍ଦର ନିର୍ମାଣ ଲାଗି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମଞ୍ଜୁର ମିଳିଛି। ବନ୍ଦର ନିର୍ମାଣ ପରେ ଉକ୍ତ ଅଞ୍ଚଳରେ ଅନ୍ୟ ଏକ ନଗରୀ ଉତ୍ଥାନ ହେବାର ସମ୍ଭାବନାକୁ ଦୃଷ୍ଟିରେ ରଖି ବିଭିନ୍ନ ଦଳର ନେତା ନିଜ ପତିଆରା ଜାହିର ଲକ୍ଷ୍ୟରେ ପାଗ ଭିଡିଲେଣି।

ବସ୍ତା ଓ ବାଲିଆପାଳ ବ୍ଲକର ୪୫ଟି ପଞ୍ଚାୟତକୁ ନେଇ ଗଠିତ ଏହି ନିର୍ବାଚନମଣ୍ଡଳୀ ୩୫ବର୍ଷ ଧରି ଜନତା ଦଳ ପରେ ବିଜୁ ଜନତା ଦଳ ଦଖଲରେ ରହିଛି। ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି ଏଠାରୁ ୫ଥର ବିଧାୟକ ଭାବେ ନିର୍ବାଚିତ ହୋଇଥିବା ବେଳେ ନିତ୍ୟାନନ୍ଦ ସାହୁ ୨ଥର ବିଧାୟକ ଭାବେ ବିଜୟୀ ହୋଇଛନ୍ତି। ପ୍ରତିଥର କଂଗ୍ରେସ ସହିତ ଟକ୍କର ହୋଇଆସୁଛି। ବୟସାଧିକ ତଥା ସ୍ୱାସ୍ଥ୍ୟଗତ କାରଣରୁ ବର୍ତ୍ତମାନର ବିଧାୟକ ନିତ୍ୟାନନ୍ଦଙ୍କୁ ବିଜେଡି ଟିକେଟ ନ ମିଳିବା ଚର୍ଚ୍ଚା ହେଉଛି। ବିଜେଡି ରାଜ୍ୟ ନେତୃତ୍ୱ ଏଠାରେ ଉତ୍ତରାଧିକାରୀ ଖୋଜୁଥିବା ଆଲୋଚନା ହେଉଛି। ଅସୁସ୍ଥତା ପାଇଁ ନିତ୍ୟାନନ୍ଦ ନିର୍ବାଚନ ଲଢ଼ି ନ ପାରିଲେ ମଧ୍ୟ ସେ ତାଙ୍କ ପୁଅ ଅଞ୍ଜନଙ୍କୁ ପ୍ରାର୍ଥୀ କରିବା ପାଇଁ ପ୍ରସ୍ତୁତି ଚଳାଇଛନ୍ତି। ଅନ୍ୟପକ୍ଷରେ ଦୀର୍ଘବର୍ଷ ଧରି ବିଜେଡି ସହ ଜଡ଼ିତ ରହି ତୃଣମୂଳସ୍ତରରୁ ସଙ୍ଗଠନ କରିଆସୁଥିବା ବିଶିଷ୍ଟ ବ୍ୟବସାୟୀ ରବୀନ୍ଦ୍ର ନାଥ ଅଣ୍ଡିଆଙ୍କ ନାମ ସାମ୍ନାକୁ ଆସୁଛି। ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ସେ ଲୋକଙ୍କ ନିକଟରେ ଛିଡ଼ା ହୋଇଛନ୍ତି। ଏଥିସହିତ ପୂର୍ବତନ ଏମ୍‌ପି ଇଂ. ରବୀନ୍ଦ୍ର ଜେନାଙ୍କ ସ୍ତ୍ରୀ ତଥା ରାଜ୍ୟ ବିଜୁ ମହିଳା ଜନତା ଦଳର କାର୍ଯ୍ୟକାରିଣୀ ସଭାପତି ସୁବାସିନୀ ଜେନା ଆଶାୟୀ ପ୍ରାର୍ଥୀ ଭାବେ ଅବତୀର୍ଣ୍ଣ ହୋଇଛନ୍ତି। ସେ ବାଲିଆପାଳ ଝିଅ ଓ ବସ୍ତା ବ୍ଲକର ବୋହୂ ଭାବେ ପରିଚୟ ଦେଇ ରାଜନୀତି ମଇଦାନରେ ନିଜର ଉପସ୍ଥିତି ଜାହିର କରିଛନ୍ତି। ସେହିପରି ଦଳର ବରିଷ୍ଠ ନେତା ମହାଦେବ ଦାସ, ଲକ୍ଷ୍ମୀଧର ଦାସ ଦୀର୍ଘଦିନ ଧରି ଦଳରେ କାର୍ଯ୍ୟ କରିଆସୁଥିବା ସହ ବିଭିନ୍ନ ପଦପଦବୀରେ ରହି ନିଜର ଦକ୍ଷତା ପ୍ରତିପାଦନ କରିଥିବାରୁ ୨୦୨୪ ନିର୍ବାଚନରେ ଦଳୀୟ ପ୍ରାର୍ଥୀ ହେବା ପାଇଁ ଅଣ୍ଟା ଭିଡ଼ିଛନ୍ତି।

ବଡ଼ କଥା ହେଲା, ନିର୍ବାଚନମଣ୍ଡଳୀର ବରିଷ୍ଠ ଓ ଅଭିଜ୍ଞ ନେତା ରଘୁନାଥ ମହାନ୍ତି ଚୁପ୍ ରହିଛନ୍ତି। ତାଙ୍କ ନୀରବତା ଭିନ୍ନ ଇଙ୍ଗିତ ଦେଉଥିବା ଚର୍ଚ୍ଚା ହେଉଛି। ଗତ ୨୦୧୪ ନିର୍ବାଚନ ପୂର୍ବରୁ ବିଜେଡିରୁ ବିତାଡ଼ିତ ହେବା ପରେ ରଘୁନାଥ ଭାଜପାରେ ସାମିଲ ହୋଇଥିଲେ। ଗତ ୨୦୧୯ ନିର୍ବାଚନରେ ଭାଜପାରୁ ବିଧାୟକ ପ୍ରାର୍ଥୀ ଭାବେ ଲଢ଼ି ପରାଜିତ ହେବା ପରେ ତାଙ୍କୁ ଭାଜପାର ସଭାସମିତି ଓ ଜିଲା ବୈଠକରେ ପ୍ରାୟ ଦେଖିବାକୁ ମିଳୁନାହିଁ। ଏପରିକି ସଙ୍ଗଠନକୁ ଦୃଢ଼ କରିବାରେ କୌଣସି କାର୍ଯ୍ୟକ୍ରମ କରୁ ନ ଥିବା ଜଣାପଡ଼ିଛି। ତେଣୁ ସେ ପୁଣି ବିଜେଡିକୁ ପ୍ରତ୍ୟାବର୍ତ୍ତନ କରି ପ୍ରାର୍ଥୀ ହୋଇପାରନ୍ତି ବୋଲି କର୍ମୀଙ୍କ ମହଲରେ ଚର୍ଚ୍ଚା ଜୋର୍ ଧରିଲାଣି।

କଂଗ୍ରେସ ମଧ୍ୟ ନିର୍ବାଚନକୁ ଆଖି ଆଗରେ ରଖି ବିଭିନ୍ନ କାର୍ଯ୍ୟକ୍ରମ ଜାରି ରଖିଛି। ନିର୍ବାଚନମଣ୍ଡଳୀରେ ମିଶ୍ରଣ ପର୍ବ ଆୟୋଜନ କରାଯାଉଛି। ସଭା, ସମିତି ଏବଂ ସାଙ୍ଗଠନିକ ବୈଠକ କରି ଲୋକଙ୍କ ନିକଟତର ହେଉଛି ଦଳ। କଂଗ୍ରେସ ନେତା ତଥା ବାଲେଶ୍ୱର ଏମ୍‌ପି ପ୍ରାର୍ଥୀ ନବଜ୍ୟୋତି ପଟ୍ଟନାୟକ ଏହି ଅଞ୍ଚଳକୁ ଘନ ଘନ ଗସ୍ତ କରୁଛନ୍ତି। ବସ୍ତାର ବିଧାୟକ ପ୍ରାର୍ଥୀ ବିଜନ ନାୟକଙ୍କ ନେତୃତ୍ୱରେ ଦଳକୁ ସୁଦୃଢ଼ କରିବା ପାଇଁ ପୁରା ଦମ୍‌ରେ ଲାଗି ପଡ଼ିଛନ୍ତି। ନିର୍ବାଚନମଣ୍ଡଳୀରେ ଗମନାଗମନ, ସ୍ୱାସ୍ଥ୍ୟ ସେବା, ଶିକ୍ଷା ବ୍ୟବସ୍ଥା, ବିଦ୍ୟୁତ୍‌କରଣ, ପାନୀୟଜଳ, ବନ୍ୟାବାତ୍ୟା ତଥା ଚାଷୀଙ୍କ ସମସ୍ୟା ସହ ଯୋଡ଼ି ରହି ଏଭଳି ମୌଳିକ ସମସ୍ୟାଗୁଡ଼ିକ କିପରି ସମାଧାନ ହେବ ଆନ୍ଦୋଳନ, ଧର୍ମଘଟ, ସଭାସମିତି ଦ୍ୱାରା ଲୋକଙ୍କ ସହ ଜଡ଼ିତ ରହୁଛନ୍ତି। କଂଗ୍ରେସର ଏକମାତ୍ର ପ୍ରାର୍ଥୀ ଭାବେ ବିଜନଙ୍କ ଚେହେରା ସାମ୍ନାକୁ ଆସୁଛି। ସେହିପରି ଆସନ୍ତା ନିର୍ବାଚନରେ ରଘୁନାଥଙ୍କୁ ଭାଜପା ପ୍ରାର୍ଥୀ କରିବ କି ନୂଆ ଚେହେରା ସାମ୍ନାକୁ ଆଣିବ ଏନେଇ ଦଳ ସ୍ପଷ୍ଟ କରି ନାହିଁ। କିନ୍ତୁ ଭାଜପା ନେତା ରବୀନ୍ଦ୍ର ଜୈନ ବିଧାୟକ ପ୍ରାର୍ଥୀ ପାଇଁ ଆଶାୟୀ ଥିବା ଜଣାପଡ଼ିଛି।



# ବିପର୍ଯ୍ୟୟ ଘଟାଇବାରେ ଆଫଗାନିସ୍ତାନର ହ୍ୟାଟ୍ରିକ



ଉଇକେଟ ନେବା ପରେ ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ଫଜଲକ୍ ଫାରୁକି।

**ପୁଣେ, ୩୦।୧୦**

ପ୍ରଥମେ ଡିଫେଣ୍ଡିଂ ଚାମ୍ପିୟନ ଇଂଲଣ୍ଡ, ଦ୍ୱିତୀୟରେ ପାକିସ୍ତାନ ଓ ଏବେ ଶ୍ରୀଲଙ୍କା। ଅନ୍ତର୍ଜାତୀୟ କ୍ରିକେଟରେ ତିନୋଟି ଶକ୍ତିଶାଳୀ ଦଳକୁ ହରାଇ ଚଳିତ ଦିନିକିଆ କ୍ରିକେଟ ବିଶ୍ୱକପରେ ବିପର୍ଯ୍ୟୟ ଘଟାଇବାରେ ହ୍ୟାଟ୍ରିକ କରିଛି ଆଫଗାନିସ୍ତାନ। ଏଥିସହ ଦଳ ସେମିଫାଇନାଲ ପ୍ରବେଶ ଆଶା ଉଜ୍ଜୀବିତ ରଖିଛି। ଅନ୍ୟପକ୍ଷରେ ୬ ମ୍ୟାଚରୁ ୪ର୍ଥ ପରାଜୟ ସହ ଶ୍ରୀଲଙ୍କାର ଆଶା ମଉଳିଛି। ଆଫଗାନିସ୍ତାନ ବୋଲରଙ୍କୁ ଠିକ୍‌ଭାବେ ମୁକାବିଲା କରି ନ ପାରି ଶ୍ରୀଲଙ୍କା ୪୯.୩ ଓଭରରେ ୨୪୧ ରନକରି ଅଲ୍‌ଆଉଟ ହୋଇଥିଲା। ଜବାବରେ ଆଫଗାନିସ୍ତାନ ରହମତ ଶାହା, ଅଧିନାୟକ ହସମତୁଲା ଶାହିଦି ଓ ଆଜମତୁଲା ଓମାରଜାଇଙ୍କ ଅର୍ଦ୍ଧଶତକ ବଳରେ ୪୫.୨ ଓଭରରେ ୩ ଉଇକେଟ ହରାଇ ୨୪୨ ରନ ସଂଗ୍ରହ କରି ନେଇଥିଲା। ଫଳରେ ଦଳ ୭ ଉଇକେଟରେ ବିଜୟ ସହ ପଏଣ୍ଟ ଟେବୁଲର ୫ମ ସ୍ଥାନକୁ ଉନ୍ନୀତ ହୋଇଛି।

ଟସ୍ ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା ଆଫଗାନିସ୍ତାନ। ବୋଲରମାନେ ଅଧିନାୟକଙ୍କ ନିଷ୍ପତ୍ତିକୁ ଉଚିତ ସାବ୍ୟସ୍ତ କରିଥିଲେ। ଶ୍ରୀଲଙ୍କା ଦଳର ଅଧିକାଂଶ ବ୍ୟାଟର ଭଲ ଆରମ୍ଭ କରିଥିଲେ ହେଁ ତାକୁ ବଡ଼ ସ୍କୋରରେ ପରିଣତ କରିବାକୁ ଦେଇ ନ ଥିଲେ ଆଫଗାନିସ୍ତାନ ବୋଲର। ଫଳରେ ଶ୍ରୀଲଙ୍କା ଇନିଂସ ପୂରା ୫୦ ଓଭର ତିଷ୍ଠିବା ସମ୍ଭବ ହୋଇ ନ ଥିଲା। ବଡ଼ ପାର୍ଟନରଶିପ୍‌ର ଅଭାବ ମଧ୍ୟ ପରିଲକ୍ଷିତ ହୋଇଥିଲା। ଓପନିଂ ଯୋଡ଼ିରେ ମାତ୍ର ୨୨ ରନ ସଂଗ୍ରହ ପରେ ଦିମୁଥ କରୁଣାରତ୍ନେଙ୍କୁ ଏଲବିଡବ୍ଲ୍ୟୁ ଆଉଟ କରି ଫଜଲକ୍ ଫାରୁକି ଶ୍ରୀଲଙ୍କାକୁ ପ୍ରଥମ ଝଟ୍‌କା ଦେଇଥିଲେ। ଅନ୍ୟତମ ଓପନର ପଥୁମ ନିସଙ୍କା ଦଳ ପକ୍ଷରୁ ସର୍ବାଧିକ ୪୬ ରନ କରିଥିଲେ ହେଁ ଅର୍ଦ୍ଧଶତକ ପୂରଣ କରିପାରି ନ ଥିଲେ। ମିଡିଲ ଅର୍ଡରରେ ଅଧିନାୟକ କୁସାଲ ମେଣ୍ଡିସ ୩୯, ସଦିରା ସମରବିକ୍ରମା ୩୬, ଆଞ୍ଜେଲୋ ମାଥ୍ୟୁସ ୨୩, ଚରିଥ ଆସାଲଙ୍କା ୨୨ ଏବଂ ଲୋୟର ଅର୍ଡରରେ ମହେଶ ଥିକସାନା ୨୯ ରନକରି ପ୍ୟାଭିଲିୟନ ଫେରିଥିଲେ। ଫଳରେ ଶ୍ରୀଲଙ୍କା ଇନିଂସ ୪୯.୩ ଓଭରରେ ୨୪୧ ରନରେ ଶେଷ ହୋଇ ଯାଇଥିଲା। ଆଫଗାନିସ୍ତାନ ପକ୍ଷରୁ ଫଜଲକ୍ ଫାରୁକି ନିଜ ୧୦ ଓଭର ସ୍ପେଲ୍‌ରେ ଗୋଟିଏ ମେଡେନ ନେବା ସହ ମାତ୍ର ୩୪ ରନ ଦେଇ ସର୍ବାଧିକ ୪ଟି ଉଇକେଟ ନେଇଥିଲେ। ମୁଜିବ ଉର୍ ରହମାନ ମଧ୍ୟ ଭଲ ବୋଲିଂ କରି ୧୦ ଓଭରରେ ୩୮ ରନ ଦେଇ ୨ଟି ଉଇକେଟ ପାଇଥିଲେ। ଅଜମତୁଲା ଓମାରଜାଇ ଓ ରଶିଦ ଖାଁ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଏଠାରେ ରଶିଦ କ୍ୟାରିୟରର ୧୦୦ତମ ଦିନିକିଆ ଅନ୍ତର୍ଜାତୀୟ ମ୍ୟାଚ ଖେଳିଥିଲେ।

ବିଜୟ ଲକ୍ଷ୍ୟ ବଡ଼ ନ ଥିଲେ ମଧ୍ୟ କୌଣସି ସ୍କୋର ହେବା ପୂର୍ବରୁ ରମାନୁଲା ଗୁରବାଜଙ୍କ ଉଇକେଟ ହରାଇ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା ଆଫଗାନିସ୍ତାନ। ଇବ୍ରାହିମ୍ ଜଦ୍ରାନ ଓ ରହମତ ଶାହା ସତର୍କତାର ସହ ବ୍ୟାଟିଂ କରି ଦ୍ୱିତୀୟ ଉଇକେଟରେ ୭୩ ରନର ଭାଗୀଦାରି ଗଢ଼ି ଇନିଂସ ସମ୍ଭାଳିଥିଲେ। ୧୭ତମ ଓଭରର ୫ମ ବଲ୍‌ରେ ଜଦ୍ରାନଙ୍କୁ ଆଉଟ କରି ଶ୍ରୀଲଙ୍କାକୁ ବ୍ରେକ୍ ଥ୍ରୁ ଦେଇଥିଲେ ଦିଲଶାନ ମଦୁଶଙ୍କା। ଜଦ୍ରାନ ୫୭ ବଲ୍‌ରୁ ୩୯ (୪ ଚୌକା ଓ ୧ ଛକା) ରନ କରିଥିଲେ। ଏହାପରେ ରହମତ ଓ ଅଧିନାୟକ ହଶମତୁଲା ଶାହିଦି ଇନିଂସକୁ ଆଗେଇ ନେଇଥିଲେ। ତୃତୀୟ ଉଇକେଟରେ ଦୁହେଁ ୫୮ ରନର ପାର୍ଟନରଶିପ୍ ଗଢ଼ିଥିଲେ। ସ୍କୋର ୨୮ ଓଭରରେ ୧୩୧ ଥିବାବେଳେ ସେଟ୍ ବ୍ୟାଟର ରହମତ ଶାହାଙ୍କୁ ଆଉଟ କରି ଆଫଗାନିସ୍ତାନକୁ ଶକ୍ତ ଝଟ୍‌କା ଦେଇଥିଲେ କସୁନ ରଜିଥା। ରହମତ ୭୪ ବଲ୍‌ରୁ ୭ ଚୌକା ସହାୟତାରେ ୬୨ ରନକରି ପ୍ୟାଭିଲିୟନ ଫେରିଥିଲେ। ମାତ୍ର ଶାହିଦି ଓ ଅଜମତୁଲା ଓମାରଜାଇ ଶ୍ରୀଲଙ୍କା ବୋଲରଙ୍କୁ ସଫଳ ମୁକାବିଲା କରି ଦଳକୁ ବିଜୟ ଲକ୍ଷ୍ୟରେ ଆଗେଇ ନେଇଥିଲେ। ଦୁହେଁ ଅସମାପ୍ତ ୪ର୍ଥ ଉଇକେଟରେ ୧୦୪ ବଲ୍‌ରୁ ୧୧୧ ରନ ଯୋଗକରି ଆହୁରି ୨୮ ବଲ୍ ବାକିଥାଇ ଆଫଗାନିସ୍ତାନକୁ ବିଜୟୀ କରାଇଥିଲେ। ୬୩ଟି ବଲ୍‌ର ସମ୍ମୁଖୀନ ହୋଇଥିବା ଓମାରଜାଇ ୬ ଚୌକା ଓ ୩ ଛକା ସହାୟତାରେ ୭୩ ଓ ୭୪ ବଲ୍‌ରୁ ୫୮ (୨ ଚୌକା, ୧ ଛକା) ରନକରି ଶାହିଦି ଅପରାଜିତ ରହିଥିଲେ।

**ସଂକ୍ଷିପ୍ତ ସ୍କୋର**

ଶ୍ରୀଲଙ୍କା ୪୯.୩ ଓଭରରେ ୨୪୧/ଅଲ୍‌ଆଉଟ (ପଥୁମ ନିସଙ୍କା-୪୬, କୁସାଲ ମେଣ୍ଡିସ-୩୯, ସଦିରା ସମରବିକ୍ରମା-୩୬, ଫଜଲକ୍ ଫାରୁକି-୪/୩୪, ମୁଜିବ ଉର୍ ରହମନ-୨/୩୮, ଅଜମତୁଲା ଓମାରଜାଇ-୧/୩୭, ରଶିଦ ଖାଁ-୧/୫୦)। ଆଫଗାନିସ୍ତାନ ୪୫.୨ ଓଭରରେ ୨୪୨/୩ (ଅଜମତୁଲା ଓମାରଜାଇ-୭୩, ରହମତ ଶାହା-୬୨, ହସମତୁଲା ଶାହିଦି-୫୮, ଇବ୍ରାହିମ୍ ଜଦ୍ରାନ-୩୯, ଦିଲଶାନ ମଦୁଶଙ୍କା-୨/୪୮, କସୁନ ରଜିଥା-୧/୪୮)।

### ୨୦୨୩ ବିଶ୍ୱକପରେ ଆଫଗାନିସ୍ତାନ (ଅକ୍ଟୋବର ୩୦ ସୁଦ୍ଧା)

ଅକ୍ଟୋବର ୭: ବାଂଲାଦେଶଠାରୁ ୬ ଉଇକେଟରେ ପରାସ୍ତ
ଅକ୍ଟୋବର ୧୧: ଭାରତଠାରୁ ୮ ଉଇକେଟରେ ପରାସ୍ତ
ଅକ୍ଟୋବର ୧୫: ଇଂଲଣ୍ଡ ବିପକ୍ଷରେ ୬୯ ରନରେ ବିଜୟୀ
ଅକ୍ଟୋବର ୧୮: ନ୍ୟୁଜିଲାଣ୍ଡଠାରୁ ୧୪୯ ରନରେ ପରାସ୍ତ
ଅକ୍ଟୋବର ୨୩: ପାକିସ୍ତାନ ବିପକ୍ଷରେ ୮ ଉଇକେଟରେ ବିଜୟୀ
ଅକ୍ଟୋବର ୩୦: ଶ୍ରୀଲଙ୍କା ବିପକ୍ଷରେ ୭ ଉଇକେଟରେ ବିଜୟୀ

### ପଏଣ୍ଟ ଟେବୁଲ

| ଟିମ୍ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ୍‌ହାର |
|---|---|---|---|---|---|
| ଭାରତ | ୬ | ୬ | ୦ | ୧୨ | +୧.୪୦୫ |
| ଦକ୍ଷିଣ ଆଫ୍ରିକା | ୬ | ୫ | ୧ | ୧୦ | +୨.୦୩୨ |
| ନ୍ୟୁଜିଲାଣ୍ଡ | ୬ | ୪ | ୨ | ୮ | +୧.୨୩୨ |
| ଅଷ୍ଟ୍ରେଲିଆ | ୬ | ୪ | ୨ | ୮ | +୦.୯୭୦ |
| ଆଫଗାନିସ୍ତାନ | ୬ | ୩ | ୩ | ୬ | -୦.୭୧୮ |
| ଶ୍ରୀଲଙ୍କା | ୬ | ୨ | ୪ | ୪ | -୦.୨୭୫ |
| ପାକିସ୍ତାନ | ୬ | ୨ | ୪ | ୪ | -୦.୩୮୭ |
| ନେଦରଲାଣ୍ଡ୍ସ | ୬ | ୨ | ୪ | ୪ | -୧.୨୭୭ |
| ବାଂଲାଦେଶ | ୬ | ୧ | ୫ | ୨ | -୧.୩୩୮ |
| ଇଂଲଣ୍ଡ | ୬ | ୧ | ୫ | ୨ | -୧.୬୫୨ |



ଶ୍ରୀଲଙ୍କା ବିପକ୍ଷରେ ଆଫଗାନିସ୍ତାନର ବିଜୟରେ ଉଲ୍ଲସିତ ପ୍ରଶଂସକ।

## ଆୟରଙ୍କ ସ୍ଥାନ ସଙ୍କଟରେ

**ନୂଆଦିଲ୍ଲୀ,୩୦।୧୦(ପି.ଟି.)**

ଭାରତର ଦିନିକିଆ କ୍ରିକେଟ ବିଶ୍ୱକପ ଦଳରେ ଶ୍ରେୟସ ଆୟରଙ୍କ ସ୍ଥାନ ସଙ୍କଟରେ ରହିଛି। ହାର୍ଦ୍ଦିକ ପାଣ୍ଡ୍ୟା ଆହତ ଥିବାରୁ ସୂର୍ଯ୍ୟକୁମାର ଯାଦବ ଭାରତୀୟ ଦଳରେ ସ୍ଥାନ ପାଇଥିଲେ। ପ୍ରଥମ ମ୍ୟାଚ୍‌ରେ ସେ ଦୁର୍ଭାଗ୍ୟ ଜନକ ଭାବରେ ରନ୍‌ଆଉଟ ହୋଇଥିବା ବେଳେ ଦ୍ୱିତୀୟ ମ୍ୟାଚ୍‌ରେ ୪୯ ରନ୍ ସ୍କୋର କରିଥିଲେ। ବ୍ୟାଟିଂ ପାଇଁ ପ୍ରତିକୂଳ ଲକ୍ଷ୍ନୌର ଏକାନା ଷ୍ଟାଡିୟମରେ ସେ ଚମତ୍କାର ଢଙ୍ଗରେ ଇଂଲଣ୍ଡ ବୋଲରଙ୍କ ମୁକାବିଲା କରିଥିଲେ। ଯେଉଁଠି ୪ ନମ୍ବର ସ୍ଥାନରେ ବ୍ୟାଟିଂ କରୁଥିବା ଆୟର ଶର୍ଟ ବଲ୍ ବିପକ୍ଷରେ ଅସହଜ ମନେ ହୁଅନ୍ତି ସେଠାରେ ସୂର୍ଯ୍ୟକୁମାରଙ୍କ ବ୍ୟାଟିଂ ଭାରତୀୟ ଟିମ୍ ମ୍ୟାନେଜମେଣ୍ଟ ପାଇଁ ସକରାତ୍ମକ ସଙ୍କେତ। ପାଣ୍ଡ୍ୟାଙ୍କ ଗୋଇଠିରେ ଆଘାତ କାରଣରୁ ସେ ବର୍ତ୍ତମାନ ଦଳରୁ ଦୂରେଇ ରହିଛନ୍ତି। ତେବେ ସେ ପ୍ରତ୍ୟାବର୍ତ୍ତନ କଲେ ଜଣେ ଖେଳାଳିଙ୍କୁ ବାହାରେ ବସିବାକୁ ପଡିବ। ବର୍ତ୍ତମାନର ଫର୍ମକୁ ଦୃଷ୍ଟିରେ ରଖିଲେ ଭାରତୀୟ ଟିମ୍ ମ୍ୟାନେଜମେଣ୍ଟ ସୂର୍ଯ୍ୟକୁମାରଙ୍କୁ ଟିମ୍‌ରେ ରଖିବାର ସମ୍ଭାବନା ଅଧିକ।

**ଦିନିକିଆ ବିଶ୍ୱକପ**

ICC MEN'S CRICKET WORLD CUP INDIA 2023

**(ଆଜିର ମ୍ୟାଚ)**

**ପାକିସ୍ତାନ ବନାମ ବାଂଲାଦେଶ**

**ସ୍ଥାନ: କୋଲକାତା,**
**ସମୟ: ଅପରାହ୍ନ ୨ଟା**
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ**

## ଅନ୍ୟ ଖେଳ ଖବର

## ଜାତୀୟ କ୍ରୀଡ଼ା: ଓଡ଼ିଶାକୁ ଆଉ ୨ ପଦକ

**ଭୁବନେଶ୍ୱର,୩୦।୧୦**
**(ସରୋଜ ଜେନା)**

ଗୋଆରେ ଅନୁଷ୍ଠିତ ୩୭ ତମ ଜାତୀୟ କ୍ରୀଡାରେ ଓଡ଼ିଆ ଖେଳାଳିଙ୍କ ଦମଦାର ପ୍ରଦର୍ଶନ ଜାରି ରହିଛି। ସୋମବାର ପୁରୁଷ ୧୧୦ ମିଟର ହର୍ଡଲ୍ସରେ ଏ. ଗ୍ରାସେସନ୍ ଜୀଭା ରୌପ୍ୟ ପଦକ ଓ ମହିଳା ସନ୍ତରଣର ୪x-୧୦୦ ମିଟର ମିଡ୍‌ଲେ ଟିମ୍ ଏକ ବ୍ରୋଞ୍ଜ ପଦକ ବିଜୟୀ ହୋଇଛନ୍ତି। ପ୍ରତ୍ୟାଶା ରାୟ, ମନ୍ନତା ମିଶ୍ର, ସୃଷ୍ଟି ଉପାଧ୍ୟାୟ ଓ ସୋନିଆ ପଟେଲ ଓଡ଼ିଶା ଦଳର ସଦସ୍ୟା ଥିଲେ। ଅନ୍ୟପକ୍ଷରେ ମହିଳା ଫୁଟବଲ ଦଳ ୪-୦ ଗୋଲରେ ଗୋଆକୁ ପରାସ୍ତ କରି କ୍ରମାଗତ ମ୍ୟାଚରେ ବିଜୟ ହାସଲ କରିଛି। ମହିଳା ହକି ଦଳ ବେଙ୍ଗଲ ସହିତ ମ୍ୟାଚ୍ ଅମୀମାଂସିତ ରଖିଥିବା ବେଳେ ପୁରୁଷ ଦଳ ମହାରାଷ୍ଟ୍ର ନିକଟରୁ ୧-୨ରେ ପରାସ୍ତ ହୋଇଥିଲା। ମହିଳା ଫୁଟବଲ ଦଳ ପକ୍ଷରୁ ପ୍ୟାରୀ ଖାଖା, ଲିଣ୍ଡା, ସୁଭଦ୍ରା ସାହୁ ଓ ସୁମିତ୍ରା ହେମ୍ବ୍ରମ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ୫ ସ୍ୱର୍ଣ୍ଣ, ୮ ରୌପ୍ୟ ଓ ୯ ବ୍ରୋଞ୍ଜ ପଦକକୁ ମିଶାଇ ଓଡ଼ିଶା ସମୁଦାୟ ୨୨ ପଦକ ହାସଲ କରିଛି। ମହିଳା ତୀରନ୍ଦାଜୀରେ ଓଡ଼ିଶାର ଜୟଲକ୍ଷ୍ମୀ ରାଉଣ୍ଡ ଅଫ୍ ୧୬ରେ ପ୍ରବେଶ କରିଛନ୍ତି। ପୁରୁଷ ଫୁଟବଲ ଦଳ ମହାରାଷ୍ଟ୍ର ନିକଟରୁ ୧-୨ରେ ପରାଜିତ ହୋଇଛି। ସୁଭାଷ ପୂଜାରୀ ଓଡ଼ିଶା ପକ୍ଷରୁ ଏକମାତ୍ର ଗୋଲ ସ୍କୋର କରିଥିଲେ।



ଜାତୀୟ କ୍ରୀଡ଼ାର ମିଡ୍‌ଲେ ରିଲେ ସନ୍ତରଣରେ ବ୍ରୋଞ୍ଜ ପଦକ ବିଜୟୀ ଓଡ଼ିଶା ଦଳ।

**ଏସିଆନ ମହିଳା ଚାମ୍ପିୟନ୍ସ ଟ୍ରଫି**

## ଚାଇନାକୁ ହରାଇଲା ଭାରତ

**ରାଞ୍ଚି, ୩୦।୧୦ (ପି.ଟି.):** ଏସିଆନ ମହିଳା ଚାମ୍ପିୟନ୍ସ ଟ୍ରଫି ହକିରେ ଭାରତ ଏହାର ପ୍ରଭାବୀ ପ୍ରଦର୍ଶନ ଅବ୍ୟାହତ ରଖିଛି। ଦଳ ସୋମବାର ଚାଇନାକୁ ୨-୧ ଗୋଲ୍‌ରେ ପରାସ୍ତ କରିଛି। ଭାରତ ପକ୍ଷରୁ ଦୀପିକା (୧୫ତମ ମିନିଟ) ଓ ସାଲିମା ଟେଟେ (୨୬ତମ) ଗୋଟିଏ ଲେଖାଏଁ ଗୋଲ୍ ଦେଇଥିଲେ। ଚାଇନା ପକ୍ଷରୁ ଝୋଙ୍ଗ ଜିଆକ୍ୱି ୪୧ତମ ମିନିଟ୍‌ରେ ଏକ ଗୋଲ୍ ଦେଇଥିଲେ। ସୂଚନାଯୋଗ୍ୟ, ଗତ ମାସରେ ହାଙ୍ଗ୍‌ଝୋଠାରେ ଅନୁଷ୍ଠିତ ଏସିଆନ ଗେମ୍ସରେ ଚାଇନା ପରାସ୍ତ କରିବାରୁ ଭାରତ ପ୍ୟାରିସ ଅଲିମ୍ପିକ୍ସକୁ ସିଧାସଳଖ ଯୋଗ୍ୟତା ହାସଲ କରିବାରେ ବିଫଳ ହୋଇଥିଲା। ଭାରତ ଏଠାରେ ସୋମବାର ତୃତୀୟ ବିଜୟ ସହ ଗ୍ରୁପ୍ ଷ୍ଟାଣ୍ଡିଂରେ ପ୍ରଥମ ସ୍ଥାନ ଅଧିକାର କରିଛି। ବନ୍ଦନା କାଟାରିୟାଙ୍କର ଏହାଥିଲା ୨୯୯ତମ ମ୍ୟାଚ।

## 'ଅଙ୍କଲ ପର୍ସି'ଙ୍କ ପରଲୋକ



ପର୍ସି ଆବେସେକରା

**କଲମ୍ବୋ, ୩୦।୧୦ (ପି.ଟି.)**

ଶ୍ରୀଲଙ୍କା କ୍ରିକେଟ ଦଳର ଜଣେ ଦୃଢ ସମର୍ଥକ ଭାବେ ପରିଚିତ ପର୍ସି ଆବେସେକରାଙ୍କ ପରଲୋକ ଘଟିଛି। ବିଶ୍ୱବ୍ୟାପୀ ଯେଉଁ ଗ୍ରାଉଣ୍ଡରେ ଶ୍ରୀଲଙ୍କା ଖେଳିଥାଏ ତାଙ୍କର ଉପସ୍ଥିତି ଦେଖିବାକୁ ମିଳିଥାଏ। ଦେଶର ଜାତୀୟ ପତାକା ହଲାଇ ସେ ତାଙ୍କ ଖେଳାଳିମାନଙ୍କୁ ଉତ୍ସାହିତ କରିଥାନ୍ତି। ସେ 'ଅଙ୍କଲ ପର୍ସି' ନାମରେ ପରିଚିତ ଥିଲେ। ୧୯୭୯ ବିଶ୍ୱକପ୍ ପରଠାରୁ ପ୍ରାୟ ସମସ୍ତ ପ୍ରମୁଖ କ୍ରିକେଟ ଇଭେଣ୍ଟଗୁଡ଼ିକରେ ତାଙ୍କୁ ଦେଖିବାକୁ ମିଳିଥାଏ। ସେ ଅସୁସ୍ଥ ଥିବା ହେତୁ ଭାରତରେ ଚାଲିଥିବା ଆଇସିସି ଦିନିକିଆ ବିଶ୍ୱକପ୍ ଦେଖିବା ଲାଗି ସେ କେବଳ ଆସି ପାରି ନ ଥିଲେ। ଶ୍ରୀଲଙ୍କାର ଅର୍ଜୁନ ରଣାତୁଙ୍ଗା, ସନଥ ଜୟସୁରିୟା ଓ କୁମାର ସଙ୍ଗକାରାଙ୍କ ଭଳି ବହୁ ଅଗଣୀ କ୍ରିକେଟରଙ୍କ ସହିତ ତାଙ୍କର ବନ୍ଧୁତ୍ୱପୂର୍ଣ୍ଣ ଥିଲା। ଆବେସେକରା ଭାରତୀୟ କ୍ରିକେଟର ଏମ୍‌ଏସ୍ ଧୋନୀ, ବିରାଟ କୋହଲି ଓ ରୋହିତ ଶର୍ମାଙ୍କ ଭଳି ଖେଳାଳିଙ୍କ ସହ ମଧ୍ୟ ସୁସମ୍ପର୍କ ରଖିଥିଲେ। ନିକଟରେ ଏସିଆ କପ୍ ବେଳେ ରୋହିତ କଲମ୍ବୋସ୍ଥିତ ଆବେସେକରାଙ୍କ ଘରକୁ ଯାଇ ତାଙ୍କୁ ଭେଟିଥିଲେ। ୨୦୧୫ରେ ଶ୍ରୀଲଙ୍କାରେ ଆବେସେକରାଙ୍କ ସହ ବାର୍ତ୍ତାଳାପ କରିବା ଲାଗି କୋହଲି ତାଙ୍କୁ ଭାରତୀୟ ଡ୍ରେସିଂ ରୁମ୍‌କୁ ଡକାଇଥିଲେ। ତେବେ ଆବେସେକରା ବର୍ଷେ ହେଲା ଅସୁସ୍ଥ ଥିଲେ। ତାଙ୍କ ଡାକ୍ତରୀ ଖର୍ଚ୍ଚ ପାଇଁ ଶ୍ରୀଲଙ୍କା କ୍ରିକେଟ ନିକଟରେ ୫ ନିୟୁତ ଶ୍ରୀଲଙ୍କା ମୁଦ୍ରା ସହାୟତା ପ୍ରଦାନ କରିଥିଲା।

ଫ୍ୟାଶନ

# ବିବାହ ସମୟରେ ଲେହେଙ୍ଗା କିଣୁଥିଲେ ...



ବିବାହ ସମୟରେ ବ୍ରାଇଡାଲ ମେକ୍ଅପ୍ ବ୍ୟତୀତ ପିନ୍ଧୁଥିବା ଡ୍ରେସ୍ ପ୍ରତି ଅଧିକ ଧ୍ୟାନ ଦିଆଯାଉଛି। ଯଦି ଏହି ସମୟରେ ଲେହେଙ୍ଗା ଚୟନ କରୁଛନ୍ତି ତେବେ ନିମ୍ନଲିଖିତ ଟିପ୍ସ ପ୍ରତି ନଜର ଦିଅନ୍ତୁ...

**ବଜେଟ ଧାର୍ଯ୍ୟ କରନ୍ତୁ:** କୌଣସି ଜିନିଷ କିଣିବା ପୂର୍ବରୁ ବଜେଟ ପ୍ରତି ଧ୍ୟାନଦେବା ଦରକାର। ଏଥିପାଇଁ ଯେତେବେଳେ ବି ଆପଣ ଶପିଂ କରିବାକୁ ଯାଉଛନ୍ତି ନିଜ ବଜେଟ ଧାର୍ଯ୍ୟ କରନ୍ତୁ ଯେ ଆପଣଙ୍କୁ କେତେ ଟଙ୍କାର ଲେହେଙ୍ଗା ନେବାର ଅଛି।

**ଷ୍ଟାଇଲ୍‌ର ଧ୍ୟାନ ରଖନ୍ତୁ :** ସମୟ ସହ ଷ୍ଟାଇଲ୍ ବଦଳୁଥାଏ, ଏଥିପାଇଁ ଏହି କଥାର ଧ୍ୟାନ ରଖନ୍ତୁ ଯେ ଆପଣଙ୍କୁ କେଉଁ ଷ୍ଟାଇଲ୍ ଏବଂ ପ୍ୟାଟର୍ନର ଲେହେଙ୍ଗା କିଣିବାର ଅଛି। ବଜାରରେ ବିଭିନ୍ନ ପ୍ରକାର ପ୍ୟାଟର୍ନ ଏବଂ ଡିଜାଇନ୍ ଦେଖିବାକୁ ମିଳିଥାଏ। ଆପଣ ଏହାକୁ ଟ୍ରାଏ କରିବା ସହ ଫାଇନାଲ କରିପାରିବେ।

**ଫାବ୍ରିକ୍‌ର ଧ୍ୟାନ ରଖନ୍ତୁ :** ସବୁବେଳେ ନିଜ ବଡ଼ି ଟାଇପ୍ ହିସାବରେ କିଣନ୍ତୁ। ମାର୍କେଟ୍‌ରେ ବିଭିନ୍ନ ପ୍ରକାର ଫାବ୍ରିକର ଲେହେଙ୍ଗା ମିଳିଯିବ ଯେମିତିକି ନେଟ୍, ଭେଲ୍‌ଭେଟ୍, ବନାରସୀ ସିଲ୍କ, କ୍ରାପ୍ ଆଦି। ଏହାକୁ ନିଜ ବଡି ଟାଇପ୍, ସିଜନ୍, ଫାବ୍ରିକକୁ ଲକ୍ଷ୍ୟ କରି ସିଲେକ୍ସନ କରନ୍ତୁ।

**କଲର :** ଲେହେଙ୍ଗାର ସବୁଠାରୁ ମୁଖ୍ୟ କଥା ହେଲା ରଙ୍ଗ। ଲେହେଙ୍ଗା କିଣିବା ସମୟରେ ସବୁବେଳେ ରଙ୍ଗ ଚୟନ କରନ୍ତୁ, ଯାହା ଆପଣଙ୍କୁ ଭଲ ମାନିବ। ନିଜ ବଡିକୁ ମ୍ୟାଚ୍ କଲା ଭଳି କଲର ଚୟନ କରନ୍ତୁ।

**କ୍ୱାଲିଟି :** ଲେହେଙ୍ଗା କିଣିବା ସମୟରେ ତାହାର କ୍ୱାଲିଟି ବିଷୟରେ ଧ୍ୟାନରଖନ୍ତୁ। ଏମିତି କ୍ୱାଲିଟିର ଲେହେଙ୍ଗା ଚୟନ ନ କରନ୍ତୁ, ଯାହା ଦେଖିବାକୁ ବେକାର ଲାଗିବ।

**ଫିଟିଂ :** ଲେହେଙ୍ଗା କିଣିବା ସମୟରେ ସାଇଜ୍ ଓ ଫିଟିଂର ଧ୍ୟାନ ରଖନ୍ତୁ। ନିଜ ବଡି ଫିଗର ଅନୁସାରେ ଲେହେଙ୍ଗାର ଷ୍ଟିଚ୍ କରାନ୍ତୁ।

# ଜୀବନରେ ଯଦି ଉନ୍ନତି ଚାହୁଁଥାନ୍ତି

କୁହାଯାଏ ଘରେ କିମ୍ବା ଘର ବାହାରେ ଗଛଲତା ରୁହେ ତେବେ ଏହା ମନରେ ଶାନ୍ତି ଦେଇଥାଏ। କିନ୍ତୁ ସତ ଏହା ଯେ ଏମିତି କେତେକ ଗଛ ରହିଛି ଯାହା ଦୋଷ ନିବାରକ ହୋଇଥାଏ। ଏବେ ଆସନ୍ତୁ ଜାଣିବା କେଉଁ ଗଛ ଘର ପାଖରେ ରହିଲେ ଭଲ ଏବଂ କେଉଁ ଗଛ ରହିଲେ ଖରାପ ଜାଣନ୍ତୁ ଏ ସମ୍ପର୍କରେ...



**ନିମ୍ବ:** କେତେକେ ନିମ୍ବଗଛ ଲଗାଇବାକୁ ପସନ୍ଦ କରନ୍ତି ନାହିଁ। କିନ୍ତୁ ଘର ନିକଟରେ ଏହି ବୃକ୍ଷ ରହିଲେ ଏହା ଶୁଭ ହୋଇଥାଏ। ଏହା ପଜିଟିଭି ଏନର୍ଜି ଦେବା ସହିତ ଏଥିରେ କେତେ ପ୍ରକାର କଲ୍ୟାଣକାରୀ ଗୁଣ ରହିଛି।

**ଆମ୍ବଗଛ:** ଘର ପାଖରେ ଆମ୍ବଗଛ ରହିଲେ ଏହା ପିଲାଙ୍କ ଉପରେ ଖରାପ ପ୍ରଭାବ ପକାଇଥାଏ। ଏପରି ଗଛ କେବେ ସଉକରେ ଲଗାନ୍ତୁ ନାହିଁ। ଯଦି ଆଗରୁ ଏପରି ଗଛ ଅଛି ତେବେ ତା' ପାଖରେ ନଡ଼ିଆ, ନିମ୍ବ, ଅଶୋକ ଆଦି ଗଛ ଲଗାଇ ପାରିବେ।

**ନଡ଼ିଆ:** ଜୀବନରେ ଉନ୍ନତି କାହାକୁ ବା ଆବଶ୍ୟକ ନ ଥାଏ। ତେବେ ଡେରି ନ କରି ଘର ବାହାରେ ଲଗାଇ ଦିଅନ୍ତୁ ନଡ଼ିଆଗଛ। କୁହାଯାଏ ଯାହା ଘରେ ନଡ଼ିଆ ଗଛ ଲାଗିଛି ତାଙ୍କର ମାନ ସମ୍ମାନ ବଢ଼ିଥାଏ।

**କଦଳୀ:** କଦଳୀ ଗଛକୁ ଧାର୍ମିକ କାରଣରୁ ବହୁ ଶୁଭ ବୋଲି ମନାଯାଏ। ଗୁରୁବାର ଦିନ ଏହି ବୃକ୍ଷକୁ ପୂଜା ମଧ୍ୟ କରାଯାଏ। ସାଧାରଣତଃ ପୂଜା ସମୟରେ ଏହାର ପତ୍ର ବିଭିନ୍ନ କାମରେ ଲାଗିଥାଏ। ଏଥିପାଇଁ କଦଳୀ ବୃକ୍ଷ ଐଶାନ୍ୟ କୋଣରେ ରହିଲେ ଭଲ। କୁହାଯାଏ ଯଦି ଏହି ଗଛ ତଳ ଛାଇରେ ପାଠ ପଢ଼ିବେ ତେବେ ସବୁ ପାଠ ଜଲ୍‌ଦି ମନେ ରହିଯାଇଥାଏ।

**ବାଉଁଶ:** ବାଉଁଶଗଛ ଘରେ ଲଗାଇଲେ ତାହା ଶୁଭ ବୋଲି ଅନେକେ କୁହନ୍ତି। ଏହା ଆପଣଙ୍କ ସଫଳତା ଏବଂ ସମୃଦ୍ଧି ଲାଗି ସହାୟତା ହୋଇଥାଏ।

# ମଲ୍‌ଟି ଲେଭେଲ ମାର୍କେଟିଂ

"ଆଜିକାଲି ମହିଳାମାନେ କେବଳ ପାଠପଢ଼ା ନୁହେଁ, ନିଜକୁ ଆତ୍ମନିର୍ଭରଶୀଳ କରିବାକୁ ଆଗେଇ ଆସୁଛନ୍ତି। ଏପରିକି ଅନେକ କ୍ଷେତ୍ରରେ ସେମାନେ ସଫଳତା ହାସଲ କରୁଛନ୍ତି। ଆଜିକାଲି କିଛି ରୋଜଗାର କରିବା ଲାଗି ମାର୍କେଟିଂ ଅନ୍ୟତମ ମାଧ୍ୟମ ବୋଲି ଭାବୁଛନ୍ତି। ତେବେ ଯଦି ଆପଣ ମଲ୍‌ଟି ଲେଭେଲ ମାର୍କେଟିଂ ସହ ଜଡ଼ିତ କିମ୍ବା ତାହାକୁ ଆପଣେଇବାକୁ ଚାହୁଁଛନ୍ତି ତେବେ କେତେକ ବିଷୟ ପ୍ରତି ସଚେତନ ହେବା ନିହାତି ଆବଶ୍ୟକ।"



ବର୍ତ୍ତମାନ ଯୁଗରେ ବିଭିନ୍ନ କମ୍ପାନୀ, ବିଭିନ୍ନ ପ୍ରକ୍ରିୟାରେ ତାଙ୍କର ପ୍ରଡକ୍ଟ କିମ୍ବା ସର୍ଭିସ୍ ଯୋଗାଇବା ପାଇଁ ଚେଷ୍ଟା କରିଥାନ୍ତି। ନେଟ୍‌ୱାର୍କିଂ ମାର୍କେଟିଂ ମଧ୍ୟ ଗୋଟେ ମାର୍କେଟିଂ ଷ୍ଟ୍ରାଟେଜି ଯାହା ବହୁ ଲୋକଙ୍କ ଦ୍ୱାରା ଆଦୃତ ହୋଇଛି। ଯେଉଁ ବ୍ୟକ୍ତି ପାଖରେ ଲିଡରଶିପ ସ୍କିଲ୍, ମୋଟିଭେଶନ ସ୍କିଲ୍ ଏବଂ କମ୍ୟୁନିକେଶନ ସ୍କିଲ୍ ଅଛି ସେମାନେ ନେଟ୍‌ୱାର୍କିଂ ମାର୍କେଟିଂରେ ଯୋଡ଼ିହୋଇ ସଫଳ ହୋଇଛନ୍ତି। କିନ୍ତୁ ଅନେକେ ନେଟ୍‌ୱର୍କ ମାର୍କେଟିଂ ବିଷୟରେ ନ ଜାଣି ଏଥିରେ ଜଡ଼ିତ ହୋଇ ସମୟର ଅପଚୟ ସହ ବୃଥା ପରିଶ୍ରମ, ଧନ ହାନି କରିଥାନ୍ତି। ନେଟ୍‌ୱାର୍କିଂରେ ଜଡ଼ିତ ହେବା ପୂର୍ବରୁ ତାହା ବିଷୟରେ ଜାଣିବା ଜରୁରୀ।

ଆପଣଙ୍କୁ କିଏ କେବେ କମ୍ ଦିନରେ ଧନୀ ହେବାକୁ ସ୍ୱପ୍ନ ଦେଖାଇଥିବେ। ଆପଣଙ୍କୁ ଏମିତି କିଛି ବିଜ୍‌ନେସ୍ ବିଷୟରେ କହିଥିବେ ଯାହା ସହ ଜଡ଼ିତ ରହିବା ଦ୍ୱାରା ଆପଣ କମ୍ ସମୟରେ ଅଧିକ ରୋଜଗାର କରିପାରିବେ। ମଲ୍ଟି ଲେଭେଲ ମାର୍କେଟିଂ କିମ୍ବା ପିରାମିଡ୍ ସ୍କିମ୍, ଯାହା ବିଷୟରେ ଆମେ ଏଠାରେ ଆପଣଙ୍କୁ ସୂଚନା ଦେବାକୁ ଯାଉଛୁ। ଦେଖିବାକୁ ଗଲେ ଆଜିକାଲି ଏହି ମାର୍କେଟିଂ ସ୍କିଲ୍ ଦ୍ୱାରା ଅନେକ ଲୋକଙ୍କୁ ଧୋକା ଦିଆଯାଉଛି। ଏହାର ଶିକାର ଯେଉଁମାନେ ଚାକିରି ଅନ୍ୱେଷଣରେ ଥାନ୍ତି କିମ୍ବା ଯୁବପିଢ଼ି ଏହାର ଶିକାର ହେଉଛନ୍ତି।

**କ'ଣ ହୋଇଥାଏ ମଲ୍ଟି ଲେଭେଲ ମାର୍କେଟିଂ**

ମଲ୍ଟି ଲେଭେଲ ମାର୍କେଟିଂ ବା ଏମ୍‌ଏଲ୍‌ଏମ୍‌କୁ ଅନ୍ୟ ଅର୍ଥରେ କହିବାକୁ ଗଲେ ପିରାମିଡ୍ ସେଲିଂ ବି କୁହାଯାଏ। କାରଣ ଏହାର ଆକାର ଦେଖିବାକୁ ଗଲେ ଏହା ପିରାମିଡ୍ ସଦୃଶ ହୋଇଥାଏ। ଏହାକୁ ଡାଇରେକ୍ଟ ମାର୍କେଟିଂ, ନେଟ୍‌ୱର୍କ ମାର୍କେଟିଂ କିମ୍ବା ଡାଇରେକ୍ଟ ସେଲ୍ ନାମରେ ମଧ୍ୟ ଜଣାଯାଏ। ଏହି ଫିଲ୍ଡରେ ସବୁଠୁ ଉପରେ ବସିଥିବା ବ୍ୟକ୍ତି ଅଧିକ ଲାଭରେ ରହିଥାଏ। ପିରାମିଡ୍ ଉପରେ ବସିଥିବା ବ୍ୟକ୍ତି ତଳେ କେତେଜଣ ଲୋକଙ୍କୁ ଯୋଡ଼ିଥାଏ। କାହିଁକି ନା ଯେତେ ଅଧିକ ଲୋକ ଏଥିରେ ସାମିଲ ହେବେ ସେତେ ଅଧିକ ଲାଭ ମିଳିବ। ନେଟ୍‌ୱର୍କ ମାର୍କେଟିଂ (ଆଇବିଓ) କମ୍ପାନୀଗୁଡ଼ିକ ଇଣ୍ଡେପେଣ୍ଡେଣ୍ଟ ବିଜ୍‌ନେସ୍ ମାଲିକାନା ନେଇଥାନ୍ତି, ଯାହା ଗ୍ରାହକ ପର୍ଯ୍ୟନ୍ତ ନିଜର ପ୍ରଡକ୍ଟ, ସେବାକୁ ମାର୍କେଟିଂ କରିଥାନ୍ତି। ଏହା ସହ ଏହାକୁ ଚେନ୍ ସିଷ୍ଟମରେ ଯୋଡ଼ାଯାଏ। ଅନ୍ୟ ଲୋକଙ୍କୁ ବିଜ୍‌ନେସ୍‌ରେ ସାମିଲ କରିବା ଲାଗି କହିଥାନ୍ତି। ଏହିପରି (ଆଇବିଓକୁ) ଅନ୍ୟ ଲୋକଙ୍କୁ ଯୋଡ଼ିବା ଲାଗି କହିଥାନ୍ତି। ଚେନ୍ ସିଷ୍ଟମରେ ଯୋଡ଼ି ହେଉଥିବା ବ୍ୟକ୍ତିଙ୍କୁ ଯୋଡ଼ିହେବା ପାଇଁ କିଛି ଟଙ୍କା ଦେବାକୁ ପଡ଼ିଥାଏ। ଏହା ସହ ସେମାନଙ୍କୁ ଆହୁରି ଅଧିକ ଲୋକଙ୍କୁ ଯୋଡ଼ିବା ଲାଗି ଟାର୍ଗେଟ ଦିଆଯିବା ସହ କିଛି ବୋନସ ମିଳିଥାଏ।






**କିପରି ହୋଇଥାଏ ଧୋକା**

ନେଟ୍‌ୱର୍କ ବେସ୍ଡ ମାର୍କେଟିଂ ଏଥିରେ ୧ରୁ ୨, ୨ରୁ ୩, ୩ରୁ ୪, ଏହିପରି ଭାବେ ଲୋକଙ୍କୁ ଯୋଡ଼ାଯାଇଥାଏ। ଏହି ବିଜ୍‌ନେସ୍‌ରେ ଯୋଡ଼ି ହେଉଥିବା ଲୋକଙ୍କଠାରୁ ପ୍ରଥମରୁ ଟଙ୍କା ନିଆଯାଇଥାଏ। ଏହା ସହ ତାଙ୍କୁ ଅନ୍ୟ ଲୋକଙ୍କୁ ଯୋଡ଼ିବା ଲାଗି ଟାର୍ଗେଟ୍ ଦିଆଯାଇଥାଏ। ଏମାନେ ଅନ୍ୟ ଲୋକଙ୍କୁ ଯୋଡ଼ିବା ଲାଗି ପ୍ରେରିତ କରିଥାନ୍ତି। ଏହିପରି ଭାବେ ଚେନ୍ ସିଷ୍ଟମ ଆଗକୁ ବଢ଼ିଚାଲିଥାଏ ଏବଂ ଏହିପରି ଲୋକମାନେ କମିଶନ ପାଆନ୍ତି। କିନ୍ତୁ ଏଥିରେ ସାମିଲ ହେଉଥିବା ବ୍ୟକ୍ତି ଅନ୍ୟ ଲୋକଙ୍କୁ ଯୋଡ଼ିବାରେ ଅସଫଳ ରୁହନ୍ତି। ଏହାଦ୍ୱାରା ସେ ତାଙ୍କ ଅର୍ଥ ଓ ସମୟ ହରାଇ ବସନ୍ତି।

**କେଉଁମାନେ ହୁଅନ୍ତି ଶିକାର**

ବିଶେଷଭାବରେ ଏଭଳି ମାର୍କେଟିଂ ଜାଲରେ ଚାକିରି ଅନ୍ୱେଷଣରେ ଥିବା ଯୁବପିଢ଼ି ପଡ଼ିଥାନ୍ତି। କାରଣ ସେମାନେ ଏହି ଚେନ୍ ସିଷ୍ଟମର ବିଶଦ ନିୟମାବଳୀକୁ ଭଲଭାବରେ ତର୍ଜମା କରି ନ ଥାନ୍ତି। ଏଥିରେ ଯୁବପିଢ଼ିଙ୍କୁ ଅନେକ ଲୋଭ ଦେଖାଇବା ସହ ତାଙ୍କୁ ପୁଣି ଭ୍ରମିତ କରିଥାନ୍ତି। ଯୁବପିଢ଼ି ଏହାର କ୍ଷତି ବିଷୟରେ ଜାଣି ନ ଥାନ୍ତି। ପ୍ରଥମରୁ ଏହି ନେଟ୍‌ୱାର୍କିଂରେ ଲୋକମାନଙ୍କୁ ଆକର୍ଷିତ କରିବା ଲାଗି ବିଭିନ୍ନ ଗିଫ୍ଟ ଦେଇଥାନ୍ତି। ଯେଉଁମାନେ ନେଟୱାର୍କିଂରେ ନୂଆ ନୂଆ କାମ ଆରମ୍ଭ କରିଥାନ୍ତି ଏମାନେ ପ୍ରଥମେ ନିଜ ପରିବାର, ବନ୍ଧୁବାନ୍ଧବ, ସାଙ୍ଗସାଥୀଙ୍କୁ ଯୋଡ଼ିବା ଲାଗି ଚେଷ୍ଟା କରିଥାନ୍ତି। କିନ୍ତୁ ଏହା ନିର୍ଦ୍ଦିଷ୍ଟ ସୀମା ପର୍ଯ୍ୟନ୍ତ ନିଜର ଟାର୍ଗେଟ୍ ପୂରା କରିପାରି ନ ଥାନ୍ତି।



**ସାବଧାନତା**

ଯେଉଁମାନେ ଆପଣଙ୍କୁ ଏହି ଚେନ୍ ସିଷ୍ଟମରେ ସାମିଲ କରିବାକୁ କହୁଛନ୍ତି ତାଙ୍କଠୁ ନିଜକୁ ଦୂରତ୍ୱ ଅବଲମ୍ବନ କରନ୍ତୁ।

– ନେଟ୍‌ୱାର୍କିଂ ମାର୍କେଟିଂ ଯିବା ପୂର୍ବରୁ ସେ କମ୍ପାନୀ ବିଷୟରେ ସମ୍ପୂର୍ଣ୍ଣ ରୂପେ ତଥ୍ୟ ସଂଗ୍ରହ କରନ୍ତୁ, ଯାହା ପୋଜିଂ ସ୍କିମ୍ କିମ୍ବା ପିରାମିଡ୍ ସ୍କିମ୍ ।

–ଯଦି ଆପଣଙ୍କ ସାଙ୍ଗ କିମ୍ବା ସମ୍ପର୍କୀୟ କିଏ ବି କୁହନ୍ତି ଏହି ଚେନ୍ ସିଷ୍ଟମ୍‌ରେ ଯୋଡ଼ିହେବା ଲାଗି ତେବେ ତାକୁ ମନାକରନ୍ତୁ। ଏଥିପାଇଁ ଆପଣଙ୍କ ସମ୍ପର୍କ ଯେପରି ଖରାପ ନ ହୁଏ।

–ଯଦି ଆପଣ କିମ୍ବା ଆପଣଙ୍କର କୌଣସି ଚିହ୍ନା ପରିଚିତ ବ୍ୟକ୍ତି ଫସିଥାନ୍ତି ତେବେ ତା' ସହ ଠକାମିର ଶିକାର ହୋଇଛି ବୋଲି ସାଇବର କ୍ରାଇମ୍ ପୋଲିସ ଷ୍ଟେଶନ କିମ୍ବା ନ୍ୟାଶନାଲ ସାଇବର କ୍ରାଇମ୍ ରିପୋର୍ଟିଂ ପୋଟାର୍ଲରେ ସୂଚିତ କରନ୍ତୁ। କୌଣସି ଅଜଣା କମ୍ପାନୀ କିମ୍ବା ଯୋଜନାରେ ବିନା ଭାବିଚିନ୍ତି ଟଙ୍କା ନିବେଶ କରନ୍ତୁ ନାହିଁ।

–କୌଣସି ବି ସାଇବର କ୍ରାଇମରୁ ବଞ୍ଚିବାକୁ ହେଲେ ଆପଣ ସତର୍କତା ଅବଲମ୍ବନ କରନ୍ତୁ। ଯେଉଁ ଯୋଜନା ଏବଂ କମ୍ପାନୀରେ ଆପଣ ଟଙ୍କା ନିବେଶ କରୁଛନ୍ତି ତା'ର ସବିଶେଷ ତଥ୍ୟ ସଂଗ୍ରହ କରନ୍ତୁ।

ସୌନ୍ଦର୍ଯ୍ୟ

# ଆଳୁରେ ରୂପଚର୍ଯ୍ୟା

ଆଳୁ ଏଭଳି ଏକ ପରିବା ଯାହା ଖାଦ୍ୟ ପ୍ରସ୍ତୁତ କରିବା ସମୟରେ ପ୍ରଥମେ ଦରକାର ପଡ଼ିଥାଏ। ତେବେ ରୂପଚର୍ଯ୍ୟା ପାଇଁ ଏହାକୁ ଆପଣ ବ୍ୟବହାର କରିପାରନ୍ତି। ସେ ସମ୍ପର୍କରେ ଟିପ୍ସ....





- ଆଳୁକୁ ଗୋଲ ଗୋଲ ଆକାରରେ କାଟି ଦିଅନ୍ତୁ। ଆଖି ଡୋଳା ଉପରେ ୧୦ମିନିଟ୍ ପର୍ଯ୍ୟନ୍ତ ରଖନ୍ତୁ। ଏହା ପରେ ନଖ ଉଷୁମ ପାଣିରେ ମୁହଁକୁ ଭଲଭାବେ ଧୋଇ ଦିଅନ୍ତୁ। ଏହା ଆଖିର ଚର୍ମ କୁଞ୍ଚନ ଦୂରକରିଥାଏ। ଆଳୁରେ ପୋଟାସିୟମ୍, ଆଇରନ୍, କ୍ୟାଲ୍‌ସିୟମ୍, ଭିଟାମିନ ଏ, ସି ଓ ଡି ପର୍ଯ୍ୟାପ୍ତ ମାତ୍ରାରେ ରହିଥାଏ।
- ସିଝା ହୋଇଥିବା ଆଳୁ ପାଣିରେ ଗୋଟିଏ ଆଳୁ ଚକଟି କେଶକୁ ଧୋଇବା ଦ୍ୱାରା କେଶ୍ ସାଇନିଂ, ମୁଲାୟମ, ମୂଳରୁ ଷ୍ଟ୍ରଙ୍ଗ୍ ହୋଇଥାଏ। ମୁଣ୍ଡରେ ରୂପି, କେଶ ଧଳା ହେବା ସମସ୍ୟା ଦୂର ହେବା ସହ ଏହା କେଶ ମୂଳରୁ ଷ୍ଟ୍ରଙ୍ଗ୍ ହେବ।
- ୧ଚାମଚ ଆଳୁ ରସ ଏବଂ ୨ ଚାମଚ ଲେମ୍ବୁରସ, ମୁଲତାନୀ ମାଟି ମିଶାଇ ପତଳା ଘୋଳ ପ୍ରସ୍ତୁତ କରନ୍ତୁ। ପୁଣି ଏହାକୁ ମୁହଁରେ ଲଗାନ୍ତୁ। ଏହା ଶୁଖିଗଲା ପରେ ଖାଲି ପାଣିରେ ମୁହଁକୁ ଭଲଭାବେ ଧୋଇଦିଅନ୍ତୁ। ଏହି ପ୍ୟାକ୍ ସବୁ ପ୍ରକାର ଦାଗ ଦୂର କରିବା ସହ ମୁହଁରେ ଚମକ ଆଣିଥାଏ।
- ଆଳୁରସ ଏବଂ ଟମାଟୋ ରସ ସମାନ ପରିମାଣରେ ନେଇ ପେଷ୍ଟ ପ୍ରସ୍ତୁତ କରନ୍ତୁ। ପ୍ରତିଦିନ ରାତିରେ ଶୋଇବା ପୂର୍ବରୁ ଏହି ମିଶ୍ରଣକୁ ତୁଳା ସାହାଯ୍ୟରେ ମୁହଁରେ ଲଗାନ୍ତୁ। ସକାଳୁ ଉଠି ଏହି ପ୍ୟାକ୍‌କୁ ପାଣିରେ ଧୋଇଦିଅନ୍ତୁ। ଦେଖିବେ ଏହାଦ୍ୱାରା ମୁହଁରେ ଥିବା ଦାଗ ଧୀରେ ଧୀରେ ଦୂରହୋଇଯାଉଛି।

ଖାଦ୍ୟରୁଚି

# ମସଲା ଖେଚୁଡ଼ି

**ଆବଶ୍ୟକ ସାମଗ୍ରୀ :** ୧ ଗିନା ଚାଉଳ, ୧ କପ ମୁଗ ଡାଲି, ୨ଟି ପିଆଜ, ଅଧାଚାମଚ ସିଝା ହୋଇଥିବା ଗାଜର, ଅଧା ଚାମଚ ଚିଲି ପାଉଡର , ବିନ୍ସ, ଗ୍ରିନ୍ ମଟର, ଅଧା ଚାମଚ ଗରମ ମସଲା ପାଉଡର, ୨ ବଡ଼ ଚାମଚ ଘିଅ, ୨ଟି କଟାହୋଇଥିବା ଆଳୁ, ଅଧା କପ୍ ସିଝା ଶିମ୍‌ଲା ମିର୍ଚ୍ଚ, ଅଳ୍ପ ଅଦା, ୧ ଚାମଚ ରିଫାଇନ୍ ତେଲ ଓ ସ୍ୱାଦ ଅନୁସାରେ ଲୁଣ, ଯଦି ଶିମ୍‌ଲା ମିର୍ଚ୍ଚ ନାହିଁ ତେବେ ସେହି ସ୍ଥାନରେ ଆପଣ କଞ୍ଚାଲଙ୍କା କାଟି ପକାଇପାରିବେ। ଏହିସବୁ ଜିନିଷ ସାହାଯ୍ୟରେ ଆପଣ ସ୍ୱାଦିଷ୍ଟ ଏବଂ ହେଲ୍‌ଦୀ ମସଲା ଖେଚେଡ଼ି ପ୍ରସ୍ତୁତ କରିପାରିବେ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଆପଣ ଡାଲି ଓ ଚାଉଳକୁ ଭଲଭାବେ ଧୋଇଦିଅନ୍ତୁ। ପୁଣି ଚାଉଳ ଏବଂ ଡାଲିକୁ ଅଲଗା ଅଲଗା ପାତ୍ରରେ ୧୫ ମିନିଟ୍ ପାଇଁ ପାଣିରେ ଭିଜାଇ ରଖିଦିଅନ୍ତୁ। ଏବେ ଆପଣ ୧ ଚପିଂ ବୋର୍ଡ ସାହାଯ୍ୟରେ ପିଆଜ, କଞ୍ଚାଲଙ୍କା, କ୍ୟାପ୍‌ସିକମ୍, ଗାଜର, ବିନ୍ସ, ଆଳୁ, ଅଦା ଆଦି ଛୋଟ ଆକାରରେ କାଟି ଦିଅନ୍ତୁ। ପୁଣି ଗ୍ୟାସ୍ ଉପରେ ପ୍ରେସର କୁକର ରଖନ୍ତୁ। ଏଥିରେ ୧ ଚାମଚ ତେଲ ପକାନ୍ତୁ। ତେଲ ଗରମ ହୋଇଗଲେ ସେଥିରେ ପିଆଜ କିଛି ସମୟ ପକାନ୍ତୁ। ପିଆଜ ଭଲଭାବେ ଭାଜି ହୋଇଗଲା ପରେ ସେଥିରେ ଗୋଟା ସୋରିଷ ଏବଂ କଞ୍ଚାଲଙ୍କା ପକାନ୍ତୁ। ଏହାପରେ ଚିଲି ପାଉଡର ଏବଂ ଗରମ ମସଲା ପକାନ୍ତୁ। ଏହାଦ୍ୱାରା ଖେଚୁଡ଼ିର ବାସ୍ନା ଆସିଥାଏ। ଏହିସବୁ ଜିନିଷକୁ କିଛି ସମୟ ଭାଜି ହେଲା ପରେ ଚାଉଳ ଏବଂ ଡାଲିକୁ ୨/୩ ମିନିଟ୍ ପର୍ଯ୍ୟନ୍ତ ଘାଣ୍ଟନ୍ତୁ। ଏଥିରେ ସବୁ ପନିପରିବା ପକାନ୍ତୁ। ଏବେ ଆପଣ ଏଥିରେ ୨ଗ୍ଲାସ୍ ପାଣି ଦିଅନ୍ତୁ ଏବଂ ଆଳୁ ପକାଇ କୁକର ଢାଙ୍କୁଣିକୁ ବନ୍ଦ କରିଦିଅନ୍ତୁ। ପୁଣି ପ୍ରେସର କୁକରରେ ତିନୋଟି ସିଟି ଆସିବା ପର୍ଯ୍ୟନ୍ତ ଅପେକ୍ଷା କରନ୍ତୁ। ସିଟି ଆସିଲା ପରେ ଗ୍ୟାସ୍‌କୁ ବନ୍ଦ କରିଦିଅନ୍ତୁ। ପ୍ରେସର କୁକରରୁ ଗ୍ୟାସ୍ ବାହାରିଲା ପରେ ପ୍ରେସର ଢାଙ୍କୁଣି କାଢ଼ି ଚାମଚ ସାହାଯ୍ୟରେ ସେସବୁକୁ ଭଲଭାବେ ମିଶାଇ ଦିଅନ୍ତୁ। ଏବେ ଏହା ଉପରେ ଘିଅ ପକାଇ ପରଷନ୍ତୁ।



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ମଙ୍ଗଳବାର, ଅକ୍ଟୋବର ୩୧/୨୦୨୩ Bhubaneswar, Tuesday, October 31/ 2023



# ରୁବେଲ୍ସଙ୍କୁ ୩ ବର୍ଷ ବାସନ୍ଦ କଲା ଫିଫା

ଜେନେଭା, ୩୦।୧୦ (ଏପି)

ଫେଡେରେଶନ ଅଫ୍ ଇଣ୍ଟରନ୍ୟାଶନାଲ ଫୁଟ୍‌ବଲ ଆସୋସିଏଶନ୍ସ (ଫିଫା) ସୋମବାର ସ୍ପେନ ଫୁଟ୍‌ବଲ ମହାସଂଘର ପୂର୍ବତନ ସଭାପତି ଲୁଇସ ରୁବେଲ୍ସଙ୍କୁ ୩ ବର୍ଷ ବାସନ୍ଦ କରିଛି। ମହିଳା ବିଶ୍ୱକପ୍ ଫାଇନାଲ ପରେ ଟ୍ରଫି ପ୍ରଦାନ ଉତ୍ସବ ବେଳେ ସେ ଜଣେ ଖେଳାଳିଙ୍କ ଓଠକୁ ବଳପୂର୍ବକ ଚୁମ୍ବନ କରିଥିଲେ। ଫିଫାର ଶୃଙ୍ଖଳା କମିଟି ଏହି ଘଟଣାର ତଦନ୍ତ କରିଥିଲେ। କମିଟି ଦେଇଥିବା ରାୟର ବିଶଦ ବିବରଣୀ ଫିଫା ପ୍ରକାଶ କରି ନାହିଁ। ରୁବେଲ୍ସଙ୍କ ବିରୋଧରେ ସ୍ପେନରେ ମଧ୍ୟ ଏକ ଅପରାଧିକ ତଦନ୍ତ ଚାଲିଛି। ସୂଚନାଯୋଗ୍ୟ, ଅଷ୍ଟ୍ରେଲିଆର ସିଡ୍‌ନୀଠାରେ ଅଗଷ୍ଟ ୨୦ରେ ଇଂଲଣ୍ଡ ବିପକ୍ଷରେ ସ୍ପେନର ୧-୦ ଗୋଲ୍‌ରେ ବିଜୟ ପରେ ଉଲ୍ଲସିତ ହୋଇ ଜେନି ହର୍ମୋସୋ ନାମ୍ନି ଖେଳାଳିଙ୍କୁ ଚୁମ୍ବନ କରିଥିଲେ। ସେତେବେଳେ ଏହି ଘଟଣା ନିକଟରେ ସ୍ପେନ ରାଣୀ ଲିଟିଜା ଏବଂ ୧୬ ବର୍ଷୀୟା ଯୁବରାଣୀ ଛିଡା ହୋଇଥିଲେ। ତଦନ୍ତ କାର୍ଯ୍ୟ ପ୍ରଭାବିତ ହେବା ଆଶଙ୍କାରେ ଫିଫାର ଜଜ୍‌ମାନେ ରୁବେଲ୍ସଙ୍କୁ ତାଙ୍କ ପଦବୀରୁ ବହିଷ୍କୃତ କରିଥିଲେ। ସ୍ପେନ ଫୁଟ୍‌ବଲ ମହାସଂଘର ପୂର୍ବତନ ସଭାପତିଙ୍କ ବିରୋଧରେ ଅନ୍ୟ ଜଣେ ଖେଳାଳି ଆଥେନେଆ ଡେଲ୍ କାଷ୍ଟିଲୋ ମଧ୍ୟ ଏକ ଅଭିଯୋଗ ଆଣିଥିଲେ। ମ୍ୟାଚ ପରେ ବିଜୟ ହର୍ଷ ଉଲ୍ଲାସ ଚାଲିଥିବା ବେଳେ ରୁବେଲ୍ସ ତାଙ୍କୁ କାନ୍ଧରେ ପକାଇ ନେଇଥିଲେ। ସ୍ପାନିଶ ସରକାର ଏବଂ ଜାତୀୟ ଦଳର ଖେଳାଳିଙ୍କ ଚାପର ବଶବର୍ତ୍ତୀ ହୋଇ ରୁବେଲ୍ସ ସେପ୍ଟେମ୍ବରରେ ତାଙ୍କ ପଦବୀରୁ ଇସ୍ତଫା ଦେବାକୁ ବାଧ୍ୟ ହୋଇଥିଲେ।

STEWART SCHOOL BHUBANESWAR
An Institution under the Management of Diocese of Cuttack, Church of North India
UNIT- VIII, CRP SQUARE, BHUBANESWAR-751012
Affiliated to Council for the Indian School Certificate Examinations, New Delhi
Ph. No.- 8480743569
E-mail: stewartbbsr@gmail.com
Website: www.stewartschoolbbsr.in
ADMISSION OPEN
For Nursery, Junior KG, Senior KG and Std - I to Std - 9 for Academic Session 2024-25
Application Forms may be downloaded from the School website and to be submitted along with a Bank Challan of Rs.500/- at the Office of the Principal

# ଭର୍ଷ୍ଟାପେନ୍ ଜିତିଲେ ମେକ୍ସିକୋ ସିଟି ଗ୍ରାଁ ପ୍ରି

ମେକ୍ସିକୋ ସିଟି, ୩୦।୧୦ (ଏପି)

ରେଡବୁଲ୍‌ର ମାକ୍ସ ଭର୍ଷ୍ଟାପେନ୍ ଫର୍ମୁଲାଓ୍ୱାନ ମେକ୍ସିକୋ ସିଟି ଗ୍ରାଁ ପ୍ରି ଜିତିଛନ୍ତି। ସିଜନରେ ଏହା ହେଉଛି ତାଙ୍କର ରେକର୍ଡ ୧୬ତମ ବିଜୟ। ରେଡ୍‌ବୁଲର ୩ଥର ସିଜନ ଚାମ୍ପିୟନ ରବିବାର ଅଟୋଡ୍ରୋମୋ ହର୍ମାନସ ରୋଡ୍ରିଗୁଏଜ୍‌ଠାରେ ତାଙ୍କର କ୍ରମାଗତ ତୃତୀୟ ବିଜୟ ହାସଲ କରିଛନ୍ତି। ଏଥିସହିତ ସେ ଗତବର୍ଷ କରିଥିବା ତାଙ୍କ ସିଜନ ବିଜୟ ରେକର୍ଡକୁ ଭଙ୍ଗ କରିଛନ୍ତି। ଭର୍ଷ୍ଟାପେନ୍ ୩ୟ ସ୍ଥାନରୁ ରେସ୍ ଆରମ୍ଭ କରିଥିଲେ। ୨୦୨୧ରେ ମଧ୍ୟ ସେ ଏହି ସ୍ଥାନରୁ ରେସ୍ ଆରମ୍ଭ କରି ବିଜୟ ଲାଭ କରିଥିଲେ। ମର୍ସିଡିଜର ଲୁଇସ ହାମିଲଟନ ଦ୍ୱିତୀୟ ସ୍ଥାନରେ ରହିଥିବା ବେଳେ ଫେରାରିର ଦୁଇ ଡ୍ରାଇଭର ଚାର୍ଲ୍ସ ଲେକ୍‌ରେକ୍ ଓ କାର୍ଲୋସ ସେଞ୍ଜ ଜୁନିୟର ୩ୟ ଓ ୪ର୍ଥ ସ୍ଥାନ ଅଧିକାର କରିଥିଲେ। ଡଚ୍ ଡ୍ରାଇଭର ଭର୍ଷ୍ଟାପେନ୍ ଏହା ହେଉଛି କ୍ୟାରିୟରର ୫୧ତମ ବିଜୟ। ଫର୍ମୁଲା-୧ ଇତିହାସରେ ଅଧିକ ରେସ୍ ଜିତିବାରେ ସେ ଆଲେନ ପ୍ରଷ୍ଟଙ୍କ ସହ ମିଳିତ ଚତୁର୍ଥ ହୋଇଛନ୍ତି। ଏହି ତାଲିକାରେ ମର୍ସିଡିଜ ଡ୍ରାଇଭର ୧୦୩ ବିଜୟ ସହ ସର୍ବାଗ୍ରେ ରହିଛନ୍ତି। ରବିବାର ରେସ୍‌ରେ ଯଥାକ୍ରମେ ୫ରୁ ୧୦ମ ସ୍ଥାନ ଅଧିକାର କରିଥିବା ଡ୍ରାଇଭରମାନେ ହେଲେ ଲାଣ୍ଡୋ ନୋରିସ (ମ୍ୟାକଲେରେନ), ଜର୍ଜ ରସେଲ (ମର୍ସିଡିଜ୍), ଡାନିଏଲ ରିକାର୍ଡୋ (ଆଲ୍‌ଫା ଟାଉରି), ଓସ୍କାର ପିଆଷ୍ଟ୍ରି (ମ୍ୟାକଲରେନ), ଆଲେଜାଣ୍ଡର ଆଲ୍‌ବନ (ୱିଲିୟମ୍ସ) ଓ ଏଷ୍ଟିବାନ ଓକନ (ଅଲ୍‌ପାଇନ)। ସୂଚନାଯୋଗ୍ୟ, ଚଳିତ ସିଜନରେ ଆଉ ୩ଟି ରେସ୍ ବାକି ରହିଛି। ସେଗୁଡ଼ିକ ହେଲା ବ୍ରାଜିଲିଆନ ଗ୍ରାଁପ୍ରି (ନଭେମ୍ବର ୫), ଲାସ ଭେଗାସ ଗ୍ରାଁପ୍ରି (ନଭେମ୍ବର ୧୯) ଓ ଆବୁଧାବି ଗ୍ରାଁପ୍ରି (ନଭେମ୍ବର ୨୬)।



ଟ୍ରଫି ସହ ମାକ୍ସ ଭର୍ଷ୍ଟାପେନ୍।

# ଭୁବନେଶ୍ୱର ଭଲିବଲ ଦଳ ପାଇଁ ଖେଳାଳି ଚୟନ

**ଭୁବନେଶ୍ୱର, ୩୦।୧୦ (ତପନ ସ୍ୱାଇଁ):** ଓଡ଼ିଶା ଭଲିବଲ ଆସୋସିଏଶନ ଆନୁକୂଲ୍ୟରେ ଆନ୍ତଃଜିଲା ଭଲିବଲ ପ୍ରତିଯୋଗିତା ଆସନ୍ତା ନଭେମ୍ବରରେ ବୌଦ୍ଧଠାରେ ଅନୁଷ୍ଠିତ ହେବ। ଏଥିରେ ଭୁବନେଶ୍ୱର ଦଳ ଅଂଶଗ୍ରହଣ କରିବ। ଏଥିପାଇଁ ଦଳ ଚୟନ ପ୍ରକ୍ରିୟା ନଭେମ୍ବର ୧୧ ତାରିଖରେ ୟୁନିଟ-୪ସ୍ଥିତ ପୁରୁଣା ଏଜି କଲୋନୀରେ ଥିବା ଏଜି ରିକ୍ରିଏଶନ କ୍ଲବରେ ଅନୁଷ୍ଠିତ ହେବ ବୋଲି ଭୁବନେଶ୍ୱର ଆଥଲେଟିକ୍ ଆସୋସିଏଶନ ସମ୍ପାଦକ ସୌର୍ଯ୍ୟରଞ୍ଜନ ପରିଜା ସୂଚନା ଦେଇଛନ୍ତି। ଆଗ୍ରହୀ ଖେଳାଳିମାନେ ଚୟନ ଟ୍ରାଏଲ ଦିନ ସକାଳ ୭ଟା ସୁଦ୍ଧା ଚୟନକର୍ତ୍ତାଙ୍କୁ ରିପୋର୍ଟ କରିବେ। ଅଧିକ ବିବରଣୀ ପାଇଁ ଆସୋସିଏଶନର ଭଲିବଲ ସମ୍ପାଦକ ରାଜେଶ ସାହୁଙ୍କ ସହ ଯୋଗାଯୋଗ କରାଯାଇପାରିବ ବୋଲି ସୌର୍ଯ୍ୟରଞ୍ଜନ ପ୍ରକାଶ କରିଛନ୍ତି।

# ପଦକ ଲକ୍ଷ୍ୟରେ ଓଡ଼ିଶା ଲନ୍‌ବୋଲ୍ ଦଳ

ଭୁବନେଶ୍ୱର, ୩୦।୧୦
(ତପନ ସ୍ୱାଇଁ)

ଗୋଆରେ ଚାଲିଥିବା ୩୭ତମ ଜାତୀୟ କ୍ରୀଡ଼ା ପାଇଁ ସୋମବାର ଓଡ଼ିଶା ଲନ୍ ବୋଲ ଦଳ ଘୋଷିତ ହୋଇଛି। ଏଥିରେ ୬ ମହିଳା ଓ ୬ ପୁରୁଷ ଖେଳାଳି ସାମିଲ ଅଛନ୍ତି। ଗତ ମାସରେ ଗୁଆହାଟୀରେ ଅନୁଷ୍ଠିତ ସିନିୟର ଏବଂ ୨୫ ବର୍ଷରୁ କମ୍ ଜାତୀୟ ଚାମ୍ପିୟନଶିପ୍‌ରେ ଓଡ଼ିଶା ଦଳ ୭ଟି ପଦକ ହାସଲ କରିଥିଲେ। ତେଣୁ ଜାତୀୟ କ୍ରୀଡ଼ାପାଇଁ ଦଳର ମନୋବଳ ବେଶ୍ ଉଚ୍ଚରେ ଅଛି ବୋଲି ରାଜ୍ୟ ବୋଲିଂ ଆସୋସିଏଶନ ସମ୍ପାଦକ ସୁମିତ ରଞ୍ଜନ ପୁରୋହିତ ସୂଚନା ଦେଇଛନ୍ତି। ପ୍ରତିଷ୍ଠିତ କୋଚ୍ ନୀତୀନ ଭାସୱାନୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଓଡ଼ିଶା ଦଳର ପ୍ରସ୍ତୁତି ଶିବିର ଦିଲ୍ଲୀରେ ଅକ୍ଟୋବର ୧୦ରୁ ୨୯ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ଏଥିପାଇଁ ସମସ୍ତ ପ୍ରକାର ସମର୍ଥନ ଯୋଗାଇ ଦେଇଥିଲା। ଜାତୀୟ କ୍ରୀଡ଼ାରେ ଲନ୍‌ବୋଲ୍ ଇଭେଣ୍ଟ ନଭେମ୍ବର ୧ରୁ ୮ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଓଡ଼ିଶା ଦଳ (ପୁରୁଷ): କୈଳାସ ମାଝି, ନରସିଂହ ରାଣା, ଦୀନେଶ ନନ୍ଦ, ସୌରଭ ରଞ୍ଜନ ମହାରଣା, ଲଳିତ ଶର୍ମା, ତାରିଣୀ ପ୍ରସାଦ ନାୟକ। ମହିଳା: ସ୍ୱେତଲାନା ବକ୍ସି, ରାଜେଶ୍ୱରୀ ସେଠ୍, ପ୍ରତିମା ସେଠ୍, ବିଷ୍ଣୁପ୍ରୀୟା ବୋହିଦାର, ରୋଶନି ସାହୁ, ପଦ୍ମସିନି ପୁଟେଲ। କୋଚ୍: ସୁମିତ ରଞ୍ଜନ ପୁରୋହିତ, ମ୍ୟାନେଜର: ଅନ୍ୱେଷ ରାଉତ, ବୈଷୟିକ ଅଧିକାରୀ: ରିଙ୍କୁ ନାଏକ।



ଜାତୀୟ କ୍ରୀଡ଼ା ପାଇଁ ମନୋନୀତ ଓଡ଼ିଶା ଲନ୍‌ବୋଲ୍ ଦଳ।

# ଲିଓନ୍ ଫୁଟବଲ୍ ଟିମ୍ ବସ୍ ଉପରେ ଆକ୍ରମଣ

## ୯ ଜଣଙ୍କୁ ଅଟକ ରଖିଲା ଫ୍ରାନ୍ସ ପୋଲିସ

ପ୍ୟାରିସ୍,୩୦।୧୦(ପି.ଟି)

ଫ୍ରାନ୍ସର ଫୁଟବଲ୍ କ୍ଲବ୍ ଲିଓନ୍‌ର ଟିମ୍ ବସ୍ ଉପରେ ଆକ୍ରମଣ ଘଟଣାରେ ପୋଲିସ୍ ୯ ଜଣଙ୍କୁ ଅଟକ ରଖିଛି। ଏହା ସହିତ ଅନ୍ୟ ଆକ୍ରମଣକାରୀଙ୍କ ସନ୍ଧାନରେ ରହିଛି ପୋଲିସ୍। ଏହି ଆକ୍ରମଣରେ କୋଚ୍ ଫାବିଓ ଗ୍ରୋସୋଙ୍କ ମୁଣ୍ଡ ଫାଟି ଯାଇଥିବା ବେଳେ ମାର୍ସେଲିରେ ଥିବା ମ୍ୟାଚକୁ ସ୍ଥଗିତ ରଖାଯାଇଛି। ରବିବାର ରାତିରେ ଲିଓନ୍ ଟିମ୍‌ର ଖେଳାଳି ବସ୍‌ରେ ଫେରୁଥିବା ବେଳେ ବସ୍ ଉପରକୁ ଟେକା ପଥର ମାଡ କରାଯାଇଥିଲା। ଏଥିରେ କୋଚ୍‌ଙ୍କ ଆଖିର ଉପରଭାଗ ଫାଟି ଯାଇଥିଲା। ସେହିପରି ୫ ଜଣ ପୁଲିସ କର୍ମୀ ମଧ୍ୟ ଏହି ଆକ୍ରମଣରେ ଆହତ ହୋଇଛନ୍ତି। ଫ୍ରାନ୍ସର ଗୃହ ମନ୍ତ୍ରୀ ଜେରାଲ୍ଡ ଡାର୍ମାନିନ୍ ପୋଲିସ୍ କର୍ମୀ ଆହତ ହୋଇଥିବା ନେଇ ସୂଚନା ଦେଇଥିଲେ। ଷ୍ଟାଡିୟମ ବାହାରେ ଏହି ଘଟଣା ଘଟିଥିବାରୁ ଏଥିପାଇଁ ପୋଲିସ କର୍ମୀଙ୍କୁ ଦାୟୀ କରାଯାଇଛି। ଲିଓନ୍‌ର କୋଚ୍ ରାଫେଲେ ଲୋଙ୍ଗୋ ମଧ୍ୟ ଆହତ ହୋଇଛନ୍ତି । ଏହା ସହିତ ଲିଓନ୍ ଫ୍ୟାନ ମାନଙ୍କୁ ନେଇ ଯାଉଥିବା ବସ୍ ଉପରେ ମଧ୍ୟ ଆକ୍ରମଣ କରାଯାଇଛି।



ଫାବିଓ ଗ୍ରୋସୋ

# ଓଡ଼ିଶା ୩୧ ରନରେ ବିଜୟୀ

## ସିନିୟର ମହିଳା ଟି୨୦

ଭୁବନେଶ୍ୱର, ୩୦।୧୦
(ତପନ ସ୍ୱାଇଁ)

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ଘରୋଇ ସିଜନ ଅନ୍ତର୍ଗତ ରାୟପୁରରେ ଚାଲିଥିବା ସିନିୟର ମହିଳା ଟି୨୦ ଟ୍ରଫିର ସୋମବାର ଅନୁଷ୍ଠିତ ମ୍ୟାଚରେ ଓଡ଼ିଶା ୩୧ ରନରେ ଜମ୍ମୁ-କଶ୍ମୀରକୁ ପରାସ୍ତ କରିଛି। ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିବା ଓଡ଼ିଶା ୨୦ ଓଭରରେ ୭ ଉଇକେଟ ହରାଇ ୧୪୯ ରନ କରିଥିଲା। ଦଳ ପକ୍ଷରୁ ପ୍ରଜ୍ଞା ପାରମିତା ମହାନ୍ତି ୪୧ ବଲ୍‌ରୁ ସର୍ବାଧିକ ୫୩ (୮ ଚୌକା) ଓ ତନ୍ମୟୀ ବେହେରା ୨୯ ରନ ସ୍କୋର କରିଥିଲେ। ବିପକ୍ଷ ଦଳର ସରଳା ଦେବୀ ସର୍ବାଧିକ ୨ଟି ଉଇକେଟ ନେଇଥିଲେ। ୧୫୦ ରନ ବିଜୟ ଲକ୍ଷ୍ୟରେ ଜମ୍ମୁ-କଶ୍ମୀର ୨୦ ଓଭରରେ ୫ ଉଇକେଟ ହରାଇ ୧୧୮ ରନ କରିବାକୁ ସକ୍ଷମ ହୋଇଥିଲା। ଦଳ ପକ୍ଷରୁ ରୁବିୟା ସୟଦ ୪୨ ଓ ଚିତ୍ରା ସିଂ ଜମୱାଲ ୩୩ ରନ କରିଥିଲେ ହେଁ ଦଳକୁ ଜିତାଇପାରି ନ ଥିଲେ। ଓଡ଼ିଶା ବୋଲରଙ୍କ ମଧ୍ୟରେ ବର୍ଷାରାଣୀ ସିଂ ୨ଟି ଉଇକେଟ ନେଇଥିଲେ।

# ଭାରତ ସେମିରେ

**ଜୋହର ବାହରୁ, ୩୦।୧୦ (ପି.ଟି.):** ଭାରତ ସୁଲତାନ ଅଫ୍ ଜୋହର କପ୍ ହକି ଟୁର୍ନାମେଣ୍ଟରେ ପ୍ରଭାବୀ ପ୍ରଦର୍ଶନ ଜାରି ରଖିଛି। ଦଳ ସୋମବାର ଅମନଦୀପଙ୍କ ହ୍ୟାଟ୍ରିକ ସହାୟତାରେ ୬-୨ ଗୋଲ୍‌ରେ ନ୍ୟୁଜିଲାଣ୍ଡକୁ ପରାସ୍ତ କରି ସେମିଫାଇନାଲକୁ ଉନ୍ନୀତ ହୋଇଛି। ଲାକ୍ରା ୨ୟ, ୭ମ ଓ ୩୫ତମ ମିନିଟ୍‌ରେ ବ୍ୟକ୍ତିଗତ ୩ଟି ଗୋଲ୍ ସ୍କୋର କରିଥିବା ବେଳେ ଅରୁଣ ସାହାଣୀ ୧୨ତମ ଓ ୫୩ତମ ଦୁଇଟି ଗୋଲ ଦେଇଥିଲେ। ପୁଭାନ୍ନା ଚାନ୍ଦୁରା ବବି (୫୨ତମ) ଗୋଟିଏ ଗୋଲ୍ ସ୍କୋର କରି ଦଳର ଗୋଲ୍‌ସଂଖ୍ୟା ବୃଦ୍ଧି କରିଥିଲେ। ନ୍ୟୁଜିଲାଣ୍ଡ ପକ୍ଷରୁ ଦୁଇଟି ଗୋଲ ଲ୍ୟୁକ୍ ଆଲ୍‌ଡ୍ରେଡ୍ ୨୯ତମ ଓ ୬୦ତମ ମିନିଟ୍‌ରେ ଦେଇଥିଲେ।

# ଇସ୍ତଫା ଦେଲେ ଇଞ୍ଜାମାମ

ଇସଲାମାବାଦ,୩୦।୧୦

ଦିନିକିଆ କ୍ରିକେଟ ବିଶ୍ୱକପରେ ପାକିସ୍ତାନର ଦୟନୀୟ ପ୍ରଦର୍ଶନ ଜାରି ରହିଥିବା ବେଳେ ପାକିସ୍ତାନ କ୍ରିକେଟ ଦଳର ମୁଖ୍ୟ ଚୟନକର୍ତ୍ତା ଇଞ୍ଜାମାମ୍ ଉଲ୍ ହକ୍ ନିଜ ପଦରୁ ଇସ୍ତଫା ପ୍ରଦାନ କରିଛନ୍ତି। ପାକିସ୍ତାନ ଲଗାତାର ୪ ମ୍ୟାଚରେ ପରାଜିତ ହୋଇଥିବା ବେଳେ ଇଞ୍ଜାମାମଙ୍କ ଇସ୍ତଫାକୁ ନେଇ ସୋସିଆଲ ମିଡିଆରେ ଚାପା ଗୁଞ୍ଜରଣ ଦେଖିବାକୁ ମିଳିଛି। ଏକ ବଡ ଟୁର୍ନାମେଣ୍ଟ ମଝିରେ ମୁଖ୍ୟ ଚୟନକର୍ତ୍ତାଙ୍କ ଇସ୍ତଫା ଦଳର ମନୋବଳକୁ ଦୁର୍ବଳ କରିଦେବ ବୋଲି କୁହାଯାଉଛି। ପାକିସ୍ତାନ କ୍ରିକେଟ ବୋର୍ଡ(ପିସିବି)ର ମୁଖ୍ୟ ଜାକା ଅଶ୍ରଫଙ୍କ ନିକଟକୁ ଇଞ୍ଜାମାମ ନିଜର ଇସ୍ତଫା ପତ୍ର ପଠାଇଛନ୍ତି। ତେବେ ଇଞ୍ଜାମାମଙ୍କ ଇସ୍ତଫାର ପ୍ରକୃତ କାରଣ କନଫ୍ଲିକ୍ଟ ଅଫ୍ ଇଣ୍ଟ୍ରେଷ୍ଟ(ଦ୍ୱୈତ ସ୍ୱାର୍ଥ) ବୋଲି ଅଭିଯୋଗ ଆସିଛି। ସ୍ପୋର୍ଟ୍ସ ମ୍ୟାନେଜମେଣ୍ଟ କମ୍ପାନୀ 'ୟାଜୋ ଇଣ୍ଟରନ୍ୟାଶନାଲ ଲିମିଟେଡ୍' ଯାହାର ମାଲିକ ତାଲ୍ହା ରେହମାନୀ ଅଟନ୍ତି ସେଥିରେ ଇଞ୍ଜାମାମଙ୍କ ଅଂଶଧନ ରହିଛି। ଏହି କମ୍ପାନୀ ଅନେକ ପାକିସ୍ତାନୀ କ୍ରିକେଟରଙ୍କୁ ମ୍ୟାନେଜ କରୁଛି। ଏହି ଅଭିଯୋଗ ଆସିବା ପରେ ପିସିବି ପକ୍ଷରୁ ମାମଲାର ଯାଞ୍ଚ କରିବା ପାଇଁ ଏକ ୫ ଜଣିଆ ଦଳ ଗଠନ କରାଯାଇଛି। ମାମଲାର ତଦନ୍ତ ଶେଷ ନ ହେବା ପର୍ଯ୍ୟନ୍ତ ଇଞ୍ଜାମାମ ନିଜ ପଦରୁ ଇସ୍ତଫା ପ୍ରଦାନ କରିଛନ୍ତି।

# ବିଜୟ ଧାରାକୁ ଫେରିବା ଲକ୍ଷ୍ୟରେ ଓଏଫ୍‌ସି



ଖବରଦାତା ସମ୍ମିଳନୀରେ ସର୍ଗିଓ ଲୋବେରା ଓ ପ୍ରିନ୍ସଟନ୍ ରେବେଲୋ (ଫଟୋ: ବିକାଶ ନାୟକ)

## ଇଣ୍ଡିଆନ୍ ସୁପର୍ ଲିଗ୍

ଭୁବନେଶ୍ୱର,୩୦।୧୦
(ସରୋଜ ଜେନା)

ଐତିହାସିକ କଳିଙ୍ଗ ଷ୍ଟାଡିୟମରେ ମଙ୍ଗଳବାର ବେଙ୍ଗାଲୁରୁ ଏଫ୍‌ସି ବିପକ୍ଷରେ ଖେଳିବ ଓଡ଼ିଶା ଏଫ୍‌ସି(ଓଏଫ୍‌ସି)। ଏହି ମ୍ୟାଚ୍‌କୁ ଜିତି ବିଜୟଧାରାକୁ ଫେରିବା ଲକ୍ଷ୍ୟରେ ରହିଛି ଓଏଫ୍‌ସି। କ୍ରମାଗତ ଦୁଇଟି ଆୱେ ମ୍ୟାଚ୍‌ରେ ପରାଜିତ ହୋଇଥିବା ବେଳେ ଘରୋଇ ଦର୍ଶକଙ୍କ ସମ୍ମୁଖରେ ମ୍ୟାଚ୍ ଜିତିବାକୁ ଚାହିଁବ ଓଡ଼ିଶା। ଉଭୟ ଦଳ ଚଳିତ ସିଜନରେ ୪ଟି ଲେଖାଏ ମ୍ୟାଚ୍ ଖେଳି ସାରିଥିବା ବେଳେ ଗୋଟିଏ ଲେଖାଏ ମ୍ୟାଚ୍‌ରେ ବିଜୟୀ ହୋଇଛନ୍ତି। ଗୋଟିଏ ମ୍ୟାଚ ଡ୍ର ରହିଥିବା ବେଳେ ଦୁଇଟି ଲେଖାଏ ମ୍ୟାଚ୍‌ରେ ଉଭୟ ଦଳ ପରାଜିତ ହୋଇଛନ୍ତି। ଓଏଫ୍‌ସି ପଏଣ୍ଟ ଟେବୁଲର ୮ମ ସ୍ଥାନରେ ରହିଥିବା ବେଳେ ବେଙ୍ଗାଲୁରୁ ୧୦ମ ସ୍ଥାନରେ ରହିଛି। ଘରୋଇ ମ୍ୟାଚ୍‌ରେ ଓଏଫ୍‌ସିର ରେକର୍ଡ ଅତ୍ୟନ୍ତ ଚମତ୍କାର। ଏହା ସହିତ ବେଙ୍ଗାଲୁରୁ ସହିତ ଖେଳିଥିବା ଅନ୍ତିମ ଦୁଇ ମ୍ୟାଚ୍‌କୁ ମଧ୍ୟ ଦଳ ଜିତିବାରେ ସଫଳ ହୋଇଛି। ଗତ ସିଜନରେ କଳିଙ୍ଗରେ ଖେଳାଯାଇଥିବା ମ୍ୟାଚ୍‌କୁ ଦଳ ୧-୦ରେ ଜିତିଥିବା ବେଳେ ସୁପର କପ୍ ଫାଇନାଲକୁ ୨-୧ରେ ଜିତିଥିଲା। ସୋମବାର ଖବରଦାତା ସମ୍ମିଳନୀରେ ଓଏଫ୍‌ସି ମୁଖ୍ୟ କୋଚ୍ ସର୍ଗିଓ ଲୋବେରା ଓ ପ୍ରିନ୍ସଟନ୍ ରେବେଲୋ ଯୋଗ ଦେଇଥିଲେ। ବେଙ୍ଗାଲୁରୁ ଏଫ୍‌ସି ଏକ ଶକ୍ତିଶାଳୀ ଦଳ। ସୁନୀଲ ଛେତ୍ରୀଙ୍କ ପରି ଅଭିଜ୍ଞ ଖେଳାଳି ଏହି ଦଳରେ ଥିଲେ ମଧ୍ୟ ଏହି ମ୍ୟାଚ୍ ପାଇଁ ଆମେ ପ୍ରସ୍ତୁତ ବୋଲି କହିଛନ୍ତି ଓଏଫ୍‌ସି ମୁଖ୍ୟ କୋଚ୍ ଲୋବେରା। ବେଙ୍ଗାଲୁରୁ ଏହି ମ୍ୟାଚକୁ କଷ୍ଟସାଧ୍ୟ କରିବାକୁ ପ୍ରୟାସ କରିବ, ତେବେ ଆମ ଖେଳାଳିମାନେ ମାନସିକ ଓ ଶାରୀରିକ ଭାବେ ପ୍ରସ୍ତୁତ ବୋଲି ସେ କହିଛନ୍ତି। ବେଙ୍ଗାଲୁରୁ ଏଫ୍‌ସିର ଚାପକୁ ସାମ୍ନା କରିବା ପାଇଁ ଆମେ ପ୍ରସ୍ତୁତ ବୋଲି କହିଛନ୍ତି ପ୍ରିନ୍ସଟନ୍।

# ଭାରତ 'ଡି' ଦଳରେ ୨ ଓଡ଼ିଆ

ଭୁବନେଶ୍ୱର, ୩୦।୧୦
(ସରୋଜ ଜେନା)

୧୯ ବର୍ଷରୁ କମ୍ ଚ୍ୟାଲେଞ୍ଜର ଟ୍ରଫିରେ ଓଡ଼ିଶାର ଦୁଇ ଜଣ ଖେଳାଳି ସ୍ଥାନ ପାଇଛନ୍ତି। ଭାରତ-ଡି ଦଳରେ ଓଡ଼ିଆ ଖେଳାଳି ଆଶୀର୍ବାଦ ସ୍ୱାଇଁ ଓ ଶ୍ରୀରାଜ ପଟ୍ଟନାୟକଙ୍କୁ ସ୍ଥାନ ମିଳିଛି। ୧୯ ବର୍ଷରୁ କମ୍ ଭିନୁ ମଙ୍କଡ ଟ୍ରଫିସରେ ପ୍ରଦର୍ଶନ ଆଧାରରେ ଉଭୟ ଖେଳାଳିଙ୍କୁ ଚୟନ କରାଯାଇଛି। ବିଭିନ୍ନ ରାଜ୍ୟର ଖେଳାଳିମାନଙ୍କୁ ଭାରତ ଏ, ବି, ସି ଓ ଡି ପରି ୪ଟି ଦଳରେ ବିଭକ୍ତ କରାଯାଇଛି। ଗୁଆହାଟୀରେ ଖେଳାଯିବାକୁ ଥିବା ଏହି ଟୁର୍ନାମେଣ୍ଟ ନଭେମ୍ବର ୩ରୁ ୯ ତାରିଖ ମଧ୍ୟରେ ଖେଳାଯିବ। ୪ ଟିମ୍ ପରସ୍ପର ବିପକ୍ଷରେ ମ୍ୟାଚ୍ ଗୁଡ଼ିକ ଖେଳିବେ। ପ୍ରଥମ ଥର ପାଇଁ ଭାରତ 'ଡି' ଦଳରେ ସ୍ଥାନ ପାଇଥିବା ଉଭୟ ଖେଳାଳିଙ୍କୁ ଓଡ଼ିଶା କ୍ରିକେଟ ଆସୋସିଏଶନ୍ (ଓସିଏ) ସଭାପତି ପ୍ରଣବ ପ୍ରକାଶ ଦାସ, ସମ୍ପାଦକ ସଞ୍ଜୟ ବେହେରା ଓ ଓସିଏର ଅନ୍ୟାନ୍ୟ କାର୍ଯ୍ୟକର୍ତ୍ତା ଶୁଭେଚ୍ଛା ଜଣାଇଛନ୍ତି।

# ଭୁବନେଶ୍ୱର ଦଳଗତ ଚାମ୍ପିୟନ

## ରାଜ୍ୟ ସବ୍‌ଜୁନିୟର କରାଟେ

ଭୁବନେଶ୍ୱର, ୩୦।୧୦
(ତପନ ସ୍ୱାଇଁ)

ଓଡ଼ିଶା ରାଜ୍ୟ କରାଟେ ଆସୋସିଏଶନ ଆନୁକୂଲ୍ୟରେ ଆୟୋଜିତ ସବ୍‌ଜୁନିୟର କରାଟେ ପ୍ରତିଯୋଗିତା ଶେଷ ହୋଇଛି। ଉତ୍କଳ କରାଟେ ସ୍କୁଲ ପରିସରରେ ଗତ ୨୮ ଓ ୨୯ ତାରିଖରେ ଅନୁଷ୍ଠିତ ଉକ୍ତ ପ୍ରତିଯୋଗିତାରେ ଭୁବନେଶ୍ୱର ଦଳଗତ ଚାମ୍ପିୟନ ହୋଇଛି। ଓଡ଼ିଶା କରାଟେ ସଂଘ ସ୍ୱିକୃତିପ୍ରାପ୍ତ ରାଜ୍ୟର ୧୬ଟି ଜିଲା କରାଟେ ଆସୋସିଏଶନରୁ ମୋଟ ୪୨୩ କରାଟେକା ଏଥିରେ ଅଂଶଗ୍ରହଣ କରିଥିଲେ। ଭୁବନେଶ୍ୱର ଦଳ ୪୦ ସ୍ୱର୍ଣ୍ଣ, ୨୪ ରୌପ୍ୟ ଓ ୪୩ ବ୍ରୋଞ୍ଜ ସହ ମୋଟ ୧୦୭ ପଦକ ହାସଲ କରି ପ୍ରଥମସ୍ଥାନ ଅଧିକାର କରିଛି। କୋରାପୁଟ ୧୨ ସ୍ୱର୍ଣ୍ଣ, ୧୫ ରୌପ୍ୟ ଓ ୧୦ ବ୍ରୋଞ୍ଜ ସହ ରନରଅପ୍ ହୋଇଛି। ପ୍ରତିଯୋଗିତା ଅବସରରେ ସନତ କୁମାର ନାୟକ, କାଳି ପ୍ରସାଦ ନନ୍ଦ, ଦୁର୍ଗା ପ୍ରସାଦ ସାମନ୍ତରାୟ, ବ୍ରହ୍ମ ପ୍ରକାଶ ପଟ୍ଟନାୟକ ପ୍ରମୁଖ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ସୁରେଶ ଚନ୍ଦ୍ର ଜାଲ, ସମୀର ବହିଦାର, ହୃଦୟ ଶବର, ସୁମନ୍ତ ପଣ୍ଡା, ଏମ.ଡି. ରହମଦ, ଭବାନୀ ପଣ୍ଡା, ସର୍ବେଶ ଅଗ୍ରୱାଲ, ଦେବବ୍ରତ ସମାଦାର, ଦେବେନ୍ଦ୍ର ରାଣା, କ୍ରିଷ୍ଣା ଶିକାରୀ, ଖାରବେଳ ମଲିକ, ଦୀପକ ସାମନ୍ତରା, ମହେଶ ବରାଳ, ସନକ ଦେଓ, ଅରବିନ୍ଦ ବାରିକ ଓ ରାଜୀବ ସିଂ ପ୍ରମୁଖ ପ୍ରତିଯୋଗିତା ପରିଚାଳନା କରିଥିଲେ। ରାଜ୍ୟ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ଜିତିଥିବା ପ୍ରତିଯୋଗୀଙ୍କ ପ୍ରଦର୍ଶନକୁ ଭିତ୍ତି କରି ଆସନ୍ତା ୧୭ରୁ ୧୯ ପର୍ଯ୍ୟନ୍ତ ଦିଲ୍ଲୀରେ ହେବାକୁଥିବା ଆନ୍ତଃଜୋନ ଓ ଜାତୀୟ ସବ୍‌ଜୁନିୟର ପ୍ରତିଯୋଗିତା ନିମନ୍ତେ ଦଳ ପଠାଯିବ ବୋଲି ଓଡ଼ିଶା ରାଜ୍ୟ କରାଟେ ସଂଘ ସମ୍ପାଦକ ଗୌରୀ ମହାନ୍ତି ସୂଚନା ଦେଇଛନ୍ତି।



ରାଜ୍ୟ ସବ୍‌ଜୁନିୟର କରାଟେରେ ଦଳଗତ ଚାମ୍ପିୟନ ଭୁବନେଶ୍ୱର ଟିମ୍।

4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

# ରୂପଯାତ୍ରା ପାଇଁ ଉତ୍ସବମୁଖର ଚୌଦ୍ୱାର


ବେହେରା ସାହି


ଗୁପ୍ତେଶ୍ୱର ସାହି


ବ୍ରାହ୍ମଣ ସାହି

**ଚୌଦ୍ୱାର,୩୦।୧୦(ଆଶୁତୋଷ ଦାସ):** ପ୍ରସିଦ୍ଧ ରୂପଯାତ୍ରା ଶନିବାରଠାରୁ ଆରମ୍ଭ ହୋଇଯାଇଛି। ଏଥିପାଇଁ ସମଗ୍ର ଚୌଦ୍ୱାର ଅଞ୍ଚଳ ଉତ୍ସବମୁଖର ହୋଇପଡ଼ିଛି। ବିଭିନ୍ନ ସାହି ବସ୍ତିରେ ନିର୍ମିତ ମହାଲକ୍ଷ୍ମୀ, ମହାଦେବ, ହରପାର୍ବତୀ, ରାଧାକୃଷ୍ଣ, ଲକ୍ଷ୍ମୀ-ନାରାୟଣ, ଦୁର୍ଗା, ହନୁମାନ ଆଦି ବିଭିନ୍ନ ଦେବଦେବୀଙ୍କ ସଦୃଶ ପ୍ରତିମା ଓ ମେଢ଼ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗି ରହିଛି। ସହରର ସମସ୍ତ ରାସ୍ତାକୁ ରଙ୍ଗିନ ଆଲୋକମାଳାରେ ସଜ୍ଜିତ କରାଯାଇଛି। ବିଭିନ୍ନ ଛକରେ ସୁଦୃଶ୍ୟ ବିଦ୍ୟୁତ୍ ତୋରଣମାନ ନିର୍ମିତ ହୋଇଛି। କଳିଙ୍ଗ ଛକ, ନୂଆସାହି, କପାଳେଶ୍ୱର, ଗାନ୍ଧୀ ଛକ, ବିରାଟ ବଜାର, ଓଟିଏମ୍ ବଜାର ସମେତ ବହୁ ମଣ୍ଡପରେ ପ୍ରତିଦିନ ସନ୍ଧ୍ୟାରେ ଆୟୋଜିତ ମେଲୋଡ଼ି ଓ ନୃତ୍ୟ ବିଚିତ୍ରା କାର୍ଯ୍ୟକ୍ରମରେ ଅସମ୍ଭାଳ ଭିଡ଼ ଜମୁଛି। ଭିଡ଼ ନିୟନ୍ତ୍ରଣ ପାଇଁ ପୋଲିସକୁ ନାକେଦମ୍ ହେବାକୁ ପଡୁଛି। ତିନିକୋଣିଆସ୍ଥିତ ରୂପଯାତ୍ରା ପଡ଼ିଆରେ ମଙ୍ଗଳବାର ଦେବଦେବୀଙ୍କ ମେଳଣ ଅନୁଷ୍ଠିତ ହେବ। ଏଥିପାଇଁ ରାଜ୍ୟ ତଥା ରାଜ୍ୟ ବାହାରୁ ବ୍ୟବସାୟୀମାନେ ଆସି ରୂପଯାତ୍ରା ପଡ଼ିଆରେ ଖୋଲିଥିବା ଦୋକାନଗୁଡ଼ିକରେ ଏବେଠାରୁ ଭିଡ଼ ଜମିଲାଣି। ମଙ୍ଗଳବାର ରାତି ୧୦ଟା ସୁଦ୍ଧା ମୋଟ ୪୩ଟି ମେଢ଼ ନିଜ ନିଜ ମଣ୍ଡପରୁ ବାହାରି ଶୋଭାଯାତ୍ରାରେ ଯାଇ ରୂପଯାତ୍ରା ପଡ଼ିଆରେ ମେଳଣ କରିବା ସହିତ ବୁଧବାର ସକାଳରୁ କ୍ରମାନ୍ୱୟରେ ଯାଇ ବିରୂପା ନଦୀ କୂଳରେ ନିର୍ମିତ ଅସ୍ଥାୟୀ ପୋଖରୀରେ ବିସର୍ଜନ ହେବାକୁ ସ୍ଥିର ହୋଇଛି। ଯାତ୍ରାକୁ ଶୃଙ୍ଖଳାର ସହ ପରିଚାଳନା କରିବା ଏବଂ ଭିଡ଼ ନିୟନ୍ତ୍ରଣ ପାଇଁ କମିଶନରେଟ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି।


ତଳ ବଜାର


ଚୌଦ୍ୱାର ତୋରଣ

## ଏକ ସଙ୍ଗରେ ଫୁଟିଲା ୨୫ରୁ ଊର୍ଦ୍ଧ୍ୱ ବ୍ରହ୍ମକମଳ



**ସାଲେପୁର, ୩୦।୧୦ (ଅରବିନ୍ଦ ଭୂୟାଁ):** ସାଲେପୁର ରୋଧପୁର ଗ୍ରାମର ଅବସରପ୍ରାପ୍ତ ଜିଲା ସମାଜ ମଙ୍ଗଳ ଅଧିକାରିଣୀ ଗାୟତ୍ରୀ ପ୍ରଧାନ ଘରେ ୨୫ରୁ ଊର୍ଦ୍ଧ୍ୱ ବ୍ରହ୍ମକମଳ ଫୁଲ ଫୁଟିଛି। କାର୍ତ୍ତିକ ମାସର ପ୍ରଥମ ସୋମବାର ହୋଇଥିବାରୁ ଉକ୍ତ ଫୁଲକୁ ମହାଦେବ ଓ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ଅର୍ପଣ କରାଯାଇଛି। ଏହି ଖବର ପ୍ରଚାରିତ ହେବା ପରେ ଫୁଲକୁ ଦେଖିବାକୁ ପ୍ରଧାନଙ୍କ ବାସଭବନରେ ଭିଡ ଜମିଛି।

## ଆଜିଠାରୁ ଛତ୍ରବଜାର ନୂତନ ସହରାଞ୍ଚଳ ହାଟ

**କଟକ,୩୦।୧୦(ସୁପ୍ରିୟା ପ୍ରିୟଦର୍ଶିନୀ)**

ମଙ୍ଗଳବାରଠାରୁ ଛତ୍ରବଜାରରେ ଉଭୟ ପାର୍ଶ୍ୱରେ ଆଉ କୌଣସି ବ୍ୟବସାୟୀ ବସିବେ ନାହିଁ। ଏନେଇ ସୋମବାର ଡାକବାଜିରେ କଟକ ମହାନଗର ନିଗମ (ସିଏମସି) ଘୋଷଣା କରାଯାଇଛି। ମଙ୍ଗଳବାରଠାରୁ ନୂତନ ସହରାଞ୍ଚଳ ହାଟ କାର୍ଯ୍ୟକ୍ଷମ ହେବ। ହେଲେ ହାଟରେ ପିଣ୍ଡିସଂଖ୍ୟା ୫୪୮ ଥିବାବେଳେ ବ୍ୟବସାୟୀଙ୍କ ସଂଖ୍ୟା ୧ ହଜାରରୁ ଊର୍ଦ୍ଧ୍ୱ ରହିଛି। ଏପରିସ୍ଥଳେ ଅବଶିଷ୍ଟ ୩୦୦ ବ୍ୟବସାୟୀଙ୍କୁ କିଭଳି ଥଇଥାନ

### ପିଣ୍ଡି ଆବଣ୍ଟନ ନେଇ ବ୍ୟବସାୟୀଙ୍କ ମଧ୍ୟରେ ଅସନ୍ତୋଷ

କରାଯିବ ସେ ନେଇ ପ୍ରଶ୍ନ ଉଠିଛି। ପିଣ୍ଡି ଆବଣ୍ଟିତ ହୋଇ ନ ଥିବାବେଳେ କେଉଁ ଆଧାରରେ ବ୍ୟବସାୟୀଙ୍କୁ ଥଇଥାନ କରାଯିବ ତାହା ସିଏମ୍‌ସି ସ୍ପଷ୍ଟ କରି ନ ଥିବାରୁ ବ୍ୟବସାୟୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏପରିକି ସୋମବାର ସିଏମ୍‌ସି କମିଶନର ନିଖିଲ ପବନ କଲ୍ୟାଣ ଏବଂ ବିଧାୟକ ସୌଭିକ ବିଶ୍ୱାଳ ପରିଦର୍ଶନ କରି ସ୍ଥିତି ସମୀକ୍ଷା କରିଥିଲେ। ୫୪୮ଟି ପିଣ୍ଡି ରହିଥିବା ବେଳେ ବିଭିନ୍ନ ପର୍ଯ୍ୟାୟରେ ବ୍ୟବସାୟୀମାନେ ବ୍ୟବସାୟ କରୁଥିବାରୁ ସେମାନେ ପର୍ଯ୍ୟାୟକ୍ରମେ ସେହି ପିଣ୍ଡିରେ ବସିବେ ବୋଲି ନିଷ୍ପତ୍ତି ନିଆଯାଇଛି। ବ୍ୟବସାୟୀମାନଙ୍କୁ ବସିବା, ପାନୀୟ ଜଳ ଏବଂ ବିଦ୍ୟୁତ୍ ସଂଯୋଗକୁ ନେଇ ଯେଭଳି କୌଣସି ଅସୁବିଧା ନ ହେବ ସେଥିପ୍ରତି ବିଭାଗୀୟ ଅଧିକାରୀଙ୍କୁ ପଦକ୍ଷେପ ନେବାକୁ କୁହାଯାଇଛି। ଏ ନେଇ ଡେପୁଟି କମିଶନର ଅଜୟ ମହାନ୍ତି କହିଛନ୍ତି ଯେ ସହରାଞ୍ଚଳ ହାଟରେ ସମସ୍ତ ବ୍ୟବସାୟୀଙ୍କୁ ଥଇଥାନ କରାଯିବ। ୧ ହଜାରରୁ ଅଧିକ ବ୍ୟବସାୟୀ ଅଛନ୍ତି ବୋଲି ଯାହା କୁହାଯାଉଛି ତାହା ଠିକ୍ ନୁହେଁ। କୌଣସି ବ୍ୟବସାୟୀ କେନାଲ କଡ଼ରେ ବସିପାରିବେ ନାହିଁ। ସୂଚନାଯୋଗ୍ୟ ଯେ ସିଏମ୍‌ସି ପକ୍ଷରୁ ୪ କୋଟି ଟଙ୍କା ବ୍ୟୟରେ ଛତ୍ରବଜାରରେ ସହରାଞ୍ଚଳ ହାଟକୁ ନିର୍ମାଣ କରାଯାଇଛି। ସେପ୍ଟେମ୍ବର ୧୬ ତାରିଖରେ ମୁଖ୍ୟମନ୍ତ୍ରୀ ଏହାକୁ ଉଦଘାଟନ କରିଥିଲେ।

## ଧବଳେଶ୍ୱରଙ୍କୁ ଦର୍ଶନ କଲେ ସହସ୍ରାଧିକ ଶ୍ରଦ୍ଧାଳୁ

**ଖୁଣ୍ଟୁଣୀ,୩୦।୧୦(ସଚ୍ଚିଦାନନ୍ଦ ପଣ୍ଡା)**



ପୁଣ୍ୟ ମାସ କାର୍ତ୍ତିକର ପ୍ରଥମ ସୋମବାର ଅବସରରେ ଆଠଗଡ଼ର ଅନ୍ୟତମ ପ୍ରସିଦ୍ଧି ଲାଭ କରିଥିବା ବାବା ଧବଳେଶ୍ୱରଙ୍କ ପୀଠ ଚଳଚଞ୍ଚଳ ହୋଇଉଠିଛି। ନୀତି ପାଳିଆ ସେବକ ଭୁବନ ବିହାରୀ ପଣ୍ଡା ଓ ପୂଜକ ସମାଜ ରାତି ୪ଟାରୁ ମନ୍ଦିର ପହଡ଼ ଖୋଲିବା ପରେ ମଙ୍ଗଳ ଆଳତି, ସ୍ନାନ ନୀତିକାନ୍ତି ସମ୍ପନ୍ନ କରି ବାବାଙ୍କୁ ବେଲପତ୍ର, ତୁଳସୀ ମଞ୍ଜରୀ ଓ କେତକୀ ଫୁଲ ସହିତ ନାନା ଜାତିର ଫୁଲରେ ସଜ୍ଜିତ କରିଥିଲେ। ଏହାପରେ କ୍ଷୀର, ଗୁଡ଼, କଦଳୀ, ବିଜୟା(ଭାଙ୍ଗ), ମହୁ, ଛେନା ଓ ବିଭିନ୍ନ ଫଳ ପଡି ମହାପ୍ରଭୁଙ୍କ ଲିଙ୍ଗରେ ଏକ ସ୍ୱତନ୍ତ୍ର ଘର୍ଷଣ କରାଯାଇ ଭକ୍ତଙ୍କୁ ବଣ୍ଟା ଯାଇଥିଲା। ଭୋର ୫ଟାରେ ଶ୍ରଦ୍ଧାଳୁଙ୍କ ପାଇଁ ମନ୍ଦିର ଦ୍ୱାର ଖୋଲା ଯାଇଥିବା ପୂଜକ ସମାଜ ସଭାପତି ବିଷ୍ଣୁଚରଣ ପତ୍ରି କହିଛନ୍ତି। ସକାଳୁ ବହୁତ ଭିଡ଼ ଲାଗିରହିଥିବାବେଳେ ଅପରାହ୍ନ ୪ଟା ପରେ ସେହି ଭିଡ଼ କମିଥିଲା। ବିଭିନ୍ନ ଜିଲାରୁ ୪୦ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ବାବା ଧବଳେଶ୍ୱରଙ୍କ ଦର୍ଶନ ଲାଭ କରିଥିବା ଦେବୋତ୍ତର ସୁପରଭାଇଜର ଭବାନୀ ଶଙ୍କର ପଣ୍ଡା କହିଛନ୍ତି। ଝୁଲା ପୋଲ ସମ୍ପୂର୍ଣ୍ଣ ବନ୍ଦ ଥିବାବେଳେ ନୂତନ କଂକ୍ରିଟ ପୋଲ ଉପର ଦେଇ ଶ୍ରଦ୍ଧାଳୁ ଅତ୍ୟନ୍ତ ଆଗ୍ରହର ସହିତ ଯାଉଥିବା ଦୃଶ୍ୟ ବେଶ ଆକର୍ଷଣୀୟ ହୋଇଥିଲା। ଭିଡ଼କୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ଗୁରୁଡ଼ିଝାଟିଆ ଥାନା ଆଇଆଇସି ସୁମନ୍ତ କିଷାନ, ଚୌଦ୍ୱାର ଏସ୍‌ଡିପିଓ ଉମାକାନ୍ତ ନାୟକ ଓ ଧବଳେଶ୍ୱର ଫାଣ୍ଡି ଅଧିକାରୀ ପ୍ରଦୀପ ସେଠୀଙ୍କ ନେତୃତ୍ୱରେ ୨ ସେକ୍ସନ ଫୋର୍ସ ମୁତୟନ ହୋଇଥିଲେ। ମାଜିଷ୍ଟ୍ରେଟ ଭାବେ ଅତିରିକ୍ତ ତହସିଲଦାର ଅଶୋକ ସ୍ୱାଇଁ ଉପସ୍ଥିତ ଥିଲେ ବୋଲି ଆଇଆଇସି କିଷାନ କହିଛନ୍ତି। ଆଗାମୀ ସୋମବାରଠାରୁ ଶ୍ରଦ୍ଧାଳୁଙ୍କ ଭିଡ଼କୁ ଦେଖି ଅଧିକ ଫୋର୍ସ ମୁତୟନ କରାଯିବାକୁ ଯୋଜନା ଥିବା ସେ କହିଛନ୍ତି।

### ନାବାଳିକା ବଳାତ୍କାର ମାମଲା

## ଅଭିଯୁକ୍ତଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ

**କଟକ,୩୦।୧୦ (କାର୍ତ୍ତିକ ସାହୁ):** କଟକ ଜିଲା ଟିଗିରିଆ ଅଞ୍ଚଳରେ ଘଟିଥିବା ଏକ ନାବାଳିକା ବଳାତ୍କାର ମାମଲାର ରାୟ ସୋମବାର ପ୍ରକାଶ ପାଇଛି। ପୋକ୍‌ସୋ ଫାଷ୍ଟ ଟ୍ରାକ ଆଡହକ୍ ସ୍ୱତନ୍ତ୍ର ଅଦାଲତ ଅଭିଯୁକ୍ତ ରାଜୀବ ଜେନାଙ୍କୁ ଦୋଷୀ ସାବ୍ୟସ୍ତ କରି ୨୦ବର୍ଷ ସଶ୍ରମ କାରାଦଣ୍ଡ ଆଦେଶ ଦେଇଛନ୍ତି। ଏଥିସହ ଅଭିଯୁକ୍ତଙ୍କୁ ୨୦ ହଜାର ଟଙ୍କା ଜରିମାନା ଦାଖଲ ପାଇଁ ଆଦେଶ ଦିଆଯାଇଛି। ଜରିମାନା ଅନାଦେୟ ଅଧିକ ଏକ ବର୍ଷ ଜେଲଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ଅଦାଲତ ତାଙ୍କ ନିର୍ଦ୍ଦେଶରେ ସ୍ପଷ୍ଟ କରିଛନ୍ତି। ସୂଚନାନୁସାରେ, ୨୦୧୯ ଡିସେମ୍ବର ୩୧ରେ ଉକ୍ତ ଘଟଣାଟି ଘଟିଥିଲା। ଟିଗିରିଆ ଥାନା ଅଞ୍ଚଳର ଜଣେ ବ୍ୟକ୍ତି ତାଙ୍କ ୧୪ବର୍ଷର ଝିଅକୁ ଭୁବନେଶ୍ୱରରୁ ବାଇକ୍‌ରେ ବସାଇ ଘରକୁ ଫେରୁଥିଲେ। ସେମାନେ ଟିଗିରିଆର ଶେଷ ଗାଁ ଛକ ନିକଟରେ ପହଞ୍ଚିବା ବେଳକୁ ସନ୍ଧ୍ୟା ପ୍ରାୟ ୬ଟା ହୋଇଯାଇଥିଲା। ଅଭିଯୁକ୍ତ ରାଜୀବ ଜେନା ଓ ତାଙ୍କର ଅନ୍ୟ ତିନିଜଣ ସହଯୋଗୀ ବାଇକ୍ ଅଟକାଇ ଉକ୍ତ ବ୍ୟକ୍ତିଙ୍କୁ ମାଡ଼ମାରି ଝିଅକୁ ଅପହରଣ କରିନେଇଥିଲେ। ପୀଡ଼ିତାଙ୍କ ବାପା ଏ ନେଇ ଟିଗିରିଆ ଥାନାରେ ଏତଲା ଦେଇଥିଲେ। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ୨୦ ଦିନ ପରେ ପୋଲିସ ପୀଡ଼ିତାଙ୍କୁ ଉଦ୍ଧାର କରିଥିଲା। ତେବେ ନାବାଳିକାଙ୍କୁ ବଳାତ୍କାର କରାଯାଇଥିବା ଜଣାପଡ଼ିଥିଲା। ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଥିଲା। ସ୍ୱତନ୍ତ୍ର ପୋକ୍‌ସୋ ଆଡହକ କୋର୍ଟରେ ମାମଲାର ଶୁଣାଣି ହୋଇଥିଲା। ୧୩ଜଣ ସାକ୍ଷୀ ଓ ୧୧ଟି ପ୍ରମାଣ ଆଧାରରେ ଅଦାଲତ ଅଭିଯୁକ୍ତ ରାଜୀବଙ୍କୁ ଦୋଷୀ ସାବ୍ୟସ୍ତ କରି ଉପରୋକ୍ତ ଦଣ୍ଡବିଧାନ କରିଛନ୍ତି।

## ମିଳିମିଶି ପାଳିଲେ ଭସାଣି ଉତ୍ସବ

### ହିନ୍ଦୁ, ମୁସଲମାନ ସମ୍ପ୍ରଦାୟରେ ଭାଇଚାରାର ନିଦର୍ଶନ



**ନିଶ୍ଚିନ୍ତକୋଇଲି,୩୦।୧୦(ଅଶୋକ କୁମାର ମହାପାତ୍ର) :** ନିଶ୍ଚିନ୍ତକୋଇଲି ବ୍ଲକ ଜୟରାମପୁର ପଞ୍ଚାୟତ ଅନ୍ତର୍ଗତ କାଜିହାଟଠାରେ ହିନ୍ଦୁ ମୁସଲ୍‌ମାନ ସମ୍ପ୍ରଦାୟ ମଧ୍ୟରେ ଭାଇଚାରାର ନିଦର୍ଶନ ଦେଖିବାକୁ ମିଳିଛି। ଏଠାରେ ଉଭୟ ସମ୍ପ୍ରଦାୟର ଲୋକେ ମିଳିମିଶି ଆନନ୍ଦ ଉଲ୍ଲାସ ଓ ଶାନ୍ତି ଶୃଙ୍ଖଳାର ସହ ଦଶହରା ଭସାଣି ଉତ୍ସବ ପାଳନ କରିଛନ୍ତି। ପ୍ରତିବର୍ଷ କାଜିହାଟଠାରେ ଆର୍ଯ୍ୟ ସାଂସ୍କୃତିକ ପରିଷଦ ପକ୍ଷରୁ ଦଶହରା ଉପଲକ୍ଷେ ହରପାର୍ବତୀ ମୂର୍ତ୍ତି ନିର୍ମାଣ କରାଯାଇଥାଏ। ଚଳିତ ବର୍ଷ ହିନ୍ଦୁ ଓ ମୁସଲମାନମାନେ ମିଳିମିଶି ଦଶହରା ପର୍ବ ପାଳନ କରିଥିଲେ। ରବିବାର ରାତିରେ ଉଭୟ ସମ୍ପ୍ରଦାୟର ଲୋକେ ମିଳିମିଶି ହରପାର୍ବତୀଙ୍କ ମେଢ଼କୁ ଏକ ସୁସଜ୍ଜିତ ବିମାନରେ ଶୋଭାଯାତ୍ରାରେ ନେଇଥିଲେ। ବାଜା ବଜାଇ ଓ ବାଣ ଫୁଟାଇ ମେଢ଼କୁ ସ୍ଥାନୀୟ ବେହେରା ସାହି, ଗୁଡ଼ିଆ ସାହି ଓ କାଜିହାଟ ଦେଇ ନିଆଯାଇଥିଲା। ଶେଷରେ ସ୍ଥାନୀୟ ମଦ୍ରାସା ନିକଟରେ ଥିବା ମହିଯୋଡ଼ାଠାରେ ବିସର୍ଜନ କରାଯାଇଥିଲା। ଏଥିରେ ପରିଷଦର ସଭାପତି ହିମାଂଶୁ ଶେଖର ଦାସ, ସମ୍ପାଦକ ଅଜୟ କୁମାର ଚୌଧୁରୀ, କୋଷାଧ୍ୟକ୍ଷ ଦିଲୀପ ମଲ୍ଲ, ପୂର୍ବତନ ସରପଞ୍ଚ ଉପେନ୍ଦ୍ର କୁମାର ନାୟକ, ସାମାଜିକ କର୍ମୀ ରମେଶ ଚନ୍ଦ୍ର ସ୍ୱାଇଁ, ଶେଖ୍ ଅବୁତାଲିବ, ଶ୍ୟାମସୁନ୍ଦର ଦାସ, ଉମେଶ ଦାସ, ଧରଣୀଧର ପରମାଣିକ, ସେଖ୍ ସଲାମତ, ସେକ୍ ସନାଉଲ୍ଲାଙ୍କ ସମେତ ବହୁ ହିନ୍ଦୁ ଓ ମୁସଲମାନ ସମ୍ପ୍ରଦାୟର ଲୋକ ସାମିଲ ହୋଇଥିଲେ। ସାଲେପୁର ପୋଲିସ ପକ୍ଷରୁ ଶାନ୍ତି ଶୃଙ୍ଖଳା ରକ୍ଷା କରାଯାଇଥିଲା।

## 'ମା' ଚର୍ଚ୍ଚିକାଙ୍କ ପୀଠସ୍ଥଳୀ ସ୍ୱତନ୍ତ୍ର ମର୍ଯ୍ୟାଦା ବହନ କରେ'

**ବାଙ୍କୀ,୩୦।୧୦(ଜ୍ଞାନେନ୍ଦ୍ର ମୋହନ ମିଶ୍ର)**



କଳାକାରମାନେ ସାଂସ୍କୃତିକ ନୃତ୍ୟ ପରିବେଷଣ କରୁଛନ୍ତି।

### ମହୋତ୍ସବର ତୃତୀୟ ସନ୍ଧ୍ୟା

ବାଙ୍କୀ ମହୋତ୍ସବର ତୃତୀୟ ସନ୍ଧ୍ୟା ଉତ୍ସବ ସୋମବାର କଚେରୀ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ମହୋତ୍ସବ ପ୍ରତିଷ୍ଠାତା ସଭାପତି ପ୍ରଭାତ କୁମାର ତ୍ରିପାଠୀ ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ କବି ତଥା ପୂର୍ବତନ ଏମ୍‌ପି ପ୍ରସନ୍ନ ପାଟସାଣୀ ଯୋଗଦେଇ ବାଙ୍କୀ ଅଞ୍ଚଳ ସାହିତ୍ୟ ଓ ସଂସ୍କୃତି କ୍ଷେତ୍ରରେ ସୁନାମ ଅର୍ଜନ କରିଥିବାବେଳେ ଏହି ମହୋତ୍ସବ ଗଣପର୍ବରେ ପରିଣତ ହୋଇଛି ବୋଲି କହିଥିଲେ। ମୁଖ୍ୟ ବକ୍ତାଭାବେ କଣାସ କଲେଜର ପ୍ରାଧ୍ୟାପକ ଡ. ଗୁରୁପ୍ରସାଦ ମହାନ୍ତି ଯୋଗଦେଇ ଓଡ଼ିଶାର ଶକ୍ତିପୀଠମାନଙ୍କ ମଧ୍ୟରେ ବାଙ୍କୀର ମା' ଚର୍ଚ୍ଚିକାଙ୍କ ପୀଠସ୍ଥଳୀ ଏକ ସ୍ୱତନ୍ତ୍ର ମର୍ଯ୍ୟାଦା ବହନ କରେ ବୋଲି କହିଥିଲେ। ସମ୍ମାନିତ ବକ୍ତାଭାବେ ବିଧାୟକ ଦେବୀପ୍ରସାଦ ମିଶ୍ର ଓ ପ୍ରଶାନ୍ତ ବେହେରା ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ମହୋତ୍ସବ ଉପସଭାପତି ଗତିକୃଷ୍ଣ ସ୍ୱାଇଁ, ସୁରଞ୍ଜନ ପଣ୍ଡା, ଅନୁପମ ବଥୁଆଲ୍, ଡମପଡ଼ା ବିଡିଓ ଅଂଶୁମାନ ଦାଶ ପ୍ରମୁଖ ଯୋଗଦେଇ ମହୋତ୍ସବର ସଫଳତା ସମ୍ପର୍କରେ କହିଥିଲେ। ମହୋତ୍ସବ ପ୍ରତିଷ୍ଠାତା ତ୍ରିପାଠୀ ଅତିଥିମାନଙ୍କୁ ସ୍ୱାଗତ କରିବା ସହ ମହୋତ୍ସବର ସଫଳତା ନେଇ ବାଙ୍କୀବାସୀଙ୍କୁ ଧନ୍ୟବାଦ ଦେଇଥିଲେ। ପ୍ରଥମେ ବାଙ୍କୀ କଳା,ସାହିତ୍ୟ ଓ ସଂସ୍କୃତି ଅନୁଷ୍ଠାନ ପକ୍ଷରୁ ଆବାହନ ସଙ୍ଗୀତ ଗାନ କରାଯାଇଥିଲା। ପରେ ମହୋତ୍ସବ ସମ୍ପାଦକ ଡ. ଗଣେଶ୍ୱର ସ୍ୱାଇଁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ମହିଳାମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତାରେ ଶ୍ରେଷ୍ଠସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ମହୋତ୍ସବର ଉପସଭାପତି ସୌମେନ୍ଦ୍ର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।